୫୯ତମ ବର୍ଷ ୨୧ ଫେବ୍ରୁଆରୀ ୨୦୧୬ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ
ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୧୬]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ଅତିମାନସ ଭୂମିରେ ଚେତନା | ... | ଶ୍ରୀଅରବିନ୍ଦ | ... | ୫ |
| ଅତିମାନସ ଚେତନା | ... | ଶ୍ରୀମା | ... | ୬ |
| ଅତିମାନସ ଓ ଦିବ୍ୟଜୀବନ | ... | ଶ୍ରୀଅରବିନ୍ଦ | ... | ୭ |
| ଅତିମାନସ ଅବତରଣ ପରେ ... | ... | ଶ୍ରୀମା | ... | ୧୦ |
| ନୂତନ ଚେତନା, ଅତିମାନସ ଓ ରୂପାନ୍ତର | ... | ଶ୍ରୀମା | ... | ୧୨ |
| ଏକ ନୂତନ ସ୍ୱର୍ଗ ଓ ଏକ ନୂତନ ପୃଥିବୀ | ... | ଶ୍ରୀଅରବିନ୍ଦ | ... | ୧୪ |
| ଅତିମାନସ ସମ୍ପର୍କରେ ମା'ଙ୍କର ଏକ ଅନୁଭୂତି | ... | ... | ... | ୧୬ |
| ଅରୋଭିଲ୍ ଏବଂ ଅତିମାନସ ଅଭିବ୍ୟକ୍ତି | ... | ଶ୍ରୀମା | ... | ୨୦ |
| ଅତିମାନସ ଯୋଗ ଓ ସାଧାରଣ ଜୀବନ | ... | ଶ୍ରୀଅରବିନ୍ଦ | ... | ୨୧ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୨ |
| ଦିବ୍ୟ-ହସ୍ତକ୍ଷେପ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୫ |
| ଇନ୍ଦ୍ର ଓ ତାଙ୍କର ବିଚାରଶକ୍ତିଗଣ (ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୧୭୧) | ... | ଶ୍ରୀଅରବିନ୍ଦ | ... | ୨୭ |
| ଆଧାରଶୁଦ୍ଧି ଓ ଅବଚେତନ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୩୨ |
| ବ୍ୟାଧିବୈକଲ୍ୟର ଅଜ୍ଞାତ ଶିକ୍ଷାଗାର | ... | ଶ୍ରୀ ମନୋଜ ଦାସ | ... | ୩୬ |
| କର୍ମଫଳ ଓ ମାନବ ନିୟତି (୩) | ... | ମମତା ଦାଶ | ... | ୪୦ |
| ମାନବସମାଜର ବିଭିନ୍ନ ଧର୍ମ ହିନ୍ଦୁ ଧର୍ମ (୨) | ... | ଶ୍ରୀପତି ଦାସ | ... | ୪୨ |
| ମୃତ୍ୟୁର ମୃତ୍ୟୁ ଅବଶ୍ୟମ୍ଭାବୀ | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୬ |

**ସାଧନା ପରମ୍ପରା**

| | | | | |
|---|---|---|---|---|
| ଦଶ ମହାବିଦ୍ୟା | ... | ... | ... | ୪୯ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ବିରୋଧିଶକ୍ତିମାନଙ୍କୁ ବଦଳାଇବା ସମ୍ଭବ କି ? | ... | ଶ୍ରୀମା | ... | ୫୨ |

| | | | | |
|---|---|---|---|---|
| **ସମ୍ପାଦକୀୟ** | ... | ... | ... | ୫୪ |


❖

**The Golden Day,**
**29 February, The day of the Lord**

Characteristically the old world, the creation of what Sri Aurobindo calls the Overmind, was an age of the gods, and consequently the age of religions. As I said, the flower of human effort towards what is above it gave rise to innumerable religious forms, to a religious relationship between the noble souls and the invisible world....

And now, all these old things seem so old, so out-of-date, so arbitrary – such a travesty of the real truth.

In the supramental creation there will no longer be any religions. The whole life will be the expression, the flowering into forms of the divine Unity manifesting in the world.

– The Mother

**ସୁବର୍ଣ୍ଣ ଦିବସ**
**୨୯ ଫେବ୍ରୁଆରୀ, ପ୍ରଭୁଙ୍କର ଦିନ**

ପୁରୁଣା ପୃଥିବୀ, ଯାହାକି ଶ୍ରୀଅରବିନ୍ଦଙ୍କ ଭାଷାରେ ଅଧିମାନସର ସୃଜନ, ତାହା ସ୍ୱଭାବତଃ ଥିଲା ଦେବତାମାନଙ୍କର ଯୁଗ, ଏବଂ ଫଳତଃ ଧର୍ମସମୂହର ଯୁଗ । ମୁଁ ଯାହା କହିଲି, ଏ ପୃଥିବୀର ଊର୍ଦ୍ଧ୍ୱରେ ଯାହା ଅଛି, ସେଦିଗରେ ମାନବିକ ପ୍ରୟାସର ନିର୍ଯାସ ଅସଂଖ୍ୟ ଧର୍ମଧାରାର, ମହତ୍ ଆତ୍ମାସବୁ ସହ ଅଦୃଶ୍ୟ ଜଗତର ଏକ ଧର୍ମନୈତିକ ସମ୍ପର୍କର ପ୍ରବର୍ତ୍ତନ କଲା ।...

ଏବଂ ବର୍ତ୍ତମାନ – ଏଯାବତ୍ ପୁରୁଣା କଥା ମନେହୁଏ ଏକାନ୍ତ ପୁରୁଣା, ଏକାନ୍ତ ସମୟ-ସଂଗତି-ରହିତ, ଏକାନ୍ତ ଅଯୌକ୍ତିକ – ପ୍ରକୃତ ସତ୍ୟର ଏକାନ୍ତ ବିକୃତି ।

ଅତିମାନସ ସୃଷ୍ଟିରେ କୌଣସି ଧର୍ମ ତିଷ୍ଠିବ ନାହିଁ । ସମଗ୍ର ଜୀବନହିଁ ହେବ ପୃଥିବୀରେ ଅଭିପ୍ରକାଶମାନ ଦିବ୍ୟ ଏକତ୍ୱର ଅଭିବ୍ୟକ୍ତି, ତା'ର କ୍ରମ-ରୂପାୟନ ।

– ଶ୍ରୀମା

... But the very spirit of Yoga is this, to make the exceptional normal, and to turn that which is above us and greater than our normal selves into our own constant consciousness. Therefore we should not hesitate to open ourselves more steadily to whatever experience of the Infinite we have, to purify and intensify it, to make it our object of constant thought and contemplation, till it becomes the originating power that acts in us, the Godhead we adore and embrace, our whole being is put into tune with it and it is made the very self of our being.

– Sri Aurobindo

କିନ୍ତୁ ଯୋଗର ମୂଳ ଭାବ ଓ ରହସ୍ୟଟି ହେଉଛି ଅସାଧାରଣକୁ ସାଧାରଣ ଓ ସ୍ୱାଭାବିକ କରିନେବା ଏବଂ ଯାହା ଆମ ଊର୍ଦ୍ଧ୍ୱରେ ରହିଛି ଏବଂ ଆମର ସାଧାରଣ ସତ୍ତାଠାରୁ ବୃହତ୍ତର ହୋଇ ରହିଛି ତାହାକୁ ଆମର ନିତ୍ୟ ନିରନ୍ତର ଚେତନାରେ ପରିଣତ କରିନେବା । ତେଣୁ ଆମେ ଦିବ୍ୟ-ଅନନ୍ତଙ୍କର ଯାହା ବି ଅନୁଭୂତି ପାଉ ତାହାକୁ ଆହୁରି ଶୁଦ୍ଧ, ଗଭୀର ଓ ପ୍ରଗାଢ଼ କରିବା ନିମନ୍ତେ, ତାହାକୁ ଆମର ନିରନ୍ତର ଭାବନା ଓ ଧ୍ୟାନର ବସ୍ତୁ ରୂପେ ଗଢ଼ି ତୋଳିବା ନିମନ୍ତେ ସେଥିପ୍ରତି ଆମ ନିଜକୁ ଆହୁରି ଦୃଢ଼ଭାବରେ ଖୋଲି ଦେବାରେ ଆମର କୌଣସି ଇତସ୍ତତଃ ଭାବ ରହିବା ଉଚିତ ନୁହେଁ, ଯେତେବେଳେ କି ଶେଷରେ ଏହାହିଁ ହୋଇ ଉଠିବ ଆମ ଭିତରେ କ୍ରିୟା କରୁଥିବା ଶକ୍ତିର ସେହି ମୂଳଉତ୍ସ, ଆମେ ଆରାଧନା ଓ ଆଲିଙ୍ଗନ କରୁଥିବା ସେହି ଇଷ୍ଟଦେବ ଏବଂ ଆମର ସମଗ୍ର ସତ୍ତା ଏହା ସହିତ ସମସୁରରେ ବନ୍ଧା ହୋଇଯିବ ଓ ଏହାହିଁ ହୋଇ ଉଠିବ ଆମ ସତ୍ତାର ସତ୍ତା ଓ ମୂଳ ଆତ୍ମା ।

– ଶ୍ରୀଅରବିନ୍ଦ



# ଅତିମାନସ ଭୂମିରେ ଚେତନା

## ଶ୍ରୀଅରବିନ୍ଦ

... ଏଠାରେ ଯେଉଁ ସତ୍ୟଟି ସବୁ ସମୟରେ ଏବଂ ନିରବଚ୍ଛିନ୍ନ ଭାବରେ ବିଦ୍ୟମାନ ରହିଥାଏ, ଏବଂ ଯାହା ଭିତରକୁ ବ୍ୟକ୍ତିର ବିକାଶ ଓ ଅଭିବୃଦ୍ଧି ହୋଇଥାଏ ଏବଂ ଯାହା ଭିତରେ ସେ ସର୍ବଦା ବାସ କରିଥାଏ, ତାହା ହେଉଛି ଅନନ୍ତ ସତ୍ତା । ଏବଂ ଏଠାରେ ଯାହାକିଛି ଦୃଷ୍ଟ ହୁଏ, ଅନୁଭୂତ ହୁଏ, ଜ୍ଞାତ ହୁଏ, ତାହା ରହିଥାଏ କେବଳ ସେହି ଏକ ଓ ଅଦ୍ୱୟ ସତ୍ତାର ଉପାଦାନ ରୂପେ । ଏହା ହେଉଛି ଅନନ୍ତ ଚେତନା ଏବଂ ଯାହାକିଛି ଚେତନଶୀଳ, ଯାହାକିଛି କ୍ରିୟା କରୁଥାଏ ବା ଗତିଶୀଳ ହୋଇ ରହିଥାଏ, ସେ ସମସ୍ତହିଁ ଦୃଷ୍ଟ, ଅନୁଭୂତ ଓ ଜ୍ଞାତ ହୁଏ ସେହି ଏକହିଁ ଅନନ୍ତ ସତ୍ତାର ଆତ୍ମାନୁଭବ ଓ ଶକ୍ତି ରୂପେ ଏବଂ ତାହାହିଁ ବାସ କରୁଥାଏ ସେ ସମସ୍ତର ଭିତରେ । ଏହା ହେଉଛି ଅନନ୍ତ ଆନନ୍ଦ ଏବଂ ଯାହା ଅନୁଭବ କରେ ଓ ଅନୁଭୂତ ହୁଏ ତାହା କେବଳ ସେହି ଅଦ୍ୱୟ ପରମ ଆନନ୍ଦର ନାନା ରୂପାୟନ ଭାବରେହିଁ ପରିଦୃଷ୍ଟ, ଅନୁଭୂତ, ଗୃହୀତ ଓ ଜ୍ଞାତ ହୁଏ ଏବଂ ସେ ସମସ୍ତ ଭିତରେ ବାସ କରୁଥାଏ ସେହି ଏକହିଁ ପରମ ଆନନ୍ଦ । ବାକି ଅନ୍ୟ ସବୁଗୁଡ଼ିକ ହେଉଛି ଆମ ଅସ୍ତିତ୍ୱର କେବଳ ସେହି ଏକହିଁ ସତ୍ୟର ଅଭିବ୍ୟକ୍ତି ଓ ପରିବେଶ ମାତ୍ର । ଏହା ଆଉ କେବଳ ଦେଖିବା ବା ଜାଣିବା ମାତ୍ର ହୋଇ ରହେ ନାହିଁ, କିନ୍ତୁ ହୋଇଉଠେ ସେହି ଅବସ୍ଥା ଯେଉଁଠି ପ୍ରତ୍ୟକ୍ଷୀଭୂତ ହୁଏ ସବୁକିଛି ଭିତରେ ଆତ୍ମା ଓ ଆତ୍ମା ଭିତରେ ସବୁକିଛି, ସବୁକିଛି ଭିତରେ ଭଗବାନ୍ ଓ ଭଗବାନଙ୍କ ଭିତରେ ସବୁକିଛି, ଏବଂ ସବୁକିଛିହିଁ ଦୃଷ୍ଟ ହୁଏ ଭଗବାନଙ୍କ ରୂପରେ । ଏହି ଅବସ୍ଥା ବର୍ତ୍ତମାନ ଆଉ ସେହି ଅବସ୍ଥା ହୋଇ ରହି ନ ଥାଏ ଯେଉଁଠି ଏହାକୁ କେବଳ ଅର୍ପଣ କରାଯାଏ ସତ୍ୟକୁ ପ୍ରତିବିମ୍ବିତ କରୁଥିବା ଅଧ୍ୟାତ୍ମୀଭୂତ ମନ ପାଖରେ; ଏହା ପରିଣତ ହୋଇଥାଏ ସେହି ଅବସ୍ଥାରେ ଯେଉଁଠି ଏହା ଅତିମାନସ ପ୍ରକୃତିରେ ସଂସିଦ୍ଧ ଏକ ପୂର୍ଣ୍ଣାଙ୍ଗ, ନିତ୍ୟ ବର୍ତ୍ତମାନ, ନିତ୍ୟ ସକ୍ରିୟ ଉପଲବ୍ଧି ଦ୍ୱାରା ବିଧୃତ ହୋଇ, ତହିଁରେହିଁ ବାସ କରି ରହିଥାଏ ।

ଏଠାରେ ଭାବନା, ସଂକଳ୍ପ, ସଂବେଦନ ଓ ଆମ ପ୍ରକୃତିର ଅନ୍ତର୍ଗତ ସବୁକିଛି ମଧ୍ୟ ରହିଥାଏ କିନ୍ତୁ ତାହା ରୂପାନ୍ତରିତ ହୋଇ ଉତ୍ତୋଳିତ ହୋଇଯାଏ ଏକ ଉଚ୍ଚତର ଚେତନାକୁ । ଏଠାରେ ସମସ୍ତ ଭାବନା ଦୃଷ୍ଟ ଓ ଅନୁଭୂତ ହୁଏ ସତ୍ତାସ୍ଥ ଉପାଦାନର ଏକ ଜ୍ୟୋତିର୍ମୟ ଶରୀର ରୂପେ, ଶକ୍ତିର ଏକ ଜ୍ୟୋତିର୍ମୟ ଗତିସ୍ପନ୍ଦନ ରୂପେ ଏବଂ ଆନନ୍ଦର ଏକ ଜ୍ୟୋତିର୍ମୟ ତରଙ୍ଗ ରୂପେ । ଏହା ମନର ଶୂନ୍ୟ-ବାୟୁ ଭିତରେ ଖେଳୁଥିବା କେବଳ ଏକ ଧାରଣା ନୁହେଁ କିନ୍ତୁ ବାସ୍ତବତାରେ ଅନୁଭୂତ ହେଉଥିବା ଏକ ସତ୍ୟ, ଯାହାକି ଅନୁଭୂତ ହୁଏ ଅନନ୍ତ ସତ୍ତାର ଏକ ସତ୍ୟର ଆଲୋକ ରୂପେ । ଆମର ସଂକଳ୍ପ ଓ ପ୍ରେରଣାଗୁଡ଼ିକ ମଧ୍ୟ ଠିକ୍ ସେହି ଭଳି ଅନୁଭୂତ ହୁଏ ଈଶ୍ୱରଙ୍କ ସତ୍, ଚିତ୍ ଓ ଆନନ୍ଦରହିଁ ଏକ ବାସ୍ତବ ଶକ୍ତି ଓ ଉପାଦାନ ରୂପେ । ଅଧ୍ୟାତ୍ମୀଭୂତ ସମସ୍ତ ସଂବେଦନ ଓ ଆବେଗଗୁଡ଼ିକ ଅନୁଭୂତ ହୁଅନ୍ତି ଚେତନା ଓ ଆନନ୍ଦରହିଁ ବିଶୁଦ୍ଧ ଢାଞ୍ଚା ବା ଉପାଦାନ ରୂପେ । ସ୍ୱୟଂ ଶରୀରସତ୍ତା ଅନୁଭୂତ ହୁଏ ଏକ ସଚେତନ ଆକୃତି ବା ଗଢ଼ଣରୂପେ, ଏବଂ ପ୍ରାଣସତ୍ତା ଅନୁଭୂତ ହୁଏ ଆତ୍ମାର ଜୀବନରୁ ଉତ୍ସାରିତ ଶକ୍ତି ଓ ସଂପଦର ଏକ ବିପୁଳ ପ୍ଲାବନ ରୂପେ ।

ବିକାଶ କ୍ଷେତ୍ରରେ ଅତିମାନସର କ୍ରିୟାଟି ହେଉଛି ଏହି ଉଚ୍ଚତର ଚେତନାକୁ ଏପରି ଭାବରେ ଅଭିବ୍ୟକ୍ତ ଓ ସଂଗଠିତ କରିବା ଯାହା ଫଳରେ ଏହା ବର୍ତ୍ତମାନ ଯେପରି କେବଳ ସେହି ଊର୍ଦ୍ଧ୍ୱସ୍ଥ ଅନନ୍ତଙ୍କ ମଧ୍ୟରେ ଅବସ୍ଥାନ କରି ଓ କ୍ରିୟା କରି ବ୍ୟକ୍ତିର ସତ୍ତା ଓ ପ୍ରକୃତି ଭିତରେ ତାହାର କିଛିଟା ସୀମିତ, ଆବୃତ, ନିମ୍ନତର ଓ ବିରୂପ ଅଭିବ୍ୟକ୍ତିକୁ ରୂପ ଦେଉଛି, ତା' ପରିବର୍ତ୍ତେ ଏହା ବ୍ୟକ୍ତି ମଧ୍ୟରେ ବ୍ୟାପକ ଓ ସାମଗ୍ରିକ ଭାବରେ ଅନନ୍ତ ଓ ବିଶ୍ୱମୟ ଆତ୍ମାର ଏକ ସଚେତ, ଆତ୍ମଜ୍ଞାନ-ସମର୍ଥ, ଆଧାତ୍ମିକ ସତ୍ତା ରୂପରେ ଓ ଏକ ଜୀବନ୍ତ ତଥା କ୍ରିୟାଶୀଳ ଶକ୍ତି ରୂପରେ ଅବସ୍ଥାନ କରିବ ଓ କ୍ରିୟା କରିବ । ❖

# ଅତିମାନସ ଚେତନା

## ଶ୍ରୀମା

ଅଭିବ୍ୟକ୍ତ ହେଉଥିବା ଅତିମାନସ ଦିବ୍ୟଶକ୍ତିକୁ ଯେଉଁମାନେ ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି, ବର୍ତ୍ତମାନ, ଏହି ସମୟରେ ଚେତନାର ଏହି ଅବସ୍ଥାକୁ ସେମାନେ ପୃଥିବୀପୃଷ୍ଠରେ ଉପଲବ୍ଧି କରିପାରିବେ । ଏବଂ ସେହି ଅବସ୍ଥାରେ, ଚେତନାର ସେହି ଅବସ୍ଥାରେ, ଶରୀର ପୂର୍ବରୁ ଯେଉଁ ଅବସ୍ଥାରେ ଥିଲା ତାହା ଅପେକ୍ଷା ଉଚ୍ଚତର ଏକ ଅବସ୍ଥାର ସମସ୍ତ ଉପକାର ପାଇପାରିବ । ଶରୀରକୁ ନିଜ ସତ୍ତାର ମୂଳ ସତ୍ୟ ସହିତ ଏପରି ପ୍ରତ୍ୟକ୍ଷ ଓ ସିଧାସଳଖ ଭାବରେ ସଂଯୁକ୍ତ କରାଯାଇପାରିବ ଯେ *ସ୍ୱତଃସ୍ଫୂର୍ତ୍ତ ଭାବରେ*, ପ୍ରତ୍ୟେକ ମୁହୂର୍ତ୍ତରେ; ପ୍ରବୃତ୍ତିଗତ ତଥା ସଂବୋଧିମୂଳକ ଭାବରେ ଏହା ଜାଣିପାରିବ ଯେ ତା'ର କ'ଣ କରିବା ଉଚିତ ଏବଂ ତାହା ସେ କରିପାରିବ ।

ମୁଁ ଯେପରି କହିଛି, ଏହି ଅବସ୍ଥା ବର୍ତ୍ତମାନ ବି ସେହି ସମସ୍ତ ଲୋକଙ୍କ ଦ୍ୱାରା ଉପଲବ୍ଧ ହୋଇପାରିବ ଯେଉଁମାନେ ଏହି ଅତିମାନସ ଦିବ୍ୟଶକ୍ତିକୁ ଗ୍ରହଣ କରିବା ପାଇଁ, ତାହାକୁ ଆତ୍ମୀଭୂତ କରିବା ପାଇଁ ଓ ତାହାର ଆଜ୍ଞାନୁବର୍ତ୍ତୀ ହେବା ପାଇଁ ନିଜକୁ ପ୍ରସ୍ତୁତ କରିବା ଦିଗରେ ଆୟାସ ଓ ଯତ୍ନ କରୁଥିବେ ।

ଅବଶ୍ୟ ଏହା ଅପେକ୍ଷା ଉଚ୍ଚତର ଏକ ଅବସ୍ଥା ଅଛି; ଯେଉଁ ଆଦର୍ଶ ଓ ଲକ୍ଷ୍ୟରେ ପହଞ୍ଚିବା କଥା ଶ୍ରୀଅରବିନ୍ଦ କହୁଥିଲେ : ଏକ ଦିବ୍ୟଶରୀରରେ ଦିବ୍ୟଜୀବନ । କିନ୍ତୁ ସେ ସ୍ୱୟଂ ଆମକୁ କହିଛନ୍ତି ଯେ ଏଥିପାଇଁ ସମୟ ଲାଗିବ ଓ ଏହା ଏପରି ଏକ ପୂର୍ଣ୍ଣାଙ୍ଗ ରୂପାନ୍ତର ଯାହା ଗୋଟିଏ ମୁହୂର୍ତ୍ତରେ ସମ୍ପନ୍ନ କରିଦେଇ ହେବ ନାହିଁ । ଏପରିକି ଏଥିପାଇଁ ବେଶ୍ ଦୀର୍ଘ ସମୟ ଲାଗିବ । କିନ୍ତୁ ଯେତେବେଳେ ଏହା ସମ୍ପନ୍ନ ହୋଇଯିବ; ଯେତେବେଳେ ଆମର ଚେତନା ଏକ ଅତିମାନସ ଚେତନାରେ ପରିଣତ ହୋଇଯିବ, ସେତେବେଳେ ଆମର କ୍ରିୟାକର୍ମଗୁଡ଼ିକ ଆଉ ପ୍ରତିଟି ମୁହୂର୍ତ୍ତରେ ଏକ ମାନସିକ ନିର୍ଦ୍ଧାରଣ ଦ୍ୱାରା ସ୍ଥିର ହେବ ନାହିଁ ବା ଶାରୀରିକ ସାମର୍ଥ୍ୟ ଉପରେ ନିର୍ଭରଶୀଳ ହୋଇ ରହିବ ନାହିଁ । ସମଗ୍ର ଶରୀର, ସ୍ୱତଃସ୍ଫୂର୍ତ୍ତ ଭାବରେ, ପୂର୍ଣ୍ଣାଙ୍ଗ ଭାବରେ ହୋଇଉଠିବ ଆନ୍ତର ସତ୍ୟର ଏକ ନିର୍ଭୁଲ୍ ପ୍ରକାଶ ।

ଏହି ଆଦର୍ଶକୁହିଁ ଆମେ ସର୍ବଦା ଆମ ଆଖି ଆଗରେ ରଖିବା ଆବଶ୍ୟକ, ଏହି ଉପଲବ୍ଧି ପାଇଁହିଁ ଆମେ ସର୍ବଦା ସଚେଷ୍ଟ ହେବା ଉଚିତ; କିନ୍ତୁ ଆମେ ଯେପରି ସେହି ଭ୍ରମରେ ପଡ଼ି ନ ଯାଉ ଓ ନ ଭାବୁ ଯେ ଏହା ଏପରି ଏକ ମହାନ୍ ରୂପାନ୍ତର ହେବ ଯାହା ଅତି ଦ୍ରୁତ ଭାବରେ, ଅଲୌକିକ ଭାବରେ ଓ ତତ୍‌କ୍ଷଣାତ୍ ଘଟିଯିବ, ଯାହା ପାଇଁ କୌଣସି ପ୍ରଚେଷ୍ଟା ବା ଆୟାସର ପ୍ରୟୋଜନ ନାହିଁ ।

ଯାହାହେଉ, ଏହା କେବଳ ଏକ ସମ୍ଭାବନା ମାତ୍ର ହୋଇ ରହି ନାହିଁ, ଏମିତିକି ଏକ ସୁଦୂର ଭବିଷ୍ୟତ୍ ପାଇଁ କେବଳ ଏକ ପ୍ରତିଶ୍ରୁତି ହୋଇ ରହି ନାହିଁ : ଏହା ବର୍ତ୍ତମାନ ନିର୍ମାଣ-ପଥରେହିଁ ଅଗ୍ରଗତି କରିଚାଲିଛି । ଏବଂ ବର୍ତ୍ତମାନ ମଧ୍ୟ ଜଣେ କେବଳ ଏହାର ଯେ ପୂର୍ବସୂଚନା ପାଇପାରିବ ଖାଲି ସେତିକି ନୁହେଁ, କିନ୍ତୁ ସେଇ ମୁହୂର୍ତ୍ତଟିକୁ ଅନୁଭବ କରିପାରିବ, ଯେତେବେଳେ ଶରୀରହିଁ ପୂର୍ଣ୍ଣାଙ୍ଗ ଭାବରେ ଆମ ସତ୍ତାର ସବୁଠୁ ଆଧ୍ୟାତ୍ମିକ ଅଂଶର ଅନୁଭୂତିଗୁଡ଼ିକୁ ପୁନରାବୃତ୍ତି କରିପାରିବ, ଯାହା କେବଳ ଆନ୍ତର ସତ୍ତାହିଁ କରିଥାଏ । ସେତେବେଳେ ସ୍ୱୟଂ ଏହି ଶରୀର ନିଜର ଦୈହିକ ଚେତନା ନେଇ ପରମସତ୍ୟର ସମ୍ମୁଖରେ ଛିଡ଼ାହେବ, ସେହି ସତ୍ୟ ପ୍ରତି ପୂର୍ଣ୍ଣାଙ୍ଗ ରୂପେ ଉନ୍ମୋଚିତ ହୋଇ ଓ ଏକ ପୂର୍ଣ୍ଣ ଆନ୍ତରିକତା ତଥା ନିଜର ସମସ୍ତ ଦେହକୋଷଗୁଡ଼ିକର ସମଗ୍ର ଆତ୍ମ-ନିବେଦନ ନେଇ କହିବ :

''ତୁମ ସ୍ୱରୂପରେ ପରିଣତ ହେବାକୁ ଅନନ୍ୟ ଭାବରେ, ପୂର୍ଣ୍ଣ ଭାବରେ ତୁମେହିଁ ହୋଇଯିବାକୁ ଅନନ୍ତ ଭାବରେ, ଚିରନ୍ତନ ଭାବରେ ... ଅତି ସହଜ ଭାବରେ ।'' ❖

# ଅତିମାନସ ଓ ଦିବ୍ୟଜୀବନ

## ଶ୍ରୀଅରବିନ୍ଦ

ଯେଉଁମାନେ ଦିବ୍ୟଜୀବନ ଭିତରେ ପ୍ରବେଶ କରିବେ ଏବଂ ତାହାକୁ ଅଧିଗତ କରିବେ, ସେମାନେ କ୍ରମଶଃ ଅଧିକରୁ ଅଧିକତର ଏବଂ ଶେଷରେ ପୂର୍ଣ୍ଣ ସତ୍ୟଚେତନା ଲାଭ କରିବେ ଏବଂ ସେହି ଚେତନା ନିଜ ଭିତରେ ଯାହାସବୁ ବହନ କରିଥାଏ, ସେସବୁକୁ ଲାଭ କରିବେ । ଏହି ଚେତନାହିଁ ନିଜ ସଙ୍ଗରେ ଆତ୍ମା ଓ ପ୍ରକୃତି ଭିତରେ ଭଗବତ୍ ଉପଲବ୍ଧିକୁ ନେଇ ଆସିବ । ଭଗବତ୍-ଅନ୍ୱେଷୀ ସାଧକ ଆଧ୍ୟାତ୍ମିକ ପୂର୍ଣ୍ଣତା ଦିଗରେ ଯେତିକି ଆଗେଇ ଯାଉଥିବେ, ସେଇ ପରିମାଣରେ ଆତ୍ମା ଓ ଜୀବନ ଉଭୟ କ୍ଷେତ୍ରରେ ତାଙ୍କର ସମସ୍ତ ଅଭିଳାଷ ପୂରଣ ହେଉଥିବ । ସେ ବିଶ୍ୱାତୀତ ଦିବ୍ୟସତ୍ୟକୁ ଜାଣିବା ସଙ୍ଗେ ସଙ୍ଗେ ସ୍ୱ-ଅନୁଭୂତି ଭିତରେ ପରମ ସତ୍ୟ, ଚେତନା ଓ ଆନନ୍ଦକୁ ଲାଭ କରିବେ ଏବଂ ସଚ୍ଚିଦାନନ୍ଦଙ୍କ ସଙ୍ଗେ ଏକ ହୋଇଯିବେ । ସେ ଜାଗତିକ ସତ୍ତା ଓ ବିଶ୍ୱ-ପ୍ରକୃତି ସଙ୍ଗେ ଏକ ହୋଇଯିବେ, ସେ ନିଜ ଭିତରେ ନିଜର ବିଶ୍ୱ-ଚେତନାରେ ସାରା ଜଗତକୁ ଧାରଣ କରିବେ ଓ ସର୍ବଭୂତ ସହିତ ନିଜର ଏକାତ୍ମତା ଅନୁଭବ କରିବେ । ସେ ସମସ୍ତଙ୍କ ଭିତରେ ନିଜକୁ ଓ ନିଜ ଭିତରେ ସମସ୍ତଙ୍କୁ ଦେଖିବେ, ଯେଉଁ ଆତ୍ମା ଏହି ନିଖିଳ ସୃଷ୍ଟି ବା ଅସ୍ତିତ୍ୱର ରୂପ ନେଇଛି ତା' ସହିତ ଏକୀଭୂତ ଓ ଏକାତ୍ମ ହୋଇଯିବେ । ସେ ସର୍ବସୌନ୍ଦର୍ଯ୍ୟମୟଙ୍କର ସୌନ୍ଦର୍ଯ୍ୟକୁ ଓ ସର୍ବାଶ୍ଚର୍ଯ୍ୟମୟଙ୍କର ଅଲୌକିକ କର୍ମକୁ ପ୍ରତ୍ୟକ୍ଷ କରିବେ, ପରିଶେଷରେ ସେ ବ୍ରହ୍ମଙ୍କ ଆନନ୍ଦ ଭିତରେ ପ୍ରବିଷ୍ଟ ହୋଇ ତହିଁରେ ବାସ କରିବେ । କିନ୍ତୁ ଏସବୁ ପାଇଁ ତାଙ୍କୁ ଜୀବନ ବା ସୃଷ୍ଟିକୁ ପରିତ୍ୟାଗ କରିବାକୁ ପଡ଼ିବ ନାହିଁ ବା କୌଣସି ଆତ୍ମବିଲୋପକାରୀ ନିର୍ବାଣ ମଧ୍ୟରେ ଅଧ୍ୟାତ୍ମ ପୁରୁଷଙ୍କର ବିଲୟ ଭିତରକୁ ଝାସ ଦେବାକୁ ପଡ଼ିବ ନାହିଁ । ଯେପରି ଆତ୍ମା ଭିତରେ, ସେହିପରି ପ୍ରକୃତି ଭିତରେ ସେ ଭଗବାନଙ୍କୁ ଉପଲବ୍ଧି କରିପାରିବେ । ଭଗବାନଙ୍କର ପ୍ରକୃତି ହେଲା ଜ୍ୟୋତିଃ, ଶକ୍ତି ଓ ଆନନ୍ଦ; ତେଣୁ ସେ ଦିବ୍ୟଜ୍ୟୋତିଃ, ଦିବ୍ୟଶକ୍ତି ଓ ଦିବ୍ୟ-ଆନନ୍ଦକୁ ନିଜ ଊର୍ଦ୍ଧ୍ୱରେ ରହିଥିବାର ଅନୁଭବ କରିବେ ଓ ଅନୁଭବ କରିବେ ଯେ ତାଙ୍କ ଭିତରକୁ ଏହା ଅବତରଣ କରି ତାଙ୍କ ପ୍ରକୃତିର ପ୍ରତିଟି ଅଙ୍ଗ, ତାଙ୍କ ସତ୍ତାର ପ୍ରତିଟି କୋଷ, ପ୍ରତିଟି ପରମାଣୁକୁ ପୂର୍ଣ୍ଣ କରିଦେଉଛି, ତାଙ୍କର ଆତ୍ମା, ମନ, ପ୍ରାଣ ଓ ଶରୀରକୁ ପରିପ୍ଳାବିତ କରିଦେଉଛି । ସେ ଅନୁଭବ କରିବେ ଅସୀମ ସମୁଦ୍ରପରି ଏହା ତାଙ୍କର ଚତୁର୍ଦ୍ଦିଗକୁ ବେଷ୍ଟନ କରି ପୃଥିବୀକୁ ପୂର୍ଣ୍ଣ କରିଦେଉଛି ଏବଂ ତାଙ୍କର ସମସ୍ତ ଆବେଗ, ଅନୁଭୂତି ଓ ଇନ୍ଦ୍ରିୟ ଆଦିକୁ ପରିପ୍ଳୁତ କରି ତାଙ୍କର ସମସ୍ତ ଜୀବନକୁ ଯଥାର୍ଥ ଓ ପରିପୂର୍ଣ୍ଣ ଭାବରେ ଦିବ୍ୟଜୀବନରେ ରୂପାନ୍ତରିତ କରିଦେଉଛି । ଏହାକୁ ଏବଂ ଆଉ ଯାହାକିଛି ଆଧ୍ୟାତ୍ମିକ ଚେତନା ତାଙ୍କ ନିମନ୍ତେ ନେଇ ଆଣିପାରନ୍ତା, ସେସମସ୍ତକୁ ସେ ଲାଭ କରିବେ ଯେତେବେଳେ ଦିବ୍ୟଜୀବନ ତା'ର ଚୂଡ଼ାନ୍ତ ପୂର୍ଣ୍ଣତାରେ ପହଞ୍ଚିବ ଏବଂ ଅତିମାନସ ଚେତନା ତାଙ୍କ ଭିତରେ ପୂର୍ଣ୍ଣ ପରିଣତି ଲାଭ କରିବ । କିନ୍ତୁ ପୂରାପୂରି ଏ ଅବସ୍ଥାରେ ପହଞ୍ଚିବା ପୂର୍ବରୁ ମଧ୍ୟ ତାଙ୍କ ଭିତରେ ଥରେ ଅତିମାନସ ଅବତରଣ କଲେ ଓ ତାଙ୍କ ଜୀବନର ଦିଗ୍ ନିର୍ଦ୍ଦେଶର ଭାର ଗ୍ରହଣ କଲେ ସେ ଏହି ଚେତନା ଭିତରେ ବାସ କରିପାରିବେ ଓ ଏହି ଚେତନାରେ ବଢ଼ିଉଠି ପାରିବେ । ସେ ଭଗବାନଙ୍କ ସଙ୍ଗରେ ସମସ୍ତ ପ୍ରକାର ସମ୍ପର୍କ ସ୍ଥାପନ କରିପାରିବେ । ଭଗବତ୍ ଜ୍ଞାନ, ଭଗବତ୍ ପ୍ରେମ ଓ ଭଗବତ୍ ଭକ୍ତି ଏହି ତ୍ରିଧାରା ତାଙ୍କ ଭିତରେ ଉନ୍ମୋଚିତ ହେବ ଏବଂ ତାଙ୍କୁ ଘେନିଯିବ ତାଙ୍କର ସମଗ୍ର ସତ୍ତା ଓ ପ୍ରକୃତିର ପୂର୍ଣ୍ଣ ଆତ୍ମଦାନ ଓ ସମର୍ପଣ ପଥରେ । ସେ ଭଗବାନଙ୍କ ଭିତରେ ଭଗବାନଙ୍କ ସହ ଯୁକ୍ତହୋଇ ବାସ କରିବେ, ଭଗବାନଙ୍କୁ ଲାଭ କରିବେ, ଏପରିକି ନିଜର ସ୍ୱତନ୍ତ୍ର ବ୍ୟକ୍ତିତ୍ୱକୁ ଭୁଲି ଭଗବାନଙ୍କ ଭିତରେ ନିମଜ୍ଜିତ ହୋଇପାରନ୍ତି କିନ୍ତୁ କୌଣସି ଆତ୍ମ ବିଲୋପ ଭିତରେ ଏହାକୁ ବିଲୀନ କରିଦେବାକୁ ପଡ଼ିବ ନାହିଁ । ଭଗବାନଙ୍କ ପ୍ରେମ, ପ୍ରେମର ସମସ୍ତ ମାଧୁର୍ଯ୍ୟ ସେ ଲାଭ କରିବେ, ଭଗବାନଙ୍କ ସଙ୍ଗେ ସଂଯୋଗ ଓ ଏକାତ୍ମତାର ଆନନ୍ଦ ତଥା ତାଙ୍କ ସଙ୍ଗେ ଏକହୋଇ ମଧ୍ୟ ପୃଥକ୍ ରହିବାର ଆନନ୍ଦ ସେ ଲାଭ କରିବେ । ଅନନ୍ତଙ୍କର ଅସୀମ ପ୍ରକାରର ଅନୁଭୂତି ଓ ଅସୀମଙ୍କର ଆଲିଙ୍ଗନ ଭିତରେ ସସୀମର ସମସ୍ତ ଆନନ୍ଦ ସେ ଆସ୍ୱାଦନ କରିବେ ।

ଅତିମାନସର ଅବତରଣକୁ ଯେଉଁ ବ୍ୟକ୍ତି ଗ୍ରହଣ କରିବେ ଓ ସତ୍ୟଚେତନାରେ ପରିପୂର୍ଣ୍ଣ ହୋଇଉଠିବେ ତାଙ୍କ ପାଇଁ ଏହା ଦିବ୍ୟଜୀବନର ସମସ୍ତ ସମ୍ଭାବନା ଆଣିଦେବ । ଯେଉଁସବୁ ବିଶେଷ ଅଭିଜ୍ଞତାକୁ ନେଇ ଆଧ୍ୟାତ୍ମିକ ଜୀବନ ଗଠିତ ବୋଲି ଆମେ ମନେ କରିଥାଉ ଏହା ସେହି ସମସ୍ତକୁ ନିଜ ଭିତରେ

ଗ୍ରହଣ କରିବା ସଙ୍ଗେ ସଙ୍ଗେ, ଯେଉଁସବୁ ବିଷୟକୁ ଆମେ ଆଧ୍ୟାତ୍ମିକତା ଭିତରେ ଅନ୍ତର୍ଭୁକ୍ତ କରୁ ନାହିଁ, ସେଗୁଡ଼ିକ ଯଦି ଦିବ୍ୟରୂପାନ୍ତର ପାଇଁ ସମର୍ଥ ହେବ ତେବେ ଏହା ସେସବୁକୁ ମଧ୍ୟ ନିଜ ଭିତରେ ଗ୍ରହଣ କରିବ । ଏହା ପାର୍ଥିବ ପ୍ରକୃତି ଓ ପାର୍ଥିବ ଜୀବନରୁ ଏପରି କୌଣସି ଜିନିଷକୁ ବାଦ୍‌ଦେବ ନାହିଁ ଯାହା ଅତିମାନସର ସ୍ପର୍ଶଲାଭ କରି ରୂପାନ୍ତରିତ ହୋଇପାରେ ଓ ଆତ୍ମାର ଅଭିବ୍ୟକ୍ତ ଜୀବନ ଭିତରେ ଅନ୍ତର୍ଭୁକ୍ତ ହୋଇପାରେ । କାରଣ, ଏପରି କୌଣସି ଆବଶ୍ୟକତା ନାହିଁ ଯେ ପୃଥିବୀ ଉପରେ ଦିବ୍ୟଜୀବନ ଅନ୍ୟସବୁ ବିଷୟରୁ ପୃଥକ୍ ହୋଇ ରହିବ ବା ସାଧାରଣ ପାର୍ଥିବ ଜୀବନ ସହିତ ଏହାର କୌଣସି ସମ୍ପର୍କ ରହିବ ନାହିଁ । ଏହା ମାନବସତ୍ତା ଓ ମାନବଜୀବନକୁ ଗ୍ରହଣ କରିବ, ଯାହା ରୂପାନ୍ତରିତ ହୋଇପାରିବ ତାକୁ ରୂପାନ୍ତରିତ କରିବ, ଯାହାକିଛି ଆଧ୍ୟାତ୍ମିକତାରେ ପରିଣତ ହେବା ସମ୍ଭବ ତାହାକୁ ଆଧ୍ୟାତ୍ମିକତାରେ ପରିଣତ କରିବ, ବାକି ଅନ୍ୟସବୁ ଉପରେ ଏହା ନିଜର ପ୍ରଭାବ ବିସ୍ତାର କରିବ ଓ ସେଗୁଡ଼ିକ ଭିତରେ ହୁଏତ ଏକ ମୌଳିକ ପରିବର୍ତ୍ତନ ଆଣିବ କିଂବା ସେଗୁଡ଼ିକର ଊର୍ଦ୍ଧ୍ୱାୟନ ଦିଗରେ କ୍ରିୟା କରିବ । ଏହା ବ୍ୟକ୍ତି ଓ ବିଶ୍ୱ ଭିତରେ ଗଭୀରତର ସଂଯୋଗ ଆଣିଦେବ, ଆଧ୍ୟାତ୍ମିକ ସତ୍ୟର ଉଜ୍ଜ୍ୱଳ ଛାୟା ସ୍ୱରୂପ ରହିଥିବା ଜୀବନର ଆଦର୍ଶକୁ ଏହା ଆଧ୍ୟାତ୍ମିକ ସତ୍ୟ ଦ୍ୱାରା ଅଧିକାର କରିବ ଏବଂ ତାହାକୁ ମହତ୍ତର ଓ ଉଚ୍ଚତର ଅସ୍ତିତ୍ୱ ଦିଗରେ ଉଠାଇନେବ । ମନକୁ ଏହା ଉଠାଇ ନେବ ଚିନ୍ତା ଓ ସଂକଳ୍ପର ଏକ ଦିବ୍ୟତର ଆଲୋକ ଦିଗରେ, ଜୀବନକୁ ଏହା ଉଠାଇନେବ ଗଭୀର ଓ ସତ୍ୟତର ଆବେଗ ଦିଗରେ ଏବଂ କର୍ମ ଦିଗରେ, ତା'ର ନିଜସ୍ୱ ବୃହତ୍ତର ଶକ୍ତି ଓ ଉଚ୍ଚତର ଲକ୍ଷ୍ୟ ତଥା ଉଦ୍ଦେଶ୍ୟ ଦିଗରେ । ଯେଉଁସବୁକୁ ସେମାନଙ୍କ ସତ୍ତାର ପୂର୍ଣ୍ଣସତ୍ୟରେ ଉଠାଇନେବା ସମ୍ଭବପର ହେବ ନାହିଁ ସେମାନଙ୍କୁ ଏହା ସେହି ପୂର୍ଣ୍ଣତାର ନିକଟତର କରାଇଦେବ । ଏପରିକି ଏହି ପରିବର୍ତ୍ତନ ପାଇଁ ମଧ୍ୟ ଯେଉଁମାନେ ପ୍ରସ୍ତୁତ ହୋଇ ନ ଥିବେ ସେମାନେ ଦେଖିପାରିବେ ଯେ ସେମାନଙ୍କର ବର୍ତ୍ତମାନର ଅସମ୍ପୂର୍ଣ୍ଣ କ୍ରମପରିଣାମ ଯେତେବେଳେ ଆତ୍ମ-ପୂର୍ଣ୍ଣତା ପାଇଁ ପ୍ରସ୍ତୁତ ହୋଇଯିବ, ସେତେବେଳେ ସେମାନଙ୍କ ଆଗରେ ପୂର୍ବୋକ୍ତ ସମସ୍ତ ସମ୍ଭାବନାର ଦ୍ୱାର ଖୋଲିଯିବ । ଏପରିକି ଶରୀର ଯଦି ଅତିମାନସ ଚେତନାର ସ୍ପର୍ଶ ସହ୍ୟ କରିପାରିବ, ତେବେ ତାହା ନିଜ ସତ୍ୟ ସମ୍ପର୍କରେ ଆହୁରି ସଚେତ ହେବ । କାରଣ ଏପରି ଏକ ଶାରୀର-ଚେତନା ରହିଛି ଯାହାକି ଯଥାର୍ଥ ଅବସ୍ଥାରେ ରହିବା ଓ ଯଥାର୍ଥ କର୍ମ କରିବା ପାଇଁ ଏକ ସହଜାତ ସତ୍ୟ ଓ ଶକ୍ତିର ଅଧିକାରୀ । ଏପରିକି ଏହାର କୋଷ ଓ ତନ୍ତୁର ଗଠନ ଭିତରେ ଏପରି ଏକ ଅନଭିବ୍ୟକ୍ତ ଗୁପ୍ତଜ୍ଞାନ ରହିଛି ଯାହାକି ଦିନେ ସଚେତନ ହେବ ଏବଂ ଶରୀର ସତ୍ତାର ରୂପାନ୍ତର ଦିଗରେ ସାହାଯ୍ୟ କରିବ । ପୃଥିବୀ-ପ୍ରକୃତି ଓ ପୃଥିବୀ-ଚେତନାରେ ଏକ ଜାଗରଣ ଆସିବ ଯାହାକି ଏକ ନୂତନ ଓ ଦିବ୍ୟତର ଜଗତ-ବ୍ୟବସ୍ଥାର ପ୍ରକୃତ ଆରମ୍ଭ ନ ହେଲେ ମଧ୍ୟ ସେ ଦିଗରେ ଅନ୍ତତଃ ଏକ ସଫଳ ପ୍ରସ୍ତୁତି ଓ ତା'ର ବିବର୍ତ୍ତନର ପ୍ରଥମ ପଦକ୍ଷେପ ହେବ ।

ଅତିମାନସର ଅବତରଣ ଫଳରେ ଯେଉଁମାନେ ଶକ୍ତି ଓ ପ୍ରଭାବ ପ୍ରତି ନିଜକୁ ଖୋଲିଧରି ପାରିବେ ସେମାନଙ୍କ ସମଗ୍ର ପ୍ରକୃତିକୁ ନେଇ ସତ୍ୟଚେତନା କ୍ରିୟା କରିବ ଓ ସେମାନଙ୍କ ଭିତରେ ଦିବ୍ୟଜୀବନର ପୂର୍ଣ୍ଣତା ଆଣିଦେବ । ଏପରିକି ଯେଉଁମାନେ ଏଥିପାଇଁ ସକ୍ଷମ ସେମାନଙ୍କ ଉପରେ ଏହାର ପ୍ରଥମ ଓ ସଦ୍ୟ ଫଳ ଏହା ହେବ ଯେ ସତ୍ୟଚେତନାରେ ପ୍ରବେଶ କରିବାର ଓ ସେମାନଙ୍କ ପ୍ରକୃତିର ଗତିବୃତ୍ତିକୁ ଅତିମାନସ ସତ୍ୟର ଗତିବୃତ୍ତିରେ ପରିଣତ କରିବାର ସମ୍ଭାବନା ଖୋଲିଯିବ । ସେମାନଙ୍କ ପାଇଁ ଚିନ୍ତାରେ ସତ୍ୟ, ସଂକଳ୍ପରେ ସତ୍ୟ, ଅନୁଭୂତିରେ ସତ୍ୟ, କର୍ମରେ ସତ୍ୟ, ଏପରିକି ଶରୀର ପର୍ଯ୍ୟନ୍ତ ସମଗ୍ର ସତ୍ତାରେ ଏକ ସତ୍ୟ ଅବସ୍ଥା ଏବଂ ପରିଣାମରେ ଏକ ଦିବ୍ୟରୂପାନ୍ତରର ସମ୍ଭାବନା ଖୋଲିଯିବ । ଯେଉଁମାନେ ନିଜକୁ ଏପରିଭାବରେ ଉନ୍ମୁକ୍ତ କରି ଧରିପାରିବେ ଏବଂ ଉନ୍ମୁକ୍ତ ରହିପାରିବେ, ସେମାନଙ୍କ ପାଇଁ ଏହିସବୁ ବିକାଶର କୌଣସି ସୀମା ରହିବ ନାହିଁ ବା କୌଣସି ମୌଳିକ ବାଧାବିଘ୍ନ ରହିବ ନାହିଁ । କାରଣ ମନ, ପ୍ରାଣଶକ୍ତି ଓ ଦେହ ଉପରେ ଊର୍ଦ୍ଧ୍ୱରୁ ପ୍ରବଳ ଧାରାରେ ବର୍ଷୁଥିବା ଅତିମାନସ ଆଲୋକ ଓ ଶକ୍ତିର ଚାପରେ ସମସ୍ତ ବାଧାବିଘ୍ନ ମିଳାଇ ନିଶ୍ଚିହ୍ନ ହୋଇଯିବ । କିନ୍ତୁ ଅବଶ୍ୟ ଏପରି ହେବ ନାହିଁ ଯେ ଅତିମାନସ ଅବତରଣର ଫଳାଫଳ କେବଳ ସେଇମାନଙ୍କ ଭିତରେ ଆବଦ୍ଧ ରହିବ ଯେଉଁମାନେ ଏଥିପ୍ରତି ନିଜକୁ ସମ୍ପୂର୍ଣ୍ଣ ଉନ୍ମୁକ୍ତ ରଖିବେ ବା ଏହି ପରିବର୍ତ୍ତନ କେବଳ ଅତିମାନସ ପରିବର୍ତ୍ତନ ଭିତରେହିଁ ସୀମାବଦ୍ଧ ରହିବ । ମାନସିକ ପ୍ରକୃତିର ଏକ ମୁକ୍ତ ଏବଂ ପୂର୍ଣ୍ଣତର ପରିସର ଭିତରେ ମାନସିକ ସତ୍ତାର ମଧ୍ୟ ଛୋଟକାଟର ଗୌଣ ରୂପାନ୍ତର ହୋଇପାରେ । ବର୍ତ୍ତମାନ ଅବସ୍ଥାରେ ମନୁଷ୍ୟର ମନ ଅତ୍ୟନ୍ତ ସୀମିତ ଓ ଅପୂର୍ଣ୍ଣ ଅବସ୍ଥାରେ ଅଛି, ପ୍ରତ୍ୟେକ ମୁହୂର୍ତ୍ତରେ ଏହାର

ସତ୍ୟପଥରୁ ସ୍ଖଳିତ ହେବାର ଓ ସତ୍ୟକୁ ହରାଇବାର ବିପଦ ରହିଛି, ସମସ୍ତ ପ୍ରକାର ବିଭ୍ରାନ୍ତିରେ ପଡ଼ିବାର ଏବଂ ପୂର୍ଣ୍ଣ ମିଥ୍ୟାର ପ୍ରରୋଚନାରେ ଓ ପ୍ରକୃତିର ବିକୃତିରେ ପଡ଼ି ବିପଥଗାମୀ ହେବାର ବିପଦ ରହିଛି । ମନ ଅନ୍ଧ ଓ ଏହା ଅଜ୍ଞାନତା ଓ ନିଶ୍ଚେତନା ଦ୍ୱାରା ଆକର୍ଷିତ ହୁଏ ଏବଂ କ୍ୱଚିତ୍ ସତ୍ୟଜ୍ଞାନରେ ପହଞ୍ଚିପାରେ । ଏହି ମନର ବୁଦ୍ଧି, ଉଚ୍ଚତର ଜ୍ଞାନକୁ ବସ୍ତୁ-ନିରପେକ୍ଷ କେବଳ ମାନସିକ ଧାରଣା ଓ ଅପ୍ରତ୍ୟକ୍ଷ ପ୍ରତୀକସବୁର ସାହାଯ୍ୟରେ ବ୍ୟାଖ୍ୟା କରିବାକୁ ଚେଷ୍ଟାକରେ । ଏପରିକି ଉଚ୍ଚତର ସମ୍ବୋଧିର ବାର୍ତ୍ତାସବୁକୁ ମଧ୍ୟ ଏକ ଅନିଶ୍ଚିତ ଓ ଦ୍ୱନ୍ଦ୍ୱପୂର୍ଣ୍ଣଭାବ ସହ ଗ୍ରହଣ କରେ । ଏହି ପ୍ରକାର ଏକ ମନର ସ୍ଥାନରେ ଏକ ସତ୍ୟ ଓ ମୁକ୍ତ ମନ ପ୍ରକାଶ ପାଇବ ଯେକି ନିଜକୁ ଓ ନିଜର ଯନ୍ତ୍ର ବା କରଣଗୁଡ଼ିକୁ ମୁକ୍ତଭାବରେ ଚରମ ପୂର୍ଣ୍ଣତା ଆଡ଼କୁ ଉଠାଇ ନେବା ପାଇଁ ସକ୍ଷମ ହେବ । ଏପରି ଏକ ଜୀବନ ପ୍ରକାଶ ପାଇବ ଯାହାକି ଏହି ମୁକ୍ତ ଓ ଆଲୋକିତ ମନ ଦ୍ୱାରା ନିୟନ୍ତ୍ରିତ ହେବ, ଏପରି ଏକ ଶରୀର ପ୍ରକାଶ ପାଇବ ଯାହାକି ଏହି ଆଲୋକ ପ୍ରତି ଉନ୍ମୀଳିତ ଏବଂ ମୁକ୍ତ ମନ ଓ ସଂକଳ୍ପ ଏହାଠାରୁ ଯାହା ଦାବିକରିବ ତାହା ପୂରଣ କରିବାକୁ ସମର୍ଥ ହେବ । ଏହି ପରିବର୍ତ୍ତନ କେବଳ ଯେ ଅଳ୍ପ କେତେକଙ୍କ ମଧ୍ୟରେ ସୀମାବଦ୍ଧ ରହିବ ତା' ନୁହେଁ, ସାର୍ବଜନୀନଭାବେ ଏହା ସମସ୍ତ ମାନବଜାତି ଭିତରେ ପ୍ରସାରଲାଭ କରିବ । ଏହି ସମ୍ଭାବନା ଯଦି ପୂର୍ଣ୍ଣହୁଏ, ତେବେ ଏହାର ଅର୍ଥ ହେବ ମନୁଷ୍ୟ ଯେଉଁ ପୂର୍ଣ୍ଣତାର ସ୍ୱପ୍ନ ଦେଖିଆସିଛି – ନିଜର ପୂର୍ଣ୍ଣତା, ନିଜର ଶୁଦ୍ଧ ଓ ଦୀପ୍ତିମୟ ପ୍ରକୃତିର ପୂର୍ଣ୍ଣତା, ନିଜର କର୍ମ ଓ ଜୀବନର ପୂର୍ଣ୍ଣତା ସମ୍ପର୍କରେ ଯେଉଁ ସ୍ୱପ୍ନ ଦେଖିଆସିଛି ତାହା ଆଉ ସ୍ୱପ୍ନ ହୋଇ ନ ରହି ସତ୍ୟରେ ପରିଣତ ହେବ ଏବଂ ମନୁଷ୍ୟଜାତି ନିଶ୍ଚେତନା ଓ ଅଜ୍ଞାନର କବଳରୁ ଉଦ୍ଧାର ପାଇବ । ମନୋମୟ ଜୀବର ଜୀବନ ଓ ଅତିମାନସ ଜୀବନ ଭିତରେ ସାମଞ୍ଜସ୍ୟ ସ୍ଥାପିତ ହେବ । ଅତିମାନସ ଜୀବନ ରହିବ ମନର ଉପରେ ଜୀବନର ସର୍ବୋଚ୍ଚ ପର୍ଯ୍ୟାୟ ରୂପେ ଏବଂ ମନ ପରିଣତ ହେବ ସତ୍ୟଚେତନାର ଏକ ବିସ୍ତାର ଓ ତାହାର ଅନ୍ତର୍ଭୁକ୍ତ ଏକ ରାଜ୍ୟରେ ଏବଂ ଦିବ୍ୟଜୀବନର ଏକ ଅଂଶ ଓ ଅଙ୍ଗରେ । ଏହା ନିଶ୍ଚିତ ଯେ ବର୍ତ୍ତମାନ ପୃଥିବୀ-ପ୍ରକୃତିରେ ମନ ଯେପରି ପ୍ରଧାନ ଭୂମିକା ଗ୍ରହଣ କରିଛି ସେହିପରି ଯଦି ଅତିମାନସର ଅବତରଣ ହୁଏ ଏବଂ ପୃଥିବୀ-ପ୍ରକୃତିରେ ସେହିପରି ଏକ ନେତୃତ୍ୱକାରୀ ଭୂମିକା ନେଇ ଅତିମାନସ ବିଧାନ ପ୍ରତିଷ୍ଠିତ ହୁଏ, ତେବେ ମନର ଅପୂର୍ଣ୍ଣତା ଯୋଗୁଁ ଯେଉଁସବୁ ପାଇଁ ସେ ସମର୍ଥ ହୋଇ ନ ଥିଲା ଅତିମାନସର ସେହି ଅସାମର୍ଥ୍ୟ ନ ଥିବାରୁ ସେ ଯଦି ଆହୁରି ନିଶ୍ଚିତ ଓ ସୁଦୃଢ଼ଭାବରେ ପୃଥିବୀ-ବ୍ୟବସ୍ଥାକୁ ପୂର୍ଣ୍ଣରୂପେ ପରିଚାଳନା କରେ ସମସ୍ତଙ୍କ ଉପରେ ସେମାନଙ୍କ ନିଜ ସ୍ତରରେ ଓ ସେମାନଙ୍କ ସ୍ୱାଭାବିକ ସୀମା ମଧ୍ୟରେ ନିଜ ରୂପାନ୍ତରକାରୀ ଶକ୍ତିନେଇ କ୍ରିୟା କରେ, ତେବେ ଏହା ନିଶ୍ଚିତ ଯେ ମନୁଷ୍ୟଜାତିର ଜୀବନରେ ଯଦିବା ପୂର୍ଣ୍ଣ ରୂପାନ୍ତର ସାଧିତ ନ ହୁଏ ତଥାପି ଅତି ବିରାଟ ପରିବର୍ତ୍ତନ ସଂଘଟିତ ହେବ ।

ବର୍ତ୍ତମାନ ବିଚାର କରିବାକୁ ବାକି ରହିଲା, ଏହି ସମ୍ଭାବନା ପଥରେ କ'ଣସବୁ ବାଧାବିଘ୍ନ ରହିପାରେ, ବିଶେଷ କରି ପୃଥିବୀ-ବ୍ୟବସ୍ଥାର ପ୍ରକୃତିରୁ ଏବଂ ଏକ କ୍ରମ-ବିନ୍ୟସ୍ତ ବିବର୍ତ୍ତନର କ୍ଷେତ୍ର ରୂପେ, ତା'ର କ୍ରିୟାରୁ କ'ଣ କ'ଣ ବାଧା ଆସିପାରେ । ବିବର୍ତ୍ତନର ଏହି କ୍ରମ-ବିନ୍ୟାସରେ ଆମର ମାନବଜାତି ଗୋଟିଏ ସ୍ତର ଏବଂ ମନୁଷ୍ୟର ଅପୂର୍ଣ୍ଣତାକୁ ଏକ ବିବର୍ତ୍ତନଗତ ପ୍ରୟୋଜନ ବୋଲି କୁହାଯାଇପାରେ । ଦେଖିବା କଥା ଅତିମାନସ ଏଠାରେ ପ୍ରକାଶିତ ହୋଇ ସମସ୍ତ ବସ୍ତୁର ପରିଚାଳନା ଭାର ଗ୍ରହଣ କଲେ, ପୃଥିବୀ-ବ୍ୟବସ୍ଥାର ଏହି ସ୍ତରବିନ୍ୟାସର କ୍ରମକୁ ସ୍ୱୀକାର କରି ଏହିସବୁ ବାଧାବିଘ୍ନକୁ କେତେ ଦୂର କିପରି ଅତିକ୍ରମ କରିପାରିବ । ଅଜ୍ଞାନ ଓ ନିଶ୍ଚେତନା ଦ୍ୱାରା ଯେଉଁ ଭୁଲ୍ ଓ ଅଜ୍ଞତାପୂର୍ଣ୍ଣ ବ୍ୟବସ୍ଥା ଓ ସ୍ତରବିନ୍ୟାସ ତିଆରି ହୋଇଛି, ଅତିମାନସ ତାହାକୁ କେତେ ଦୂର ସଂଶୋଧନ କରିପାରିବ ଓ ତାହା ସ୍ଥାନରେ ପୂର୍ଣ୍ଣତା ଓ ଦିବ୍ୟ-ରୂପାନ୍ତରକୁ ସମ୍ଭବ କଲାଭଳି ଏକ ଯଥାର୍ଥ ସ୍ତରବିନ୍ୟାସ ସ୍ଥାପିତ କରିପାରିବ । ନିଶ୍ଚିତରୂପେ ବ୍ୟକ୍ତି ପାଇଁ ପଥ ଖୋଲିଯିବ; ଯଦି କୌଣସି ମାନବଗୋଷ୍ଠୀ ବ୍ୟକ୍ତିଗତ ତଥା ସମଷ୍ଟିଗତ ଜୀବନରେ ଏକ ପୂର୍ଣ୍ଣ ଜୀବନ ଲାଭ ପାଇଁ ଲକ୍ଷ୍ୟ ରଖନ୍ତି ବା ଦିବ୍ୟଜୀବନ ପାଇଁ ଅଭୀପ୍ସା କରନ୍ତି ତେବେ ସେମାନେ ନିଜର ଅଭୀପ୍ସା ପୂରଣ ପାଇଁ ନିଶ୍ଚୟ ଆବଶ୍ୟକ ସହାୟତା ପାଇବେ । ଅତିମାନସ ଅଭିବ୍ୟକ୍ତିର ଏହି ସର୍ବନିମ୍ନ ପରିଣତି ନିଃସନ୍ଦେହରେ ଆଶା କରାଯାଇପାରେ । କିନ୍ତୁ ଏହା ଛଡ଼ା ମଧ୍ୟ ଅନ୍ୟାନ୍ୟ ବୃହତ୍ତର ସମ୍ଭାବନା ରହିଛି ଯାହାକି ସମଗ୍ର ମାନବସମାଜ ପାଇଁ ଉପସ୍ଥିତ ହୋଇପାରେ । ତା'ହେଲେ ବର୍ତ୍ତମାନ ଆମର ବିଚାର କରିବା କଥା ମାନବ-ସମାଜ ପାଇଁ ଅତିମାନସ ଅବତରଣର ଅର୍ଥ କ'ଣ ହେବ, ସମଗ୍ର ମାନବସମାଜର ସମଗ୍ର ଜୀବନ, ଭାଗ୍ୟ ଓ ତା'ର ବିବର୍ତ୍ତନମୂଳକ ଭବିଷ୍ୟତ୍ ପାଇଁ ଏହାର ଫଳାଫଳ କ'ଣ ହେବ ଓ ଏହା କେଉଁ ପ୍ରକାର ସମ୍ଭାବନା ଆଣିଦେବ ? ❖

(*Essays in Philosophy and Yoga,* pp. 563 - 567)

# ଅତିମାନସ ଅବତରଣ ପରେ ...

## ଶ୍ରୀମା

*‘‘ଆଧ୍ୟାତ୍ମୀକରଣର ପ୍ରକ୍ରିୟା ଭିତରେ ଏହା (ଆଧ୍ୟାତ୍ମୀକୃତ ମନ) ମାନୁଷୀ ବୁଦ୍ଧିର ରମଣୀୟ ଦାରିଦ୍ର୍ୟ ଭିତରୁ ବାହାରି ଯାଇ ତାହାକୁ ଅତିକ୍ରମ କରିବାକୁ ଆରମ୍ଭ କରିବ । ଏହା ପର୍ଯ୍ୟାୟକ୍ରମେ ଏକ ଊର୍ଦ୍ଧ୍ୱତର ମନର ଶୁଦ୍ଧ ବ୍ୟାପକ ସମ୍ପଦ ଭିତରକୁ ଏବଂ ତାହାପରେ ଊର୍ଦ୍ଧ୍ୱର ଆଲୋକରେ ଦୀପ୍ତ ଆହୁରି ମହତ୍ତର ମୁକ୍ତ ବୁଦ୍ଧିର ଏକ ଆଲୋକିତ, ଦୀପ୍ତ ମନର ବଳୟ ଭିତରକୁ ଆରୋହଣ କରିବ । ଏହି ଅବସ୍ଥାରେ ପହଞ୍ଚି ଏହା ଆହୁରି ଅଧିକତର ମୁକ୍ତ ଭାବରେ ଅନୁଭବ କରିବାକୁ ଆରମ୍ଭ କରିବ ଦିବ୍ୟ ସମ୍ବୋଧିର ଏକ ସମୁଜ୍ଜ୍ୱଳ ପ୍ରାରମ୍ଭକୁ ଏବଂ ତାହାକୁ ନିଜ ଭିତରେ ଗ୍ରହଣ କରିବ, ତାହା ପ୍ରତି ନିଜ ଉତ୍ତରରେ ଅନେକ କମ୍ ମିଶ୍ରଣ ନେଇ । ଏହି ଦିବ୍ୟସମ୍ବୋଧି ଅନ୍ୟ କାହାର ଆଲୋକରେ ଆଲୋକିତ ନୁହେଁ, ଏହା ସ୍ୱୟଂ ଜ୍ୟୋତିର୍ମୟ, ସ୍ୱୟଂ ସତ୍ୟମୟ; ଏହା ଆଉ ପୂରାପୂରି ମନ ହୋଇ ରହି ନାହିଁ, ତେଣୁ ନାନା ଭ୍ରମ ପ୍ରମାଦର ବହୁଳ ପ୍ରବେଶର ଆଉ ଅଧିକ ହୋଇ ରହି ନାହିଁ । କିନ୍ତୁ ଏହିଠାରେ ପହଞ୍ଚି ଆରୋହଣର ପର୍ବ ଶେଷ ହୋଇଯାଏ ନାହିଁ । ଏହାକୁ ଅତିକ୍ରମ କରି ଉଠିଯିବାକୁ ହେବ ଦିବ୍ୟସମ୍ବୋଧିର ସେହି ବିଶୁଦ୍ଧ, ମୂଳ ଅନବଚ୍ଛିନ୍ନ ରାଜ୍ୟକୁ ଯେଉଁଠି ମୂଳ ଦିବ୍ୟସତ୍ତାର ଆତ୍ମ ସଚେତନତାରୁ ଉତ୍ସାରିତ ପ୍ରଥମ ପ୍ରତ୍ୟକ୍ଷ ଆଲୋକର ଦର୍ଶନ ମିଳେ । ପୁଣି ଏହି ଅବସ୍ଥାକୁ ମଧ୍ୟ ଅତିକ୍ରମ କରି ସେଠାରେ ପହଞ୍ଚିବାକୁ ହେବ ଯେଉଁଠାରୁ ଏହି ଆଲୋକଟି ଉତ୍ସାରିତ ହେଉଛି । କାରଣ ମାନସର ପଶ୍ଚାତରେ ଏକ ଅଧିମାନସ ରହିଛି, ଏହି ଅଧିମାନସ ହେଉଛି ସେହି ଦିବ୍ୟଶକ୍ତି ଯାହା ଆହୁରି ଅଧିକତର ମୌଳିକ ଓ ସକ୍ରିୟଭାବେ ଗତିଶୀଳ ଓ ଏହା ମାନସକୁ ଆଶ୍ରୟ ଦେଇଥାଏ; ଏହା ମାନସକୁ ଦେଖିଥାଏ ନିଜ ଭିତରୁହିଁ ଏକ ଖର୍ବୀକୃତ ବା ହ୍ରସ୍ୱ ବିକିରଣ ରୂପେ ଏବଂ ତାହାକୁ ବ୍ୟବହାର କରିଥାଏ ନିମ୍ନ ଆଡ଼କୁ ନିଜର ପ୍ରବେଶ ଓ ସଂଚାରଣର ଏକ ମାଧ୍ୟମ ରୂପେ ବା ଅବିଦ୍ୟାର ସୃଷ୍ଟି ପାଇଁ ଏକ ଉପାୟ ବା ଯନ୍ତ୍ରରୂପେ । ଏହି ଆରୋହଣର ଶେଷ ସୋପାନଟି ହେବ ସ୍ୱୟଂ ଅଧିମାନସକୁ ମଧ୍ୟ ଅତିକ୍ରମ କରିଯିବା ବା ନିଜର ଆହୁରି ମହତ୍ତର ମୂଳ ଉତ୍ସକୁ ପ୍ରତ୍ୟାବର୍ତ୍ତନ କରିବା, ଯେତେବେଳେ ଦିବ୍ୟବିଜ୍ଞାନର ଅତିମାନସ ଆଲୋକରେ ଏହାର ରୂପାନ୍ତର ହେବ ।’’*

(*The Synthesis of Yoga*, pp. 138-39) — ଶ୍ରୀଅରବିନ୍ଦ

ଶ୍ରୀମା : ଦେଖ, ଦୁଇଟି ପର୍ଯ୍ୟାୟ ରହିଛି । ଜଣେ ମନକୁ ଅତିକ୍ରମ କରି ତାହାର ଊର୍ଦ୍ଧ୍ୱରେ ଥିବା ଏକ ରାଜ୍ୟକୁ ଉଠିଯାଇ ପାରେ, ତା’ପରେ ପୁଣି ସେହି ରାଜ୍ୟକୁ ଅତିକ୍ରମ କରି ତାହାର ଆହୁରି ଊର୍ଦ୍ଧ୍ୱସ୍ଥ ଅନ୍ୟ ଏକ ରାଜ୍ୟକୁ ଉଠିଯାଇପାରେ, ଯାହା ହେଉଛି ସବୁକିଛିର ମୂଳଉତ୍ସ । ଏହା ଦୁଇଟି ପର୍ଯ୍ୟାୟକ୍ରମକୁ ସୂଚିତ କରୁଛି ।

ଶିଷ୍ୟ : ବର୍ତ୍ତମାନ ଯେତେବେଳେ ଅତିମାନସ ଅବତରଣ କରି ସାରିଛି, ସେତେବେଳେ ଜଣେ କାହିଁକି ଯୁକ୍ତିବୁଦ୍ଧିର ମନରୁ ସିଧା ଅତିମାନସ ଚେତନା ଭିତରକୁ ପ୍ରବେଶ କରିପାରିବ ନାହିଁ ?

ଶ୍ରୀମା : ଜଣେ ପାରିବ ନାହିଁ ବୋଲି କିଏ କହିଲା ?

ଶ୍ରୀଅରବିନ୍ଦ ଏଠାରେ ବର୍ଣ୍ଣନା କରିଛନ୍ତି ଅତିମାନସ ସହ ସଂଯୋଗ ସ୍ଥାପନ ପାଇଁ ଓ ତାହାର ଅଭିବ୍ୟକ୍ତି ନିମନ୍ତେ ଭିତ୍ତିଭୂମି ପ୍ରସ୍ତୁତ କରିବା ନିମନ୍ତେ କ’ଣ କରିବା ଆବଶ୍ୟକ ଥିଲା । କିନ୍ତୁ ବର୍ତ୍ତମାନ ଯେତେବେଳେ ତାହା ପୃଥିବୀର ବାତାବରଣ ଭିତରେ ପ୍ରବେଶ କରିସାରିଛି, ମୁଁ କୌଣସି କାରଣ ଦେଖୁ ନାହିଁ ଯେ ତାହାର ଅଭିବ୍ୟକ୍ତି କ୍ଷେତ୍ରରେ କାହିଁକି ଏକ ସୁନିର୍ଦ୍ଦିଷ୍ଟ, ଏକକ ପଦ୍ଧତି ରଖାଯିବ । ଏହା ଯଦି କୌଣସି ଯନ୍ତ୍ରକୁ ଉପଯୁକ୍ତ, ପ୍ରସ୍ତୁତ ଓ ଗ୍ରହଣୀୟ ବୋଲି ଦେଖେ ଓ ତାହାକୁ ସିଧାସଳଖ ଆଲୋକିତ କରିବା ପାଇଁ ବାଛିନିଏ, ତେବେ ତାହା କାହିଁକି ଏପରି ନ କରିବ, ତାହା ମୁଁ ଦେଖୁ ନାହିଁ ।

ଏବଂ ମୁଁ ଏହା ପୁନରାବୃତ୍ତି କରୁଛି : କିଏ କହିଛି ଯେ ଏହା ଅନ୍ୟଥା ହୋଇ ପାରିବ ନାହିଁ ? କେହି କହି ନାହିଁ । ଏଠାରେ ଶ୍ରୀଅରବିନ୍ଦ ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ଭିନ୍ନ ଜିନିଷ, ପ୍ରକୃତରେ ତାହାହିଁ ଘଟିଥିଲା । ଅଭିବ୍ୟକ୍ତିଟି ସଂଘଟିତ ହେବା ପୂର୍ବରୁ ଏକ ପ୍ରସ୍ତୁତିର ଆବଶ୍ୟକତା ଥିଲା । କିନ୍ତୁ ବର୍ତ୍ତମାନ ମୁଁ ଦେଖୁ ନାହିଁ ଯେ କାହିଁକି ଓ କେଉଁ ଭିତ୍ତି ଉପରେ ଅତିମାନସର

କ୍ରିୟା ଉପରେ ଏକ ନିର୍ଦ୍ଦିଷ୍ଟ ପଦ୍ଧତିକୁ ଲଦି ଦିଆଯିବ ଏବଂ ନିଜର ଉପାୟ ଓ ଯନ୍ତ୍ର ବାଛିବା ପାଇଁ କାହିଁକି ଏହାର କୌଣସି ସ୍ୱାଧୀନତା ରହିବ ନାହିଁ ?

ମୁଁ ଭାବୁଛି ସମସ୍ତ ସମ୍ଭାବନାକୁ ଗ୍ରହଣ କରାଯାଇପାରେ ଏବଂ ସମସ୍ତ ଆନ୍ତରିକ ଅଭୀପ୍ସା ଓ ପୂର୍ଣ୍ଣ ଉତ୍ସର୍ଗକୁ ଉତ୍ତର ମିଳିବ ଏବଂ ନାନା ପଦ୍ଧତି, ଉପାୟ, ପରିବର୍ତ୍ତନ ଓ ରୂପାନ୍ତର ସ୍ୱଭାବତଃ ଅଗଣିତ ସଂଖ୍ୟକ ହେବ – ଆଦୌ ଏପରି ହେବ ନାହିଁ ଯେ ଘଟଣାଗୁଡ଼ିକ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଢଙ୍ଗ ବା ରୂପରେ ଘଟିବ, ଅନ୍ୟଭାବରେ ନୁହେଁ ।

ପ୍ରକୃତରେ ସବୁକିଛି, ଯେକୌଣସି ଜିନିଷ ଯାହା ଅତିମାନସ ଚେତନା ଓ ଆଲୋକର ଏକ ନିର୍ଦ୍ଦିଷ୍ଟ ବିଭାବ ବା ଏପରିକି ଗୋଟିଏ କଣା ମଧ୍ୟ ଗ୍ରହଣ କରିବାକୁ ପ୍ରସ୍ତୁତ ଥିବ ତା'ହେଲେ ସେ ତାହା *ସ୍ୱୟଂଚାଳିତ ଭାବ*ରେ ଆପେ ଆପେ ଗ୍ରହଣ କରିପାରିବ । ଏବଂ ଏହି ଚେତନା ଓ ଆଲୋକର ଫଳାଫଳ ମଧ୍ୟ ହେବ ଅଗଣିତ, କାରଣ ସେଗୁଡ଼ିକ ନିଶ୍ଚିତ ଭାବରେ ସମ୍ଭାବନା ସହିତ ଖାପ ଖାଇଯିବ, ଏବଂ ପ୍ରତ୍ୟେକର ସାମର୍ଥ୍ୟ ହେବ ତା'ର ଅଭୀପ୍ସାର ଆନ୍ତରିକତା ଅନୁଯାୟୀ ।

ଉତ୍ସର୍ଗଟି ଯେତିକି ସାମଗ୍ରିକ ହେବ, ଏବଂ ଅଭୀପ୍ସାଟି ଯେତିକି ପ୍ରଗାଢ଼ତର ହେବ, ତାହାର ଫଳାଫଳ ମଧ୍ୟ ସେତିକି ପୂର୍ଣ୍ଣାଙ୍ଗ ଓ ପ୍ରଗାଢ଼ ହେବ । କିନ୍ତୁ ଅତିମାନସ କ୍ରିୟାର ଫଳାଫଳ ହେବ ନିଜର ଅଭିବ୍ୟକ୍ତିରେ ଅଗଣିତ – ବହୁଗୁଣିତ, ଅସଂଖ୍ୟ, ଅନନ୍ତଭାବରେ ବୈଚିତ୍ର୍ୟପୂର୍ଣ୍ଣ; ସେଥିପାଇଁ ଏପରି କୌଣସି ନିର୍ଦ୍ଦିଷ୍ଟ ଧାରା ନାହିଁ, ଯାହା ସମସ୍ତଙ୍କ ପାଇଁ ସମାନ, ଯାହାକୁ ସମସ୍ତେ ଅନୁସରଣ କରିବେ । ତାହା ଅସମ୍ଭବ । କାରଣ ତାହା ହେଉଛି ଅତିମାନସ ଚେତନାର ସ୍ୱଭାବର ସମ୍ପୂର୍ଣ୍ଣ ବିପରୀତ ।

ବାତାବରଣର ପୂରା ଗୁଣହିଁ ବଦଳି ଯାଇଛି । ଫଳସ୍ୱରୂପ, ଏହାର ପରିଣତି ଅନନ୍ତଭାବରେ ବୈଚିତ୍ର୍ୟପୂର୍ଣ୍ଣ ହେବାକୁ ବାଧ୍ୟ, କିନ୍ତୁ ତାହା ବୋଧଗମ୍ୟ ହେବ । ଅର୍ଥାତ୍ ସାଧାରଣ ଗତିବୃତ୍ତିର ପରିଣତି ବା ଫଳାଫଳ ଏବଂ ଅତିମାନସ କ୍ରିୟାର ଫଳାଫଳ ଭିତରେ ପାର୍ଥକ୍ୟ ନିର୍ଣ୍ଣୟ କରିବା ସମ୍ଭବପର ହେବ, କାରଣ ଏଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ସ୍ୱଭାବ ଓ ନିର୍ଦ୍ଦିଷ୍ଟ ଚରିତ୍ର ରହିବ ।

କିନ୍ତୁ ଏହାର ଅର୍ଥ ଏପରି ନୁହେଁ ଯେ ଯେକୌଣସି ଲୋକ, ଯେକୌଣସି ମୁହୂର୍ତ୍ତରେ, ଯେକୌଣସି ଭାବରେ ହଠାତ୍ ଏକ ଅତିମାନସ ପ୍ରତିଭାରେ ପରିଣତ ହେବ । ତାହା ଆଶା କରାଯାଇ ନ ପାରେ ।

ମୁଁ କହିବାକୁ ଯାଉଥିଲି ଯେ ଯଦି ଜଣେ ଦେଖେ ଯେ ସେ ପୂର୍ବାପେକ୍ଷା ଆଉ ଟିକେ କମ୍ ନିର୍ବୋଧ ହୋଇଛି ତେବେ ତାହାହିଁ ହେବ କିଛି ଅଗ୍ରଗତିର ସୂଚନା ! ✥

(M.C.W., Vol. 8, pp. 177 - 179)

ସେ ସବୁଠି ଅଛନ୍ତି । ସେ ସବୁଠି କ୍ରିୟା କରୁଛନ୍ତି ଏବଂ ସେ ନିଶ୍ଚେତନା ଭିତରେ ଆଣି ଦିଅନ୍ତି ଚେତନା । ତୁମେ ଯେତେବେଳେ ଏକ ଅନ୍ଧକାର କୋଠରିରେ ଆଲୋକ ବର୍ତ୍ତିକାଟିଏ ଜଳାଅ, ବିଦ୍ୟୁତ୍ ସଂଯୋଗଟିକୁ ଟିପି ଜଳାଇ ଦେବା ସଙ୍ଗେ ସଙ୍ଗେହିଁ ସେହି କୋଠରିରେ ଆଉ ଅନ୍ଧକାର ରୁହେ ନାହିଁ । ଯେଉଁ ମୁହୂର୍ତ୍ତରେ ତୁମେ ଚେତନାକୁ ପ୍ରବେଶ କରାଅ, ଆଉ ଅଚେତନା ରୁହେ ନାହିଁ । ସେ ତାହାହିଁ କରନ୍ତି । ସେ ଯେଉଁଠି ଯେଉଁଠି ଦେଖନ୍ତି ଅଚେତନା, ତହିଁ ଭିତରେ ପ୍ରବେଶ କରିବାକୁ ସେ ସଚେଷ୍ଟ ହୁଅନ୍ତି ।

– ଶ୍ରୀମା

# ନୂତନ ଚେତନା, ଅତିମାନସ ଓ ରୂପାନ୍ତର

**ଶ୍ରୀମା**

*ପ୍ରଶ୍ନ : ୧୯୧୯ରେ ଶ୍ରୀଅରବିନ୍ଦ ଲେଖିଥିଲେ ଯେ ଅରାଜକତା ଓ ବିପର୍ଯ୍ୟୟସବୁ ସମ୍ଭବତଃ ଏକ ନୂତନ ସୃଷ୍ଟିର ଜନ୍ମ-ଯନ୍ତ୍ରଣା । ଏହା କେତେଦିନ ଧରି ଚାଲିବ ? ଆଶ୍ରମରେ, ଭାରତରେ ଏବଂ ଫଳତଃ ସାରା ପୃଥିବୀରେ ?*

ଶ୍ରୀମା : ପୃଥିବୀ ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଏବଂ ନୂତନ ସୃଷ୍ଟିକୁ ଗ୍ରହଣ କରିବା ପାଇଁ ଆଗଭର ହେବା ପର୍ଯ୍ୟନ୍ତ ଏହା ଚାଲିବ । ଏହି ବର୍ଷର ପ୍ରାରମ୍ଭରୁ ଏହି ନୂତନ ସୃଷ୍ଟିର ଚେତନା ପୃଥିବୀରେ କାମ ଆରମ୍ଭ କରିଦେଇ ସାରିଲାଣି । ଯଦି ଏହାର ପ୍ରତିରୋଧ ନକରି ଲୋକମାନେ ଏହା ସହିତ ସହଯୋଗ କରନ୍ତି ଏହାର ପ୍ରକାଶ ତ୍ୱରାନ୍ୱିତ ହେବ ।

କିନ୍ତୁ ନିର୍ବୋଧତା ଓ ମୂର୍ଖାମି ଅତ୍ୟନ୍ତ ଜିଦ୍‌ଖୋର ।

*୨୯ ନଭେମ୍ବର ୧୯୬୯*

*ପ୍ରଶ୍ନ : ମା', "ପୃଥିବୀ ଏକ ବିରାଟ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି । ତୁମେ ସାହାଯ୍ୟ କରିବ କି ?" (୧୯୭୦ ନବବର୍ଷର ବାର୍ତ୍ତା) ଆପଣ କହୁଥିବା ଏହି ବିରାଟ ପରିବର୍ତ୍ତନର ସ୍ୱରୂପ କ'ଣ ? ଏବଂ ଆମେ କିପରି ସାହାଯ୍ୟ କରିବୁ ?*

ଶ୍ରୀମା : ଏହି ବିରାଟ ପରିବର୍ତ୍ତନ ହେଉଛି ପୃଥିବୀପୃଷ୍ଠରେ ଏକ ନୂତନ ଜାତିର ଆବିର୍ଭାବ ଯାହା ମନୁଷ୍ୟ ପାଇଁ ହେବ ସେହିପରି, ଯେପରି ପଶୁ ପାଇଁ ହୋଇଥିଲା ମନୁଷ୍ୟ । ଏହି ନୂତନ ଜାତିର ଚେତନା ପୃଥିବୀପୃଷ୍ଠରେ କ୍ରିୟାଶୀଳ, ଯେଉଁମାନେ ଏହାକୁ ଗ୍ରହଣ କରିପାରିବେ ଓ ଏହାର କଥା ଶୁଣିବେ ସେମାନଙ୍କୁ ଆଲୋକ ପ୍ରଦାନ କରିବା ପାଇଁ ।

*୧୯୭୦*

*

*ପ୍ରଶ୍ନ : ଆପଣ ଆମମାନଙ୍କୁ ଆପଣଙ୍କୁ ସାହାଯ୍ୟ କରିବା ପାଇଁ କହିଛନ୍ତି । ମୁଁ ଆପଣଙ୍କୁ କିପରି ସାହାଯ୍ୟ କରିପାରେ ? ମୋତେ କ'ଣ କରିବାକୁ ହେବ ?*

ଶ୍ରୀମା : ଚେତନାକୁ ଏକାଗ୍ର କରି ଏବଂ ଅବତରି ଆସୁଥିବା ନୂତନ ପ୍ରଗତିଶୀଳ ବିଷୟସବୁକୁ ଗ୍ରହଣ କରି ।

*୩ ମାର୍ଚ୍ଚ ୧୯୭୦*

*

ଶ୍ରୀମା : ଏହି ପରିବର୍ତ୍ତନ ତା'ର ଆଗମନୀ ପାଇଁ ଆମର ସାହାଯ୍ୟ ଦରକାର କରେ ନାହିଁ, କିନ୍ତୁ ଆମକୁ ଏହି ଚେତନା ପ୍ରତି ଖୋଲିଧରିବାକୁ ହେବ ଯେପରିକି ଏହାର ଆଗମନୀ ଆମ ପାଇଁ ବୃଥା ନହୁଏ ।

*

*ପ୍ରଶ୍ନ : ଗତବର୍ଷ ଯେଉଁ ନୂତନ ଚେତନା ଅବତରଣ କରିଥିଲା ତା'ର ମୁକ୍ତ ଓ ସ୍ୱଚ୍ଛନ୍ଦ କ୍ରିୟା ପାଇଁ ଆମକୁ କ'ଣ କରିବାକୁ ହେବ ?*

ଶ୍ରୀମା : ଗ୍ରହଣଶୀଳ ହେବା ଏବଂ ନମନୀୟ ହେବା ।

*୧୯୭୦*

*

ଶ୍ରୀମା : ନୂତନ ଚେତନାକୁ ଗ୍ରହଣ କରିବା ପାଇଁ ଆମ ପ୍ରସ୍ତୁତିର ପ୍ରଥମ ଅପରିହାର୍ଯ୍ୟ ସର୍ତ୍ତ ହେଉଛି ଏକ ଯଥାର୍ଥ ଓ ସ୍ୱତଃସ୍ଫୂର୍ତ୍ତ ବିନମ୍ରତା ଯାହାକି ଆମକୁ ଗଭୀରଭାବେ ଅନୁଭବ କରାଇବ ଯେ ଆମକୁ ଯେଉଁ ଅପୂର୍ବ ଜିନିଷସବୁ ଅର୍ଜନ କରିବାକୁ ହେବ ତା' ତୁଳନାରେ ଆମେ କିଛି ବି ଜାଣୁ ନାହିଁ ।

## ଅତିମାନସ ଓ ନୂତନ ସତ୍ତା

ନୂତନ ସତ୍ତାର ଆଗମନୀ ପାଇଁ ଆମକୁ ଆମେ ପାରୁଥିବା ଆମର ସର୍ବୋତ୍ତମ ପ୍ରସ୍ତୁତି ନେଇ ଆଗେଇ ଯିବାକୁ ହେବ ।

ମନକୁ ନିରବ କରିଦେବାକୁ ହେବ ଏବଂ ତା'ର ସ୍ଥାନ ଯେପରି ଦିବ୍ୟସତ୍ୟଚେତନା ଗ୍ରହଣ କରେ – ଏପରି ଏକ ଚେତନା ଯାହା ପୁଙ୍ଖାନୁପୁଙ୍ଖରୂପେ ସମଗ୍ରର ସହ ଏକୀଭୂତ ।

*

ମନକୁ ନିରବ ହେବାକୁ ହେବ ଯେପରିକି ଅତିମାନସ ଦିବ୍ୟଚେତନା ସେହି ମନର ସ୍ଥାନ ଗ୍ରହଣ କରେ ।

*

ଦିବ୍ୟସତ୍ୟଚେତନା ସମଗ୍ର ସତ୍ତାକୁ ଯେପରି ଆଚ୍ଛନ୍ନ କରେ ଏବଂ ଅସ୍ଥିର ଦୈହିକ ମନକୁ ଶାନ୍ତ ଓ ନିରବ କରି ଦିଏ । ତା'ର ପ୍ରକାଶ ଓ ଅଭିବ୍ୟକ୍ତି ପାଇଁ ଏଗୁଡ଼ିକ ହେଉଛି ପ୍ରାଥମିକ ସର୍ତ୍ତ ।

*

ଦୈହିକ ମନରେ ବିଜ୍ଞତା ହେଉଛି ପୃଥିବୀରେ ଅତିମାନସ ଅଭିବ୍ୟକ୍ତିର ପ୍ରଥମ ପଦକ୍ଷେପ ।

*

(ପୃଥିବୀପୃଷ୍ଠରେ ଅତିମାନସ ଅଭିବ୍ୟକ୍ତିର ଚତୁର୍ଥ ବର୍ଷର ବାର୍ତ୍ତା)

ଯେତେବେଳେ କେବଳ ଦୈହିକ ମନରେ ଅତିମାନସର ଅଭିବ୍ୟକ୍ତି ହେବ ସେତେବେଳେ ଏହାର ଉପସ୍ଥିତି ସ୍ଥାୟୀ ହେବ ।

*୨୯ ଫେବ୍ରୁଆରୀ ୧୯୭୨*

*

ଏହା ଅପରିହାର୍ଯ୍ୟ ଯେ ପ୍ରତ୍ୟେକେ ସେମାନଙ୍କର ଚୈତ୍ୟସତ୍ତାକୁ ଉପଲବ୍ଧି କରିବେ ଓ ତା' ସହିତ ଏକୀଭୂତ ହେବେ ସୁନିର୍ଦ୍ଦିଷ୍ଟ ଓ ପୂର୍ଣ୍ଣଭାବରେ ।

*୨୪ ଜୁନ୍ ୧୯୭୨*

*

ସତ୍ୟଚେତନା କେବଳ ସେହିମାନଙ୍କ ଭିତରେ ଅଭିବ୍ୟକ୍ତ ହେବ ଯେଉଁମାନେ ଅହଂରୁ ମୁକ୍ତ ।

*

ମନୁଷ୍ୟ ଓ ମନ ସୃଷ୍ଟିର ଶେଷ କଥା ନୁହନ୍ତି । ପ୍ରସ୍ତୁତି ପଥରେ ରହିଛି ଏକ ଅତିମାନସ ସତ୍ତା ।

*୨୫ ଡିସେମ୍ବର ୧୯୭୨*

*

ମନ ପ୍ରକୃତ ସତ୍ୟ ଜାଣେ ନାହିଁ; ଆନ୍ତରିକ ଭାବରେ ଅତିମାନସ ପାଇଁ ଅଭୀପ୍ସା କର ।

*ଜାନୁଆରୀ ୧୯୭୩*

*

ଆମ ଅଭୀପ୍ସାର ଲକ୍ଷ୍ୟ ହେଉଛି ଅତିମାନବ ଜଗତ୍ ।

*

ବର୍ତ୍ତମାନ ଯାହା ଅଛି ଓ ଭବିଷ୍ୟତରେ ଯାହା ଉପଲବ୍ଧ ହେବ ତା' ଭିତରେ ମନୁଷ୍ୟ ହେଉଛି ଏକ ମଧ୍ୟବର୍ତ୍ତିକାଳୀନ ସତ୍ତା ।

*୩୦ ଅଗଷ୍ଟ ୧୯୫୪*

*

ପୃଥିବୀପୃଷ୍ଠରେ ମନୁଷ୍ୟ ହେଉଛି ଏକ ଗତିଶୀଳ ସତ୍ତା, ତେଣୁ ତା'ର ବିବର୍ତ୍ତନର ପଥରେ ସେ ତା'ର ଅନେକଗୁଡ଼ିଏ କ୍ରମ ବିକାଶଶୀଳ ପ୍ରକୃତିର ଅଧିକାରୀ ହୋଇଥିଲା ଯାହାକି ଏକ କ୍ରମ ଉତ୍ତରଣର ପଥରେ ତାହାକୁ ଆଗେଇ ନେଇଥିଲା । ଏହା ଏହିପରି ଭାବରେ ଚାଲିବ ଯେପର୍ଯ୍ୟନ୍ତ ଶେଷରେ ଯାଇ ସେ ପହଞ୍ଚିବ ଅତିମାନସ ପ୍ରକୃତିର ପାଖାପାଖି ଅବସ୍ଥାରେ ଏବଂ ରୂପାନ୍ତରିତ ହେବ ଅତିମାନବରେ । ଏହି ଗତିପଥ ହେଉଛି ମାନସିକ ବିକାଶର ଘୂରିଘୂରି ଉପରକୁ ଉଠିଥିବା ପଥ । ଯେକୌଣସି ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତିକୁ ଆମେ ''ସ୍ୱାଭାବିକ'' ବୋଲି କହିଥାଉ ଯାହା ଆମର ପୂର୍ବକଳ୍ପିତ କୌଣସି ନିଷ୍ପତ୍ତି ବା ନିର୍ବାଚନ ଉପରେ ନିର୍ଭର କରେ ନାହିଁ । ଅର୍ଥାତ୍ ଯାହା କୌଣସି ମାନସିକ କ୍ରିୟାର ହସ୍ତକ୍ଷେପ ନୁହେଁ । ସେଇଥିପାଇଁ ଯେତେବେଳେ ମନୁଷ୍ୟ ଏକ ପ୍ରାଣିକ ସ୍ୱତଃସ୍ଫୂର୍ତ୍ତତା ନେଇ କାର୍ଯ୍ୟ କରେ, ଯାହାକି ମାନସିକ ନୁହେଁ, ତାହା ଆମକୁ ତା'ର ସରଳତା ଯୋଗୁଁ ଅଧିକ ସ୍ୱାଭାବିକ ମନେହୁଏ । କିନ୍ତୁ ଏହା ହେଉଛି ଏକ ପଶୁସୁଲଭ ସ୍ୱାଭାବିକତା, ଯାହା ମାନବୀୟ ବିବର୍ତ୍ତନର ସୋପାନରେ ସବୁଠାରୁ ତଳରେହିଁ ରହିଥାଏ ।

*

ତୁମେ କେବେହେଲେ ଭୁଲିଯିବା ଉଚିତ ନୁହେଁ ଯେ ବାହ୍ୟ ବ୍ୟକ୍ତିଟି ହେଉଛି ଚିରନ୍ତନ **ବାସ୍ତବତାର** ଏକ ଆକାର ଓ ପ୍ରତୀକମାତ୍ର । ଏବଂ ଦୈହିକ ଆକୃତି ଦେଇ ଗଲାବେଳେ ତୁମକୁ ଏହି ଚିରନ୍ତନ ବାସ୍ତବତା ଦିଗରେହିଁ ନିଜକୁ ଫେରାଇ ଆଣିବାକୁ ପଡ଼ିବ । ଦୈହିକ ସତ୍ତା କେବେହେଲେ ଯଥାର୍ଥରେ ଚିରନ୍ତନ ବାସ୍ତବତାକୁ ପ୍ରକାଶ କରିପାରେ ନାହିଁ । ଯେପର୍ଯ୍ୟନ୍ତ ଏହା ପୂରାପୂରି ଅତିମାନସ ଅଭିବ୍ୟକ୍ତି ଦ୍ୱାରା ରୂପାନ୍ତରିତ ହୋଇ ନାହିଁ, ସେପର୍ଯ୍ୟନ୍ତ ଏହାର ଭିତରଦେଇ ଯାଇ ତୁମକୁ ଦିବ୍ୟସତ୍ୟରେ ପହଞ୍ଚିବାକୁ ହେବ ।

(MCW, Vol. 15, pp. 115 - 119)

# ଏକ ନୂତନ ସ୍ୱର୍ଗ ଓ ଏକ ନୂତନ ପୃଥିବୀ

## [ଅତିମାନସ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କର ଏକ ପତ୍ର]

ମୁଁ ଯେପରି କହିଛି ଯେ ପାର୍ଥିବ ଚେତନାରେ ଏକ ନୂତନ ଅତିମାନସ ତତ୍ତ୍ୱର ଆବିର୍ଭାବ ଓ ଅଭିବ୍ୟକ୍ତି ହେଲେ ଏବଂ ମନ, ପ୍ରାଣ ଓ ଜଡ଼ ଏଠାରେ ନିଜକୁ ଯେପରି ସଙ୍ଗଠିତ କରିଛନ୍ତି, ଅତିମାନସ ସେହିପରି ନିଜକୁ ଏଠାରେ ସଙ୍ଗଠିତ କଲେ – କାର୍ଯ୍ୟତଃ ଏହି ଆବିର୍ଭାବର ଅର୍ଥ ତାହାହିଁ ହେବ – ତାହାର ଫଳାଫଳ କ'ଣ ହେବ ସେସମ୍ପର୍କରେ କୌଣସି ଅନୁମାନ କରିବା ହେବ ଟିକିଏ ବିପଜ୍ଜନକ ଓ ଅକାଳପକ୍ୱ। କାରଣ ଆମେ ଏହିସବୁ ଅନୁମାନ ମନ ଦ୍ୱାରା କରିବାକୁ ବାଧ୍ୟ ଏବଂ ମନର ଊର୍ଦ୍ଧ୍ୱରେ ଯେଉଁ ସତ୍ୟ ରହିଛି ତାହାର କ୍ରିୟାକଳାପ ସମ୍ପର୍କରେ କୌଣସି ଭବିଷ୍ୟତ୍ ବୟାନ ଦେବାର ସାମର୍ଥ୍ୟ ମନର ନାହିଁ – ଠିକ୍ ଯେପରି କେବଳ ପଶୁ-ସ୍ତରୀୟ ବା ପ୍ରାଣିକ ଦୃଷ୍ଟି ପକ୍ଷେ ଏଠାରେ ମନ ଓ ମନପ୍ରଧାନ ଜାତିର କ୍ରିୟାକଳାପ ସମ୍ପର୍କରେ କୌଣସି ଭବିଷ୍ୟତ୍ କଳ୍ପନା କରିବା ଅସମ୍ଭବ ହୋଇଥା'ନ୍ତା। ଅତିମାନସ ହେଉଛି ଚେତନାର ସମ୍ପୂର୍ଣ୍ଣ ଭିନ୍ନ ଏକ ବିନ୍ୟାସ, ଯାହାକି ମାନସିକ ଚେତନାଠାରୁ ବହୁ ଦୂରରେ ଏବଂ ପ୍ରକୃତିରେ ମାନବୀୟ ମନ ଓ ଅତିମାନସ ଭିତରେ ଉଚ୍ଚତର ଚେତନାର ଅନେକଗୁଡ଼ିଏ କ୍ରମିକ ସ୍ତରବିନ୍ୟାସ ରହିଛି। ଯଦି ପୃଥିବୀ ଏକ କ୍ରମପରିଣାମମୂଳକ ବା ବିବର୍ତ୍ତନମୂଳକ ଜଗତ୍ ନହୋଇ ଗୋଟିଏ ନିର୍ଦ୍ଦିଷ୍ଟ ଢାଞ୍ଚାର ଜଗତ୍ ହୋଇଥା'ନ୍ତା, ତା'ହେଲେ ଏପରି ଭବିଷ୍ୟତ୍ ବାଣୀ କରାଯାଇ ପାରନ୍ତା ଯେ ଏକ ଉଚ୍ଚତର ନମୁନାର ଚେତନା ଅବତରଣ କରିଲେ ତାହା ବର୍ତ୍ତମାନ ରହିଥିବା ଚେତନାକୁ ଆତ୍ମସାତ୍ କରିନେବ ବା ଉଚ୍ଛେଦ କରିଦେବ। ଏହା ଫଳରେ ଅଜ୍ଞାନର ପରିସମାପ୍ତି ଘଟନ୍ତା ଏବଂ ଅଜ୍ଞାନ ନିର୍ମିତ ସୃଷ୍ଟି ମଧ୍ୟ ଅନ୍ତର୍ହିତ ହୋଇଯାଆନ୍ତା ଅନ୍ୟ ଏକ ରୂପରେ ପରିବର୍ତ୍ତିତ ହେବା ଦ୍ୱାରା ବା ତାହାକୁ ଉଚ୍ଛେଦ କରି ତାହା ସ୍ଥାନରେ ଅନ୍ୟ ଏକ ନିର୍ମାଣର ରୂପାୟଣ ଦ୍ୱାରା। ମଣିଷର ମନୋମୟ ଜଗତ୍ ରୂପାନ୍ତରିତ ହୁଅନ୍ତା ଅତିମାନସରେ ଏବଂ ସେହି ବିବର୍ତ୍ତନ ରହିତ ନମୁନାର ଜଗତରେ ଯଦି ପ୍ରାଣିକ ଅର୍ଦ୍ଧମାନବ ଚେତନା ରହିଥାଆନ୍ତା, ତା'ହେଲେ ତାହା ମଧ୍ୟ ଅତିମାନସରେ ରୂପାନ୍ତରିତ ହୋଇଯାଆନ୍ତା। କିନ୍ତୁ ଯେହେତୁ ପୃଥିବୀ ଏକ ବିବର୍ତ୍ତନ ବା କ୍ରମପରିଣାମର ଜଗତ୍, ଅତିମାନସ ଅବତରଣର ପରିଣତି ଏପରି ସମ୍ପୂର୍ଣ୍ଣ ସର୍ବଗ୍ରାସୀ ହେବାର ସମ୍ଭାବନା ନାହିଁ। ଏହା ହେବ କେବଳ ଚେତନାର ଏକ ନୂତନ ତତ୍ତ୍ୱର ଓ ସଚେତ ସତ୍ତାମାନଙ୍କର ଏକ ନୂତନ ବ୍ୟବସ୍ଥାକ୍ରମର ପ୍ରତିଷ୍ଠା। ଏହି ନୂତନ ତତ୍ତ୍ୱହିଁ ଜାଗତିକ ବିଧିବ୍ୟବସ୍ଥାରେ ତା'ର ନିଜସ୍ୱ ରୂପ ଓ ଶକ୍ତିକୁ ବିବର୍ତ୍ତିତ କରିବ।

ଏପରିକି ସମଗ୍ର ମାନବସମାଜ ତତ୍କ୍ଷଣାତ୍ ପୂରାପୂରି ଅତିମାନସରେ ରୂପାନ୍ତରିତ ହୋଇଯିବ ନାହିଁ ବା ସେପରି ହେବାର କୌଣସି ପ୍ରୟୋଜନ ନାହିଁ। କିନ୍ତୁ ତହିଁ ସଙ୍ଗେ ସଙ୍ଗେ ପୃଥିବୀରେ ଅତିମାନସ ସୃଷ୍ଟିର ଆରମ୍ଭ ପାର୍ଥିବ ଜୀବନର ବାକିସବୁ ଅଂଶ ଉପରେ ଏକ ଶକ୍ତିଶାଳୀ ପ୍ରଭାବ ପକାଇବାକୁ ବାଧ୍ୟ। ମଣିଷସମାଜ ଉପରେ ଏହାର ପ୍ରଥମ ପ୍ରଭାବ ହେବ ସତ୍ୟ ଜ୍ୟୋତିଃର ବ୍ୟବସ୍ଥାକ୍ରମ ଏବଂ ଅଜ୍ଞାନର ବ୍ୟବସ୍ଥାକ୍ରମସବୁ ଭିତରେ ସ୍ୱୟଂ ଏହି ପୃଥିବୀପୃଷ୍ଠରେହିଁ ଏକ ପଥ ଖୋଲିଦେବା। ଏହା ହେବ ଉପଲବ୍ଧିର ଏକ କ୍ରମବିନ୍ୟାସ ଯାହା ଫଳରେ ମନପ୍ରଧାନ ମାନବ ପକ୍ଷେ ଅଜ୍ଞାନରୁ ଦିବ୍ୟ-ଆଲୋକ ଦିଗରେ ଅଧିକ ସହଜ ଓ ନିଶ୍ଚିତଭାବେ ବିବର୍ତ୍ତିତ ହେବା ସମ୍ଭବ ହେବ ଏବଂ ସେ ଯେତେ ଯେତେ ଆଗେଇ ଯାଉଥିବ ସେହି ପଥର ପଦକ୍ଷେପ ଓ ସୋପାନ ଅନୁଯାୟୀ ନିଜର ଅସ୍ତିତ୍ୱକୁ ସଙ୍ଗଠିତ କରିଦେଇ ପାରୁଥିବ। କାରଣ ବର୍ତ୍ତମାନ ମନ ଓ ଅତିମାନସ ଭିତରେ ଥିବା ଚେତନାର କ୍ରମବିନ୍ୟସ୍ତ ସ୍ତରସବୁ ମଣିଷର ମନ ଓ ଚେତନା ଉପରେ କେବଳ ଏକ ପ୍ରଭାବ ଆକାରରେହିଁ କ୍ରିୟା କରେ (ଏଥି ମଧ୍ୟରୁ ସର୍ବୋଚ୍ଚ ସ୍ତରଟିର ପ୍ରଭାବ ଅତ୍ୟନ୍ତ ପରୋକ୍ଷ), ଏହା ଅପେକ୍ଷା ତାହା ଅଧିକ କିଛି କରିପାରିବ ନାହିଁ। କିନ୍ତୁ ଏହି କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆସିପାରେ। ଏକ ସଙ୍ଗଠିତ ଉଚ୍ଚତର ମାନବ ଚେତନାର ବା ତା'ର ବିଭିନ୍ନ ମାତ୍ରାର ଆବିର୍ଭାବ ହୋଇପାରେ, ଯେତେବେଳେ କି ଅତିମାନସ ସଙ୍ଗଠିତ ଚେତନା ନେତାରୂପେ ସବା ଉପରେ ରହି ଅନ୍ୟଗୁଡ଼ିକୁ ପ୍ରଭାବିତ କରିବ ଏବଂ ସେମାନଙ୍କୁ ନିଜ ଆଡ଼କୁ ଆକର୍ଷିତ କରିବ। ଖୁବ୍ ସମ୍ଭବ ଏପରି ହୋଇପାରେ ଯେ ଅତିମାନସ ତତ୍ତ୍ୱ ନିଜକୁ ଯେତିକି ବିବର୍ତ୍ତିତ କରୁଥିବ, ସ୍ୱୟଂ ବିବର୍ତ୍ତନ ମଧ୍ୟ ଅଧିକରୁ ଅଧିକ ଅନ୍ୟ ଏକ ବିଭାବକୁ ରୂପାୟିତ

କରିବ – ସେତେବେଳେ ଦିବ୍ୟପ୍ରକୃତି ଅଧିକାଧିକ ଭାବେ ନିଜର କର୍ତ୍ତୃତ୍ୱ ବିସ୍ତାର କରିବ ଏବଂ ଅସୁର-ରାକ୍ଷସ-ପୈଶାଚିକ ପ୍ରକୃତି ଯାହାକି ବର୍ତ୍ତମାନ ଏତେ ବିରାଟ ସ୍ଥାନ ମାଡ଼ି ବସିଛି ତାହା ଅଧିକରୁ ଅଧିକ ପଛକୁ ହଟିଯିବ ଓ ନିଜର କ୍ଷମତା ହରାଇବ । ସର୍ବତ୍ର ଏକ ଅଧିକତର ଐକ୍ୟ, ସୌଷମ୍ୟ ଓ ଆଲୋକର ତତ୍ତ୍ୱ ପ୍ରକଟିତ ହେବ । ଏହା ନୁହେଁ ଯେ ଅଜ୍ଞାନର ସୃଷ୍ଟି ପୂରାପୂରି ଲୋପ ପାଇଯିବ, କିନ୍ତୁ ଏହା ନିଜର ଦୁଃଖ ଯନ୍ତ୍ରଣା ଓ ମିଥ୍ୟାଚାରର ଉପାଦାନଗୁଡ଼ିକୁ ଅନେକାଂଶରେ ହରାଇବାକୁ ଆରମ୍ଭ କରିବ । ଏବଂ ଆମେ ବର୍ତ୍ତମାନ ଅରାଜକତା ଓ ସଂଘର୍ଷର, ଅନ୍ଧକାର ଓ ବିଭ୍ରାନ୍ତିର ଯେଉଁ ରାଜୁତି ଦେଖୁଛୁ ତା' ପରିବର୍ତ୍ତେ ଅଧିକତର ଭାବରେ ଏହା ହେବ ସ୍ୱଚ୍ଛତର ସତ୍ୟରୁ ଉଚ୍ଚତର ସତ୍ୟ ଦିଗରେ, ସ୍ୱଚ୍ଛତର ସୌଷମ୍ୟରୁ ଉଚ୍ଚତର ସୌଷମ୍ୟ ଦିଗରେ ଏବଂ ସ୍ୱଚ୍ଛତର ଆଲୋକରୁ ଉଚ୍ଚତର ଆଲୋକ ଦିଗରେ ଏକ ଅଗ୍ରଗତି । କାରଣ ସମସ୍ତ ଗୁହ୍ୟ ବିଦ୍ୟାର ଶିକ୍ଷା ଅନୁସାରେ ବିବର୍ତ୍ତନମୂଳକ ଏହି ସୃଷ୍ଟି ଠିକ୍ ଏହି ଭାବରେହିଁ ଅଗ୍ରଗତି କରିପାରି ଥା'ନ୍ତା । କିନ୍ତୁ ଅନ୍ଧକାର ଶକ୍ତିମାନଙ୍କର ହସ୍ତକ୍ଷେପ ଫଳରେ ତାହା ସେପରି ହୋଇପାରିଲା ନାହିଁ – ବେଦ ଓ ଉପନିଷଦ୍ ସମେତ ସମସ୍ତ ପରମ୍ପରା ନାନା ଦୃଷ୍ଟାନ୍ତ ଦେଇ ସେଇ ଗୋଟିଏ କଥାହିଁ ସୂଚାଇଛନ୍ତି । ଉପନିଷଦ୍‌ରେ ସେହିସବୁ ଦୈତ୍ୟମାନଙ୍କ କଥା କୁହାଯାଇଛି, ଯେଉଁମାନେ ମନ୍ଦକୁ ଅସ୍ତ୍ର ରୂପେ ବ୍ୟବହାର କରି ଦେବତାମାନଙ୍କର ସମସ୍ତ ସୃଷ୍ଟି ଉପରେ ପ୍ରଚଣ୍ଡ ଆଘାତ ଆଣନ୍ତି । ଜୋରାଷ୍ଟ୍ରିଆନ୍ ଶିକ୍ଷାରେ ମଧ୍ୟ ଅହୁର ମଜ୍‌ଦାଙ୍କ କର୍ମକୁ ନଷ୍ଟ କରିବା ପାଇଁ ଆହ୍‌ରିମାନ୍ ଆଗେଇ ଆସନ୍ତି, କ୍ୟାଲ୍‌ଡିଆନ୍ ଧର୍ମରେ ମଧ୍ୟ ଏହିପରି ବିଭିନ୍ନ ପ୍ରତୀକକୁ ବ୍ୟବହାର କରାଯାଇଛି । କିନ୍ତୁ ସବୁକ୍ଷେତ୍ରରେ ତାତ୍ପର୍ଯ୍ୟଟି ସେହି ସମାନ; ଏପରି ଅପଶକ୍ତିମାନଙ୍କ ବିଷୟରେ କୁହାଯାଇଛି ଯେଉଁମାନେ ସୃଷ୍ଟିର ସୌଷମ୍ୟପୂର୍ଣ୍ଣ ବିକାଶକୁ ବ୍ୟାହତ କରିବା ପାଇଁ ଏବଂ ଅନ୍ଧକାର ଓ ବିଶୃଙ୍ଖଳାର ତତ୍ତ୍ୱକୁ କାର୍ଯ୍ୟକାରୀ କରିବା ପାଇଁ ବରାବର ତତ୍ପର ହୋଇ ରହିଛନ୍ତି । ଗୁହ୍ୟବିଦ୍ୟା ପରମ୍ପରା ମଧ୍ୟ ସ୍ୱୀୟ ଭବିଷ୍ୟ ଦୃଷ୍ଟିରେ ଏହି ବିଭ୍ରାଟକାରୀ ଶକ୍ତି ଓ ଉପାଦାନଗୁଡ଼ିକର ବିନାଶ ଓ ପୃଥିବୀ ଉପରେ ଏକ ଭଗବତ୍ ତତ୍ତ୍ୱ ବା କ୍ଷମତାର ଅବତରଣକୁ ସୂଚିତ କରିଛି । ଅବଶ୍ୟ ସାଧାରଣତଃ ସେମାନେ ଏହା ହଠାତ୍ ଓ ନାଟକୀୟ ରୂପରେ ଘଟିବ ବୋଲି ଧରି ନେଇଛନ୍ତି । ମୁଁ ମନେ କରୁଛି ଅତିମାନସ ଅବତରଣ ସେହି ଘଟନାଟିକୁହିଁ ଘଟାଇବ ଅନ୍ଧକାରର କ୍ରମବିଲୋପ ଓ ଦିବ୍ୟ-ଆଲୋକର କ୍ରମବିକାଶ ଦ୍ୱାରା । କିନ୍ତୁ ଏହି କାର୍ଯ୍ୟଟି ଦ୍ରୁତତାର କେଉଁ ବେଗ ନେଇ ଆଗେଇ ଚାଲିବ ସେ ସମ୍ପର୍କରେ କୌଣସି ଭବିଷ୍ୟ ବାଣୀ ବା ପୂର୍ବ ସୂଚନା ପାଇଁ ଚେଷ୍ଟା କରିବା ହେବ ଏକ ବିବେଚନାହୀନ କାର୍ଯ୍ୟ ।

ଏହା ଏକ ଅତ୍ୟନ୍ତ ସାଧାରଣ ବିବୃତି, କିନ୍ତୁ ତୁମର ପ୍ରଥମ ପ୍ରଶ୍ନର ଉତ୍ତର ହିସାବରେ ଏହା ଯଥେଷ୍ଟ । ତେବେ ତହିଁରେ କେବଳ ଏତିକି ଯୋଗ କରିବା ପ୍ରୟୋଜନ ଯେ ଉଚ୍ଚତର ଦିବ୍ୟ ସତ୍ୟାଲୋକର ଏହି ଅତିମାନସ ସୃଷ୍ଟି ବିବର୍ତ୍ତନଧର୍ମୀ ଏକ ସୃଷ୍ଟି ହେବାରେ କୌଣସି ବାଧା ନାହିଁ । ସବୁଦିନ ପାଇଁ ଚୂଡ଼ାନ୍ତଭାବେ ଧାର୍ଯ୍ୟ ହୋଇଯାଇଥିବା ଗୋଟିଏ ପ୍ରକାର ନମୁନାର ଏକ ସ୍ଥିରୀକୃତ ସୃଷ୍ଟି ନହୋଇ ବହୁବିଧ ବୈଚିତ୍ର୍ୟ ଭିତରେ ଦିବ୍ୟସତ୍ୟ ଓ ସୌଷମ୍ୟର ଏହା ଏକ ନିରବଚ୍ଛିନ୍ନ ପ୍ରସ୍ଫୁଟନର ସୃଷ୍ଟି ହେବାରେ କୌଣସି ବାଧା ନାହିଁ । ଯାହା ନିଷ୍ପତ୍ତିମୂଳକଭାବେ ଅବଧାରିତ, ତାହା ହେଉଛି ଗୋଧୂଳି ଆଲୋକ ଓ ଯଥାର୍ଥ ଦିବ୍ୟାଲୋକ ଭିତରେ ରହିଥିବା ସୀମା ରେଖାକୁ ଅତିକ୍ରମ କରିବା; ବିକାଶର ଭିତ୍ତିଭୂମିକୁ ଅଜ୍ଞାନର ଚେତନା ଭିତରୁ ସ୍ଥାନାନ୍ତରିତ କରି ସତ୍ୟଚେତନା ଭିତରକୁ ନେଇ ଆସିବା । ଏହି ସ୍ଥଳରେ ତାହାହିଁ ହେବ ଚୂଡ଼ାନ୍ତ । ଆଧ୍ୟାତ୍ମିକ ସତ୍ୟର ଏକ ଜଗତ୍ ଭିତରକୁ ଏହି ସଂକ୍ରମଣ ନିଜକୁ କେବଳ ସାର୍ଥକ କରି ପାରିବ ଯଦି ପ୍ରଥମତଃ ସମଗ୍ର ପାର୍ଥିବ ଚେତନା ପୂରାପୂରି ଅତିମାନସ ଭାବାପନ୍ନ ହୋଇଉଠେ ଓ ଦ୍ୱିତୀୟତଃ ତା'ପରେ ଯଦି ଏହିଠାରେହିଁ ସଚ୍ଚିଦାନନ୍ଦର ସେହିସବୁ ଜଗତର ତତ୍ତ୍ୱ ଉପଲବ୍ଧ ହେବାର ପର୍ଯ୍ୟାୟ ଆସେ ଯେଉଁଠି ସର୍ବ ଭିତରେ ସର୍ବଙ୍କର ଅନୁପ୍ରବେଶ ଫଳରେ ସମସ୍ତ ପ୍ରକାର ସ୍ଥିରୀକୃତ ନିର୍ଦ୍ଧାରଣ ଅନ୍ତର୍ହିତ ହୋଇଯାଏ । କିନ୍ତୁ ଏହି ଧରଣର ବିଚାର ହେବ ଭବିଷ୍ୟତ୍ ସମ୍ଭାବନାର ଅତ୍ୟଧିକ ସୁଦୂରକୁ ଦୃଷ୍ଟି ନିକ୍ଷେପ କରିବା । ସଂକ୍ଷେପରେ କୁହାଯାଇପାରେ ଯେ ଯଦି ଅତିମାନସ ତତ୍ତ୍ୱର ଅବତରଣ ଘଟେ ତେବେ ଏଠାରେ କୌଣସି ଅପାର୍ଥିବ ଅବସ୍ଥା ଭିତରେ ସ୍ୱର୍ଗର ପୁନଃ ସ୍ଥାପନା ନୁହେଁ, କିନ୍ତୁ ଏହା ହେବ ସ୍ୱୟଂ ଏହି ପାର୍ଥିବ ଚେତନା ଭିତରେ ''ଏକ ନୂତନ ସ୍ୱର୍ଗ ଓ ଏକ ନୂତନ ପୃଥିବୀର ସୃଷ୍ଟି'', ଏହା ହେବ ପାର୍ଥିବ ବ୍ୟବସ୍ଥାକ୍ରମରେ ପୂର୍ଣ୍ଣତା ଓ ରୂପାନ୍ତର ଆଣିଦେବା, ତାହାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିଦେବା ନୁହେଁ ।

*(ଅବଶିଷ୍ଟାଂଶ ପୃଷ୍ଠା ୧୯ରେ ଦେଖନ୍ତୁ)*

# ଅତିମାନସ ସମ୍ପର୍କରେ ମା'ଙ୍କର ଏକ ଅନୁଭୂତି

## (୧୯୫୮, ନଭେମ୍ବର ୧୩)

ସତ କହିବାକୁ ଗଲେ, ନିମ୍ନତର ଅପରାର୍ଦ୍ଧ ଜଗତର ଉର୍ଦ୍ଧ୍ୱରେ ଥିବା ଦିବ୍ୟ-ଆଲୋକ ଭିତରେ ସ୍ଥାୟୀ ଭାବରେ ପ୍ରବେଶ ନ କରିବା ଯାଏଁ ତୁମେ ବିରୋଧୀ ଶକ୍ତିର କବଳରୁ ପୂରା ମୁକ୍ତ ହୋଇ ପାରିବ ନାହିଁ । ଏବଂ ସେହି ଉର୍ଦ୍ଧ୍ୱତର ଜଗତରେ 'ବିରୋଧୀ ଶକ୍ତି' ତଥାପି ତା'ର ସମସ୍ତ ଅର୍ଥ ହରାଇ ଥାଏ, ସେଠାରେ କେବଳ ଅଗ୍ରଗତିର ଶକ୍ତି ରହିଛି ଯାହାଦ୍ୱାରା ତୁମେ ଅଗ୍ରଗତି କରିବା ପାଇଁ ବାଧ୍ୟ ହେବ । କିନ୍ତୁ ଜିନିଷଟିକୁ ସେହି ଭାବରେ ଦେଖିବାକୁ ହେଲେ ତୁମକୁ ନିମ୍ନତର ଅପରାର୍ଦ୍ଧ ଭିତରୁ ବାହାରି ଆସିବାକୁ ହେବ । କାରଣ ନିମ୍ନତର ଜଗତରେ ବିରୋଧୀ ଶକ୍ତିଗୁଡ଼ିକ ଅତ୍ୟନ୍ତ ବାସ୍ତବ ଭାବରେ ଦିବ୍ୟଯୋଜନାର ବିରୋଧ କରିଥା'ନ୍ତି ।

ପ୍ରାଚୀନ ପରମ୍ପରାରେ ଏପରି କୁହାଯାଇଛି ଯେ ସେହି ଉର୍ଦ୍ଧ୍ୱତର ଅବସ୍ଥାରେ ତୁମେ ଏକୋଇଶ ଦିନରୁ ଅଧିକତର ରହିପାରିବ ନାହିଁ; ଯଦି ରୁହ ତା'ହେଲେ ତୁମକୁ ତୁମର ଶରୀରତ୍ୟାଗ କରି ପରମ ଉତ୍ସ ଭିତରକୁ ଫେରିଯିବାକୁ ହେବ । କିନ୍ତୁ ବର୍ତ୍ତମାନ ଏହା ଆଉ ସତ୍ୟ ନୁହେଁ ।

ଅତିମାନସ ଉପଲବ୍ଧି ଦ୍ୱାରା ଯେଉଁ ନିଖୁଣ ପୂର୍ଣ୍ଣ ସୌଷମ୍ୟର ଅବସ୍ଥା ସମ୍ଭବ ହେବ, ତାହା ସମସ୍ତ ଆକ୍ରମଣର ଉର୍ଦ୍ଧ୍ୱରେ । ଯେଉଁମାନେ ଅତିମାନସ ରୂପାନ୍ତର ପାଇଁ ନିୟତି ନିର୍ଦ୍ଧାରିତ ହୋଇ ରହିଛନ୍ତି ସେସମସ୍ତଙ୍କ ପାଇଁ ଏ ସତ୍ୟଟି ଉପଲବ୍ଧ ଓ ସିଦ୍ଧ ହେବ । ବିରୋଧିଶକ୍ତିମାନେ ଖୁବ୍ ଭଲ ଭାବେ ଜାଣନ୍ତି ଯେ ଅତିମାନସ ଜଗତରେ ସେମାନଙ୍କର ଆଉ କୌଣସି କାମ ନ ଥିବାରୁ ସେମାନେ ଆପେ ଆପେ ଲୋପ ପାଇଯିବେ । ସେମାନଙ୍କୁ ଲୋପ କରିବା ପାଇଁ କିଛି କରିବାର ପ୍ରୟୋଜନ ନାହିଁ; କେବଳ ଅତିମାନସ ଶକ୍ତିର ଉପସ୍ଥିତି ଫଳରେହିଁ ସେମାନେ ନିଶ୍ଚିହ୍ନ ହୋଇଯିବେ । ସେଇଥିପାଇଁ ସେମାନେ ପ୍ରଚଣ୍ଡ କ୍ରୋଧ ନେଇ ସବୁକିଛିକୁ ଅସ୍ୱୀକାର କରି, ସବୁକିଛିକୁ ନଷ୍ଟଭ୍ରଷ୍ଟ କରି, ଚାରିଆଡ଼େ ଧସେଇ ମାଡ଼ିଯିବାକୁ ଆଗଭର ହୋଇଛନ୍ତି ।

କିନ୍ତୁ ଉର୍ଦ୍ଧ୍ୱତର ଜଗତ୍ ଓ ନିମ୍ନତର ଜଗତ୍ ଭିତରେ ସଂଯୋଗ-ସେତୁଟି ପୂରା ନିର୍ମିତ ହୋଇ ନାହିଁ, ଏହା ରହିଛି ନିର୍ମାଣ-ପଥରେ – ଫେବ୍ରୁଆରୀ ୩ ତାରିଖରେ ମୋର ଯେଉଁ ଅନୁଭୂତିଟି ହୋଇଥିଲା ଏହାହିଁ ତାହାର ଅର୍ଥ – ଲକ୍ଷ୍ୟହେଲା ଦୁଇ ଜଗତ୍ ଭିତରେ ଏକ ସଂଯୋଗ ସ୍ଥାପନ କରିବା । ବସ୍ତୁତଃ ଦୁଇଟି ଯାକ ଜଗତ୍ ରହିଛନ୍ତି – ଗୋଟିକ ଉପରେ ଅନ୍ୟଟି ନୁହେଁ, ଦୁଇ ଧରଣର ଭିନ୍ନ ଭିନ୍ନ ମାତ୍ରାୟତନ (Dimension) ନେଇ ଗୋଟିଏ ଭିତରେହିଁ ଅନ୍ୟଟି ରହିଛି; କିନ୍ତୁ ଦୁଇଟି ଭିତରେ କୌଣସି ଯୋଗାଯୋଗ ନାହିଁ । ଉଭୟ ଏକତ୍ର ଯୁକ୍ତହୋଇ ନ ରହି ସେମାନେ ପରସ୍ପର ଉପରେ ମାଡ଼ିଯାଇ ପରସ୍ପରକୁ ଆବୃତ କରି ରହିଛନ୍ତି । ଫେବ୍ରୁଆରୀ ୩ ତାରିଖ ଅନୁଭୂତିରେ ମୁଁ ଏଠାକାର ଓ ଅନ୍ୟସ୍ଥାନର କେତେକ ବ୍ୟକ୍ତିଙ୍କୁ ଦେଖିଲି ଯେଉଁମାନେ ସେମାନଙ୍କ ସତ୍ତାର ଗୋଟିଏ ଅଂଶରେ ଅତିମାନସ ଜଗତର ଅନ୍ତର୍ଗତ ହୋଇ ସାରିଛନ୍ତି କିନ୍ତୁ କୌଣସି ସଂଯୋଗ ସୂତ୍ର ବା ସଂଯୋଗ କେନ୍ଦ୍ର ରହି ନାହିଁ । ବିଶ୍ୱ ଇତିହାସରେ ବର୍ତ୍ତମାନ ଠିକ୍ ସେହି ସମୟ ଉପସ୍ଥିତ ଯେତେବେଳେ ସେହି ସଂଯୋଗଟି ନିଶ୍ଚୟ ପ୍ରତିଷ୍ଠିତ ହେବ ।

ନଭେମ୍ବର ୫ର ଅନୁଭୂତି ଏହି ଦୁଇ ଜଗତ୍ ଭିତରେ ସଂଯୋଗ ନିର୍ମାଣ ଦିଗରେ ଏକ ନୂତନ ପଦକ୍ଷେପ । ମୁଁ ଅତିମାନସ ସୃଷ୍ଟିର ମୂଳ ଉତ୍ସ ଭିତରକୁ, ସେହି ଉଷ୍ଣ ସୁବର୍ଣ୍ଣ, ବିପୁଳ ଜୀବନ୍ତ ଶକ୍ତି, ସାର୍ବଭୌମ ଶାନ୍ତି ଭିତରକୁ ଅଭିକ୍ଷିପ୍ତ (Projected) ହୋଇଥିଲି । ମୁଁ ପୁଣି ଥରେ ଦେଖିଲି ଏହି ଅତିମାନସ ଜଗତର ନିୟାମକରୂପେ ଯେଉଁସବୁ ମୂଲ୍ୟବୋଧ ରହିଛି, ସେଗୁଡ଼ିକର ଏଠାକାର ଏହି ନିମ୍ନତର ଜଗତର ମୂଲ୍ୟବୋଧ ସହ କୌଣସି ସମ୍ପର୍କ ନାହିଁ । ଏପିରିକି ବିଜ୍ଞତମ ବ୍ୟକ୍ତିର ମୂଲ୍ୟବୋଧ ବା ଏପରିକି ନିରନ୍ତର ଭଗବତ୍ ସାନ୍ନିଧ୍ୟରେ ରହିଥିବା ବେଳେ ଯେଉଁ ମୂଲ୍ୟବୋଧଗୁଡ଼ିକୁ ଆମେ ସବୁଠୁ ଦିବ୍ୟ ବୋଲି ବିଚାର କରୁ ସେଗୁଡ଼ିକ ସହ ମଧ୍ୟ ତା'ର କୌଣସି ସମ୍ପର୍କ ନାହିଁ । ଏହା ପୂରାପୂରି ଭିନ୍ନ ।

ଭଗବାନଙ୍କୁ ଆମର ପୂଜା ଆରାଧନା ଓ ସମର୍ପଣ ସମୟରେ ଆମର ଯେଉଁ ଅବସ୍ଥା ହୋଇଥାଏ, ଏପରିକି ତାଙ୍କ ସହ ଏକାତ୍ମତା ସମୟରେ ଆମର ଯେଉଁ ଅବସ୍ଥା ହୋଇଥାଏ, ସେହି ଏକାତ୍ମତାର ଗୁଣ ମଧ୍ୟ ଭିନ୍ନ ହୋଇଯାଏ । ତାହା ନିର୍ଭର

କରେ ଆମେ ଏ ପାର୍ଶ୍ୱରେ ରହି ଏହି ନିମ୍ନର ଅପରାର୍ଦ୍ଧ ଜଗତରେହିଁ ଅଗ୍ରସର ହେଉଛୁ ନା ଏହାକୁ ଅତିକ୍ରମ କରି ପୂରାପୂରି ଅପରପାର୍ଶ୍ୱକୁ ଚାଲି ଯାଇଛୁ ଓ ଅପରପାର୍ଶ୍ୱର ସେହି ଉଚ୍ଚତର ପରାର୍ଦ୍ଧ ଜଗତରେ ଆମର ଉତ୍ଥାନ ଓ ନୂତନ ସ୍ଥିତି ଲାଭ ହୋଇଛି ।

ସେହି ସମୟରେ ଭଗବାନଙ୍କ ସହ ମୋର ସମ୍ବନ୍ଧର ସ୍ୱରୂପ ଓ ଗୁଣଧର୍ମ ଯାହା ହୋଇଥିଲା ତାହା ସମ୍ପୂର୍ଣ୍ଣ ଭିନ୍ନ ଧରଣର ଥିଲା; ଏଠାରେ ଭଗବାନଙ୍କ ସହ ଆମର ସମ୍ବନ୍ଧ ଏପରିକି ତାଙ୍କ ସହ ଏକାତ୍ମତାର ସ୍ୱରୂପ ଓ ଗୁଣଧର୍ମଠାରୁ ତାହା ସମ୍ପୂର୍ଣ୍ଣ ଭିନ୍ନ ଥିଲା । ନିମ୍ନତର ଗତିବୃତ୍ତିଗୁଡ଼ିକ ସମ୍ପର୍କରେ ଜଣେ ବେଶ୍ ବୁଝି ପାରିବ ଯେ ସେଗୁଡ଼ିକ ଭିନ୍ନ ପ୍ରକାରର; କିନ୍ତୁ ଏଠାରେ ଆମେ ସର୍ବୋଚ୍ଚ ଯେଉଁ ଅନୁଭୂତି ଲାଭ କଲୁ, ତାହା ହେଉଛି ଭଗବାନଙ୍କ ସଙ୍ଗେ ସେହି ଏକାତ୍ମତା, ଯେତେବେଳେ ଆମେ ଉପଲବ୍ଧି କରୁ ଯେ ସେହି ପରମହିଁ ରାଜତ୍ୱ କରୁଛନ୍ତି, କେବଳ ସେହିଁ ବାସ କରୁଛନ୍ତି । ଯେତେବେଳେ ଆମେ ନିମ୍ନତର ଜଗତରେ ରହିଥାଉ ସେତେବେଳେ ପରମଙ୍କ ସମ୍ପର୍କରେ ଆମର ଯେଉଁ ଉପଲବ୍ଧି ହୁଏ ଓ ଯେତେବେଳେ ଆମେ ଅତିମାନସ ଜୀବନରେ ବାସ କରୁ ସେତେବେଳେ ପରମଙ୍କ ସମ୍ପର୍କରେ ଆମର ଯେଉଁ ଉପଲବ୍ଧି ହୁଏ ତାହା ପରସ୍ପରଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଅତିମାନସ ଜୀବନରେ ବାସ କରୁଥିବା ବେଳେ ଉପଲବ୍ଧି ହୁଏ ସ୍ୱୟଂ ପରମ ମଧ୍ୟ ସମ୍ପୂର୍ଣ୍ଣ ଭିନ୍ନଭାବରେ ରାଜତ୍ୱ କରୁଛନ୍ତି, ସମ୍ପୂର୍ଣ୍ଣ ଭିନ୍ନଭାବରେ ବାସ କରୁଛନ୍ତି । ଉପଲବ୍ଧିର ସେହି ମୁହୂର୍ତ୍ତରେ ମୋର ଅନୁଭୂତି ପାଇଁ ଯାହା ତୀବ୍ରତା ଆଣି ଦେଇଥିଲା, ତାହା ହେଉଛି ଚେତନାର ଏହି ଦୁଇ ଅବସ୍ଥାକୁ ଅସ୍ପଷ୍ଟ ଭାବରେ ମୁଁ ସେହି ଏକ ସମୟରେହିଁ ପ୍ରତ୍ୟକ୍ଷ କରିଥିଲି । ଲାଗିଥିଲା ସତେ ଯେପରି ସ୍ୱୟଂ ପରମଙ୍କ ସ୍ୱରୂପହିଁ ଭିନ୍ନ, ଅର୍ଥାତ୍ ତାଙ୍କ ସ୍ୱରୂପ ସମ୍ପର୍କରେ ଆମର ଯେଉଁ ଅନୁଭୂତି ହୁଏ ତାହା ସମ୍ପୂର୍ଣ୍ଣ ଭିନ୍ନ ଧରଣର ଥିଲା । ଅଥଚ ଉଭୟ କ୍ଷେତ୍ରରେ ପରମଙ୍କ ସହ ମୋର ସଂଯୋଗ ପୂରା ବଜାୟ ରହିଥିଲା । ସମ୍ଭବତଃ ଏହି ଭିନ୍ନତାଟା ଆସିଥାଏ ଆମେ ପରମଙ୍କ ସ୍ୱରୂପ କ'ଣ ଦେଖୁ ଏବଂ କେଉଁ ଭାବରେ ଏହା ଆମ ଚେତନାରେ ରୂପ ନିଏ – କିନ୍ତୁ ସେହି ଅନୁଭୂତିର ଗୁଣଧର୍ମ ସମ୍ପୂର୍ଣ୍ଣ ଭିନ୍ନ ଥିଲା ।

ସେହି ପରାର୍ଦ୍ଧ ଅନ୍ୟ ଜଗତରେ ଏପରି ଏକ ତୀବ୍ରତା ଓ ପ୍ରାଚୁର୍ଯ୍ୟ ରହିଛି ଯେ ତାହା ନିଜକୁ ଏଠାକାର ଶକ୍ତିଠାରୁ ଭିନ୍ନ ଏକ ଶକ୍ତି ଓ ସାମର୍ଥ୍ୟ ମାଧ୍ୟମରେ ପ୍ରକାଶ କରେ । ଏହାକୁ କିପରି ବ୍ୟାଖ୍ୟା କରାଯାଇ ପାରିବ ! ତାହା ବ୍ୟାଖ୍ୟା କରିବା ସମ୍ଭବ ନୁହେଁ । ସ୍ୱୟଂ ଚେତନାର ଗୁଣଧର୍ମହିଁ ପରିବର୍ତ୍ତିତ ହୋଇଯିବା ଭଳି ମନେ ହୁଏ । ଏଠାରେ ଆମେ ଯେଉଁ ସର୍ବୋଚ୍ଚ ଶିଖରକୁ ଉଠିଯାଇ ପାରିବୁ ଏହା ତାହାଠାରୁ ଯେ ଆହୁରି ଉଚ୍ଚତର କିଛି ତାହା ନୁହେଁ, ଏହା ଆଉ ଏକ ଅଧିକ ଉପରର ପାବଚ୍ଛ ମଧ୍ୟ ନୁହେଁ । ଏଠାରେ ଆମେ ଚୂଡ଼ାନ୍ତରେ, ସର୍ବୋଚ୍ଚ ଶିଖରରେ ପହଞ୍ଚିପାରୁ । କିନ୍ତୁ ଯାହା ପ୍ରକୃତରେ ଭିନ୍ନ ତାହା ହେଉଛି ଗୁଣଧର୍ମ, ଏହି ଅର୍ଥରେ ଯେ ସେଠାରେ ଭିନ୍ନ ଏକ ପ୍ରାଚୁର୍ଯ୍ୟ, ଐଶ୍ୱର୍ଯ୍ୟ ଓ ସାମର୍ଥ୍ୟ ରହିଛି । ଏହା ମଧ୍ୟ ଆମ ରୀତିରେହିଁ ବିଷୟଟିର ବ୍ୟାଖ୍ୟା; ତାହା ଏପରି କିଛି ଯାହା ଆମେ ଧରି ପାରୁନା; ଯଥାର୍ଥରେ ଏହା ହେଉଛି ଚେତନାରେ ଏକ ନୂତନ ଓଲଟି ଯିବା ।

ଆମେ ଯେତେବେଳେ ଆଧ୍ୟାତ୍ମିକ ଜୀବନ ଆରମ୍ଭ କରୁ ସେତେବେଳେ ଚେତନାରେ ଏକ ଓଲଟିଯିବା ସଂଘଟିତ ହୁଏ । ଆମ ପାଇଁ ତାହାହିଁ ହେଉଛି ପ୍ରମାଣ ଯେ ଆମେ ଆଧ୍ୟାତ୍ମିକ ଜୀବନରେ ପ୍ରବେଶ କରିଛୁ; ସେହିପରି ଆମେ ଯେତେବେଳେ ଅତିମାନସ ଜଗତରେ ପ୍ରବେଶ କରୁ ସେତେବେଳେ ଚେତନାର ଆଉ ଏକ ଓଲଟି ଯିବା ସଂଘଟିତ ହୁଏ । ତା'ଛଡ଼ା ସମ୍ଭବତଃ ପ୍ରତ୍ୟେକ ଥର ଯେତେବେଳେ ଏକ ନୂତନ ଜଗତ୍ ଖୋଲିଯାଏ ସେତେବେଳେ ଚେତନାର ଏହି ଧରଣର ନୂତନ ଏକ ଓଲଟି ଯିବା ଘଟିବ । ଏହିପରି ଭାବରେ, ଏପରିକି ଆମର ଆଧ୍ୟାତ୍ମିକ ଜୀବନ ଯାହାକି ସାଧାରଣ ଜୀବନ ତୁଳନାରେ ସାମଗ୍ରିକଭାବେ ଚେତନାର ଓଲଟିଯିବା – ଅତିମାନସ ଚେତନା ତୁଳନାରେ, ଅତିମାନସ ଉପଲବ୍ଧି ତୁଳନାରେ ସେହି ଆଧ୍ୟାତ୍ମିକ ଜୀବନ ଏପରି ସମ୍ପୂର୍ଣ୍ଣ ଭିନ୍ନ ଯେ ଏହି ଦୁଇଟି ଜଗତର ମୂଲ୍ୟବୋଧ ପ୍ରାୟ ବିପରୀତ ବୋଲି ମନେହୁଏ ।

କଥାଟିକୁ ଏହି ଭାବରେ ରଖାଯାଇ ପାରେ (କିନ୍ତୁ ଏହା ଆଦୌ ସୁନିର୍ଦ୍ଦିଷ୍ଟ ନୁହେଁ, ଏଥିରେ ଅନେକ ଅଙ୍ଗହାନି ଓ ବିରୂପତା ରହିଛି ।)– ମନେହୁଏ ଯେପରିକି ଆମର ସମଗ୍ର ଆଧ୍ୟାତ୍ମିକ ଜୀବନ ରୌପ୍ୟ ନିର୍ମିତ ହୋଇଥିଲା ବେଳେ ଅତିମାନସ ନିର୍ମିତ ହୋଇଛି ସୁବର୍ଣ୍ଣରେ । ଯେପରିକି ଏଠାରେ ଏହି ତଳ ଜଗତରେ ସମଗ୍ର ଆଧ୍ୟାତ୍ମିକ ଜୀବନ ହେଉଛି ରୁପାର ସ୍ପନ୍ଦନ, ପ୍ରଭାହୀନ ନୁହେଁ କିନ୍ତୁ କେବଳ ଏକ ଦୀପ୍ତି, ଯେଉଁଦୀପ୍ତି ଊର୍ଦ୍ଧ୍ୱକୁ ଶିଖର ପର୍ଯ୍ୟନ୍ତ ଯାଇଥାଏ, ଯେଉଁ ଦୀପ୍ତି ବେଶ୍ ଶୁଦ୍ଧ, ଶୁଦ୍ଧ ଏବଂ ତୀବ୍ର କିନ୍ତୁ ସେହି ଅପର ଜୀବନରେ, ଅତିମାନସ

ଜୀବନରେ ଏପରି ଏକ ସଂବୃଦ୍ଧି ଓ ଶକ୍ତିମତ୍ତା ରହିଛି ଯାହାକି ସମସ୍ତ ପାର୍ଥକ୍ୟ ଆଣିଦିଏ । ଆମ ଚୈତ୍ୟସତ୍ତା ଓ ଆମ ବର୍ତ୍ତମାନ ଚେତନା ସମଗ୍ର ଆଧ୍ୟାତ୍ମିକ ଜୀବନ ଯାହାକି ସାଧାରଣ ଚେତନା ପାଇଁ ଏପରି ଉଷ୍ମ, ଏପରି ପୂର୍ଣ୍ଣ, ଏପରି ବିସ୍ମୟକର, ଏପରି ଦୀପ୍ତିମୟ ଲାଗେ ଯେ ଏସମସ୍ତ ଐଶ୍ୱର୍ଯ୍ୟ ନୂତନ ଜଗତର ଐଶ୍ୱର୍ଯ୍ୟ ତୁଳନାରେ ଦରିଦ୍ର ବୋଲିହିଁ ମନେହେବ ।

ବିଷୟଟିକୁ ଏହି ଭାବରେ ବେଶ୍ ବ୍ୟାଖ୍ୟା କରାଯାଇ ପାରେ – କ୍ରମାନ୍ୱୟଭାବେ ଚେତନାର ଅନେକଗୁଡ଼ିଏ ଓଲଟି ଯିବା ସଂଘଟିତ ହେବା ଫଳରେ ତାହା ସୋପାନ ପରେ ସୋପାନ ଦେଇ ସୃଷ୍ଟିର ଏପରି ଚିର ନୂତନ ବୈଭବ ଓ ବୈଚିତ୍ର୍ୟ ଆଣିଦେବ ଯେ ଯାହା ତୁଳନାରେ ପୂର୍ବର ସମସ୍ତ କିଛି ଲାଗିବ ନିତାନ୍ତ ଦରିଦ୍ର । ଆମର ସାଧାରଣ ଜୀବନ ତୁଳନାରେ ଆଜି ଯାହା ପରମ ବୈଭବ ବୋଲି ଲାଗୁଛି ତାହା ଚେତନାରେ ଏହି ନୂତନ ଓଲଟିବା ଫଳରେ ଲାଗିବ ନିତାନ୍ତ ମାମୁଲି ଓ ଦରିଦ୍ର । ଏହାହିଁ ଥିଲା ମୋର ଅନୁଭୂତି ।

ଗତରାତ୍ରିରେ ମୁଁ ବୁଝିବାକୁ ଚେଷ୍ଟା କରିଥିଲି ଯେ କେଉଁ ଅଭାବଟି ରହିଛି ଯାହା ଦୂର କରିପାରିଲେ ମୁଁ ତୁମକୁ ତୁମର ବାଧାବିଘ୍ନ ଭିତରୁ ଯଥାର୍ଥଭାବେ ବାହାର କରି ଆଣି ପାରିବି । ସେତେବେଳେ ସେହି ପ୍ରୟାସ ମୋତେ ମନେ ପକାଇ ଦେଲା ସେହି ଦିବ୍ୟସାମର୍ଥ୍ୟ କଥା ଯାହା ବିଷୟରେ ମୁଁ ତୁମମାନଙ୍କୁ କିଛିଦିନ ତଳେ କହିଥିଲି – ତାହା ହେଉଛି ରୂପାନ୍ତରର ସାମର୍ଥ୍ୟ, ସିଦ୍ଧିର ଯଥାର୍ଥ ସାମର୍ଥ୍ୟ, ଅତିମାନସର ସାମର୍ଥ୍ୟ । ଥରେ ଯଦି ତୁମେ ତାହା ଭିତରେ ପ୍ରବେଶ କର, ସେହି ଅବସ୍ଥା ଭିତରକୁ ଉଠିଯାଅ, ତା'ହେଲେ ଦେଖିବ ଆମ ଏଠାକାର ଅବସ୍ଥା ତୁଳନାରେ ତାହା ହେଉଛି ସର୍ବ ଶକ୍ତିମାନ୍ ସାମର୍ଥ୍ୟ । ତେଣୁ ପୁଣି ଥରେ ସେହି ଏକ ସମୟରେ ଦୁଇଟି ଅବସ୍ଥାକୁ ମୁଁ ଯୁଗପତ୍ ପ୍ରତ୍ୟକ୍ଷ ଓ ଅନୁଭବ କରେ ।

କିନ୍ତୁ ଯେପର୍ଯ୍ୟନ୍ତ ଏ ଉପଲବ୍ଧି ଏକ ସିଦ୍ଧ ସତ୍ୟରେ ପରିଣତ ନ ହୋଇଛି ଏହା ତଥାପି ଏକ ଅଗ୍ରଗତି – ଏକ ସମ୍ମୁଖ ଯାତ୍ରା, ଏକ ଆରୋହଣ ହୋଇ ରହିବ । ତୁମେ ଆଗେଇ ଯାଅ, ନାନା ଅନୁଭୂତି ଅର୍ଜନ କର, ଊର୍ଦ୍ଧ୍ୱରୁ ଆହୁରି ଊର୍ଦ୍ଧ୍ୱକୁ ଆରୋହଣ କର, କିନ୍ତୁ ଯେପର୍ଯ୍ୟନ୍ତ ଚେତନାର ଏହି ନୂତନ ଓଲଟି ଯିବାଟା ସମ୍ପନ୍ନ ନ ହୋଇଛି, ସେପର୍ଯ୍ୟନ୍ତ ଯେପରି ସବୁକିଛିକୁ ପୁଣି ଥରେ କରିବାର ପ୍ରୟୋଜନ ରହିଥାଏ । ତଳ ଜଗତର ଅନୁଭୂତିର ପୁନରାବୃତ୍ତି ହୋଇଥାଏ, ସେଠାରେ ଊର୍ଦ୍ଧ୍ୱଜଗତରେ ତାହାରହିଁ ନୂତନ ପୁନଃ ସୃଷ୍ଟି ହୋଇଥାଏ ।

ଏବଂ ପ୍ରତ୍ୟେକ ଥର ତୁମର ଧାରଣା ହୁଏ ଯେ ତୁମେ ଜିନିଷଗୁଡ଼ିକର ବାହ୍ୟ ଉପରି ଭାଗରେ ବାସ କରିଛ । ଏହି ଧାରଣାଟିର ବାରଂବାର ପୁନରାବୃତ୍ତି ହୁଏ । ପ୍ରତ୍ୟେକଟି ନୂତନ ବିଜୟରେ ତୁମର ଏହି ଧାରଣା ହୁଏ ଯେ ''ବର୍ତ୍ତମାନ ପର୍ଯ୍ୟନ୍ତ ମୁଁ କେବଳ ଜିନିଷଗୁଡ଼ିକର ବାହ୍ୟ ଉପରିଭାଗରେହିଁ ବାସ କରିଥିଲି – ବସ୍ତୁ ଓ ବିଷୟସବୁର କେବଳ ବାହ୍ୟ ଉପରି ଭାଗରେ – ଉପଲବ୍ଧିର ବାହ୍ୟ ଉପରି ଭାଗରେ, ସମର୍ପଣର ବାହ୍ୟ ଉପରି ଭାଗରେ, ସାମର୍ଥ୍ୟର ବାହ୍ୟ ଉପରି ଭାଗରେ ବାସ କରୁଥିଲି; ଏହା ଥିଲା କେବଳ ବହିରଙ୍ଗ ମାତ୍ର, ଅନୁଭୂତିର ବାହ୍ୟ ଉପରି ଭାଗ ମାତ୍ର'' । ବାହ୍ୟ ଉପରି ଭାଗ ପଛରେ ଏକ ଗଭୀରତା ରହିଛି ଏବଂ ଯେତେବେଳେ କେବଳ ସେହି ଗଭୀରତା ମଧ୍ୟରେ ପ୍ରବେଶ କର ସେତେବେଳେ ତୁମେ ଯଥାର୍ଥ ସତ୍ୟକୁ ସ୍ପର୍ଶ କର । ଏବଂ ପ୍ରତ୍ୟେକ ଥର ସେହି ଏକ ପ୍ରକାର ଅନୁଭୂତି ହୋଇଥାଏ : ଯାହା ଗଭୀରତା ବୋଲି ପ୍ରତୀତ ହୋଇଥାଏ ତାହା ପରିଣତ ହୁଏ ମାତ୍ର ଏକ ବାହ୍ୟ ଉପରି ଭାଗରେ । ବାହ୍ୟ ଉପରି ଭାଗ କହିଲେ ଯାହା ବୁଝାଏ – ପୂରାପୂରି ସେହି ଅର୍ଥରେହିଁ ବାହ୍ୟ ଉପରି ଭାଗ – ଏକ ଧରଣର ତ୍ରୁଟିଯୁକ୍ତ କିଛି, କୃତ୍ରିମ, ଏକ ଧରଣର ନକଲ କିଛି; ଏହା ଏପରି କିଛି ଯାହା ସମ୍ପର୍କରେ ତୁମର ଧାରଣା ହୁଏ ଯେ ଏହା ଜୀବନ୍ତ ନୁହେଁ, ଏହା ଏକ ନକଲ, ଏକ ଅନୁକରଣ ମାତ୍ର – ଏହା ଯଥାର୍ଥରେ ସତ୍ୟବସ୍ତୁ ନୁହେଁ, ତାହାର ପ୍ରତିଛବି ବା ପ୍ରତିବିମ୍ବ ମାତ୍ର । ତୁମେ ଚେତନାର ଅନ୍ୟ ଏକ ଇଲାକାରେ ପ୍ରବେଶ କର ଏବଂ ତୁମର ଧାରଣା ହୁଏ ଯେ ତୁମେ ଦିବ୍ୟ ମୂଳ ଉତ୍ସଟିକୁ, ବସ୍ତୁସବୁର ପ୍ରକୃତ ସତ୍ୟ ଓ ସାମର୍ଥ୍ୟକୁ ଆବିଷ୍କାର କରି ପାରିଛ; କିନ୍ତୁ ତା'ପରେ ଯେତେବେଳେ ନୂତନ ଉପଲବ୍ଧିର ସମ୍ପର୍କରେ ଆସ ସେତେବେଳେ ସେ ଉଲପବ୍ଧି ତୁଳନାରେ ପୂର୍ବୋକ୍ତ ଏହି ଉତ୍ସ, ଏହି ସାମର୍ଥ୍ୟ, ଏହି ସତ୍ୟ ପରିଣତ ହୁଏ ଏକ ବାହ୍ୟ ରୂପ, ଏକ ଅନୁକରଣ, ଏକ ନକଲରେ ।

ଇତ୍ୟବସରରେ ଆମକୁ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଆମେ ଏପର୍ଯ୍ୟନ୍ତ ଚାବିଟି ପାଇ ନାହୁଁ, ଏହା ଆମ ହାତରେ ନାହିଁ । ବରଂ ବେଶ୍ ଭଲ ଭାବରେ ଜାଣୁ ଏହା କେଉଁଠି ଅଛି ଏବଂ ଆମକୁ କେବଳ ଗୋଟିଏ କଥା କରିବାକୁ ହେବ,

ତା’ ହେଉଛି : ପୂର୍ଣ୍ଣ ସମର୍ପଣ, ଯାହା ବିଷୟରେ ଶ୍ରୀଅରବିନ୍ଦ କହିଛନ୍ତି, ଭଗବତ୍ ସଂକଳ୍ପ ପାଖରେ ସାମଗ୍ରିକ ଆତ୍ମଦାନ; ଯାହାବି ଘଟୁ ଏପରିକି ଅମାରାତ୍ରିର ଅନ୍ଧକାର ଭିତରେ ବି ଭଗବାନଙ୍କ ଇଚ୍ଛା ହାତରେ ନିଜକୁ ପୂରାପୂରି ଦେଇ ଦେବାକୁ ହେବ ।

ରାତ୍ରି ରହିଛି, ସୂର୍ଯ୍ୟାଲୋକ ବି ରହିଛି, ରାତ୍ରି ଓ ସୂର୍ଯ୍ୟାଲୋକ, ରାତ୍ରି, ଅନେକ ରାତ୍ରି; କିନ୍ତୁ ଆମର ସମର୍ପଣର ସଂକଳ୍ପଟିକୁ ଜାବୁଡ଼ି ଧରିବାକୁ ହେବ, ଯେପରିକି ଏକ ଝଡ଼ ଭିତରେ ଆମେ ଏହାକୁ ଜାବୁଡ଼ି ଧରି ରହିଛୁ ଏବଂ ସବୁକିଛିକୁ ଛାଡ଼ି ଦେବାକୁ ହେବ ସର୍ବନିୟନ୍ତା ପରମପ୍ରଭୁଙ୍କ ହାତରେ, ଯେପର୍ଯ୍ୟନ୍ତ ସେହି ଦିନଟି ନ ଆସିଛି ଯେତେବେଳେ ଦିବ୍ୟସୂର୍ଯ୍ୟର ଆବିର୍ଭାବ ହେବ ଚିରଦିନ ପାଇଁ, ଆସିବ ସେହି ପୂର୍ଣ୍ଣ ସାମଗ୍ରିକ ବିଜୟ ।

(Mother’s Collected Works
Vol. 15, p. 386 - 390) ❖

---

*(ପୃଷ୍ଠା ୧୫ର ଅବଶିଷ୍ଟାଂଶ)*

ଏହା ସ୍ପଷ୍ଟ ଯେ ଅତିମାନସ ତତ୍ତ୍ୱର ଆବିର୍ଭାବ ଫଳରେ ଏଠାରେ ସୃଜନ ପଦ୍ଧତିରେ ବିପୁଳ ସଂଶୋଧନ ଓ ରୂପାନ୍ତର ଘଟିବ । ଏହାର ସୁନିର୍ଦ୍ଦିଷ୍ଟ ରୂପ କ’ଣ ହେବ, ତାହା ଏକ ଅଧିକ ଦୁରୂହ ପ୍ରଶ୍ନ, କାରଣ ଅତିମାନସ ସୃଷ୍ଟିର ତତ୍ତ୍ୱ ଏକ ଅବିସମ୍ବାଦୀ ସତ୍ୟ କିନ୍ତୁ ଏହାର ଅଭିବ୍ୟକ୍ତିର ସମ୍ଭାବନାସବୁ ବହୁବିଧ ଏବଂ ସେହି ସକ୍ରିୟ ଗତିଶୀଳ ଦିବ୍ୟସତ୍ୟହିଁ ସ୍ୱୟଂ ବାଛି ନେବ ଓ ସ୍ଥିର କରିବ ନିଜ ଅଭିବ୍ୟକ୍ତିର ରୂପ ।

(First Published in *Mother India*,
Oct. 1975, PP. 794-97) ❖

ଭୌତିକ ସ୍ତରରେ ସୌନ୍ଦର୍ଯ୍ୟ ମଧ୍ୟ ଦେଇ, ମାନସିକ ସ୍ତରରେ ଜ୍ଞାନ ମଧ୍ୟ ଦେଇ, ପ୍ରାଣିକ ସ୍ତରରେ ଶକ୍ତି ମଧ୍ୟ ଦେଇ ଏବଂ ଚୈତ୍ୟସ୍ତରରେ ପ୍ରେମ ମଧ୍ୟ ଦେଇ ଭଗବାନ୍ ନିଜକୁ ଅଭିବ୍ୟକ୍ତ କରନ୍ତି ।

ଆମେ ଯେତେବେଳେ ଯଥେଷ୍ଟ ଊର୍ଦ୍ଧ୍ୱକୁ ଉଠିଯାଉ ସେତେବେଳେ ଆମେ ଦେଖୁ ଯେ ସେହି ସ୍ତରରେ ଏହି ଚାରିଟି ଯାକ ବିଭାବ ପରସ୍ପର ଭିତରେ ମିଳାଇ ଏକ ହୋଇ ଯାଆନ୍ତି ଏବଂ ତାହାହିଁ ହୋଇଉଠେ ଏକ ଅଦ୍ୱୈତ, ଜ୍ୟୋତିର୍ମୟ, ଶକ୍ତିଶାଳୀ, ସୁନ୍ଦର, ସବୁକୁ ଧାରଣ କରିଥିବା ଓ ସବୁ ଭିତରେ ବ୍ୟାପ୍ତ ହୋଇଥିବା ଏକ ପ୍ରେମମୟ ଦିବ୍ୟ-ଚେତନା । କେବଳ ବିଶ୍ୱଲୀଳା ନିମନ୍ତେ ଏହି ଅଦ୍ୱୈତ ଦିବ୍ୟଚେତନା ନିଜକୁ ବିଭକ୍ତ କରିଥାଏ ଅଭିବ୍ୟକ୍ତିର ବିଭିନ୍ନ ଧାରା ବା ବିଭାବ ଆକାରରେ ।

— ଶ୍ରୀମା

# ଅରୋଭିଲ୍ ଏବଂ ଅତିମାନସ ଅଭିବ୍ୟକ୍ତି

## ଶ୍ରୀମା

ଅରୋଭିଲ୍‌ର ଉଦ୍ଦେଶ୍ୟ ହେଉଛି ପୃଥିବୀପୃଷ୍ଠରେ ଅତିମାନସ ସତ୍ତାର ଆଗମନୀକୁ ତ୍ୱରାନ୍ୱିତ କରିବା ।

ଯେଉଁମାନେ ଦେଖିପାରୁଛନ୍ତି ଯେ ଜଗତ୍ ଯେପରି ହେବା ଉଚିତ, ସେପରି ହୋଇପାରି ନାହିଁ, ସେହିମାନଙ୍କର ସହାୟତାକୁ ଆମେ ସ୍ୱାଗତ ଜଣାଉଛୁ ।

ପ୍ରତ୍ୟେକ ବ୍ୟକ୍ତି ଜାଣିରଖିବା ଆବଶ୍ୟକ ଯେ ସେ ମୃତ୍ୟୁ ନିମିତ୍ତ ପ୍ରସ୍ତୁତ ଏକ ପୁରାତନ ଜଗତ୍ ସହିତ ସହଯୋଗ କରିବାକୁ ନା ଜନ୍ମନେବାକୁ ପ୍ରସ୍ତୁତ ହେଉଥିବା ଏକ ନୂତନ ତଥା ମହତ୍ତର ଜଗତ୍ ନିମିତ୍ତ କାର୍ଯ୍ୟ କରିବା ପାଇଁ ଚାହେଁ ।

(୧ ଫେବ୍ରୁଆରୀ, ୧୯୭୨)

*

ନିମ୍ନ ପ୍ରକୃତିର ସମସ୍ତ ଆବେଗକୁ ଅନୁସରଣ କରିଚାଲିବା ନିଶ୍ଚିତଭାବେ ଅତିମାନସ ପନ୍ଥା ନୁହେଁ ଏବଂ ଏଠାରେ (ଅରୋଭିଲ୍‌ରେ) ସେଥିନିମିତ୍ତ କୌଣସି ସ୍ଥାନ ନାହିଁ ।

ଆମେ ଯାହା ଚାହୁଁ, ତାହା ହେଲା ଅତିମାନସର ଆଗମନୀକୁ ତ୍ୱରାନ୍ୱିତ କରିବା, କିନ୍ତୁ କାମନା ଓ ଆବେଗରେ ପରିପୂର୍ଣ୍ଣ ଏକ ମାନବସମାଜର ଅସୁନ୍ଦର ଅବସ୍ଥାରେ ପତିତ ହେବାକୁ ଆଦୌ ନୁହେଁ ।

(୧୦ ଜୁଲାଇ, ୧୯୭୨)

*

ଅରୋଭିଲ୍ ସୃଷ୍ଟ ହୋଇଛି ଏକ ପ୍ରଗତିଶୀଳ ଉଚ୍ଚତର ମାନବଜାତି ନିମିତ୍ତ, ଏକ ନୀଚତର ମାନବଜାତି ଯାହା ତାହାର ପ୍ରବୃତ୍ତି ଦ୍ୱାରା ଶାସିତ ଏବଂ କାମନା ଦ୍ୱାରା କବଳିତ, ସେଥି ନିମିତ୍ତ ନୁହେଁ । ଯେଉଁମାନେ ନୀଚତର ବା ପଶୁପ୍ରକୃତିବିଶିଷ୍ଟ ମାନବଜାତିର ଅନ୍ତର୍ଭୁକ୍ତ, ଏଠାରେ (ଅରୋଭିଲ୍‌ରେ) ସେମାନଙ୍କର ସ୍ଥାନ ନାହିଁ ।

ଯେଉଁମାନେ ଅତିମାନସ ନିମିତ୍ତ ଅଭୀପ୍ସୁ ଏବଂ ସେଠାରେ ପହଞ୍ଚିବା ନିମିତ୍ତ ସଚେଷ୍ଟ, ସେହିମାନଙ୍କ ନିମିତ୍ତହିଁ ଅରୋଭିଲ୍ ।

(୧ ଡିସେମ୍ବର, ୧୯୭୨)

*

ପ୍ରତ୍ୟେକ ବ୍ୟକ୍ତିକୁ ଉନ୍ନତି କରିବାକୁ ହେବ ତଥା ଅଧିକତର ଏକନିଷ୍ଠ ହେବାକୁ ହେବ ।

ଅରୋଭିଲ୍ ସୃଷ୍ଟ ହୋଇଛି – ସକଳ ଅହଂ ଓ ସେସବୁର ଲୋଭ-ତୁଷ୍ଟି ନିମିତ୍ତ ନୁହେଁ, କିନ୍ତୁ ଏକ ନୂତନ ଅତିମାନସ ଜଗତର ସୃଷ୍ଟି ନିମିତ୍ତ ଯାହା ଅଭିବ୍ୟକ୍ତ କରିବ ଦିବ୍ୟପୂର୍ଣ୍ଣତା ।

(୧୨ ଡିସେମ୍ବର, ୧୯୭୨)

*

ଅରୋଭିଲ୍ ସୃଷ୍ଟି କରାଯାଇଛି ଏକ ଉଚ୍ଚତର ମାନବଜାତି ନିମିତ୍ତ, ସେହିମାନଙ୍କ ନିମିତ୍ତ ଯେଉଁମାନେ ସେମାନଙ୍କ ଅହଂକୁ ଅତିକ୍ରମ କରିବାକୁ ଏବଂ ସମସ୍ତ କାମନା-ବାସନାକୁ ତ୍ୟାଗ କରିବାକୁ ଚାହାନ୍ତି ଯାହା ଫଳରେ ସେମାନେ ଅତିମାନସକୁ ଗ୍ରହଣ କରିବା ନିମିତ୍ତ ନିଜକୁ ପ୍ରସ୍ତୁତ କରିପାରିବେ । କେବଳ ସେହିମାନେହିଁ ଯଥାର୍ଥ ଅରୋଭିଲ୍‌ବାସୀ ।

ଯେଉଁମାନେ ସେମାନଙ୍କ ଅହଂର କଥାମାନି ଚଳିବାକୁ ଏବଂ ସମସ୍ତ କାମନା-ବାସନାକୁ ତୁଷ୍ଟ କରିବାକୁ ଚାହାନ୍ତି, ସେମାନେ ଏକ ନିମ୍ନମାନ ମାନବଜାତିର ଅନ୍ତର୍ଭୁକ୍ତ ଏବଂ ସେମାନଙ୍କ ପାଇଁ ଏଠାରେ (ଅରୋଭିଲ୍‌ରେ) ସ୍ଥାନ ନାହିଁ । ସେମାନେ ସେହି ସାଧାରଣ ଜଗତକୁ, ଯାହାକି ସେମାନଙ୍କ ସକାଶେ ଯଥାର୍ଥ ସ୍ଥାନ, ଫେରିଯିବା ଆବଶ୍ୟକ ।

(୧୮ ଡିସେମ୍ବର, ୧୯୭୨) ❖

# ଅତିମାନସ ଯୋଗ ଓ ସାଧାରଣ ଜୀବନ

## (ଶ୍ରୀଅରବିନ୍ଦଙ୍କ ସହ ଏକ କଥୋପକଥନ)

*ପ୍ରଶ୍ନ : ସାଧାରଣ ଜୀବନରେ ରହି ମଧ୍ୟ ଜଣେ ଅତିମାନସ ଯୋଗର ସାଧନା କରିପାରେ କି ?*

ଶ୍ରୀଅରବିନ୍ଦ : ଏହା ସତ୍ୟ ଯେ ଅତିମାନସ ଯୋଗ ଜୀବନକୁ ଗ୍ରହଣ କରେ କିନ୍ତୁ ତା'ର ଅର୍ଥ ନୁହେଁ ଯେ ବର୍ତ୍ତମାନ ଜୀବନ ଯେଉଁଭଳି ରହିଛି ତାହାକୁ ସେହିଭଳି ରହିବା ପାଇଁ ଛାଡ଼ିଦିଏ, କାରଣ ଅତିମାନସ ଚାହେଁ ପୂର୍ଣ୍ଣତା ଏବଂ ବର୍ତ୍ତମାନ ଜୀବନରେ ସେହି ପୂର୍ଣ୍ଣତା ନାହିଁ । ବର୍ତ୍ତମାନ ଜୀବନରେ ଅଧିକାଂଶ କ୍ଷେତ୍ରରେ ଅଜ୍ଞାନର ଆଧିପତ୍ୟହିଁ ରହିଛି । ଆମେ ଜୀବନର ସମଗ୍ର ଧରଣ ଓ ଉପାଦାନକୁ ବଦଳାଇ ଦେବାକୁ ଚାହୁଁ । ମାନବୀୟ ବିବର୍ତ୍ତନରେ ମନର ପରବର୍ତ୍ତୀ ଉଚ୍ଚତର ସୋପାନ ରୂପେ ଆମେ ଚାହୁଁ ଅତିମାନସ । ବର୍ତ୍ତମାନ ଏହାର ଆଗମନୀର ଲକ୍ଷଣସବୁ ସ୍ପଷ୍ଟ ହେଉଥିବା ବେଳେ ଆମେ ଏହାକୁ ଦୈହିକ ସତ୍ତାରେ ଓହ୍ଲାଇ ଆଣିବା ପାଇଁ ଚେଷ୍ଟା କରିବା ଉଚିତ । ଅତିମାନସ ଭିତରକୁ ଉଠିଯିବା ଅପେକ୍ଷାକୃତ ସହଜ । କିନ୍ତୁ ସେ କ୍ଷେତ୍ରରେ ଯେଉଁମାନେ ସେହି ଊର୍ଦ୍ଧ୍ୱକୁ ଉଠିଯାଆନ୍ତି, ସାଧାରଣତଃ ସେମାନେ ଜୀବନରୁ ଦୂରକୁ ଚାଲିଯାଆନ୍ତି ।

ମାନବ ହେଉଛି ଅଭିବ୍ୟକ୍ତିର ଏକମାତ୍ର କ୍ଷେତ୍ର ଏବଂ ଆମର ସମସ୍ତ ଲାଭ ଓ ପ୍ରାପ୍ତିକୁ ସେହି ସ୍ତରକୁ, ଅର୍ଥାତ୍ ସାଧାରଣ ଚେତନାର ଭୂମିକୁହିଁ ଆଣିବା ବାଞ୍ଛନୀୟ । ତାହା କରିବାକୁ ହେଲେ କେବଳ ଦିବ୍ୟସତ୍ୟ, ତାହା ଛଡ଼ା ଆଉ କିଛି ନୁହେଁ, କେବଳ ସେହି ଦିବ୍ୟସତ୍ୟ ପାଇଁହିଁ ଦାବି କରିବାକୁ ପଡ଼ିବ, ତା' ନ ହେଲେ ମାନସିକ, ପ୍ରାଣିକ ଓ ଭାବାବେଗମୂଳକ କିଛିଟା ପାଇଯାଇ ଆମେ ସେଇଥିରେହିଁ ସନ୍ତୁଷ୍ଟ ରହିଯିବୁ । ଆଜି ପର୍ଯ୍ୟନ୍ତ ମାନବସମାଜ ଦିବ୍ୟସତ୍ୟର କେତେକ ଝଲକ ମାତ୍ର ପାଇଛି, କିନ୍ତୁ ସ୍ୱୟଂ ଦିବ୍ୟସତ୍ୟକୁ ଲାଭ କରି ନାହିଁ । ପ୍ରତ୍ୟେକଟି ଆଧ୍ୟାତ୍ମିକ ଆନ୍ଦୋଳନ ସେହି ଦିଗରେ ଗତି କରିଛନ୍ତି, ସେହି ଦିଗରେ ପ୍ରବୃତ୍ତ ହୋଇଛନ୍ତି ଏବଂ ତାହାର ଉପଲବ୍ଧି ପାଇଁ କିଛିଟା ସାହାଯ୍ୟ କରିଛନ୍ତି । ବୈଷ୍ଣବ ମାର୍ଗର ସାଧକମାନେ ସେହି ଦିବ୍ୟସତ୍ୟକୁ ପ୍ରାଣ ଓ ସୌନ୍ଦର୍ଯ୍ୟ-ବୋଧ-ପ୍ରଧାନ ସତ୍ତା ଭିତରକୁ ଆଣିବାକୁ ଚାହିଁଥିଲେ କିନ୍ତୁ ସେତିକିରେହିଁ ସନ୍ତୁଷ୍ଟ ରହିଗଲେ । କୁହାଯାଇପାରେ ଯେ ବୈଷ୍ଣବପନ୍ଥୀମାନେ ଆଧ୍ୟାତ୍ମିକ ଭାବରେ ଏହି ମାର୍ଗରେ ଖୁବ୍ ଲିପ୍ତ ଓ ଆସକ୍ତ ରହିଗଲେ । ଫଳରେ ସାଧନାର ତପସ୍ୟା ଭାବଟିର ଅନେକ ହାନି ଘଟିଲା । ବୈଦିକ ଋଷିମାନଙ୍କର ଏହି ଦିବ୍ୟସତ୍ୟ ସମ୍ପର୍କରେ ଧାରଣା ରହିଥିଲା କିନ୍ତୁ ସେହି ସମୟର ଅବସ୍ଥା ଭିତରେ ମାନବସମାଜ ପାଇଁ ଏହାକୁ ଆଣି ଅଭିବ୍ୟକ୍ତ କରାଇବା ସମ୍ଭବପର ନ ଥିଲା । ଉପନିଷଦ୍‌ଗୁଡ଼ିକ ମଧ୍ୟ ଏହାର ଧାରଣା ପାଇଥିଲେ କିନ୍ତୁ ସେ ସମ୍ପର୍କରେ ଏହା ଥିଲା ଏକ ବୟାନ ମାତ୍ର, ସେହି ଦିବ୍ୟସତ୍ୟକୁ ଏଠାରେ ଅବତରଣ କରାଇ ଆଣିବାର କୌଣସି ବିଚାର ନ ଥିଲା । ପ୍ରଧାନତଃ ସମ୍ବୋଧିଗତ ମନର କ୍ରିୟାରେହିଁ ଏହା ରହିଥିଲା । ଏହାପରେ ଆସିଲା ବୁଦ୍ଧିପ୍ରଧାନ ଦର୍ଶନସବୁ, ଯେଉଁଗୁଡ଼ିକ କି କେବଳ ବିଚାର ଓ ବୁଦ୍ଧି ଜଗତର ଥିଲେ ଏବଂ ଏହାପରେ ଆସିଲେ ପୁରାଣଗୁଡ଼ିକ ।

ଅତିମାନସ ସତ୍ୟକୁ ଯଦି ଦୈହିକ ସ୍ତରକୁ ଅଣାଯାଏ ତେବେ ସେଠାରେ ଏହା ସ୍ଥାୟୀ ଭାବରେ ତିଷ୍ଠି ରହିବାର ସମ୍ଭାବନା ଅଛି କାରଣ ଏହି ଭୂମିରେ ନିଜର ସମସ୍ତ ସୀମିତତା ସତ୍ତ୍ୱେ ଜଡ଼ ଏକ ନିର୍ଦ୍ଦିଷ୍ଟ ନିଶ୍ଚିତ ଜିନିଷ । ଯଦି ବହୁସଂଖ୍ୟକ ଲୋକ ଏହି ଅତିମାନସ ଅବସ୍ଥା ଲାଭ କରିବେ ତେବେ ସମୟାନୁକ୍ରମେ ଏହା ମାନବସମାଜରେ ଏକ ସ୍ଥାୟୀ ଶକ୍ତିରୂପେ କ୍ରିୟା କରିବ । ବିଶ୍ୱ କ୍ଷେତ୍ରରେ ଏହା ନୂଆ ନୂଆ ଶକ୍ତିସବୁକୁ ଆଣି କ୍ରିୟାଶୀଳ କରାଇବ ଏବଂ ବିଶ୍ୱଶକ୍ତିମାନଙ୍କର ବର୍ତ୍ତମାନର ଭାରସାମ୍ୟରେ ପୂରା ପରିବର୍ତ୍ତନ ଆଣିଦେବ ।

ଅତିମାନସର ଊର୍ଦ୍ଧ୍ୱରେ ମଧ୍ୟ ଆହୁରି ଅନେକ କିଛି ଥାଇପାରେ କିନ୍ତୁ ଅତିମାନସର ମାଧ୍ୟମ ବିନା ସେଗୁଡ଼ିକ ଆମର ଏହି ଜଗତରେ କ୍ରିୟାଶୀଳ ହୋଇପାରିବେ ନାହିଁ । ତେଣୁ ଏହି ସତ୍ୟକୁ ସ୍ଥାୟୀ ଭାବରେ ମାନବର ଅଙ୍ଗୀଭୂତ କରାଇବାକୁ ପଡ଼ିବ । ❖

# ବନ୍ଦେ ମାତରମ୍

ଶ୍ରୀଅରବିନ୍ଦ

## ବରହମପୁର ସମ୍ମିଳନୀ

ଅଦ୍ୟାବଧି ବଙ୍ଗଳାରେ ଯେତେ ସମ୍ମିଳନୀ ଅନୁଷ୍ଠିତ ହୋଇଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେବ ଆସନ୍ତାକାଲିର, କାରଣ ଏଥର ବିଚାର ଆଲୋଚନା ଭରି ଉଠିବ ସେଇ ସକଳ ସମସ୍ୟାକୁ ନେଇ ଯାହାର ସର୍ବୋତ୍ତମ ମହତ୍ତ୍ୱ ରହିଛି ଦେଶର ଭବିଷ୍ୟତ୍ ଗଠନ ଦିଗରେ । ବଙ୍ଗଳାର ସମସ୍ତ ଅଞ୍ଚଳରୁ ଯେଉଁ ପ୍ରତିନିଧିମାନଙ୍କୁ ବରହମପୁର ପଠାଯାଇଛି ସେମାନଙ୍କ ଉପରେ ଗୁରୁ ଦାୟିତ୍ୱମାନ ନ୍ୟସ୍ତ ହୋଇଛି । କାରଣ କଲିକତାର ଦ୍ୱାବିଂଶତମ କଂଗ୍ରେସ ପରେ ଏହା ହେଉଛି ପ୍ରଥମ ପ୍ରାଦେଶିକ ସମ୍ମିଳନୀ । ସେଇ ଅଧିବେଶନରେ ସମଗ୍ର ରାଷ୍ଟ୍ରର ପ୍ରତିନିଧିମାନଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥିବା ରାଜନୈତିକ କାର୍ଯ୍ୟକ୍ରମର ଅବିଚ୍ଛେଦ୍ୟ ଅଙ୍ଗରୂପେ ଆତ୍ମବିକାଶ ଓ ଆତ୍ମନିର୍ଭରତା (Self development and Self help)ର ନୀତିକୁ ସାମିଲ କରାଯାଇଥିଲା, ସମଗ୍ର ଭାରତବର୍ଷକୁ ଆଚ୍ଛନ୍ନ କରି ରଖିଥିବା ପରିସ୍ଥିତିଗୁଡ଼ିକର ଅଧୀନରେ ସତ୍ୟାଗ୍ରହ (Passive Resistance)ର ସେ ନୀତିଟି ନ୍ୟାୟସଙ୍ଗତ ବୋଲି ଘୋଷିତ ହେଲା ଆଉ ସିଦ୍ଧାନ୍ତ ମଧ୍ୟ ନିଆଗଲା ଯେ ସମଗ୍ର ରାଷ୍ଟ୍ରପାଇଁ କଂଗ୍ରେସ ଦ୍ୱାରା ଓ ପ୍ରଦେଶମାନଙ୍କ ଦ୍ୱାରା ନିଜ ନିଜ ପାଇଁ ନିର୍ଦ୍ଧାରିତ କାର୍ଯ୍ୟକ୍ରମକୁ ବର୍ଷ ତମାମ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ସମ୍ବିଧାନ ଆଉ କାର୍ଯ୍ୟକାରୀ ସଙ୍ଗଠନକୁ ସୃଷ୍ଟି କରିବାକୁ ହେବ । ଏଇ ପ୍ରଶାସନିକ କାର୍ଯ୍ୟ ପାଇଁ ଉପଯୁକ୍ତ ବିଧିବ୍ୟବସ୍ଥା ଯେପରି ହୁଏ ତା'ର ତଦାରଖଟା ନିର୍ଭର କରେ ବରହମପୁର ସମ୍ମିଳନୀ ଉପରେ । ଆମର ଆଶା ପ୍ରତିନିଧିମାନେ ସେମାନଙ୍କ ଉପରେ ନ୍ୟସ୍ତ ହୋଇଥିବା ଦାୟିତ୍ୱର ଗୁରୁତ୍ୱ ଉପଲବ୍ଧି କରି ଏକ ପ୍ରାଦେଶିକ ପରିଷଦ (Provincial Council)କୁ ସ୍ଥିର ନିର୍ଦ୍ଦିଷ୍ଟ କରିବେ ଯାହା ସମଗ୍ର ବଙ୍ଗଳାର ଆସ୍ଥାଭାଜନ ହୋଇପାରିବ ଆଉ ତା'ର ଯଥାର୍ଥ ମିଶ୍ରଣ ଦ୍ୱାରା ପ୍ରମାଣିତ କରିବେ ଯେ ଜାତୀୟ କାର୍ଯ୍ୟକ୍ରମର ସେତିକି କାର୍ଯ୍ୟ ସମ୍ପନ୍ନ କରିବା ଲକ୍ଷ୍ୟରେ ସବୁଦଳଙ୍କ ଭିତରେ ସଂଗତି ରକ୍ଷା କରିବା ପାଇଁ ମନ, ପ୍ରାଣ ଢାଳି ଏକ ଉଦ୍ୟମ କରାଯିବ ଯେତିକି ସଭିଙ୍କର ଅନୁମୋଦନ ଲାଭ କରିଆସିଛି । ସ୍ୱଦେଶୀ, ବର୍ଜନ ଆନ୍ଦୋଳନ, ଜାତୀୟ ଶିକ୍ଷା – କାର୍ଯ୍ୟକ୍ରମର ଏଇ ତିନୋଟି ବିଷୟବସ୍ତୁ ଯାହା ଉପରେ ସମସ୍ତେ ସେମାନଙ୍କର ସ୍ଥିତିକୁ ମଜଭୁତ କରିବେ । ଆମେମାନେ ନିଜ ପାଖରୁ ଏଇ ଅସଲ ତଥ୍ୟଟିକୁ କପଟତା ବଶତଃ ଲୁଚେଇ ରଖିନୁ ଯେ ଏ ପ୍ରଶ୍ନଗୁଡ଼ିକ ଭିତରୁ ଶେଷ ଦୁଇଟି ଉପରେ ଅତ୍ୟନ୍ତ ସାଂଘାତିକ ମତଭେଦ ରହିଛି ଦୁଇଟି ବିଚାରଧାରା ଭିତରେ, ଯାହା ଜନମତକୁ ଭାଗ ଭାଗ କରିଦେଇଛି । ବର୍ଜନ ଆନ୍ଦୋଳନ (Boycott) ସମ୍ପର୍କରେ କହିବାକୁ ଗଲେ, ତା'ର ଅନୁଶୀଳନରେ ଆଉ ଚୂଡ଼ାନ୍ତ ଲକ୍ଷ୍ୟର ପରିପୂର୍ଣ୍ଣତାକୁ ନେଇ ବୃହତ୍ କିଂବା ଅପେକ୍ଷାକୃତ ଛୋଟ ଧରଣର ମତ-ପାର୍ଥକ୍ୟ ରହିଛି; କିନ୍ତୁ ବର୍ଜନର ଆବଶ୍ୟକତାକୁ ସମସ୍ତେ ସ୍ୱୀକାର କରି ନେଇଛନ୍ତି ଏବଂ ଯେଉଁ କାର୍ଯ୍ୟାନୁଷ୍ଠାନଗୁଡ଼ିକ ଗ୍ରହଣ କଲେ ଏହା ଫଳପ୍ରଦ ହେବ ସେଥିରେ ଅଂଶଗ୍ରହଣ କରିବାକୁ କାହିଁକି କୌଣସି ଗୋଷ୍ଠୀ ଅରାଜି ହେବେ ଏହାର ସେମିତି କିଛି କାରଣ ନାହିଁ । ଗୋଟିଏ ମତବାଦ ଅନୁଯାୟୀ ଶିକ୍ଷା କ୍ଷେତ୍ରରେ ଜାତୀୟ ଶିକ୍ଷାକୁ ଏକ ପରୀକ୍ଷଣ ଭାବେ ବିଚାର କରିବା ସହିତ ସରକାରୀ ଶିକ୍ଷାକୁ ମଧ୍ୟ ଆଗେଇ ନେବା ଉଚିତ,– ଆର ବିଚାରଧାରାଟି ଜାତୀୟ ଶିକ୍ଷାକୁ ମହାନ୍ ଜାତୀୟ କର୍ତ୍ତବ୍ୟ ବୋଲି ଅଭିହିତ କରିଛି, ଯାହାର ପ୍ରଗତି ପ୍ରକୃତରେ ଚୂଡ଼ାନ୍ତ ରୂପ ନେଇପାରିବ ଏକ ଜାତୀୟ ସ୍ତରର ବ୍ୟବସ୍ଥା ଭିତରେ ସକଳ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ଉଠେଇ ଦେଇ ହେଉ କିଂବା ସେସବୁକୁ ଅନ୍ତର୍ଭୁକ୍ତ କରି ହେଉ । ତଥାପି ଆନ୍ଦୋଳନର ପ୍ରସାର ବାଞ୍ଛନୀୟ ବୋଲି ସମସ୍ତଙ୍କ ଦ୍ୱାରା ସ୍ୱୀକୃତ ହୋଇଛି ଆଉ ତା'ହେଲେ ସେଇ ଦୃଷ୍ଟିଭଙ୍ଗୀକୁ ବିଚାର କଲେ ସର୍ବସାଧାରଣଙ୍କ ଅନୁମୋଦନ ସହିତ ଏଇ କାର୍ଯ୍ୟାନୁଷ୍ଠାନଗୁଡ଼ିକ କାହିଁକି ସଂଯୁକ୍ତ ନହେବ ତା'ର କିଛି ଯୁକ୍ତିଯୁକ୍ତତା ନାହିଁ । ତେଣୁ ଆମର ବିଶ୍ୱାସ, ବରହମପୁର ଅଧିବେଶନରେ ପ୍ରତିନିଧିମାନେ ଏକ ବ୍ୟାବହାରିକ ଢଙ୍ଗରେ ନବଗଠିତ ପରିଷଦ(Newly-formed council)କୁ ଆଦେଶଟିଏ ପ୍ରଦାନ କରିବେ ସ୍ୱଦେଶୀ ଓ ବର୍ଜନ ଆନ୍ଦୋଳନକୁ ସଙ୍ଗଠିତ କରିବା ପାଇଁ ଏବଂ ଚିନ୍ତା କରି ଭିନ୍ନ ଭିନ୍ନ ପନ୍ଥା ବାହାର କରିବେ ଯଦ୍ଦ୍ୱାରା ସେଗୁଡ଼ିକ କଡ଼ାକଡ଼ିଭାବେ କାର୍ଯ୍ୟକାରୀ ତଥା ଫଳପ୍ରସୂ ହୋଇପାରିବ ଓ ଜାତୀୟ ବିଦ୍ୟାଳୟଗୁଡ଼ିକ

ଯେପରି ପ୍ରତି ଜିଲ୍ଲାରେ ସ୍ଥାପିତ ହୁଏ ତଥା ଶିକ୍ଷା ପରିଷଦକୁ ଯେପରି ଜାତୀୟ ସ୍ତରରେ ସମର୍ଥନ ମିଳେ ତାକୁ ମଧ୍ୟ ଦେଖିବାକୁ ହେବ । ଯଦି ସେମାନେ ଏଥିରେ ବ୍ୟର୍ଥ ମନୋରଥ ହୁଅନ୍ତି, ତା'ହେଲେ ଧରିନେବାକୁ ହେବ ଯେ ସେମାନଙ୍କ କର୍ତ୍ତବ୍ୟ ଅନୁପାତରେ ସେମାନେ ଢେର ସ୍ୱଳ୍ପ କାର୍ଯ୍ୟ ସମ୍ପାଦନ କରିଛନ୍ତି ।

କିନ୍ତୁ କଂଗ୍ରେସ ଦ୍ୱାରା ଜାତୀୟ କାର୍ଯ୍ୟକ୍ରମକୁ ଯେଉଁଭଳି ପ୍ରସ୍ତୁତ କରାଯାଇଛି ତା'ର ସମ୍ପାଦନ ପାଇଁ ବ୍ୟବସ୍ଥା କରିବା ଭିତରେ ପ୍ରତିନିଧିମାନଙ୍କର କର୍ତ୍ତବ୍ୟ ଆରମ୍ଭ କିଂବା ଶେଷ ହୁଏ ନାହିଁ । କଂଗ୍ରେସ କେବଳ ସମ୍ପାଦିତ ହୋଇଥିବା କାର୍ଯ୍ୟଗୁଡ଼ିକ ସହ କାରବାର କରେ । ଜାତୀୟ ଶିକ୍ଷା ଓ ସ୍ୱଦେଶୀ ଉପରେ କଂଗ୍ରେସ ତା' ଅନୁମୋଦନର ସନ୍ତକ ଦେଇଥିଲା ଆଉ ବଙ୍ଗଳାରେ ଅୟମାରମ୍ଭ ହୋଇ ସାରିଥିବା କାର୍ଯ୍ୟଟିର ସ୍ୱୀକୃତି ସ୍ୱରୂପ ସମଗ୍ର ଭାରତ ପାଇଁ ବର୍ଜନ ଆନ୍ଦୋଳନର ବୈଧତାକୁ ପ୍ରତିପାଦିତ କରିଥିଲା । କିନ୍ତୁ ଅନ୍ୟାନ୍ୟ କେତେ କ୍ଷେତ୍ର ରହିଛି ଯେଉଁଠି ଆତ୍ମବିକାଶ ଆଉ ସ୍ୱାବଲମ୍ବନର ଜରୁରୀ ଆବଶ୍ୟକତା ରହିଛି; ଏବଂ ଯଥାକ୍ରମେ ନିଜ ନିଜର ପାରିପାର୍ଶ୍ୱିକ ସ୍ଥିତି ଅନୁସାରେ ଓ ନିଜ ପ୍ରୟୋଜନ ଜନିତ ଚାପରେ କାର୍ଯ୍ୟ ଆରମ୍ଭ କରିବା ପାଇଁ ପ୍ରତିଟି ପ୍ରଦେଶ ଉପରେ ଛାଡ଼ି ଦିଆଯାଇଛି । ଆମ ପ୍ରଦେଶରେ ଘଟଣାଗୁଡ଼ିକର ଅସାଧାରଣ ପ୍ରବାହର ଫଳସ୍ୱରୂପ ଉଭୟ, ସ୍ୱାବଲମ୍ବନ ଆଉ ବର୍ଜନର ନୀତି ବଙ୍ଗଳାରେ ଏକ ଜାତୀୟ ନୀତିର ରୂପ ନେଇ ଯାଇଛି । ସେସବୁ ଘଟଣା ବର୍ତ୍ତମାନ ଭାରତବର୍ଷ ସାରା ବ୍ୟାପି ଗଲାଣି । ସ୍ୱଦେଶୀ ଆନ୍ଦୋଳନ ସାର୍ବଜନୀନ ସ୍ୱୀକୃତି ଲାଭ କରିଛି । ମହାରାଷ୍ଟ୍ର ସହିତ ବଙ୍ଗଳାରେ ମଧ୍ୟ ବର୍ଜନ ଆନ୍ଦୋଳନର ଘଟଣା ପ୍ରକୃତରେ ସତ ଆଉ ତାହା ମଧ୍ୟ ଦେଶର ଉତ୍ତର ଭାଗରେ ଓ ମାନ୍ଦ୍ରାଜରେ ବର୍ତ୍ତମାନ ଜନ ସମର୍ଥନ ଲାଭ କଲାଣି । କିନ୍ତୁ ଭାରତର ଅବଶିଷ୍ଟ ଅଞ୍ଚଳ ତା' ସହିତ ଆଗେଇ ଆସିବା ପର୍ଯ୍ୟନ୍ତ ବଙ୍ଗଳା ଆଉ ଥୟ ଧରି ବସିପାରିବ ନାହିଁ । ଆଗରେ ଅଧିକ ମାଇଲ ପଥ ଅତିକ୍ରମ କରିବାକୁ ଥିଲେ ମଧ୍ୟ ତାକୁ ତଥାପି ପଥ ପ୍ରଦର୍ଶନ କରିବାକୁ ପଡ଼ିବ । ଯେଉଁ ଉଦ୍ୟମକୁ ସେ ଆଗଭର ହୋଇ ଆରମ୍ଭ କରିଛି ତାହା ତାକୁ ଅବଶ୍ୟମ୍ଭାବୀଭାବେ ବହୁ ଦୂରକୁ ସଜୋରେ ଆଗେଇ ନେଇ ଚାଲିଯିବ, ସେ ଇଚ୍ଛା କରୁ ବା ନକରୁ । କାରଣ ଘଟଣାବଳୀର ଏଇ ଯେଉଁ ଅସାଧାରଣ ଜୁଆର ତାକୁ ବରାବର ବହନ କରି ଚାଲିଛି, ତାହା ହେଉଛି ଏକ ଦିବ୍ୟ-ହସ୍ତର ଗଠନକାରୀ ଆବେଗ ବ୍ୟତୀତ ଅନ୍ୟ କିଛି ନୁହଁ, ଆଉ ଯାହା ସାରା ଭାରତର ମୁକ୍ତି ପାଇଁ ତା'ରି ମଧ୍ୟଦେଇ ପଥ ପ୍ରସ୍ତୁତ କରିଚାଲିଛି । ସେ ଆବେଗ ସମ୍ଭବତଃ ଆଉ ଥମିବାର ନାହିଁ; ନୂଆ ନୂଆ ବ୍ୟତିକ୍ରମ ଅଭିମୁଖେ ଏହା ଅଙ୍ଗୁଳି ନିର୍ଦ୍ଦେଶ କରି ଚାଲିଛି । କଂଗ୍ରେସର ଅଧିବେଶନ ବସିବା ଦିନଠାରୁ ବଙ୍ଗଳା ପାଇଁ ନୂଆ କରି ତିନିଗୋଟି ଆବଶ୍ୟକତା ଆପେ ଆପେ ଆସି ଦେଖାଦେଇଛି – ସେଗୁଡ଼ିକ ହେଉଛି ଜାତୀୟ ମଧ୍ୟସ୍ଥି ଅଦାଲତଗୁଡ଼ିକ (National Arbitration courts)ର ଆବଶ୍ୟକତା, ସଂଘବଦ୍ଧ ଆତ୍ମସୁରକ୍ଷାର ଆବଶ୍ୟକତା, ସ୍ୱାବଲମ୍ବନ ବଳରେ ଦୁର୍ଭିକ୍ଷ ପ୍ରତିରୋଧର ଆବଶ୍ୟକତା । ଆମ ମତରେ ଏଥି ମଧ୍ୟରୁ ଦୁଇ ନମ୍ବରଟି ଏମିତି ଏକ ଆବଶ୍ୟକତା ଯାହାକୁ ଆମେ ତୁରନ୍ତ ନିଜ ହାତକୁ ନେଇ ଆସିବା ସମୀଚୀନ ହେବ; କାରଣ ନିକଟ ଭବିଷ୍ୟତରେ ଏହା ବୋଧହୁଏ ନିତାନ୍ତ ଜରୁରୀ ହୋଇପଡ଼ିବ ଆଉ ଏହାର ଅନୁପସ୍ଥିତି ଯୋଗୁଁ ଶକ୍ତିର ପ୍ରଥମ ମୌଳିକ ଉପାଦାନରେ ଏହା ଊଣା ହୋଇ ରହିଯିବ ଓ ପ୍ରତିରୋଧର ଅସାମର୍ଥ୍ୟ ସବୁଦିନ ପାଇଁ ଆକ୍ରମଣକୁ ଡାକି ଆଣୁଥିବ । ଆମମାନଙ୍କୁ ଯଦି ଶାନ୍ତିରେ ଜାତି ପାଇଁ କାର୍ଯ୍ୟରେ ଅଗ୍ରସର ହେବାକୁ ପଡେ, ତା'ହେଲେ ସମଗ୍ର ବଙ୍ଗଳାରେ ଆତ୍ମସୁରକ୍ଷାକୁ ସଂଗଠିତ କରିବା ଦିଗରେ ଆମକୁ ସହସା ଧ୍ୟାନ ଦେବାକୁ ହେବ । ଖାଦ୍ୟଶସ୍ୟର ରପ୍ତାନିକୁ ସ୍ଥଗିତ ରଖିବା ଦ୍ୱାରା ଦୁର୍ଭିକ୍ଷ ନିରାକରଣର ଆଶୁ ଆବଶ୍ୟକତାଟିକୁ ପୂରଣ କରାଯାଇପାରେ ଯାହାର ଅଗ୍ରଦୂତ ଭାବେ 'ବଙ୍ଗବାସୀ' ନିଜକୁ ପ୍ରସ୍ତୁତ କରି ସାରିଛି; କିନ୍ତୁ ଏକ ପ୍ରକାରର ସୁଦୂର ପ୍ରସାରୀ ସ୍ଥାୟୀ ପ୍ରତିକାରଗୁଡ଼ିକ ମାଧ୍ୟମରେ ଏ ନୀତିଟିକୁ ସଂଯୁକ୍ତ ଓ ନିୟନ୍ତ୍ରିତ କରିବାକୁ ହେବ । ବର୍ତ୍ତମାନ ପାଇଁ ଜରୁରୀ ଆବଶ୍ୟକତା ପଡୁଥିବା ଗୋଟିଏ ଅସ୍ଥାୟୀ ପଦକ୍ଷେପ ସ୍ୱରୂପ ରପ୍ତାନିକୁ ସ୍ଥଗିତ ରଖିବା ପାଇଁ ଏକ ମହାପ୍ରସ୍ତାବ (Resolution) ଯଦି ଅଣାଯାଏ, ତା'ହେଲେ ଏହା ନିଶ୍ଚୟ ଯଥେଷ୍ଟ ହେବ । ଏ ସଂକ୍ରାନ୍ତରେ ଅଧିକ ମତ-ପାର୍ଥକ୍ୟ ପ୍ରତି ଆମର ଆଶଙ୍କା ରହିବା ଉଚିତ ବୋଲି ଆମେ ମନେ କରୁନାହୁଁ । ଏତେବେଳକୁ ବଙ୍ଗଳାରେ ଅବାଧ ବାଣିଜ୍ୟର ଜାତୀୟତା ବିରୋଧୀ କୁସଂସ୍କାର ଧ୍ୱଂସ ପାଇଯିବା କଥା; କାରଣ ଏକ ପରାଧୀନ ଜାତି ପାଇଁ ତା'ର ରାଜନୈତିକ ବ୍ୟବସ୍ଥାର ସର୍ବପ୍ରଥମ ଓ ଆଧିପତ୍ୟ ବିସ୍ତାରକାରୀ ନିୟମ ହେବ ନିଜର ସଂରକ୍ଷଣ ବ୍ୟବସ୍ଥା । ତେଣୁ ମଧ୍ୟସ୍ଥି ଅଦାଲତଗୁଡ଼ିକ (Arbitration courts)ର ପ୍ରତିଷ୍ଠା ପାଇଁ ପ୍ରସ୍ତାବ ପ୍ରତି କୌଣସି ପ୍ରତିବାଦ ହେବା ଉଚିତ ନୁହେଁ ।

ଆଇନଗତ ବିବାଦର ଅପକାରକୁ ଲାଘବ କରିବାର ଉପାୟ ସ୍ୱରୂପ କଂଗ୍ରେସ ଦ୍ୱାରା ମଧ୍ୟସ୍ଥି ଅଦାଲତର ପ୍ରସ୍ତାବ ଆଗତ କରାଯାଇଛି ଆଉ ବର୍ତ୍ତମାନ ଏ ସଂକ୍ରାନ୍ତରେ ଏକମାତ୍ର ମତଭେଦ ହେଲା ଆମମାନଙ୍କୁ ଶକ୍ତିହୀନ କରିଦେଉଥିବା ଆଇନଗତ ମାମଲାକୁ ଆଶ୍ରା କରି ଯେଉଁ ବିଦେଶୀ ଶାସକ ତା' କଳେବରର ପୁଷ୍ଟି ସାଧନ କରିଚାଲିଛି ତା'ପାଖରେ ଏଥିପାଇଁ ହାତ ପତେଇବା ପରିବର୍ତ୍ତେ ଆମେ ଆମ ନିଜ ପାଇଁ ଏହାର ପ୍ରତିଷ୍ଠା କରିବାକୁ ଦୃଢ଼ ଶପଥ ନେଉଛୁ । ଯାହାହେଉ, ଆମର ଆଶଙ୍କା ଯେ ଆତ୍ମସୁରକ୍ଷାର ସର୍ବପ୍ରଧାନ ପ୍ରସ୍ତାବଟିକୁ ଗୃହୀତ କରେଇନେବାରେ ହୁଏତ ଗୁରୁତର ବାଧା ଉପୁଜିପାରେ । କୋମିଲା ଘଟଣା ସମ୍ପର୍କରେ ଉଦାରପନ୍ଥୀମାନଙ୍କର ମନୋଭାବ ଥିଲା ଅମଙ୍ଗଳସୂଚକ ଲକ୍ଷଣ ।

ଏହା ସତ୍ତ୍ୱେ ଆମେ ଆଶା କରୁଛୁ, ନୂତନ ବିଚାରଧାରାର ପ୍ରତିନିଧିମାନେ ବର୍ଷକ ପାଇଁ ପ୍ରସ୍ତୁତ କାର୍ଯ୍ୟକାରୀ ଯୋଜନା ଭିତରେ ଏ ସମସ୍ତ ଆବଶ୍ୟକୀୟ ପ୍ରସଙ୍ଗକୁ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରାଣପଣେ ଚେଷ୍ଟା କରିବେ । ଏପରି ଏକ ସ୍ଥାନ ବଛାଯାଇଛି ଯେଉଁଠି ନୂତନ ଚେତନାର (New spirit) ପ୍ରସାରଣ ହୋଇପାରିନି ଆଉ ଏମିତି ଏକ ତାରିଖଟିଏ ନିର୍ଦ୍ଧାରିତ କରାହୋଇଛି ଯେମିତି ପୂର୍ବବଙ୍ଗରୁ ପ୍ରତିନିଧିମାନେ ପହଞ୍ଚିବା କଷ୍ଟସାଧ୍ୟ ହୋଇପଡ଼ିବ, ଏବଂ ସମ୍ମିଳନୀର ପରିଚାଳକମାନେ ସମ୍ଭବତଃ ବିପୁଳ ସଂଖ୍ୟକ ଉଦାରପନ୍ଥୀଙ୍କୁ ହାତ କରି ନେଇଯିବେ । ଏଭଳି ହୋଇଯିବ ବୋଲି ଆମର ଆଦୌ ଖେଦ ନାହିଁ । କାରଣ ଏ ଧରଣର କୌଶଳତାପୂର୍ଣ୍ଣ ଚାଲବାଜିରେ ଯେଉଁ ସୁବିଧାଟା ମିଳିବ ତା'ର ପ୍ରୟୋଗ କିଭଳି କରାଯିବ ତାକୁ ଅନୁଧ୍ୟାନ କରିବାର ସୁଯୋଗଟି ଆମ ହାତକୁ ଆସିଛି । ଡିସେମ୍ବରରେ ହୋଇଥିବା ଆପୋଷ ମିଳାମିଶାକୁ ଭିତ୍ତିକରି ବର୍ତ୍ତମାନର ସମ୍ମିଳନୀ ନିଷ୍ପତ୍ତି ନେବ ଦୁଇଦଳ ଏକାଠି କାମ କରିବା ପାଇଁ ତଥାପି ଆଶା ପୋଷଣ କରିବେ କିଂବା ଜାପାନରେ ଘଟିଲା ପରି ମୁକ୍ତିରୂପକ ମହାନ୍ କର୍ମର ଅୟମାରମ୍ଭ ପୂର୍ବରୁ ଜାତୀୟ ଚେତନାକୁ କରାୟତ୍ତ କରିବା ସକାଶେ ଆଉ ଜାତୀୟ କାର୍ଯ୍ୟଧାରାକୁ ଦିଗ୍‌ଦର୍ଶନ ଦେବା ପାଇଁ ସେମାନେ ସଂକଳ୍ପବଦ୍ଧ ହୋଇ ସଂଗ୍ରାମ କରିବେ । ଆମେମାନେ ଇଚ୍ଛାକୃତଭାବେ ଦୁଇଟି ବିକଳ୍ପରୁ ଯେକୌଣସିଟିକୁ ଗ୍ରହଣ କରିବୁ । ମିଳିମିଶି କାର୍ଯ୍ୟ କରିଚାଲିଲେ ତାହା ପ୍ରାରମ୍ଭରେ ଅଧିକ ଶୀଘ୍ର ଆଉ ସୁରୁଖୁରୁରେ ହୋଇଯିବ, ପକ୍ଷାନ୍ତରେ ଯଦି ପ୍ରଥମରୁ ମତ-ପାର୍ଥକ୍ୟଗୁଡ଼ିକର ସମାଧାନ ଆମେ କରିଦେଉ, ତା'ହେଲେ କାର୍ଯ୍ୟଟି ଶେଷରେ ଅଧିକ କର୍ମତତ୍ପର ହେବା ସହ ଅଧିକ ଦ୍ରୁତ ଗତିରେ ମଧ୍ୟ ସମ୍ପନ୍ନ ହେବ । ଫଳାଫଳ ଯାହା ହେଉନା କାହିଁକି, ପ୍ରଗତିଶୀଳ ଦଳ (Forward Party) ଜୟଲାଭ କରିବାକୁ ଅଟଳ ରହିଛି ।

[ବନ୍ଦେ ମାତରମ୍, ମାର୍ଚ୍ଚ ୨୯, ୧୯୦୭]

(କ୍ରମଶଃ)

ଅନୁବାଦକ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

ଯେଉଁମାନେ ନିଜକୁ ଭଗବାନଙ୍କ ପାଖରେ ନିବେଦନ କରି ଦେଇଛନ୍ତି ସେମାନେ ସମ୍ମୁଖୀନ ହେଉଥିବା ପ୍ରତିଟି ବାଧାବିଘ୍ନ ସେମାନଙ୍କ ପାଇଁ ଅଗ୍ରଗତିର ଏକ ନୂତନ ପ୍ରତିଶ୍ରୁତି ବହନ କରେ ଏବଂ ଏହି ଭାବରେ ସେଗୁଡ଼ିକୁ ଦିବ୍ୟକୃପାରୁ ମିଳୁଥିବା ଅବଦାନ ରୂପେ ଗ୍ରହଣ କରିବା ଉଚିତ ।

— ଶ୍ରୀମା

# ଦିବ୍ୟ-ହସ୍ତକ୍ଷେପ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଆମେ ଯାହାକୁ ଦିବ୍ୟ-ହସ୍ତକ୍ଷେପ କହିଥାଉ, ସେଇ ଜିନିଷଟିକୁ ସମସ୍ତେ ଜାଣନ୍ତି ଭାଗ୍ୟ ବା ବିଧାତା ବୋଲି । ଏଇ ଜିନିଷଟିକୁ ପ୍ରକୃତିର କ୍ଷେତ୍ରରେ ଅସାଧ-ସାଧନର ଏକ ପ୍ରକ୍ରିୟା କୁହାଯାଇପାରେ ଯାହା ମଣିଷର ଧାରଣାତୀତ । ବସ୍ତୁତଃ, ଗୋଟାଏ ଦିଗରୁ ବିଚାର କଲେ ମନେହୁଏ ପ୍ରକୃତି ତାହାର ନିର୍ଦ୍ଦିଷ୍ଟ ଗଣ୍ଡି ମଧ୍ୟରେ ଆବଦ୍ଧ; ତା'ର କ୍ରିୟାପଦ୍ଧତି ଅନମନୀୟ ତଥା ଅପରିବର୍ତ୍ତନୀୟ ଏବଂ ଏହା ପୂର୍ବନିର୍ଦ୍ଧାରିତ ପଥରେଖା ଧରିହିଁ ଆଗକୁ ଚାଲିଥାଏ, ତହିଁରେ କିଛି ଏପଟ-ସେପଟ ହେବାର ନାହିଁ । ଏଇ ଧାରଣା ଯଥାର୍ଥରେ କହିଲେ ବିଗତକାଳର ବୈଜ୍ଞାନିକମାନଙ୍କ ମଧ୍ୟରେ ବେଶୀ ପ୍ରଚଳିତ ଥିଲା, ଯେଉଁ ସମୟରେ ସେମାନେ ପ୍ରକୃତିର ନିୟମ (Law of Nature)କୁ ନାନା ଭାବରେ ଆଲୋଚନା କରିଛନ୍ତି । ସେମାନଙ୍କ ନିକଟରେ ପ୍ରକୃତିର ଏଇ ବିଧାନ ଗ୍ରୀକ୍ ନାଟ୍ୟକାର ସୋଫୋକ୍ଲିସ୍‌ଙ୍କର[୧] ମହାନ୍ ଉକ୍ତି ଅନୁରୂପ : ଅର୍ଥାତ୍ ପ୍ରକୃତିର ବିଧାନ ଅଲଂଘନୀୟ, ଅନପନେୟ ଏବଂ ଏହା ସୃଷ୍ଟିର ସ୍ମରଣାତୀତ କାଳରୁ ଗଡ଼ିଆସୁଛି, ଯାହାକୁ ଲିଭାଇଦେଇ ହେବ ନାହିଁ — ମଣିଷ ଦ୍ୱାରା ତ ନୁହେଁ, ଦେବତାମାନଙ୍କ ଦ୍ୱାରା ବି ନୁହେଁ, ମୋଟରେ ତାକୁ ଅମାନ୍ୟ କରାଯାଇପାରିବ ନାହିଁ । ବୈଜ୍ଞାନିକ ଲାପ୍ଲାସ୍ (Laplace)[୨], ବିଜ୍ଞାନ କ୍ଷେତ୍ରରେ ଯିଏ ନୂତନ ଦୃଷ୍ଟିଭଙ୍ଗୀ ଦେଇଛନ୍ତି, ସିଏ କହନ୍ତି : ପ୍ରକୃତି ଏକ ଦକ୍ଷ ଗଣିତଜ୍ଞ, ଅନାଦିକାଳରୁ ଏଇ ପୃଥିବୀ ପୃଷ୍ଠରେ ଯେଉଁସବୁ ଜାଗତିକ-ଶକ୍ତି କ୍ରିୟା-ପ୍ରତିକ୍ରିୟା କରିଚାଲିଛନ୍ତି, ସେସବୁକୁ ସିଏ ଲିପିବଦ୍ଧ କରିଚାଲିଛି । ସେଇ ପ୍ରକୃତି ଏ କାମରେ ଏତେଦୂର ନିପୁଣ ଯେ ବର୍ତ୍ତମାନରେ ବାସ-କରି ମଧ୍ୟ ତାହା ଏଇ ମହାବିଶ୍ୱରେ ପ୍ରତ୍ୟେକଟି ବସ୍ତୁର ତଥା ବିଘଟନର ସ୍ଥାନ ଓ କାଳର ନିର୍ଭୁଲ ପୂର୍ବାଭାସ ଦେଇପାରିବ । କର୍ମ (Karma) କିଂବା ଅଦୃଷ୍ଟ (Kismet) — ଅର୍ଥାତ୍ ଜୀବନର କର୍ମରାଜି ଅବା ନିୟତି; ଏଇ ଦୁଇଟି ଭାବନା ମାନବ-ପ୍ରକୃତିରେ ଓ ମାନବ ଚରିତ୍ରରେ ଏକ ସମାନ୍ତରାଳ ଅବଧାରଣା ହୋଇ ରହିଛି । ଠିକ୍ ସେଇଭଳି କାର୍ଯ୍ୟକାରଣ ଓ ସେସବୁର ପରିଣାମ (Cause and effect) — ଏ ଦୁଇଟି ମଧ୍ୟ ଆଗପଛ ହୋଇ ଚକ୍ରାବର୍ତ୍ତନ — କ୍ରିୟା ଓ ପ୍ରତିକ୍ରିୟା ରୂପେ ମଣିଷ ଜୀବନର ନିର୍ଦ୍ଦିଷ୍ଟ ଏକ ପଥରେଖା ଅନୁସରଣ କରୁଛି ଯେମିତି ଏହା ଈଶ୍ୱରଙ୍କ ପୂର୍ବନିର୍ଦ୍ଧାରିତ ବ୍ୟବସ୍ଥାବିନ୍ୟାସର ଅନ୍ତର୍ଗତ । ଏଇ ଏକହିଁ ବିଧାନ ଆମେ ଲକ୍ଷ୍ୟ କରିଥାଉ ଜଡ଼ଜଗତର ଘଟଣାରେ ହେଉ କିଂବା ଅନୁରୂପଭାବେ ମାନବର ଅନ୍ତଃଶ୍ଚେତନାର ରାଜ୍ୟରେ — ଉଭୟ କ୍ଷେତ୍ରଲାଗି ଏହି ନିୟମଟି ସମାନଭାବରେ ପରିଦୃଶ୍ୟମାନ ହୋଇଥାଏ ।

ମାତ୍ର ଏବେ ଆମେ ପହଞ୍ଚିଛୁ ଏପରି ଏକ ସ୍ତରରେ, ଯେତେବେଳେ ପୁରୁଣା ବିଶ୍ୱର ମତବାଦକୁ ପରିବର୍ତ୍ତନ କରିବାକୁ ବାଧ୍ୟ ହେଉଛୁ । ସୁତରାଂ ଲାପ୍ଲାସ୍‌ଙ୍କ ମନ୍ତବ୍ୟକୁ ଏକାନ୍ତ ଅକାଟ୍ୟ ବୋଲି ମାନି ନେଇପାରିବୁ ନାହିଁ । କାହିଁକି ନା, ପ୍ରକୃତିର ଗତିବିଧି ଥରେ ଥରେ ଅନିଶ୍ଚିତଭାବେ ବଦଳିଯାଏ, ବୈଜ୍ଞାନିକମାନଙ୍କ ମତରେ ଭୌତିକ ପ୍ରକୃତି ମଧ୍ୟରେ ଅନ୍ୟ କିଛି ଜିନିଷ ବଳପୂର୍ବକ ପଶି ଆସି ହସ୍ତକ୍ଷେପ କରିଥାଏ । ଏହା ମଣିଷର ଜାଣିବା ତଥା ବୁଝିବାର କରଣସବୁର ଅସାମର୍ଥ୍ୟ ଯୋଗୁଁ ଯେତେ ନୁହେଁ, ତା'ଠାରୁ ବସ୍ତୁସମୂହର ସହଜାତ ସ୍ୱଭାବ-ପ୍ରକୃତି ହେତୁ ସେତେ ଅଧିକ ଅନିଶ୍ଚିତ । କାହିଁକି ଓ କିପରି ଏଇ ଅନିଶ୍ଚିତତା ରହିଛି ସେଥିରେ ବିଜ୍ଞାନ ମଧ୍ୟ କିଂକର୍ତ୍ତବ୍ୟବିମୂଢ଼ ହୋଇଯାଏ । ଆମେ କହିଥାଉ, ଯେଉଁସବୁ ଶକ୍ତି ଏଠାରେ ଏଇ ଜଗତରେ କାର୍ଯ୍ୟରତ, ସେଗୁଡ଼ିକ ମଧ୍ୟରେ ଅନ୍ୟଧରଣର, ଏକାନ୍ତ ଭିନ୍ନ ଧରଣର ଗୋଟିଏ ଶକ୍ତି ଅନାହୂତ ଅନୁପ୍ରବେଶ କରୁଛି । ଉକ୍ତ ଶକ୍ତି ଉଚ୍ଚତର ଏବଂ ସୂକ୍ଷ୍ମତର ସ୍ତରରୁ ଆସେ, ବସ୍ତୁସବୁ ତଥା ଶକ୍ତିସବୁ ସେମାନଙ୍କ ସ୍ୱାଭାବିକ ନିୟମର ବଶବର୍ତ୍ତୀ ହୋଇ ସେମାନଙ୍କର ନିଜସ୍ୱ ଗତିପଥ ଧରି ପରିବ୍ରଜ କରନ୍ତି ସେଗୁଡ଼ିକର ବର୍ତ୍ତମାନ ଛାଞ୍ଚର ପରିମଣ୍ଡଳ ଭିତରେ : କିନ୍ତୁ ପ୍ରାୟଶଃ ଅନ୍ୟ ଏକ ଜାଗାରୁ ଅଜ୍ଞାତ ଏକ ଶକ୍ତି, ଏକ ସାମର୍ଥ୍ୟ ଅବା ଏକ ବଳ ଓ ଆବେଗ ସଂପୂର୍ଣ୍ଣ ଅନ୍ୟଧରଣର ଗୁଣାତ୍ମକତା ନେଇଆସେ, ଯାହା ଆମ ପୁରୁଣା ବାସ୍ତବତାକୁ ମୋଡ଼ିଦେଇ ଅନ୍ୟ ଦିଗରେ ଚଳାଇ ନିଏ, ଯାହାକୁ କହନ୍ତି ଅଲୌକିକ କାଣ୍ଡ ଏବଂ ଏହାହିଁ ଊର୍ଦ୍ଧ୍ୱତନ ବିଧାନର ହସ୍ତକ୍ଷେପ । ଏହା ସାଧାରଣସ୍ତରର ସୂକ୍ଷ୍ମ ଓ ସ୍ଥୂଳ-ସତ୍ତାମାନଙ୍କୁ ତଥା ନିମ୍ନସ୍ତରର ଶକ୍ତି ଓ ସତ୍ତାମାନଙ୍କ ଉପରେ ଜାତିଗତ ନିୟନ୍ତ୍ରଣ କରେ — ଯାହା ଗୋଟିଏ ପ୍ରାନ୍ତରେ ଜଡ଼ସ୍ତର ବା ସୂକ୍ଷ୍ମ ଜଡ଼ସ୍ତର ଅବା ଅତି-ସୂକ୍ଷ୍ମସ୍ତରର ପାଖାପାଖି, ଅନ୍ୟ ବିପରୀତ ପ୍ରାନ୍ତରେ ଏକାନ୍ତ ଓଲଟା ଦିଗରେ ଆଧ୍ୟାତ୍ମିକ ସ୍ତରର

ସନ୍ନିକଟ – ଏଇ ଦୁଇପ୍ରାନ୍ତ ମଧ୍ୟକୁ ତାହା ଅବତରଣ କରିଆସେ । ସ୍ତର ଯେତେ ଆଧ୍ୟାତ୍ମିକ ହେବ, ପ୍ରକୃତିର ପରିବର୍ତ୍ତନ ସେତେ ଅଧିକ ହେବ – ଆମର ଏଇ ନିମ୍ନଭୂମିରେ ଏଭଳି ପରିବର୍ତ୍ତନ ଘଟୁଥାଏ ଆମ ଅଲକ୍ଷ୍ୟରେ । ଅତିଲୌକିକ କାଣ୍ଡ, ହସ୍ତକ୍ଷେପ, ଦୈବକୃତ ଘଟଣାସବୁ ଏଠାରେ ବିରଳ ନୁହେଁ । ସେସବୁ ପ୍ରାୟଶଃ ଘଟିଥାଏ, ମାତ୍ର ସେସବୁ ଆମର ଦୃଷ୍ଟି ଆକର୍ଷଣ କରେ ନାହିଁ । କାହିଁକି ନା, ଏଇ ସମସ୍ତ ପରିଦୃଶ୍ୟମାନ ବିଘଟନ ହେତୁହିଁ ବିଶ୍ୱସ୍ତରରେ, ତତ୍ ସହିତ ବ୍ୟକ୍ତିଗତ ସ୍ତରରେ ମଧ୍ୟ ପ୍ରଗତି ସମ୍ଭବ ହେଉଛି ବିବର୍ତ୍ତନ ଧାରାରେ । ପ୍ରକୃତିର ଏଇ ସତ୍ୟ ଉପରେହିଁ ବିବର୍ତ୍ତନ ପ୍ରତିଷ୍ଠିତ ।

ସତରେ ଦେଖିଲେ ମନୁଷ୍ୟ ତା'ର ସହଜାତ ଛାଞ୍ଚ ଅବା ପ୍ରକୃତିଗତ ଜଟିଳ ଗୁଣାବଳି ଭିତରେ ଆବଦ୍ଧ ନୁହେଁ । ବଦଳୁ ନଥିବା ଚତୁଷ୍କୋଣ ବିଶିଷ୍ଟ ବିଛଣା (Procrustean bed)[୩] ଭଳି ଏକ ଗଠନ ମଧ୍ୟରେ ମଣିଷ କେବେ ବି ବନ୍ଦୀ ହୋଇ ରହିପାରିବ ନାହିଁ ତା'ର ପାରିପାର୍ଶ୍ୱିକ ଶକ୍ତିମାନଙ୍କ ଦ୍ୱାରା । ଅନବରତ ତା' ଆଗରେ ଖୋଲା ଥିବା ପଥରେ ଚାଲିବାକୁ ସେ ଶକ୍ତିରାଜିଙ୍କୁ ଆହ୍ୱାନ କରିପାରିବ କିଂବା ଶକ୍ତିସବୁ ଅନ୍ୟ ଲୋକରୁ ତା' ମଧ୍ୟକୁ ଓହ୍ଲାଇ ଆସିପାରିବେ ଓ ତା' ଅବସ୍ଥାର ପରିବର୍ତ୍ତନ ଆଣି ପାରିବେ; ଏପରିକି ତା'ର ସ୍ୱଭାବ-ପ୍ରକୃତିରେ, ତା'ର ଚରିତ୍ରବତ୍ତାରେ ତଥା ଜୀବନରେ ବିପ୍ଳବାତ୍ମକ ନବରୂପାୟଣ ଆଣି ଦେଇପାରିବେ । ଆମ ସାଧନାରେ ଯେଉଁ ଉନ୍ମୀଳନ (opening) ବିଷୟ ଆମେ କହୁ, ତାହାର ଅର୍ଥ ହେଉଛି – ଊର୍ଦ୍ଧ୍ୱରୁ ଏକ ବୃହତ୍ ଶକ୍ତି ଆମ ଚେତନା ଭିତରକୁ ଓହ୍ଲାଇ ଆସିବା ତଥା ଆମ ସାଧାରଣ ସ୍ୱଭାବ-ପ୍ରକୃତି ମଧ୍ୟକୁ ପ୍ରବେଶ କରିବାର ସମ୍ଭାବନା ସର୍ବଦା ରହିଛି । ପ୍ରକୃତି ତ ଆଉ ଧରାବନ୍ଧା ଛିଦ୍ରହୀନ ବସ୍ତୁ ମାତ୍ର ନୁହେଁ, ଯାହା ଭିତରକୁ କିଛି ପ୍ରବେଶ କରିବ ନାହିଁ । ଆମକୁ ଜଣା ଯେ ଅପେକ୍ଷାକୃତ ବିସ୍ତୃତ ଶୂନ୍ୟସ୍ଥାନସବୁ ଅଛି ଗୋଟିଏ ପରମାଣୁକୁ ଅନ୍ୟ ଗୋଟିଏ ପରମାଣୁଠାରୁ ବିଛିନ୍ନ କରି ରଖିବାରେ, ସେଇ ବିଶାଳ ଶୂନ୍ୟତା ଦେଇ ପାରମାଣବିକ କ୍ଷୁଦ୍ରାଂଶଗୁଡ଼ିକ ଯଥେଷ୍ଟ ଦୂରରେ ରହୁଥିବା ସତ୍ତ୍ୱେ ମଧ୍ୟ ସେମାନଙ୍କର ଉପାଦାନଗୁଡ଼ିକ ପରସ୍ପର ଉପରେ କାର୍ଯ୍ୟ କରିଥା'ନ୍ତି, ସେଗୁଡ଼ିକ ଏକ ଅପରର ଅନୁପୂରକ ହୁଅନ୍ତି । ସେଗୁଡ଼ିକହିଁ ବୃହତ୍ ଜାଲରେ ଅନେକ ଛିଦ୍ର ଏବଂ ଉକ୍ତ କ୍ଷୁଦ୍ର କ୍ଷୁଦ୍ର ଛିଦ୍ରଦେଇ ଉପର ସ୍ତରରୁ ନିଶ୍ଚିତଭାବେ ଅନ୍ୟାନ୍ୟ ଊର୍ଜା ବା ଶକ୍ତି ତଳକୁ ଛାଣିହୋଇ ଆସନ୍ତି ।

ସମୟକୁ ମନୁଷ୍ୟ ଅଥବା ପ୍ରକୃତି ବିଶେଷଭାବେ ଲକ୍ଷ୍ୟ କରେ ନାହିଁ; ସେମାନେ ସର୍ବଦା ଦ୍ରୁତ ଅଗ୍ରସର ହୁଅନ୍ତି । ପଶ୍ଚାଦ୍‌ଭାଗରେ ଏକ ଉଚ୍ଚତର ନିୟତିର ସଜୋର ଚାପ ବ୍ୟତିରେକେ ଏହି ଅଗ୍ରଗତି ହୋଇଥା'ନ୍ତା ତ୍ରିଗୁଣଭାବେ ଏକ ପାପିଷ୍ଠ ବୃତ୍ତ, ପୁରାତନ ଓ ଯୁଗଯୁଗାନ୍ତରର ଏକ ତୁଚ୍ଛା ନିଷ୍ଫଳ ପୁନରାବୃତ୍ତି । ମହତ୍ ଆତ୍ମାଗଣ, ବିଭୂତି ଓ ସ୍ୱୟଂ ଅବତାରମାନେହିଁ ସର୍ବୋଚ୍ଚ ଧାମର ଉତ୍ସରାଜିରୁ ଏପରି ଅବତରି ଆସିଥିବା ଉଚ୍ଚତର ଏବଂ ଅନ୍ୟାନ୍ୟ ଶକ୍ତିସତ୍ତାଗଣଙ୍କର ଏକ ଏକ ମୂର୍ତ୍ତବିଗ୍ରହ ।

ଯେଉଁ ଶକ୍ତିର ଉତ୍ସ ଯେତେ ଉଚ୍ଚତର, ତାହା ସେତେ ମହତ୍, ଅଧିକ ସାରଗର୍ଭକ ଏବଂ ତାହାର ଅଲୌକିକତା ସେତେଦୂର ଚିରସ୍ଥାୟୀ । ସର୍ବୋତ୍ତମ ଅଲୌକିକ କାଣ୍ଡ ଅପେକ୍ଷା କରି ରହିଛି ଏଇ ପୃଥିବୀ ବକ୍ଷରେ ମଣିଷର ନିୟତି ଆଗରେ ଉପସ୍ଥିତ ହେବା ପାଇଁ – ଯେତେବେଳେ ଭଗବାନଙ୍କର ପରମ ଚେତନା ଏଇ ଜଡ଼ଭୂମିରେ ଅବତରଣ କରିବ ଓ ସକଳ ନଶ୍ୱରତାକୁ ଅବିନଶ୍ୱରତାରେ ପରିଣତ କରିବ ।

(ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କର Collected Works, Vol.1, *Divine Intervention* ର ଅନୁବାଦ )

ଅନୁବାଦ : କୃଷ୍ଣାଦେବୀ ✤

## ତଥ୍ୟ ନିର୍ଦ୍ଦେଶିକା

୧: Sophocles (495-405 : B. C.) ବିଖ୍ୟାତ ଗ୍ରୀକ୍ ନାଟ୍ୟକାର । ତାଙ୍କର ଅନେକ ନାଟକ ମଧ୍ୟରେ Odipus The King ଅନ୍ୟତମ; ସେ ବିଶେଷ କରି ଗ୍ରୀକ୍-ଟ୍ରାଜେଡ଼ି ପାଇଁ ପ୍ରସିଦ୍ଧ ।

୨ : Pierra Simon Masquis Delaplace (1749 ରୁ 1827-A.D.), ଫରାସୀ ଦେଶର ବିଖ୍ୟାତ ଗଣିତଜ୍ଞ, ଜ୍ୟୋତିର୍ବିତ୍ ଓ ଦାର୍ଶନିକ ।

୩ : Procrustean bed – କଥିତ ଅଛି ଗ୍ରୀସ୍ ଦେଶର ଏକ ଡକାୟତ ଦମ୍ପତି ପଥିକମାନଙ୍କୁ ଧରି ନେଇ ଖଟରେ ବାନ୍ଧି ଦିଅନ୍ତି ତା'ର ଚାରିକୋଣର ଚାରୋଟି ଖୁଣ୍ଟି ସାଙ୍ଗରେ । ଲୋକଟି ଯଦି ଲମ୍ବା ହୋଇଥାଏ, ତା'ର ହାତପାଦ କାଟି ଦିଅନ୍ତି ଓ ଖଟର ଚାରିକୋଣ ସହିତ ବାନ୍ଧି ରଖିବା ଫଳରେ ପଥିକଟି ଚତୁଷ୍କୋଣ ବିଶିଷ୍ଟ ହୋଇଯାଏ । ସେଦିନରୁ ଏଇ ଉପମାଟି ଦିଆଯାଏ ।

ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୩ (ଖ)

# ଇନ୍ଦ୍ର ଓ ତାଙ୍କର ବିଚାରଶକ୍ତିଗଣ

## (ଋଗ୍‌ବେଦ : ମଣ୍ଡଳ - ୧, ସୂକ୍ତ : ୧୭୧)

(ଋଷି - ଅଗସ୍ତ୍ୟ । ଛନ୍ଦ : ୧ ଓ ୫ – ନିଚୃତ୍ ତ୍ରିଷ୍ଟୁପ୍, ୨- ତ୍ରିଷ୍ଟୁପ୍, ୩ -ଭୁରିକ୍ ପଂକ୍ତି, ୪ ଓ ୬- ବିରାଟ୍ ତ୍ରିଷ୍ଟୁପ୍ ।)

**ଶ୍ରୀଅରବିନ୍ଦ**

*(ଗତ ସଂଖ୍ୟାର ଅବଶିଷ୍ଟାଂଶ)*

### ଶ୍ରୀଅରବିନ୍ଦଙ୍କ ଭାଷ୍ୟ (ଖ)

(ପ୍ରଥମ ମନ୍ତ୍ରର ଅନୁବାଦ – ''ଏହି ନମସ୍କାର ସହିତ ମୁଁ ତୁମମାନଙ୍କ ଦିଗରେ ଆସୁଛି [ଏନା ନମସା ଅହମ୍ ବଃ ପ୍ରତି ଏମି], ସୂକ୍ତବାକ୍ ଦ୍ୱାରା ମୁଁ ତ୍ୱରଗତିମାନଙ୍କଠାରୁ ସୁମତି ଭିକ୍ଷା କରୁଛି [ସୂକ୍ତେନ (ଅହମ୍) ତୁରାଣାଂ ସୁମତିଂ ଭିକ୍ଷେ] । ହେ ମରୁଦ୍‌ଗଣ [ମରୁତଃ] ! ଜ୍ଞାନ ବସ୍ତୁମାନଙ୍କରେ ହର୍ଷ ଲାଭ କର [ବେଦ୍ୟାଭିଃ ରରାଣତା], କ୍ରୋଧ ବର୍ଜନ କର [ହେଳଃ ବି ଧତ୍ତ], ଅଶ୍ୱମାନଙ୍କୁ ଯୁଆଳିମୁକ୍ତ କର [ଅଶ୍ୱାନ୍ ମୁଚଧ୍ୱମ୍] ।)''

ଇନ୍ଦ୍ରଙ୍କ ପାଖରେ ଅଗସ୍ତ୍ୟଙ୍କ ଆତ୍ମ ସମର୍ପଣ ହୋଇଯାଇଛି; ବର୍ତ୍ତମାନ ଅଗସ୍ତ୍ୟ ମରୁଦ୍‌ଗଣଙ୍କୁ ନିବେଦନ କରୁଛନ୍ତି କି ମୈତ୍ରୀ ସ୍ଥାପନର ସୂତ୍ରଗୁଡ଼ିକୁ ସେମାନେ ଗ୍ରହଣ କରି ନିଅନ୍ତୁ, ଯାହା ଫଳରେ ତାଙ୍କ ଆନ୍ତରସତ୍ତାର ସମ୍ପୂର୍ଣ୍ଣ ସଙ୍ଗତି ପୁନଃ ସଂସ୍ଥାପିତ ହୋଇପାରିବ । ମରୁଦ୍‌ଗଣଙ୍କୁ ସେ ସେହି ସମର୍ପଣାତ୍ମକ ବଚନର ସହ ବିନତି କରୁଛନ୍ତି ଯାହାକୁ ସେମାନଙ୍କ ଊର୍ଦ୍ଧ୍ୱସ୍ଥ ଦେବ (ଇନ୍ଦ୍ର)ଙ୍କଠାରେ ସେ କହିଥିଲେ ଏବଂ ତାହାକୁ ସେ ସେମାନଙ୍କ ପ୍ରଜ୍ୱଳ ସେନାଙ୍କ ପ୍ରତି ବିସ୍ତାରିତ କରୁଛନ୍ତି । ମାନସିକ ସ୍ତରର ଯେଉଁ ପୂର୍ଣ୍ଣତା ତଥା ଏହାର ଯେଉଁ ଶକ୍ତିଚୟ ଯଥା – ସ୍ୱଚ୍ଛତା, ଶୁଦ୍ଧତା, ସତ୍ୟାବଗତିର ସାମର୍ଥ୍ୟ ପ୍ରଭୃତି ଯାହା ସେ କାମନା କରନ୍ତି ତାହା ଅସମ୍ଭବ ହେବ ଯଦି ଉଚ୍ଚତର ଜ୍ଞାନ ଦିଗରେ ଗତି କରୁଥିବା 'ବିଚାର-ଶକ୍ତିଗଣ'ଙ୍କର ମୁକ୍ତ କ୍ରିୟା ନ ହୁଏ । କିନ୍ତୁ ସେହି ଗତିକ୍ରିୟା ଭ୍ରାନ୍ତ ଦିଗରେ ପ୍ରବାହିତ ହୋଇଯାଇଛି ଓ ଉପଯୁକ୍ତ ରୂପେ ପ୍ରଦୀପିତ ହୋଇ ନାହିଁ, ତେଣୁ ଇନ୍ଦ୍ରଙ୍କର ଅତ୍ୟନ୍ତ ଦୃଢ଼ ବିରୋଧ ଦ୍ୱାରା ତାହା ଅଟକି ଯାଇଛି ଏବଂ ସାମୟିକ ଭାବେ ଅଗସ୍ତ୍ୟଙ୍କ ମାନସିକ ବିଚାରରୁ ତାହା ବିଦାୟ ନେଇଛି । ମରୁଦ୍‌ଗଣ ଏହି ରୂପେ ବାଧାପ୍ରାପ୍ତ ହୋଇ ତାଙ୍କୁ ଛାଡ଼ି ଅନ୍ୟ ଯାଜ୍ଞିକମାନଙ୍କ ପାଖକୁ ଚାଲି ଯାଇଛନ୍ତି; ସେମାନଙ୍କର ରଶ୍ମିମୟ ରଥଗୁଡ଼ିକ ଅନ୍ୟତ୍ର ପ୍ରକାଶମାନ ହୋଇ ଉଠୁଛନ୍ତି, ସେମାନଙ୍କ ବାତପ୍ରମୀ ଅଶ୍ୱମାନଙ୍କର ଟାପୁ ଅନ୍ୟ କ୍ଷେତ୍ରରେ ବଜ୍ରନିର୍ଘୋଷ ସୃଷ୍ଟି କରୁଛି । ଋଷି ଅଗସ୍ତ୍ୟ ସେମାନଙ୍କୁ ପ୍ରାର୍ଥନା କରୁଛନ୍ତି – ସେମାନେ ନିଜର ରୋଷ ପରିହାର କରନ୍ତୁ, ଜ୍ଞାନର ତଥା ସେଥିନିମନ୍ତେ ସକଳ କ୍ରିୟାର ଯେଉଁ ପ୍ରୟାସ ଚାଲିଛି ସେଥିରେ ସେମାନେ ପୁନଶ୍ଚ ଅଂଶଗ୍ରହଣ କରନ୍ତୁ; ସେମାନେ ଆଉ ତାଙ୍କୁ ଛାଡ଼ି ନ ଯାଆନ୍ତୁ, ସେମାନଙ୍କ ରଥ ଯୁଆଳିରୁ ଘୋଡ଼ାମାନଙ୍କୁ ଫିଟାଇ ଦିଅନ୍ତୁ, ତଳକୁ ଅବତରଣ ପୂର୍ବକ ଯଜ୍ଞବେଦୀରେ ସେମାନେ ନିଜ ଆସନ ଗ୍ରହଣ କରନ୍ତୁ, ସେମାନଙ୍କ ହବିର୍ଭାଗକୁ ସେମାନେ ସ୍ୱୀକାର କରନ୍ତୁ ।

(ଦ୍ୱିତୀୟ ମନ୍ତ୍ରର ଅନୁବାଦ – ହେ ମରୁଦ୍‌ଗଣ [ମରୁତଃ] ! ଏହା ହେଉଛି ତୁମମାନଙ୍କର ସ୍ତୁତି [ଏଷଃ ବଃ ସ୍ତୋମଃ]; ଏହା ନମସ୍କାରରେ ପରିପୂର୍ଣ୍ଣ [ନମସ୍ୱାନ୍], ଏହା ହୃଦୟ ଦ୍ୱାରା ରଚିତ [ହୃଦା ତଷ୍ଟଃ], ହେ ଦେବଗଣ [ଦେବାଃ] ! ଏହା ମନ ମାଧ୍ୟମରେ ପ୍ରତିଷ୍ଠା ଲାଭକରିଛି [ମନସା ଧାୟି] । ତୁମେ ମନ ଦ୍ୱାରା [ମନସା] ମୋର ଏହି ସ୍ତୁତିବାକ୍ୟଗୁଡ଼ିକର ନିକଟତର ହୁଅ [ମନସା ଇମାଃ ଉପ ଯାତ] ଏବଂ ମନ ଦ୍ୱାରା ଆଲିଙ୍ଗନ କର [ଜୁଷାଣାଃ]; କାରଣ, ତୁମ୍ଭେମାନେ ହେଉଛ [ଯୂୟମ୍] ନମସ୍କାରର ବୃଦ୍ଧିସାଧକ [ଯୂୟଂ ହି ନ ନମସଃ ବୃଦ୍ଧାସଃ ଇତ୍ ଥା] ।)

କାରଣ, ସେ (ଅଗସ୍ତ୍ୟ) ନିଜ ମଧ୍ୟରେ ଏହି ସମସ୍ତ ଭାସ୍ୱର ଊର୍ଜାଗୁଡ଼ିକୁ ପୁଣି ପ୍ରତିଷ୍ଠା କରିପାରିବେ ଏବଂ

ସେମାନଙ୍କଠାରେ ସେ ଯେଉଁ ସ୍ତୋତ୍ର ନିବେଦନ କରୁଛନ୍ତି ତାହାକୁ ବୈଦିକ ଋଷିଙ୍କ ଭାଷାରେ ''ସ୍ତୋମ'' କୁହାଯାଏ । ଏହା ରହସ୍ୟବାଦୀମାନଙ୍କର ପଦ୍ଧତି, ଯାହା ଏବେ ଭାରତୀୟ ଯୋଗମାର୍ଗଗୁଡ଼ିକରେ ଆଂଶିକରୂପେ ତିଷ୍ଠି ରହିଛି, ସେହି ଅନୁଯାୟୀ 'ବାକ୍' ହେଉଛି ଏକ ଶକ୍ତି, ସୃଜନ ଶକ୍ତିଯୁକ୍ତ ବାକ୍ । ଏହା କହିବାର କାରଣ ହେଲା, ସମଗ୍ର ସୃଷ୍ଟି ହେଉଛି ଅଭିବ୍ୟକ୍ତି ବା ଶବ୍ଦ-ଉଚ୍ଚାରଣ, ଅନନ୍ତଙ୍କର ଗୁପ୍ତଧାମ ମଧ୍ୟରେ ସବୁକିଛି ବିଦ୍ୟମାନ, **ଗୁହାହିତମ୍** ଏବଂ ଏକ ସକ୍ରିୟ ଚେତନା ମାଧ୍ୟମରେ ପ୍ରତୀୟମାନ ରୂପ ମାତ୍ର ପ୍ରକାଶକୁ ଅଣା ଯାଇଥାଏ । ଏପରିକି ବୈଦିକ ବିଚାରର କେତେକ ସମ୍ପ୍ରଦାୟ ମନେ କରନ୍ତି ଯେ 'ବାକ୍' ଓ ଧ୍ୱନିର ଦେବୀଙ୍କ ଦ୍ୱାରା ବିଶ୍ୱ ଭୁବନରାଜି ସୃଷ୍ଟ, କାରଣ ସୃଷ୍ଟିର ଆଦିରେ ରହିଛି ଶୂନ୍ୟ-ମଣ୍ଡଳୀୟ ସ୍ପନ୍ଦନ । ସ୍ୱୟଂ ବେଦରେ କେତେକ ମନ୍ତ୍ରଗୁଚ୍ଛ ରହିଛି ଯେଉଁଥିରେ ଅନୁଷ୍ଟୁଭ୍, ତ୍ରିଷ୍ଟୁଭ୍, ଜଗତୀ, ଗାୟତ୍ରୀ ପ୍ରଭୃତି ପଦ୍ୟ ଛନ୍ଦ ବିଷୟରେ ବର୍ଣ୍ଣନା କରିବା ବେଳେ କୁହାଯାଇଛି ଯେ ସେଗୁଡ଼ିକ ସେହି ଛନ୍ଦୋଗତିର ପ୍ରତୀକ ଯେଉଁଥିରେ ବିଶ୍ୱଗତ ବସ୍ତୁଗୁଡ଼ିକର ଗତିଛନ୍ଦକୁ ନିକ୍ଷିପ୍ତ କରାଯାଇଛି ।

ତେବେ ଅଭିବ୍ୟକ୍ତି ବା ଉଚ୍ଚାରଣ ଦ୍ୱାରା ଆମେ ସର୍ଜନା କରୁ ଏବଂ ମନୁଷ୍ୟମାନଙ୍କୁ କୁହାଯାଇଛି ଯେ ମନ୍ତ୍ର ଦ୍ୱାରା ସେମାନେ ସ୍ୱୟଂ ନିଜ ମଧ୍ୟରେ ଦେବତାମାନଙ୍କୁ ସୃଜନ କରନ୍ତୁ । ଆହୁରି ମଧ୍ୟ, ମନ୍ତ୍ରବାକ୍ ମାଧ୍ୟମରେ ଆମ ଚେତନାରେ ଆମେ ଯାହା ସୃଜନ କଲୁ, ତାହାକୁ ଆମ ମଧ୍ୟରେ ପ୍ରତିଷ୍ଠା କରିବାକୁ ଏବଂ କେବଳ ଆମର ଆନ୍ତର ଜୀବନରେ ନୁହେଁ ବାହ୍ୟ ଭୌତିକ ଜଗତରେ ମଧ୍ୟ ପ୍ରଭାବକ କରିବା ନିମନ୍ତେ ମାଧ୍ୟମ ହେଉଛି 'ମନ୍ତ୍ର' । ମନ୍ତ୍ରବାକ୍‌ର ଉଚ୍ଚାରଣ ଦ୍ୱାରା ଆମେ ଗଢୁ, ସ୍ତୋତ୍ର ଦ୍ୱାରା ଆମେ ତାହାର ପ୍ରତିଷ୍ଠା କରୁ । 'ଗୀଃ' ବା 'ବଚସ୍' ଶବ୍ଦ ଦ୍ୱୟ ଶବ୍ଦୋଚ୍ଚାରଣ ଶକ୍ତି ଅର୍ଥରେ ପ୍ରଯୁକ୍ତ; ସ୍ତୁତିର ଶକ୍ତି ରୂପେ 'ସ୍ତୋମ' ଶବ୍ଦ ପ୍ରଯୁକ୍ତ । 'ମନ୍ମ' ବା 'ମନ୍ତ୍ର'କୁ ଉଭୟ ଗୁଣର ପରିଚାୟକ ରୂପେ, ମାନସିକ ଗଭୀର ଚିନ୍ତନର ପ୍ରକାଶ, ଏବଂ 'ବ୍ରହ୍ମନ୍' — ହୃଦୟ ଓ ଆତ୍ମାର ଅଭିବ୍ୟକ୍ତି ରୂପେ, ପ୍ରୟୋଗ କରାଯାଇଛି, — ମନେହୁଏ 'ବ୍ରହ୍ମନ୍'[୧] ଶବ୍ଦର ପ୍ରାଚୀନ ଅର୍ଥ ଏଇଥିପାଇଁ ଅଭିପ୍ରେତ ଥିଲା । ପରେ ପରମାତ୍ମା ବା ବିଶ୍ୱପୁରୁଷ ଅର୍ଥରେ ଏହାର ପ୍ରୟୋଗ ଘଟିଛି ।

ସୂକ୍ତର ଦ୍ୱିତୀୟ ଋକ୍‌ରେ ମନ୍ତ୍ର ରଚନାର ପଦ୍ଧତି ବର୍ଣ୍ଣିତ ହେବା ସହିତ ଏହାର ସାଫଲ୍ୟ ନିମନ୍ତେ ସର୍ତ୍ତଗୁଡ଼ିକର ମଧ୍ୟ ଉଲ୍ଲେଖ ରହିଛି । ''ସ୍ତୋମ'' ଅର୍ଥାତ୍ ଏହା ଏକସଙ୍ଗେ ସ୍ତୁତି ଓ ଆତ୍ମ-ସମର୍ପଣାତ୍ମକ ବାକ୍ — ମରୁଦ୍‌ଗଣଙ୍କଠାରେ ଅଗସ୍ତ୍ୟ ନିବେଦନ କରୁଛନ୍ତି । ଏହା ହୃଦୟ ଦ୍ୱାରା ଗଠିତ ହୁଏ, ମନ ଦ୍ୱାରା ପୁଷ୍ଟି ଲାଭ କରି ଏହା ମନୋଭୂମିରେ ନିଜର ସମୁଚିତ ସ୍ଥାନ ପ୍ରାପ୍ତ କରିଥାଏ । ମନ୍ତ୍ର, ଏହା ଯଦିଓ ମନୋଗତ ଚିନ୍ତାକୁ ବ୍ୟକ୍ତ କରିଥାଏ ତଥାପି ଏହାର ସାରତତ୍ତ୍ୱରେ ଏହା ବୁଦ୍ଧିର ରଚନା ନୁହେଁ । ପବିତ୍ର ତଥା ଫଳପ୍ରସୂ ହୋଇଥିବା କୌଣସି ବାକ୍ ତାହା ହେଉଛି ଅତିମାନସ ସ୍ତରରୁ — ବୈଦିକ ସଂଜ୍ଞାରେ ଏହା 'ଋତ', ସତ୍ୟ — ସ୍ତରରୁ ଉତ୍ସାରିତ ହୋଇ ଅବଶ୍ୟ ଆସିଥିବ ଏବଂ ହୃଦୟ ହେଉ ଅଥବା ଜ୍ଞାନଭାସ୍ୱର ବୁଦ୍ଧି, 'ମନୀଷା' ହେଉ ଏହାରି ମାଧ୍ୟମରେ ବହିଃସ୍ଥ ଚେତନାରେ ଏହା ଗୃହୀତ ହୋଇଥାଏ । ବୈଦିକ ମନସ୍ତତ୍ତ୍ୱରେ କେବଳ ଭାବର ଆସ୍ଥାନ ରୂପେ ହୃଦୟ ସୀମିତ ନୁହେଁ; ଆମ ଅବଚେତନାର ଅତି ନିକଟସ୍ଥ ସ୍ୱତଃସ୍ଫୂର୍ତ୍ତ ମାନସର ସକଳ ବ୍ୟାପକ ଗତିଗୁଡ଼ିକର ମଧ୍ୟ ଏଠାରେ ସମାବେଶ — ଏହି ଅବଚେତନାରୁ ଯାବତୀୟ ଇନ୍ଦ୍ରିୟବୋଧ, ଭାବପ୍ରବଣତା, ଜନ୍ମଗତ ପ୍ରବୃତ୍ତି, ଆବେଗ ପ୍ରଭୃତି ଉଠି ଆସିଥା'ନ୍ତି ଏବଂ ସେହି ସମସ୍ତ ଅନ୍ତର୍ବୋଧ ଓ ଆନ୍ତର ପ୍ରେରଣା ଆସି ମନରେ ବୁଦ୍ଧିର ରୂପ ଗ୍ରହଣ କରିବା ପୂର୍ବରୁ ଏହି ସକଳ ସାଧନର ମଧ୍ୟ ଦେଇ ଯାତ୍ରା କରିଥା'ନ୍ତି । ବେଦ ଓ ବେଦାନ୍ତରେ ଯାହା 'ହୃଦୟ', ହୃଦ୍ ବା ବ୍ରହ୍ମନ୍ ବୋଲି ଅଭିହିତ ତା'ର ପରିଭାଷା ଏହିପରି । ମନୁଷ୍ୟର ସାମ୍ପ୍ରତିକ ସ୍ଥିତି ଯାହା ସେଥିରୁ ଏହି ବୋଧ ହୁଏ ଯେ ପୁରୁଷଙ୍କର ଅବସ୍ଥିତି କେନ୍ଦ୍ରସ୍ଥଳରେ । ସାଧାରଣ ମନୁଷ୍ୟ ମଧ୍ୟରେ ଥିବା ଅବଚେତନର ବିଶାଳତାର ନିକଟତର ହୋଇ ଏହି ପୁରୁଷ ରହିଛନ୍ତି — ଆଜିଯାଏ ମଣିଷ ସେହି ଉଚ୍ଚତର ସ୍ତରକୁ ଉତ୍ତୋଳିତ ହୋଇ ନାହିଁ ଯେଉଁଥିରେ ଅନନ୍ତଙ୍କ ସହିତ ସମ୍ପର୍କ ହୋଇଥିବ ଭାସ୍ୱର, ନିବିଡ଼ ଓ ପ୍ରତ୍ୟକ୍ଷ — ଯେଉଁ ଅବସ୍ଥାରେ ବିଶ୍ୱାତ୍ମ-

୧. 'ବୃହ୍'ରୁ ନିଷ୍ପନ୍ନ ଶବ୍ଦ ମଧ୍ୟ ମିଳେ (ବୃହସ୍ପତି, ବ୍ରହ୍ମଣସ୍ପତି); ଏହାର ପୂର୍ବତର ରୂପ 'ବୃହନ୍' ଓ 'ବ୍ରହନ୍' ଥିବାର ମନେହୁଏ । ଏହା ଅତ୍ୟନ୍ତ ସମ୍ଭବ ଯେ ଏହି ବ୍ରହନ୍ (ଷଷ୍ଠୀ — ବ୍ରହ୍ନସ୍)ରୁ ଗ୍ରୀକ୍ ଭାଷାରେ ଫ୍ରେନ୍, ଫ୍ରେନୋସ୍ (Phren, Phrenos) ଶବ୍ଦ ରହିଛି ଯାହାର ଅର୍ଥ ମନ ।

ପୁରୁଷଙ୍କର ପ୍ରେରଣା ଅତି ସହଜରେ ଅନୁପ୍ରବେଶ କରିପାରୁଥିବ ଏବଂ ବ୍ୟକ୍ତିସତ୍ତା ମଧ୍ୟରେ ତତ୍‌କ୍ଷଣାତ୍ ସ୍ଥାନଗ୍ରହଣ କରିପାରୁଥିବ । ଏହି ହେତୁ ହୃଦୟର ଶକ୍ତି ଦ୍ୱାରା ମନ୍ତ୍ର ରୂପ ଗ୍ରହଣ କରିଥାଏ ।

କିନ୍ତୁ ଅନ୍ୟ ଏକ ସ୍ୱୀକୃତିର ଆବଶ୍ୟକତା ରହିଛି । ବ୍ୟକ୍ତିଗତ ମନ ତ ସ୍ୱୀକାର କରି ନେଇଛି; ବିଶ୍ୱ ମଣ୍ଡଳର ପ୍ରଭାବକ ଶକ୍ତିମାନଙ୍କ ସ୍ୱୀକୃତି ମିଳିବା ମଧ୍ୟ ଆବଶ୍ୟକ । ସୂକ୍ତର ଯେଉଁ ଶବ୍ଦଗୁଡ଼ିକ ମନ ଦ୍ୱାରା ଧାରଣ କରାଯାଇଥାଏ ସେସବୁ ନୂତନ ମାନସିକ ଢାଞ୍ଚାର ଆଧାର ଗଠନ କରିଥା'ନ୍ତି ଏବଂ ଏଇଥିରୁହିଁ ଭବିଷ୍ୟତ୍ ଧୀଶକ୍ତିଗୁଡ଼ିକ ନିଜର ଅଗ୍ରଗତି ଆରମ୍ଭ କରିବେ । ମରୁଦ୍‌ଗଣ ସେଗୁଡ଼ିକର ସନ୍ନିକଟକୁ ଆସନ୍ତୁ ଏବଂ ସେଗୁଡ଼ିକ ଉପରେ ବିରାଜମାନ ହୁଅନ୍ତୁ, ବ୍ୟକ୍ତିର ମନ ମଧ୍ୟସ୍ଥ ରଚନାଗୁଡ଼ିକୁ ବୈଶ୍ୱ ମନର ଶକ୍ତିଗଣ ଅନୁମୋଦନ କରନ୍ତୁ ତଥା ସେଥିସହ ସମ୍ମିଳିତ ହୁଅନ୍ତୁ । ଏହାରି ଦ୍ୱାରା କେବଳ ଆମର ଆନ୍ତର ବାହ୍ୟ କ୍ରିୟା ନିଜର ପରମ ସାଫଲ୍ୟ ଲାଭ କରିଥାଏ ।

ମରୁଦ୍‌ଗଣ ଯେ ନିଜର ସ୍ୱୀକୃତି ଦେବାକୁ ନାସ୍ତି କରି ଦେବେ ଅଥବା ସେମାନଙ୍କର ମତାନ୍ତରକୁ ଦୀର୍ଘକାଳ ପର୍ଯ୍ୟନ୍ତ ଲମ୍ବାଇ ରଖିବେ ତାହାର କୌଣସି କାରଣ ନାହିଁ । ଦିବ୍ୟଶକ୍ତିଗଣ ନିଜର ବ୍ୟକ୍ତିଗତ ଆବେଗ ଅପେକ୍ଷା ଦିବ୍ୟବିଧାନକୁ ମାନିଥା'ନ୍ତି, ସେମାନଙ୍କର ସାର ସ୍ୱଭାବ ଯାହା ସେହି ଅନୁସାରେ ସେମାନେ 'ଅମର'ଠାରେ ମର୍ତ୍ତ୍ୟର ସମର୍ପଣ ପ୍ରୟାସରେ ସହାୟକ ହେବା ଉଚିତ, ଋତ ଓ ମହତ୍ ଦିଗରେ ମାନବୀୟ ଗୁଣଗୁଡ଼ିକ ଅଭୀପ୍ସା କରୁଥିବା ବେଳେ ସେମାନେ ସେଥିରେ ନମନ-ପ୍ରକ୍ରିୟାର ବୃଦ୍ଧିସାଧନ କରିବା ଉଚିତ ।

(ତୃତୀୟ ମନ୍ତ୍ରର ଅନୁବାଦ – ସ୍ତୁତି ପ୍ରାପ୍ତିପୂର୍ବକ ଏହି ମରୁଦ୍‌ଗଣ [ସ୍ତୁତାସୋ ମରୁତଃ] ଆମ ପ୍ରତି ମୃଦୁଭାବ ବହନ କରନ୍ତୁ [ନଃ ମୃଳୟନ୍ତୁ], (ଆହୁରି ମଧ୍ୟ – ଉତ) ଇନ୍ଦ୍ର [ମଘବା] ସ୍ତୁତିଲାଭ କରି [ସ୍ତୁତଃ] ଐଶ୍ୱର୍ଯ୍ୟର ପୂର୍ଣ୍ଣ ରୂପେ ବିରଚକ ହୋଇଛନ୍ତି [ସଂଭବିଷ୍ଠଃ] । ଆମର ଊର୍ଦ୍ଧ୍ୱମୁଖ କାମ୍ୟ ଆନନ୍ଦରାଜି [କୋମ୍ୟା ବନାନି] ଊର୍ଦ୍ଧ୍ୱସ୍ତରକୁ ଉତ୍ତୋଳିତ ହୁଅନ୍ତୁ [ଊର୍ଦ୍ଧ୍ୱା ସନ୍ତୁ], ହେ ମରୁଦ୍‌ଗଣ [ମରୁତଃ] ! ଆମର ସକଳ ଦିବସ [ବିଶ୍ୱା ଅହାନି] ବିଜୟେଚ୍ଛା ଦ୍ୱାରା [ଜିଗୀଷା] ଊର୍ଦ୍ଧ୍ୱଦିଗରେ ଉତ୍‌ଥିତ ହୁଅନ୍ତୁ ।)

ସ୍ତୁତ ତଥା ସ୍ୱୀକୃତ ହେବା ପରେ ଇନ୍ଦ୍ର ତାଙ୍କର ମର୍ତ୍ତ୍ୟ-ସମ୍ପର୍କରେ ଆଉ ପୀଡ଼ାର କାରଣ ହୋଇ ନାହାନ୍ତି; ଭଗବତ୍ ସ୍ପର୍ଶ ବର୍ତ୍ତମାନ ପୂର୍ଣ୍ଣ ରୂପେ ଶାନ୍ତି ଓ ସୁଖର ସୃଜନ କରୁଛି । ସ୍ତୁତ ଓ ସ୍ୱୀକୃତ ହେବା ପରେ ମରୁଦ୍‌ଗଣ ମଧ୍ୟ ନିଜ ହିଂସାତ୍ମକ କ୍ରିୟାକୁ ଅପସାରିତ କରିଦେବା ଉଚିତ । ସେମାନେ ନିଜର ସୌମ୍ୟ ରୂପଧାରଣ ପୂର୍ବକ, ନିଜ କାର୍ଯ୍ୟରେ ସହାନୁଭୂତିଶୀଳ ହେବା ପୂର୍ବକ ବ୍ୟକ୍ତି-ଆତ୍ମାକୁ ସଂଘର୍ଷ ତଥା ବିକ୍ଷୋଭର ମାର୍ଗରେ ନ ନେବା ପୂର୍ବକ ସେମାନେ ପୂର୍ଣ୍ଣତଃ ଉପକାରୀ ହେବା ସଙ୍ଗେ ଶକ୍ତିଶାଳୀ କାର୍ଯ୍ୟସାଧନର ମାଧ୍ୟମ ହୋଇଉଠିବା ଉଚିତ ।

ପୂର୍ଣ୍ଣ ସଙ୍ଗତି ପ୍ରତିଷ୍ଠିତ ହେଲା, ଅଗସ୍ତ୍ୟଙ୍କ ପାଇଁ ଯେଉଁ ନୂତନ ଓ ଋଜୁ ଯୋଗ ପଥ ନିର୍ଦ୍ଦେଶିତ ହୋଇଛି ସେଥିରେ ତାଙ୍କ ଯୋଗ ବିଜୟୀ ଭାବର ସହ ଅଗ୍ରଗତି କରିଚାଲିବ । ସର୍ବଦା ଲକ୍ଷ୍ୟଟି ହେଲା ଉଚ୍ଚତର ସ୍ତରକୁ ଉନ୍ନୀତ ହେବା,– ସାଧାରଣ ଜୀବନଟି ଯେପରି ବିଭକ୍ତ ଏବଂ ଇନ୍ଦ୍ରିୟ ବୋଧରେ, ଭାବାବେଗରେ, ଚିନ୍ତା ଓ କର୍ମରେ ଅହଂକାରଗ୍ରସ୍ତ ତା'ଠାରୁ ଊର୍ଦ୍ଧ୍ୱସ୍ତରକୁ ଉନ୍ନୀତ ହେବା । ଆହୁରି ମଧ୍ୟ, ଯାହା ବିରୋଧୀ ତଥା କ୍ଷତିକାରୀ ସେସବୁ ଉପରେ ବିଜୟର ମାର୍ଗରେ ସେହି ସମାନ ସଶକ୍ତ ସଂକଳ୍ପ ସହ ସର୍ବଦା ଗତି କରିବା । କିନ୍ତୁ ଏହା ହେବା ଉଚିତ ଏକ ସର୍ବାଙ୍ଗୀଣ ଅଭ୍ୟୁତ୍‌ଥାନ । ମଣିଷ ତା'ର କାମନା ମାଧ୍ୟମରେ ଯେତେସବୁ ଆମୋଦ ଇଚ୍ଛା କରୁଛି, ତା'ର ଜାଗ୍ରତ୍ ଚେତନାରେ ସେ ଯେତେସବୁ ସକ୍ରିୟ ଉର୍ଜା,– ବେଦର ସଂକ୍ଷିପ୍ତ ପ୍ରତୀକାତ୍ମିକା ଭାଷାରେ ଯାହାକୁ ''ଅହାନି'' ବା ଦିବସଗୁଡ଼ିକ ବୋଲି କୁହାଯାଇଛି – ଏ ସମସ୍ତର ସେହି ଉଚ୍ଚସ୍ତରକୁ ଉନ୍ନୀତ ହେବାର ଅଛି । ''ବନାନି'' କହିବା ଦ୍ୱାରା ଏହି ଅର୍ଥ ବ୍ୟକ୍ତ ହେଉଛି ଯେ ସକଳ କ୍ରିୟାତ୍ମକ ବିଷୟ ମଧ୍ୟରେ ଆନନ୍ଦର ଅନ୍ୱେଷଣ କରୁଥିବା ଏକ ଗ୍ରହଣଶୀଳ ସମ୍ବେଦନ, ଏହାରି ଅନ୍ୱେଷଣ କରିବା ପାଇଁହିଁ ତା'ର ସୃଷ୍ଟି । ଏସବୁକୁ ବିବାଦ୍ ଦେବାର ନୁହେଁ । ବର୍ଜନ କରିଦେବାର କିଛି ବି ନାହିଁ, ଦିବ୍ୟଚେତନାର ବିଶୁଦ୍ଧ ସ୍ତର ଦିଗରେ ସବୁକିଛି ଉନ୍ନୀତ ହେବେ ।

(ଚତୁର୍ଥ ମନ୍ତ୍ରର ଅନୁବାଦ – ଏହି ବଳବାନଙ୍କ ଦ୍ୱାରା ଶାସିତ ହୋଇଥିବା, [ଅସ୍ମାତ୍ ତବିଷାତ୍ ଈଷମାଣଃ], ଇନ୍ଦ୍ରଙ୍କ ଭୟରେ କମ୍ପମାନ ହୋଇ ଉଠୁଥିବା ମୁଁ [ଇନ୍ଦ୍ରାତ୍ ଭିୟା ରେଜମାନଃ ଅହମ୍] ହେ ମରୁଦ୍‌ଗଣ ! ତୁମ ପାଇଁ ତୀବ୍ର କରି ରଖିଥିବା ହବନୀୟ ଦ୍ରବ୍ୟଗୁଡ଼ିକୁ [ଯୁଷ୍ମଭ୍ୟଂ ନିଶିତାନି ଦ୍ରବ୍ୟା ଆସନ୍] ଅତି ଦୂରରେ ଯତ୍ନରେ ରଖିଛି [ଆରେ ଚକୃମା] । ଆମ ପ୍ରତି କୃପାଳୁ ହୁଅ [ନଃ ମୃଳତ] ।)

ଅଗସ୍ତ୍ୟ ପ୍ରଥମେ ଅନ୍ୟ ଅବସ୍ଥା ବା ପରିସ୍ଥିତି ମଧ୍ୟରେ ମରୁଦ୍‌ଗଣଙ୍କ ନିମନ୍ତେ ଯଜ୍ଞ ପ୍ରସ୍ତୁତ କରିଥିଲେ । ସେହି 'ଚିନ୍ତାଶକ୍ତିମାନଙ୍କ' ହାତରେ ସେ ନିଜ ମଧ୍ୟରେ ଥିବା ସମସ୍ତ କିଛି ସମର୍ପି ଦେବାକୁ ଚାହିଁଛନ୍ତି – ସେହି ସମସ୍ତର ଉପରକୁ ସେମାନଙ୍କର (ମରୁଦ୍‌ଗଣଙ୍କ) ପୂର୍ଣ୍ଣ ଶକ୍ତିମତ୍ତାକୁ ନିକ୍ଷେପ କରି ଦେଇଥିଲେ; କିନ୍ତୁ ଯଜ୍ଞରେ ଦୋଷଥିବା ହେତୁ ମଧ୍ୟପଥରେ ସେ ସେହି ବଳଶାଳୀ (ଇନ୍ଦ୍ର)ଙ୍କୁ ଶତ୍ରୁ ଭଳି ସମ୍ମୁଖୀନ ହୋଇଛନ୍ତି ଏବଂ ତା'ଫଳରେ ସେ ଯେଉଁ ଭୟ ପାଇଛନ୍ତି ତଥା ତୀବ୍ର ଯନ୍ତ୍ରଣା ଭୋଗିଛନ୍ତି ସେଥିରେ ତାଙ୍କର ଆଖି ଖୋଲିଛି ଏବଂ ତାଙ୍କର ବ୍ୟକ୍ତି-ଆତ୍ମା ସମର୍ପଣ କରିଛି । ତଥାପି ଏହି ଅନୁଭୂତିର ଭାବାବେଗରେ ପ୍ରତିସ୍ପନ୍ଦିତ ହୋଇ ସେ ବାଧ୍ୟ ହୋଇଛନ୍ତି ସେହି ସମସ୍ତ କର୍ମପ୍ରକ୍ରିୟାକୁ ତ୍ୟାଗ କରିବାକୁ ଯାହାକୁ ସେ ଅତି ପ୍ରବଳ ଭାବରେ ପ୍ରସ୍ତୁତ କରିଥିଲେ । ଏଥର ସେ ପୁନଶ୍ଚ ମରୁଦ୍‌ଗଣଙ୍କ ଉଦ୍ଦେଶ୍ୟରେ ଯଜ୍ଞ ନିବେଦନ କରୁଛନ୍ତି, କିନ୍ତୁ ସେଥିରେ 'ଇନ୍ଦ୍ର' ଭଳି ଏକ ପ୍ରତିଭାବାନ୍ ନାମକୁ ସାମିଲ କରିଛନ୍ତି – ଏ ହେଉଛନ୍ତି ତତୋଽଧିକ ପରାକ୍ରମୀ ଦେବତା । ଯଜ୍ଞ ବ୍ୟାହତ ହେଲା ବୋଲି ମରୁଦ୍‌ଗଣ ମନରେ ଆକ୍ରୋଶ ନ ରଖନ୍ତୁ, ବରଂ ଏହି ଅଭିନବ ତଥା ଅଧିକ ବିଧି ସମ୍ମତଭାବେ ପରିଚାଳିତ କର୍ମକୁ ସେମାନେ ସ୍ୱୀକାର କରନ୍ତୁ ।

(ପଞ୍ଚମ ମନ୍ତ୍ରର ଅନୁବାଦ – ଯାହାଙ୍କ ଦ୍ୱାରା [ୟେନ] ମନର ଗତିବୃତ୍ତିଗୁଡ଼ିକ [ମାନାସଃ] ଆମ ପ୍ରଭାତଗୁଡ଼ିକରେ [ବ୍ୟୁଷ୍ଟିଷୁ] ଅନବଚ୍ଛିନ୍ନ ଉଷାମାନଙ୍କର ଉଜ୍ଜ୍ୱଳ ଶକ୍ତିରାଜି ମାଧ୍ୟମରେ [ଉସ୍ରା ଶବସା] ସଚେତ ଓ ପ୍ରଦୀପ୍ତ ହୋଇ ଉଠୁଛନ୍ତି [ଚିତୟନ୍ତଃ], ସେହି ତୁମେ ହେ ବୃଷଭ [ସଃ ବୃଷଭ] ! ମରୁଦ୍‌ଗଣଙ୍କ ମାଧ୍ୟମରେ [ମରୁଭିଃ] ଆମଭିତରେ [ନଃ] ଅନ୍ତଃପ୍ରେରିତ ଜ୍ଞାନର ପ୍ରତିଷ୍ଠା କର [ଶ୍ରବଃ ଧାଃ] – ସେହି ଉଗ୍ର (ମରୁତ)ମାନଙ୍କ ଦ୍ୱାରା [ଉଗ୍ରେଭିଃ] ତୁମେ ହୋଇଛ ପ୍ରବଳ [ଉଗ୍ରଃ], ଅଟଳ ଗତିମାନ୍ [ସ୍ଥବିରଃ] ଓ ଶକ୍ତିଦାତା [ସହୋଦାଃ] ।)

ସୂକ୍ତଟିର ଅନ୍ତିମ ଦୁଇ ଋଚାରେ ଅଗସ୍ତ୍ୟ ମରୁଦ୍‌ଗଣଙ୍କଠାରୁ ମୁଖ ଫେରାଇ ଇନ୍ଦ୍ରଙ୍କ ଦିଗକୁ ଆସିଛନ୍ତି । ମାନବୀୟ ମାନସର କ୍ରମବର୍ଦ୍ଧମାନ ଜ୍ଞାନର ପ୍ରତିନିଧିତ୍ୱ କରନ୍ତି ମରୁଦ୍‌ଗଣ, ଅବଚେତନାର ଅନ୍ଧକାର ମଧ୍ୟରୁ ଅଭ୍ୟୁଦୟଠାରୁ ମନର ଗତିଧାରାଗୁଡ଼ିକର ଯେପରି ଅସ୍ପଷ୍ଟରୂପେ ଆରମ୍ଭ ଘଟିଥିଲା ସେହିଠାରୁ ଆରମ୍ଭ କରି ଜ୍ୟୋତିର୍ମୟ ଚେତନା ରୂପରେ, ଯେଉଁଥିରେ ପୁରୁଷ ହେଉଛନ୍ତି ''ଇନ୍ଦ୍ର'' ଅର୍ଥାତ୍ ପ୍ରତିନିଧିମୂଳକ ସତ୍ତା, ସେହି ସ୍ୱରୂପରେ ରୂପାନ୍ତରିତ ହୋଇଯିବା ପର୍ଯ୍ୟନ୍ତ ସେମାନଙ୍କ କାର୍ଯ୍ୟ ଚାଲିଥାଏ । ଧୂମାଚ୍ଛନ୍ନ ଅବସ୍ଥାରୁ ସେଗୁଡ଼ିକ ଜ୍ଞାନପ୍ରକାଶଯୁକ୍ତ ହୋଇଥାନ୍ତି; ସାନ୍ଧ୍ୟ ଗୋଧୂଳିର ଅବସ୍ଥା, ଯାହା ଅର୍ଦ୍ଧାଲୋକିତ ବା ଭ୍ରାନ୍ତିଜନକ ପ୍ରତିବିମ୍ବରେ ପରିଣତ ହୋଇଥିଲା, ଏହିସବୁ ଅଜ୍ଞତା ମଧ୍ୟରୁ ସେମାନେ ଉତ୍ତୋଳିତ ହୋଇ ଆସି ଦିବ୍ୟଭାସ୍ୱରତାକୁ ଧାରଣ କରିଥାନ୍ତି । ମହାକାଳର ବକ୍ଷରେ କ୍ରମେ କ୍ରମେ, ମାନବୀୟ ଆତ୍ମଚେତନାର ସେହି ସମସ୍ତ ପ୍ରାଭାତିକ କାଳରେ, ଅବିରଳ ଭାବେ ଚାଲି ଆସିଥିବା ଉଷାଗୁଡ଼ିକ ଦ୍ୱାରା ଏହି ମହାନ୍ ବିବର୍ତ୍ତନ ସମ୍ଭବ ହୋଇଛି । କାରଣ, ବେଦରେ ଉଷା ହେଉଛନ୍ତି ମାନବର ଭୌତିକ ଚେତନା ଉପରେ ଦିବ୍ୟ-ଆଲୋକ ସଞ୍ଚାରକ ନବୀନ ଉନ୍ମୀଳନର ପ୍ରତୀକସ୍ୱରୂପା ଦେବୀ । ସେ ଓ ତାଙ୍କର ଭଉଣୀ ନିଶା ବା ରାତ୍ରୀ ଜଣକ ପରେ ଜଣେ ହୋଇ ଆସିଥାନ୍ତି; କିନ୍ତୁ ସେହି ଅନ୍ଧକାର ସ୍ୱୟଂ ହେଉଛି ଆଲୋକର ଜନନୀ ଏବଂ ଏହି କୃଷ୍ଣ-ଭ୍ରୂଲତା-ଶୋଭିତା ମାତା ନିଜ ଗର୍ଭରେ ଯାହା ପ୍ରସ୍ତୁତ କରିଥା'ନ୍ତି ତାହାକୁ ବ୍ୟକ୍ତ କରିବା ନିମନ୍ତେ ଉଷାଦେବୀ ପ୍ରତିଦିନ ଆଗମନ କରିଥା'ନ୍ତି । ଯାହା ବି ହେଉ, ଋଷି ଏଠାରେ ବୋଧହୁଏ ଅପ୍ରତିହତ ଉଷା ବିଷୟରେ କହିବାକୁ ଚାହାନ୍ତି, ଯାହା ଏହି ସମସ୍ତ ପ୍ରତୀୟମାନ ବିରତି ତଥା ଧୂମାଚ୍ଛନ୍ନତାର ଅନ୍ତର ଦ୍ୱାରା ବ୍ୟାହତା ହେଉ ନ ଥିବ । କ୍ରମାନୁବର୍ତ୍ତୀ ପ୍ରକାଶର ଏହି ଯେଉଁ ନିରବଚ୍ଛିନ୍ନତା, ତାହାର ପ୍ରୋଜ୍ଜ୍ୱଳ ଶକ୍ତି ଦ୍ୱାରା ମନୁଷ୍ୟର ମନ ପୂର୍ଣ୍ଣତମଲୋକର ଧାମ ମଧ୍ୟକୁ କ୍ଷିପ୍ର ଗତିରେ ଆରୋହଣ କରିଥାଏ । କିନ୍ତୁ ଏହି ରୂପାନ୍ତରକୁ ସର୍ବଦା ଯେଉଁ ଶକ୍ତି ସଞ୍ଚାଳିତ ତଥା ସମ୍ଭବ କରାଇଥାଏ ତାହା ହେଉଛି ଇନ୍ଦ୍ରଙ୍କର ପ୍ରଭାବଶାଳୀ ଶକ୍ତି । ଏହା ହେଉଛି ସେହି ପରମ ଧୀଶକ୍ତି ଯାହାକୁ 'ଉଷା'ଗୁଡ଼ିକ ମାଧ୍ୟମରେ, ମରୁଦ୍‌ଗଣଙ୍କ ମାଧ୍ୟମରେ, ମାନବସତ୍ତାର ଆଧାରରେ ସ୍ୱୟଂ ଅଜାଡ଼ି ହୋଇ ଆସିଛି । ସେହି ଜ୍ୟୋତିର୍ଗୋଧନର ବୃଷଭ ହେଉଛନ୍ତି ଇନ୍ଦ୍ର, ସେହିଁ ହେଉଛନ୍ତି ଚିନ୍ତାଶକ୍ତିଗୁଡ଼ିକର ସ୍ୱାମୀ, ଭାସ୍ୱର ଉଷାଗୁଡ଼ିକର ପ୍ରଭୁ ।

ଏଠାରେ ଆହୁରି ମଧ୍ୟ କୁହାଯାଇଛି, ଜ୍ଞାନଜ୍ୟୋତିଃର ପ୍ରକାଶ ପ୍ରକ୍ରିୟାରେ ଇନ୍ଦ୍ର ମରୁଦ୍‌ଗଣଙ୍କୁ ସାଧନଭାବେ ଉପଯୋଗ କରନ୍ତୁ । ସେମାନଙ୍କ ଦ୍ୱାରା ତାଙ୍କର ଅତିମାନସିକ ଜ୍ଞାନର ପ୍ରତିଷ୍ଠା ସେ କରନ୍ତୁ । ସେମାନଙ୍କ ଶକ୍ତିରେ ମାନବପ୍ରକୃତି ମଧ୍ୟରେ ଥିବା ତାଙ୍କ ଶକ୍ତି ସମର୍ଥିତ ହେବ ଏବଂ ସେହି ପ୍ରକୃତିକୁ ସେ ନିଜର

ଦିବ୍ୟପ୍ରତିବଦ୍ଧତା ତଥା ତାଙ୍କ ଦିବ୍ୟଶକ୍ତି ପ୍ରଦାନ କରିବେ, ଯାହା ଫଳରେ ଏହା (ମାନବ ପ୍ରକୃତି) ଆଘାତ ପାଇଲେ ଟଳମଳ ନହେବ ଅଥବା ଆମର ଅତିସାଧାରଣ ସାମର୍ଥ୍ୟ ଦୃଷ୍ଟିରୁ ବହୁ ବିରାଟ ସେହିସବୁ ଶକ୍ତିଶାଳୀ କ୍ରିୟାବଳିକୁ ବହନ କରିବାକୁ ଅକ୍ଷମ ନ ହେବ ।

(ଷଷ୍ଠ ମନ୍ତ୍ରର ଅନୁବାଦ – ହେ ଇନ୍ଦ୍ର [ଇନ୍ଦ୍ର] ! ପ୍ରବୃଦ୍ଧ-ବୀର୍ଯ୍ୟବାନ୍ ସେହି ଦେବଶକ୍ତି ଗଣଙ୍କୁ [ସହୀୟସଃ ନୃନ୍] ତୁମେ ରକ୍ଷାକର [ପାହି]; ମରୁତ୍‌ମାନଙ୍କ ପ୍ରତି ଥିବା ତୁମର କ୍ରୋଧକୁ ତୁମେ ପରିହାର କର [ମରୁଭିଃ ଅବୟାତହେଳଃ ଭବ],– ତୁମ ମଧ୍ୟରେ ଯେଉଁ ଶକ୍ତିଶାଳିତା ରହିଛି [ସାସହିଃ] ତାହା ଆଧାରିତ ହୋଇଛି [ଦଧାନାଃ] ସେହି ସତ୍ୟବୋଧଧାରୀମାନଙ୍କ ଦ୍ୱାରା (ମରୁଦ୍‌ମାନଙ୍କ ଦ୍ୱାରା) [ସୁପ୍ରକେତେଭିଃ] । ଆମେ ସେହି ଦୃଢ଼ପ୍ରେରଣା ଲାଭ କରୁଁ [ବୃଜନମ୍ ଇଷଂ ବିଦ୍ୟାମ] ଯାହା ଖୁବ୍‌ଶୀଘ୍ର ବାଧାବନ୍ଧନଗୁଡ଼ିକୁ ବିନଷ୍ଟ କରିଦେବ [ଜୀରଦାନୁମ୍] ।)

ଏହି ଭାବେ ବଳାନ୍ୱିତ ମରୁଦ୍‌ଗଣ ସର୍ବଦା ପ୍ରଭୁଶକ୍ତିର ମାର୍ଗନିର୍ଦ୍ଦେଶ ତଥା ସୁରକ୍ଷା ଆବଶ୍ୟକ କରିବେ । ଏମାନେ ହେଉଛନ୍ତି ପୃଥକ୍ ପୃଥକ୍ ଚିନ୍ତାଶକ୍ତିର ପୁରୁଷଗଣ, ଇନ୍ଦ୍ର ହେଲେ ସକଳ ଚିନ୍ତାଶକ୍ତିର ଏକମେବ ପୁରୁଷ । ଏହାଙ୍କ ମଧ୍ୟରେ ସେମାନେ ନିଜର ପୂର୍ଣ୍ଣତା ତଥା ସଙ୍ଗତି ଲାଭ କରିଥା'ନ୍ତି । ତେବେ ଏହି ଅଙ୍ଗୀ ଓ ଏହି ଅଙ୍ଗଗୁଡ଼ିକ ମଧ୍ୟରେ ଆଉ ସଂଘର୍ଷ ତଥା ମତାନ୍ତର ନରହୁ । ଇନ୍ଦ୍ରଙ୍କୁ ସ୍ୱୀକାର କରି ମରୁଦ୍‌ଗଣ ତାଙ୍କଠାରୁ ଲାଭ କରିବେ ବସ୍ତୁଗୁଡ଼ିକର ଯଥାଯଥଜ୍ଞାନ ଯାହା ତାଙ୍କ ପାଇଁ ଜ୍ଞେୟର ବିଷୟ । କୌଣସି ଅପୂର୍ଣ୍ଣ ଜ୍ଞାନାଲୋକ ଦ୍ୱାରା ସେମାନେ ଏବେ ଭ୍ରାନ୍ତ ହେବେ ନାହିଁ କିଂବା କୌଣସି ସୀମିତ ଶକ୍ତିର କବଳରେ ପଡ଼ି ସେମାନେ ବହୁ ଦୂରକୁ ଚାଲିଯିବେ ନାହିଁ । ବ୍ୟକ୍ତିସତ୍ତା ଓ ଏହାର ପୂର୍ଣ୍ଣତା ପଥରେ ଯାହା ଅନ୍ତରାୟ ସେମାନଙ୍କ ବିପକ୍ଷରେ ଇନ୍ଦ୍ର ନିଜର ଶକ୍ତିକୁ ଯେପରି ପ୍ରୟୋଗ କରିଛନ୍ତି ତାହାର କ୍ରିୟାକୁ ଏମାନେ ଚଳେଇ ରଖିବାକୁ ସକ୍ଷମ ହେବେ ।

ତେଣୁ, ଦିବ୍ୟଶକ୍ତିମାନଙ୍କର ତଥା ସେମାନଙ୍କ ଅଭିଳାଷର ଏହି ସଙ୍ଗତି ମଧ୍ୟରେ ମାନବୀୟତତ୍ତ୍ୱ ସେହି ଉତ୍ସାହ ଲାଭ କରୁ ଯାହା ଏହି ବିଶ୍ୱର ଅସଂଖ୍ୟ ବିରୋଧକୁ ଖଣ୍ଡନ କରିବାକୁ ପର୍ଯ୍ୟାପ୍ତଭାବେ ସମର୍ଥ ହୋଇପାରିବ ଏବଂ ନାନା ବିବିଧତା ଦ୍ୱାରା ଗଠିତ ମାନବ ବ୍ୟକ୍ତି ତଥା ଜାତି ମଧ୍ୟରେ ଥିବା ଲକ୍ଷ୍ୟ ଦିଗରେ ଏ ଉଭୟେ ଏତେ ଦ୍ରୁତ ଯାତ୍ରା କରିବ ଏବଂ ସେହି ଲକ୍ଷ୍ୟର ବହୁ ଦୂରସ୍ଥ ହେଲେ ବି ଏହାର ଝଲକ ଏତେ ପ୍ରତି ନିୟତ ଦେଖା ଦେବ ଯେ ସ୍ୱୟଂ ଲକ୍ଷ୍ୟରେ ପ୍ରାୟ ଉପନୀତ ହୋଇଗଲେଣି ଭଳି ମନେ କରିବେ ।

[ଶ୍ରୀଅରବିନ୍ଦଙ୍କ 'The Secret of the Veda' ଗ୍ରନ୍ଥର ଦ୍ୱିତୀୟ ଭାଗ *''Indra, and The Thought-Forces''* *(Rig-Veda I.171)*ର ଓଡ଼ିଆ ଅନୁବାଦ ।

ଅନୁବାଦ : ମଧୁସୂଦନ ମହାପାତ୍ର ❖

ଚୈତ୍ୟଗତ ଭାବରେ ମା'ଙ୍କ ପ୍ରତି ଉନ୍ମୋଚିତ ହୋଇ ରହିବା ଦ୍ୱାରା କର୍ମ ପାଇଁ ବା ସାଧନା ପାଇଁ ଯାହାକିଛି ଆବଶ୍ୟକ ତାହା କ୍ରମଶଃ ଅଧିକରୁ ଅଧିକ ବିକଶିତ ହେବ, ଏହାହିଁ ହେଉଛି ସାଧନାର ପ୍ରଧାନ ରହସ୍ୟମାନଙ୍କ ଭିତରୁ ଅନ୍ୟତମ, ଏହାହିଁ ସାଧନାର କେନ୍ଦ୍ରୀୟ ଗୋପନ ରହସ୍ୟ ।

– ଶ୍ରୀଅରବିନ୍ଦ

# ଆଧାରଶୁଦ୍ଧି ଓ ଅବଚେତନ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ସମସ୍ତ ଯୋଗସାଧନାରେ, ସମସ୍ତ ଆଧ୍ୟାତ୍ମିକ ପରମ୍ପରାରେ ଆଧାରଶୁଦ୍ଧି ଉପରେ ଖୁବ୍ ଗୁରୁତ୍ୱ ଦିଆଯାଇଥାଏ । କିନ୍ତୁ ପୂର୍ଣ୍ଣଯୋଗରେ ଯେଉଁଠି ସମଗ୍ର ସତ୍ତା ଓ ଚେତନାକୁ ପୂର୍ଣ୍ଣରୂପେ ଶୁଦ୍ଧ କରି, ସମଗ୍ର ପ୍ରକୃତିକୁ ଦିବ୍ୟ ଭାଗବତ ପ୍ରକୃତିରେ ରୂପାନ୍ତରିତ କରିବାର ଲକ୍ଷ୍ୟ ଗ୍ରହଣ କରାଯାଇଛି, ତହିଁରେ ଆଧାରଶୁଦ୍ଧିର କ୍ଷେତ୍ର ଅତି ବ୍ୟାପକ ଓ ବିସ୍ତୃତ; ଚୈତ୍ୟ ଓ ଆଧ୍ୟାତ୍ମିକ ଚେତନାଠାରୁ ଆରମ୍ଭ କରି ମନ, ପ୍ରାଣ, ଶରୀର, ଅବଚେତନ, ନିଶ୍ଚେତନ ଆଦି ଚେତନାର ସବୁସ୍ତରହିଁ ଆମ ସାଧନାପରିସରର ଅନ୍ତର୍ଭୁକ୍ତ । ଅନ୍ୟାନ୍ୟ ପାରମ୍ପରିକ ଯୋଗ ପରି କେବଳ ମନ ଓ ପ୍ରାଣ କ୍ଷେତ୍ରରେ ଅହଂ ଓ କାମନା-ବାସନାର ବିଲୋପ ସାଧନ କରି, ଆତ୍ମା, ବ୍ରହ୍ମ ବା ଭାଗବତ ଉପସ୍ଥିତିର ଉପଲବ୍ଧି କରି ତାହା ସହ ଏକାତ୍ମତା ଉପଲବ୍ଧି କଲେ ବା ବିଶ୍ୱ ଅଭିବ୍ୟକ୍ତିରୁ ବାହାରି ଯାଇ ନିର୍ବାଣରେ ଲୀନ ହୋଇଗଲେ ଚଳିବ ନାହିଁ । ସମଗ୍ର ସତ୍ତା ଓ ପ୍ରକୃତିକୁ ଦିବ୍ୟରୂପାନ୍ତର ପାଇଁ ଆମକୁ ପ୍ରସ୍ତୁତ କରିବାକୁ ହେବ । ତେଣୁ ଆମ ଚେତନାର ପ୍ରତିଟି ଅନ୍ଦି କନ୍ଦି ଖୋଜି କେଉଁଠି କିଛି ଅତିସାମାନ୍ୟ ଓ ନଗଣ୍ୟ ଅଶୁଦ୍ଧି ଥିଲେ ମଧ୍ୟ ତାହାକୁ ଶୁଦ୍ଧିର ଆଲୋକ ଆଗରେ ରଖିବାକୁ ହେବ । କେଉଁଠି କିଛିକୁ ଛାଡ଼ିଯିବାର ତିଳେ ମାତ୍ର ଅବକାଶ ନାହିଁ ।

କାରଣ ସ୍ୱୟଂ ଦିବ୍ୟଜନନୀଙ୍କ ମହାସରସ୍ୱତୀ ଶକ୍ତି ଆମ ଯୋଗରେ ବିସ୍ତୃତ ତଥା ଟିକିନିଖି ଉଭୟ କ୍ଷେତ୍ରରେ କ୍ରିୟାଶୀଳା । ଶ୍ରୀଅରବିନ୍ଦ ମହାସରସ୍ୱତୀଙ୍କ ସଂପର୍କରେ କହିଛନ୍ତି ''ଯେଉଁ ସଂକଳ୍ପ ତାଙ୍କ କର୍ମ ମଧ୍ୟରେ ସକ୍ରିୟ, ତାହା ସତର୍କ, ଅତନ୍ଦ୍ର, ଅକ୍ଳାନ୍ତ । ଉପରୁ ଆନତ ହୋଇ ସେ ଆମ୍ଭମାନଙ୍କୁ ଘେରି ରହନ୍ତି, କ୍ଷୁଦ୍ରାଦପି କ୍ଷୁଦ୍ର ଅଙ୍ଗକୁ ନିରୀକ୍ଷଣ କରନ୍ତି, ସ୍ପର୍ଶ କରନ୍ତି, ଯେତେ ସାମାନ୍ୟ ହେଉ, ପ୍ରତ୍ୟେକ ଦୋଷତ୍ରୁଟି, କୁଟିଳତା, ଅପୂର୍ଣ୍ଣତା ଖୋଜି ବାହାର କରନ୍ତି, କେତେ କାର୍ଯ୍ୟ କରାହୋଇଛି ଓ କେତେ କରିବାକୁ ବାକି ଅଛି, ତାହାକୁ ଯଥାଯଥ ଓଜନ କରି, ବିଚାର କରି ଦେଖନ୍ତି । ତାଙ୍କ ଦୃଷ୍ଟି ପାଖରେ କ୍ଷୁଦ୍ର ବା ଆପାତନଗଣ୍ୟ କିଛିହିଁ ନାହିଁ, ଯେତେହିଁ ଛଦ୍ମବେଶରେ, ସୂକ୍ଷ୍ମ ଭାବରେ ଅନ୍ତର୍ଲୀନ ହୋଇ ରହୁନା କାହିଁକି କିଛିବି ତାଙ୍କ ଦୃଷ୍ଟି ପାଖରେ ଲୁଚି ରହିପାରେ ନାହିଁ ।''

ତେଣୁ ଆମ ସାଧନାରେ ଲକ୍ଷ୍ୟ ହେଉଛି ଆମ ଆଧାରଟିକୁ ଏପରି ଶୁଦ୍ଧ କରି ଗଢ଼ିତୋଳିବା ଯେଉଁଥିରେ ମା'ଙ୍କ ଶକ୍ତି ଅବାଧରେ କ୍ରିୟା କରିପାରିବ । ମା'ଙ୍କ ଶକ୍ତିର କ୍ରିୟା ପ୍ରତି ଆମ ଆଧାରଟି ନିତ୍ୟ ନିରନ୍ତର ଉନ୍ମୀଳିତ, ନମନୀୟ, ସ୍ୱଚ୍ଛ ଓ ଗ୍ରହଣଶୀଳ ରହିଲେହିଁ ସେହି ଶକ୍ତି ଆମ ଭିତରେ ସର୍ବାଙ୍ଗୀଣ ଆଧାର ଶୁଦ୍ଧିକୁ ସଂପନ୍ନ କରିଦେବ । ଶ୍ରୀମା କହିଛନ୍ତି ଭାଗବତ ଉପସ୍ଥିତିହିଁ ଆଧାରରେ ଯଥାର୍ଥ ଶୁଦ୍ଧି ଆଣିଦିଏ । ଆମର ପୂର୍ବକଳ୍ପିତ ସଂସ୍କାର ଓ ଧାରଣା ଅନୁସାରେ କାହାର ଆଚରଣ ଓ ମନୋଭାବ ଆମକୁ ସମୀଚୀନ ବା ଅସମୀଚୀନ ଲାଗିପାରେ କିନ୍ତୁ ତହିଁରେ ଭଗବତ୍ ପ୍ରେରଣା ଓ ଉପସ୍ଥିତିହିଁ ଯଥାର୍ଥ ଶୁଦ୍ଧିର ମାପକାଠି । ପାରମ୍ପରିକ ଯୋଗରେ ଅବଧୂତ ଓ ପରମହଂସମାନଙ୍କର ବ୍ୟବହାରରେ ବାଳବତ୍, ଉନ୍ମାଦବତ୍, ଜଡ଼ବତ୍ ଏପରିକି ପିଶାଚବତ୍ ନାନା ଆଚରଣ ଦେଖାଗଲେ ମଧ୍ୟ ସେମାନଙ୍କ ଆନ୍ତର-ଚେତନାରେ ସେମାନେ ପରମ ସତ୍ୟ ସହ ନିତ୍ୟଯୁକ୍ତ ହୋଇଥିବାରୁ ସେମାନଙ୍କ ଆଧାରକୁ ସର୍ବଦା ଏକ ଶୁଦ୍ଧ ଆଧାର ବୋଲି ଗ୍ରହଣ କରାଯାଇଥାଏ । ଆମ ଯୋଗରେ ମଧ୍ୟ ଆଧାର-ଶୁଦ୍ଧି କ୍ଷେତ୍ରରେ ଆନ୍ତର-ଚେତନାକୁ ପ୍ରଥମ ଓ ପ୍ରଧାନ ଗୁରୁତ୍ୱ ଦେବାକୁ ହେବ ।

ଗୀତାରେ ସମସ୍ତ କ୍ଷେତ୍ରରେ, ସମସ୍ତ ବିଷୟରେ ଏକ ସମତାଭାବ ରକ୍ଷା କରିବାକୁହିଁ ଆଧାରଶୁଦ୍ଧିର ପ୍ରଧାନ କଥା ବୋଲି କୁହାଯାଇଛି । ଶ୍ରୀମା ମଧ୍ୟ କହିଛନ୍ତି ସମତା ଓ ଚେତନାର ବିଶାଳ ପ୍ରସାରହିଁ ଅତିମାନସ ଶକ୍ତି ପ୍ରତି ଗ୍ରହଣଶୀଳତାର ପ୍ରଧାନ ଅବଲମ୍ବନ । ଆମକୁ ମଧ୍ୟ ସମତାର ସେହି ଲକ୍ଷ୍ୟ ଗ୍ରହଣ କରିବାକୁ ହେବ । କିନ୍ତୁ ତାହା ସର୍ବାଙ୍ଗୀଣ ସମତା ହେବା ଆବଶ୍ୟକ । ସମତା ଦୁଇଧରଣର ହୋଇପାରେ, ସକ୍ରିୟ ସମତା ଓ ନିଷ୍କ୍ରିୟ ସମତା । ଜଣେ ଏକ ନିଷ୍କ୍ରିୟ ସମତାର ଭାବ ରଖି ଭଲ ମନ୍ଦ, ଠିକ୍‌ଭୁଲ୍, ନ୍ୟାୟ ଅନ୍ୟାୟ ଓ ସତ୍ୟମିଥ୍ୟା ଆଦିର ତାରତମ୍ୟ ପ୍ରତି ଆଖି ବୁଜିଦେଇ ଉଭୟ ସଂପର୍କରେ ସମାନ ଭାବେ ଉଦାସୀନ ରହିପାରେ । କିନ୍ତୁ ତାହା ହେବ ଉଦାସୀ, ବୈରାଗୀର ଆଚରଣ, ପୂର୍ଣ୍ଣ ଯୋଗର ସାଧକର ଆଚରଣ ନୁହେଁ । ଆମକୁ ପୋଷଣ କରିବାକୁ ହେବ ସକ୍ରିୟ ସମତାର ଭାବ । ବାଧାବିଘ୍ନ ଆଗରେ, ଅନ୍ୟାୟ, ମିଥ୍ୟାଚାର ଆଗରେ

ବା ବିରୋଧୀ ଅପଶକ୍ତିର ଆକ୍ରମଣର ସମ୍ମୁଖୀନ ହେଲାବେଳେ ଆମେ ତହିଁରେ ବିଚଳିତ ନ ହୋଇ ନିଜର ସମତା ଭାବ ବଜାୟ ରଖିବୁ ନିଶ୍ଚୟ, କିନ୍ତୁ ତହିଁ ସଙ୍ଗେ ସଙ୍ଗେ ମଧ୍ୟ ସକ୍ରିୟ ଭାବରେ ସଚେଷ୍ଟ ହେବୁ ସେହି ଭୁଲ୍, ଅନ୍ୟାୟ ବା ମିଥ୍ୟାଚାରକୁ ଦୂର କରିବାକୁ । ନିଷ୍କ୍ରିୟ ସମତାଭାବ ରଖି ବାଧାବିଘ୍ନଗୁଡ଼ିକୁ ସହ୍ୟ କରିଯିବା ନୁହେଁ, ସକ୍ରିୟ ସମତାର ଭାବ ରଖି ସେଗୁଡ଼ିକ ବିରୋଧରେ ସଂଗ୍ରାମ କରିବାହିଁ ହେଉଛି ସକ୍ରିୟ ସମତାର ଭାବ ।

ପୂର୍ଣ୍ଣଯୋଗରେ ଅନ୍ୟାନ୍ୟ ସମସ୍ତ ପାରମ୍ପରିକ ସାଧନାରେ ପ୍ରଚଳିତ ଆଧାରଶୁଦ୍ଧିର ସମସ୍ତ ଅଙ୍ଗକୁ ଗ୍ରହଣ ଓ ଅନ୍ତର୍ଭୁକ୍ତ କରାଗଲେ ମଧ୍ୟ ଚେତନାର ସମସ୍ତ ସ୍ତରରେ ଦିବ୍ୟ ଭାଗବତୀ ଶକ୍ତିର ଆବାହନ ଓ ଉପସ୍ଥିତିହିଁ ପ୍ରଧାନ କଥା । ସେହି ଉପସ୍ଥିତି ପାଖରେ ଆମର ସମସ୍ତ ସଂକଳ୍ପ, କର୍ମ, ପ୍ରବୃତ୍ତି ଓ ପ୍ରେରଣା ଆଦିକୁ ସମର୍ପଣ କରିଦେବାହିଁ ପ୍ରଧାନ କଥା । ଆମ ନିଜର କୌଣସି ଶକ୍ତି ନୁହେଁ ଶ୍ରୀମା'ଙ୍କ ଶକ୍ତିହିଁ ଆମକୁ ଆଧାରଶୁଦ୍ଧିର ସମସ୍ତ ପୂର୍ଣ୍ଣତା ଓ ସିଦ୍ଧି ଦିଗରେ ଆଗେଇ ନେବ ।

ତେବେ ଦେଖାଯାଏ ଯେ ମା'ଙ୍କ ଶକ୍ତିର କ୍ରିୟା ପାଇଁ ଆମେ ପୂର୍ଣ୍ଣ ସମ୍ମତି ଦେଇଛୁ, ତାହା କ୍ରିୟାଶୀଳା ହୋଇ ରହିଛି, କିନ୍ତୁ ଯେଉଁ ଦୋଷତ୍ରୁଟି ଓ ବାଧାବିଘ୍ନ ଉପରେ ଆମେ ବିଜୟ ହାସଲ କରିଛୁ ବୋଲି ମନେ କରିଥାଉ, ତାହା ପୁଣି ଦେଖାଦିଏ କେଉଁଠୁ ଉଠିଆସି ଆମର ସମସ୍ତ ଶ୍ରମ ଓ ସାଧନାକୁ ପଣ୍ଡ କରି ଦେବାର ଭୟ ଦେଖାଏ । କେବଳ ବ୍ୟକ୍ତିଗତ ସାଧନା କ୍ଷେତ୍ରରେ ନୁହେଁ, ପୃଥିବୀରେ ମାନବସମାଜର ଅଗ୍ରଗତି କ୍ଷେତ୍ରରେ ମଧ୍ୟ ଦେଖାଯାଏ ଏକଦା ଜୟ କରାଯାଇଛି ବୋଲି ମନେ ହେଉଥିବା ଯୁଦ୍ଧ, ହିଂସା, ଶୋଷଣ, ଦମନ ଆଦି ନାନା ମିଥ୍ୟାଚାର ଓ ଅନ୍ଧକାରର ଶକ୍ତି ପୁଣି ମୁଣ୍ଡ ଟେକୁଛନ୍ତି, ନିଜର ବୀଭତ୍ସ ଲୀଳାରେ ସମସ୍ତ ମାନବ ସଭ୍ୟତାକୁ ଧ୍ୱଂସପଥରେ ଆଗେଇ ନେବାକୁ ଉଦ୍ୟତ ହେଉଛନ୍ତି । ସର୍ବୋପରି କାହିଁକି ଜରା, ବ୍ୟାଧି, ମୃତ୍ୟୁ ପରି ଅଦିବ୍ୟ ଶକ୍ତିର ଖେଳା ପ୍ରକୃତିର ଏକ ଅଲଙ୍ଘନୀୟ ନିୟମ ହୋଇ ରହିଛି ? କୌଣସି ବ୍ୟକ୍ତି, ସେ ଯେତେ ସିଦ୍ଧ ମହାପୁରୁଷ ଓ ମହାନ୍ ଆତ୍ମା ହୁଅନ୍ତୁ ନା କାହିଁକି ଆଧାରଶୁଦ୍ଧିର କ୍ଷେତ୍ରରେ ଯେତେ ଯାହା ଅସାଧାରଣ କୃତିତ୍ୱ ଲାଭ କରନ୍ତୁ ନା କାହିଁକି ଶେଷରେ କାହିଁକି ତାଙ୍କର ଶରୀର ଜରା, ବ୍ୟାଧି ଓ ମୃତ୍ୟୁର କବଳରୁ ମୁକ୍ତ ହୋଇପାରୁ ନାହିଁ ?

ଏହି ଅଦିବ୍ୟ ଶକ୍ତିଗୁଡ଼ିକ ଏପରି କେଉଁ ଅଭେଦ୍ୟ ଦୁର୍ଗରେ ନିଜକୁ ସୁରକ୍ଷିତ କରି ରଖିଛନ୍ତି ଯେ ଯାହା ଉପରେ ଆଜି ପର୍ଯ୍ୟନ୍ତ ଶରୀର କ୍ଷେତ୍ରରେ କୌଣସି ଚୂଡ଼ାନ୍ତ ବିଜୟ ହାସଲ କରାଯାଇ ପାରିଲା ନାହିଁ ? ଅବଚେତନାହିଁ ହେଉଛି ସବୁଠାରୁ ଅଭେଦ୍ୟ ଓ ଶକ୍ତିଶାଳୀ ଦୁର୍ଗ, ଯାହାଭିତରେ ଅଦିବ୍ୟ ଶକ୍ତିର ସେନାନୀ ନିଜର ଶିବିର ଓ ଛାଉଣୀ ପକାଇ ସେହିଠାରୁ ଆକ୍ରମଣ କରନ୍ତି ଆଧାରରେ କ୍ରିୟାଶୀଳା ଦିବ୍ୟ ଭାଗବତୀ ଶକ୍ତି, ତା'ର ସତ୍ୟ ଓ ଆଲୋକ ଉପରେ । ତେଣୁ ଅବଚେତନାର ସେହି ଅନ୍ଧକାରମୟ ଦୁର୍ଗ ଦଖଲ କରି, ସେଠାରେ ଭାଗବତୀ ଶକ୍ତି, ସତ୍ୟ ଓ ଆଲୋକର କର୍ତ୍ତୃତ୍ୱ ଓ ଆଧିପତ୍ୟ ପ୍ରତିଷ୍ଠା କରିପାରିଲେ ଯାଇ ଆମ ଆଧାର ପୂର୍ଣ୍ଣ-ଭାବରେ ପ୍ରସ୍ତୁତ ହେବ ଦିବ୍ୟରୂପାନ୍ତର ପାଇଁ ।

ପିଲାଦିନେ ଶୁଣିଥିବା ସେହି କାହାଣୀ ସମସ୍ତଙ୍କର ମନେଥିବ ଯେ ଏକ ଭୟଙ୍କର ରାକ୍ଷସ, ସମସ୍ତ ରାଜ୍ୟବାସୀଙ୍କୁ ଭକ୍ଷଣ କରି ସୁନ୍ଦରୀ ରାଜକୁମାରୀଙ୍କୁ ବନ୍ଦି କରି ରଖିଥିଲା । ରାଜକୁମାରୀଙ୍କୁ ଉଦ୍ଧାର କରିବାକୁ ଯାଇ ବହୁ ରାଜକୁମାର ସେହି ରାକ୍ଷସ ଦ୍ୱାରା ପରାଜିତ ଓ ନିହତ ହେଲେ । ଶେଷରେ ଜଣେ ବୁଦ୍ଧିମାନ୍ ରାଜକୁମାର ସେହି ରାକ୍ଷସ ସହ ସିଧାସଳଖ ଯୁଦ୍ଧ ନ କରି ପ୍ରଥମେ ତା'ର ମୃତ୍ୟୁଭେଦ ଜାଣିବାକୁ ଚାହିଁଲେ । ନାନା କୌଶଳରେ ରାଜକୁମାରୀଙ୍କ ସହ ସଂପର୍କ ସ୍ଥାପନ କରି ତାଙ୍କଠାରୁ ଜାଣିଲେ ସେହି ରାକ୍ଷସର ମୃତ୍ୟୁଭେଦ ଯାହା ସେହି ରାକ୍ଷସ ଗର୍ବର ସହ ତାଙ୍କୁ କହିଥିଲା ଯେ କିପରି ସାତତାଳ ପଙ୍କ ତଳେ ଏକ ଗୁପ୍ତ କୋଠରି ରହିଛି ଓ ତା' ଭିତରେ ରହିଛି ଏକ ବାକ୍ସ ଓ ସେହି ବାକ୍ସ ଭିତରେ ରହିଛି ଏକ ଫରୁଆ, ଏବଂ ସେହି ଫରୁଆ ଭିତରେ ରହିଛି ଏକ ଭଅଁର । ସେହି ଭଅଁରଟିକୁ କେହି ମାରିଲେହିଁ ତା'ର ମୃତ୍ୟୁ ହେବ, ଯାହାକି ଅସମ୍ଭବ । ଚତୁର ଓ ବିକ୍ରମବନ୍ତ ରାଜକୁମାର ସେହି ମୃତ୍ୟୁଭେଦ ପାଇ, ସେହି ସାତତାଳ ପଙ୍କ ଭେଦକରି, କୋଠରି ଭିତରର ବାକ୍ସ ଓ ତା' ଭିତରର ଫରୁଆ ଖୋଲି ତହିଁରେ ଥିବା ଭଅଁରଟିକୁ ମାରିଦେବାରୁ ରାକ୍ଷସଟା ମଧ୍ୟ ମରିଗଲା ଓ ରାଜକୁମାର ଓ ରାଜକୁମାରୀ ବିବାହ କରି ସୁଖରେ କାଳାତିପାତ କଲେ ।

ଏହି ଗଳ୍ପଟିକୁ ଏକ ପ୍ରତୀକାତ୍ମକ ଗଳ୍ପ ବୋଲି ଗ୍ରହଣ କରାଯାଇପାରେ । ଆଜି ପୃଥିବୀ ଉପରେ ଆମେ ହିଂସା, ଦ୍ୱେଷ, ମିଥ୍ୟାଚାର, ଅନ୍ୟାୟ, ଶୋଷଣ, ଅତ୍ୟାଚାର ଆଦିଠାରୁ

ଆରମ୍ଭ କରି ଜରା, ବ୍ୟାଧି, ମୃତ୍ୟୁ ପର୍ଯ୍ୟନ୍ତ ଯେଉଁସବୁ ଜୀବନ ବିରୋଧୀ ଅନ୍ଧକାରମୟ ଅପଶକ୍ତି ଓ ରାକ୍ଷସମାନଙ୍କ ବିକଟ ଲୀଳା ଦେଖୁଛୁ ଓ ଲାଗୁଛି ଯେପରି ଏଗୁଡ଼ିକର ଶେଷ ନାହିଁ, ଅବଚେତନାରେହିଁ ରହିଛି ସେମାନଙ୍କ ଜୀବନ-ଭଅଁର । ସେଇ ଅବଚେତନାର ବ୍ୟୂହ ଭେଦକରି ଯଦି ସେହି ଭଅଁରଟିକୁ ମାରିଦିଆଯିବ ତେବେ ଏହି ରାକ୍ଷସମାନଙ୍କ ପରମାୟୁ ଶେଷ ହୋଇଯିବ ।

କିନ୍ତୁ ଅବଚେତନାର ସେହି ରାଜ୍ୟରେ ପ୍ରବେଶ କରି ସେଠାରେ ଦିବ୍ୟ-ଆଲୋକର ରାଜ୍ୟ ପ୍ରତିଷ୍ଠା କରିବାର ଅଭିଯାନ ଅତ୍ୟନ୍ତ ଦୁରୂହ । ଯେତେ ଯାହା ଦୁରୂହ ହେଲେ ମଧ ପୂର୍ଣ୍ଣଯୋଗର ରୂପାନ୍ତର ଲକ୍ଷ୍ୟକୁ ସିଦ୍ଧ କରିବାକୁ ହେଲେ ଏହି ଅଭିଯାନ ଅପରିହାର୍ଯ୍ୟ । ଏହି ଅବଚେତନାର କ୍ଷେତ୍ରଟି କ'ଣ ଓ ଦିବ୍ୟଶକ୍ତିର ତାହା ଉପରେ କିପରି ବିଜୟ ହାସଲ କରାଯାଇପାରିବ ଶ୍ରୀଅରବିନ୍ଦ ଓ ଶ୍ରୀମା ହେଉଛନ୍ତି ସେହି ଅଭିଯାନର ଅଗ୍ରଣୀ ପଥପ୍ରଦର୍ଶକ । ନିଜ ସାଧନା ଓ ପ୍ରତ୍ୟକ୍ଷ ଅନୁଭୂତି ଭିତରଦେଇ ଉଭୟେ ଅବଚେତନାର ସେହି ରାଜ୍ୟକୁ ଜାଣିଛନ୍ତି, ବ୍ୟୂହଭେଦ କରି ତହିଁରେ ପ୍ରବେଶ କରିଛନ୍ତି ଓ ତହିଁରେ ଥିବା ସମସ୍ତ ଅଜ୍ଞାନ, ଅନ୍ଧକାର ଓ ଭଗବତ୍ ବିରୋଧୀ ଅପଶକ୍ତି ବିରୋଧରେ ଦିବ୍ୟସଂଗ୍ରାମରେ ଅବିରାମ ଲିପ୍ତ ରହି ଆମ ପାଇଁ ଅବଚେତନା ଉପରେ ବିଜୟ ଲାଭର ପଥ ସୁଗମ କରିଦେଇଛନ୍ତି । ଆମକୁ ଶେଷ ବିଜୟ ପର୍ଯ୍ୟନ୍ତ ସେହି ସଂଗ୍ରାମ ଚଳାଇ ରଖିବାକୁ ହେବ ।

ଶ୍ରୀଅରବିନ୍ଦଙ୍କ କଥାରେ, ''ଅବଚେତନ ହେଉଛି ପ୍ରଧାନ କାରଣ ଯେଉଁଥିପାଇଁ ସବୁକିଛିର ବାରଂବାର ପୁନରାବୃତ୍ତି ହେଉଥାଏ ଏବଂ କେବଳ ବାହ୍ୟରୂପ ଛଡ଼ା କୌଣସି କିଛିର ପ୍ରକୃତ ପରିବର୍ତ୍ତନ ହେଉ ନ ଥାଏ । ଏହାହିଁ ହେଉଛି କାରଣ ଯେଉଁଥିପାଇଁ କୁହାଯାଇଥାଏ ଯେ ପ୍ରକୃତିର ପରିବର୍ତ୍ତନ ଅସମ୍ଭବ । ଯେଉଁ ଦୋଷଗୁଡ଼ିକୁ ପୂରା ଦୂର କରିଦେଇ ସାରିଥିବାର ଆଶା କରାଯାଇଥାଏ, ସେଗୁଡ଼ିକ ପୁଣି ଫେରି ଆସନ୍ତି । ସବୁକିଛିର ବୀଜ ସେହି ଅବଚେତନାରେହିଁ ରହିଥାଏ ଏବଂ ମନ, ପ୍ରାଣ ଓ ଦେହର ସମସ୍ତ ସଂସ୍କାର ସେହିଠାରେହିଁ ରହିଛି– ଏବଂ ମୃତ୍ୟୁ ଓ ବ୍ୟାଧିର ଏହାହିଁ ପ୍ରଧାନ ଅବଲମ୍ବନ ଏବଂ ଏହାହିଁ ଅଭେଦ୍ୟ ଭଳି ଲାଗୁଥିବା ଅଜ୍ଞାନର ଶେଷ ଦୁର୍ଗ । ଯାହାକିଛିକୁ ପୂରା ଦୂର କରି ନ ଦେଇ ଚାପି ଦମନ କରିଦିଆ-ଯାଇଥାଏ, ତାହା ବୁଡ଼ିଯାଇ ସେହିଠାରେହିଁ ବୀଜ ଆକାରରେ ରହିଥାଏ ଏବଂ ଯେକୌଣସି ମୁହୂର୍ତ୍ତରେ ଅଙ୍କୁରୋଦ୍‌ଗମ ପୂର୍ବକ ତାହା ଉପରକୁ ଉଠି ଆସିବାକୁ ପ୍ରସ୍ତୁତ ହୋଇ ରହିଥାଏ ।''

ଶ୍ରୀମା ଅବଚେତନ ସଂପର୍କରେ ନିଜ ଅନୁଭୂତିର ବର୍ଣ୍ଣନା ଦେଇ କହିଛନ୍ତି, ''ପୂରା ଅବଚେତନରେ ମୁଁ ପ୍ରବେଶ କରିଛି, ସେହି ଅବଚେତନ ଭୟାନକ ଭାବରେ ନାନା ଦୋଷ, ଦୁର୍ବଳତା ଓ ମୂଢ଼ତାରେ ଭରା, ଏବଂ ବହୁକିଛିର ଓ ସବୁକିଛିର ଆଧିପତ୍ୟ ସେଠାରେ ରହିଛି । ଓଃ ରାତ୍ରି ପରେ ରାତ୍ରି; ରାତ୍ରି ପରେ ରାତ୍ରି ମୋ ଆଗରେ ଏହା ନିଜକୁ ଖୋଲିଦେଇଛି ତା' ନିଜର ସ୍ୱରୂପ ଦେଖାଇବା ପାଇଁ । ଗତ ରାତ୍ରିରେ ଏହା ଥିଲା ବର୍ଣ୍ଣନାତୀତ । ଏବଂ ଏହା ଏହିପରି ଲାଗି ରହିଛି । ମନେ ହେଉଛି ଯେପରି ଏହାର ସୀମା ନାହିଁ । ତେଣୁ ସ୍ୱାଭାବିକ ଭାବରେ ଶରୀର ଉପରେ ଏହାର ପ୍ରଭାବ ପଡ଼ୁଛି, ଆହା ବିଚାରା ଶରୀର ! ଏହାହିଁ ହେଉଛି ତା'ର ଅବଚେତନ, ବ୍ୟକ୍ତିଗତ, ପୁଣି ବ୍ୟକ୍ତିଗତ ନୁହେଁ, ଏହା ବ୍ୟକ୍ତିଗତ ହୋଇଉଠେ ଯେତେବେଳେ ଏହା ଶରୀର ଭିତରେ ପ୍ରବେଶ କରେ ।... ସେହି ଅବଚେତନ ପ୍ରକୃତରେ ଭୟାନକ ଜିନିଷଗୁଡ଼ିକରେ ଭରପୂର, ମନେହୁଏ ଯେପରିକି ଅତଳ ଓ ଅସୀମ । ମନେହୁଏ ଯେପରି ଏହା ଆହୁରି ନୂଆନୂଆ ସମଷ୍ଟି ନେଇ ଦେଖାଦେବ ଓ ପୂର୍ବ ପରି ଭୟାନକ ହୋଇ ରହିବ । କିନ୍ତୁ ତା'ଠିକ୍ ନୁହେଁ । ଏଗୁଡ଼ିକ ପରିବର୍ତ୍ତିତ ହୁଅନ୍ତି, ଏଗୁଡ଼ିକ ଭିତରେ ପରିବର୍ତ୍ତନ ଆସେ । କିନ୍ତୁ କାମଟି କେଡ଼େ କଷ୍ଟସାଧ !

ଶ୍ରୀମା' ମଧ କହିଛନ୍ତି ''...ମୁଁ ଯେଉଁ ଦିବ୍ୟଶକ୍ତି କଥା କହୁଛି ତାହା ଯେପରି ଏକ ବିଦ୍ୟୁତ୍‌ଚାଳିତ ଡ୍ରିଲ୍ ପରି ଅବଚେତନ ଆଡ଼କୁ ଆହୁରି ଗଭୀରରୁ ଗଭୀରତର ଭିତରକୁ ଭେଦ କରିଚାଲିଛି । ସେଠାରେ ଅବିଶ୍ୱାସ୍ୟ ଜିନିଷସବୁ ରହିଛି, ସଂପୂର୍ଣ୍ଣ ଅବିଶ୍ୱାସ୍ୟ, ଏବଂ ସେହି ଦିବ୍ୟଶକ୍ତି ଏହାକୁ ଅନିବାର୍ଯ୍ୟ ଭାବରେ ଭେଦ କରି ଚାଲିଛି । ମଣିଷର ଅବଚେତନ ଚିତ୍କାର କରୁଛି, 'ଓଃ ବର୍ତ୍ତମାନ ନୁହେଁ, ବର୍ତ୍ତମାନ ନୁହେଁ, ଏତେଶୀଘ୍ର ନୁହେଁ ।' ...କିନ୍ତୁ ରୂପାନ୍ତରିତ କରିବାକୁ ହେଲେ ତୁମକୁ ତଳକୁ ଓହ୍ଲାଇବାକୁ ହେବ ଏବଂ ତାହାହିଁ ଭୀଷଣ ସାଙ୍ଘାତିକ ଜିନିଷ ।... ନ ହେଲେ ଜିନିଷଗୁଡ଼ିକର ରୂପାନ୍ତର ହେବ ନାହିଁ, ତାହା ସେହିପରି ଅରୂପାନ୍ତରିତ ହୋଇ ରହିଯିବ ।''

ଶ୍ରୀଅରବିନ୍ଦ ତାଙ୍କର ଏକ ପତ୍ରରେ ଲେଖିଥିଲେ, ''ଶ୍ରୀମା'ଙ୍କ କ୍ଷେତ୍ରରେ ଓ ମୋ କ୍ଷେତ୍ରରେ ଆମକୁ ସମସ୍ତ

ପ୍ରକାର ପଥ, ସମସ୍ତ ପ୍ରକାର ପଦ୍ଧତିର ପରୀକ୍ଷା କରିବାକୁ ହୋଇଛି, ପର୍ବତ ପ୍ରମାଣ ବାଧାବିଘ୍ନ ଅତିକ୍ରମ କରିବାକୁ ହୋଇଛି, ଆଶ୍ରମ ବା ବାହାରର ଆଉ ଅନ୍ୟମାନଙ୍କ ଅପେକ୍ଷା ଅନେକ ଅଧିକ ଭାରୀ ବୋଝ ବହନ କରିବାକୁ ପଡ଼ିଛି, ଅନେକ ଅଧିକ କଷ୍ଟକର ଅବସ୍ଥା ଭିତରଦେଇ ଯିବାକୁ ପଡ଼ିଛି, ଅସଂଖ୍ୟ ସଂଗ୍ରାମର ସମ୍ମୁଖୀନ ହେବାକୁ ହୋଇଛି, ବହୁ କ୍ଷତ ଓ ଆଘାତ ସହିବାକୁ ପଡ଼ିଛି, ଦୁର୍ଭେଦ୍ୟ କର୍ଦମାକ୍ତ ପନ୍ଥା, ମରୁଭୂମି ଓ ଅରଣ୍ୟ ଭିତର ଦେଇ ପଥ ଖୋଲିବାକୁ ହୋଇଛି, ଅଗଣିତ ବିରୋଧିଶକ୍ତିକୁ ଜୟ କରିବାକୁ ହୋଇଛି,— ଏଭଳି ଏକ କାମକୁ ଆମ ପୂର୍ବରୁ ଆଉ କାହାକୁ କରିବାକୁ ପଡ଼ି ନାହିଁ ବୋଲି ମୁଁ ନିଶ୍ଚିତ ।

ଏହି ଧରଣର କାମରେ ମୋତେ ପୂରା ଭାଗ ନେବାକୁ ହୋଇଛି ଓ ମା'ଙ୍କୁ ଆହୁରି ଦଶଗୁଣ ଅଧିକ ପୂରା ଭାଗ ନେବାକୁ ହୋଇଛି ।''

ଶ୍ରୀଅରବିନ୍ଦ ଆହୁରି କହିଛନ୍ତି ଯେ ''କିନ୍ତୁ ଏପରି କୌଣସି ଆବଶ୍ୟକତା ନାହିଁ ବା ଏହାକୁ ଗ୍ରହଣ ବା ସହ୍ୟ କରିବା ଉଚିତ ନୁହେଁ ଯେ ଅନ୍ୟସାଧକମାନଙ୍କ କ୍ଷେତ୍ରରେ ଏଗୁଡ଼ିକର ପୁନରାବୃତ୍ତି ହେବ ! ଯେହେତୁ ଆମର ଏ ସଂପର୍କରେ ପୂର୍ଣ୍ଣ ଅନୁଭୂତି ରହିଛି, ତେଣୁ ଆମେ ଅନ୍ୟମାନଙ୍କୁ ଅଧିକ ସିଧା ଓ ଅଧିକ ସହଜତର ଏକ ପଥ ଦେଖାଇ ଦେଇପାରିବୁ ଯଦି ସେମାନେ ତାହା ଗ୍ରହଣ କରିବାକୁ ସମ୍ମତ ହୁଅନ୍ତି ।''

ଲେଖିବା ବାହୁଲ୍ୟ ଯେ ଏହି ପଥ ହେଉଛି ସମର୍ପଣର ପଥ, ଭଗବାନଙ୍କ ଉପରେ, ମା'ଙ୍କର ଚାଳନା ଉପରେ ଦୃଢ଼ ବିଶ୍ୱାସ, ଅଟଳ ଆସ୍ଥା ଓ ପୂର୍ଣ୍ଣ ଭରସା ରଖିବାର ପଥ ।

## ପୂର୍ଣ୍ଣଯୋଗ

ଭୌତିକ ଜଗତକୁ ତାହାର ଭାଗ୍ୟ ଅନୁସାରେ ଅପରିବର୍ତ୍ତନୀୟଭାବେ ପଡ଼ିରହିବାକୁ ଛାଡ଼ିଦେଇ ଏଠାରୁ ପଳାୟନ କରିବା ପୂର୍ଣ୍ଣଯୋଗର ଲକ୍ଷ୍ୟ ନୁହେଁ । କିଂବା କୌଣସି ଚରମ ପରିବର୍ତ୍ତନର ଆଶା ନ ରଖି ପାର୍ଥିବ ଜୀବନ ଯେପରି ଅଛି ସେପରିଭାବେ ଗ୍ରହଣ କରିନେବା, ଏହି ଜଗତକୁ ଭାଗବତ ସଂକଳ୍ପର ଅନ୍ତିମ ଅଭିବ୍ୟକ୍ତିରୂପେ ଗ୍ରହଣ କରିନେବା ମଧ୍ୟ ପୂର୍ଣ୍ଣଯୋଗର ଲକ୍ଷ୍ୟ ନୁହେଁ ।

ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଉଛି ସାଧାରଣ ମାନସ ଚେତନାରୁ ଆରମ୍ଭ କରି ଅତିମାନସ ଚେତନା ଓ ଦିବ୍ୟଚେତନା ପର୍ଯ୍ୟନ୍ତ ଚେତନାର ସମସ୍ତ ସ୍ତର ମଧଦେଇ ଉର୍ଦ୍ଧ୍ୱାରୋହଣ କରିବା, ଏବଂ ଯେତେବେଳେ ଏହି ଆରୋହଣ ଶେଷ ହୁଏ, ସେତେବେଳେ ଭୌତିକ ଜଗତକୁ ଫେରିଆସି ଏହା ମଧ୍ୟକୁ ଉପଲବ୍ଧ ଅତିମାନସ ଶକ୍ତି ଓ ଚେତନାକୁ ଅନୁପ୍ରବିଷ୍ଟ କରାଇବା, ଯାହା ଫଳରେ ଏହି ପୃଥିବୀ କ୍ରମଶଃ ଏକ ଅତିମାନସ ଏବଂ ଦିବ୍ୟଜଗତରେ ପରିଣତ ହୋଇପାରେ ।

ପୂର୍ଣ୍ଣଯୋଗ ବିଶେଷତଃ ସେହିମାନଙ୍କ ନିକଟରେ ଆସି ଉପସ୍ଥିତ ହୁଏ, ଯେଉଁମାନେ ମନୁଷ୍ୟ ଯାହା ଉପଲବ୍ଧି କରିପାରେ ତାହା ନିଜ ମଧ୍ୟରେ ଉପଲବ୍ଧି କରି ମଧ୍ୟ ସନ୍ତୁଷ୍ଟ ନୁହନ୍ତି, କାରଣ ଏହି ସାଧାରଣ ଜୀବନରେ ଯାହାସବୁ ପ୍ରାପ୍ତ ହୋଇ ନ ପାରିବ ସେହିସବୁକୁ ସେମାନେ ଚାହାନ୍ତି । ଯେଉଁମାନେ ଅଜ୍ଞାତ ବସ୍ତୁକୁ ଜାଣିବା ସକାଶେ ଉତ୍କଣ୍ଠିତ, ପୂର୍ଣ୍ଣତା ନିମିତ୍ତ ଆସ୍ପୃହାଶୀଳ, ଯେଉଁମାନେ ନିଜ ସମ୍ବନ୍ଧେ ଦୁଃସହ ପ୍ରଶ୍ନସକଳ ଜିଜ୍ଞାସା କରନ୍ତି ଏବଂ ସେସବୁର ଯଥାର୍ଥ ଉତ୍ତରସବୁ ପାଇ ନାହାନ୍ତି, ସେଇମାନେହିଁ ପୂର୍ଣ୍ଣଯୋଗ ନିମିତ୍ତ ପ୍ରସ୍ତୁତ ହୋଇଥିବା ଯଥାର୍ଥ ବ୍ୟକ୍ତି ।

(ବୁଲେଟିନ୍, ନଭେମ୍ବର, ୧୯୫୪) — ଶ୍ରୀମା

# ବ୍ୟାଧିବୈକଲ୍ୟର ଅଜ୍ଞାତ ଶିଳ୍ପାଗାର

## ଶ୍ରୀ ମନୋଜ ଦାସ

ଦଶ ତାରିଖ ଫେବ୍ରୁଆରୀ (୨୦୧୫) ମଧ୍ୟାହ୍ନରେ ଏ ଲେଖକ ଚେନ୍ନାଇ-ଦିଲ୍ଲୀ ଆକାଶପଥରେ ଥିବା ଅବସରରେ ଦିଲ୍ଲୀ ନଗରୀରାଜ୍ୟରେ ଅନୁଷ୍ଠିତ ନିର୍ବାଚନର ଚମକପ୍ରଦ ଫଳ ପ୍ରକାଶ ପାଇ ସାରିଥିଲା ।

ପଣ୍ଡିଚେରିରେ ପହଞ୍ଚିବା ଦିନ ସନ୍ଧ୍ୟା ଏବଂ ପରବର୍ତ୍ତୀ ଦିନ ବ୍ୟାପୀ ଯେତେ ବହିରାଗତ ବ୍ୟକ୍ତିଙ୍କ ସହ ଆଳାପ ହୋଇଛି, ସେମାନେ ବିନା ବ୍ୟତିକ୍ରମରେ ନିର୍ବାଚନର ଫଳକୁ ନେଇ ବିପୁଳ ବିସ୍ମୟ ପ୍ରକାଶ କରିଛନ୍ତି । କିନ୍ତୁ ପଞ୍ଚମ ଦିନ ସନ୍ଧ୍ୟା ସୁଦ୍ଧା ଦେଖିଲି, ନିର୍ବାଚନ ପ୍ରସଙ୍ଗ ଆଉ ଆଲୋଡ଼ନ ସୃଷ୍ଟି କରୁ ନାହିଁ । ସତେ ଯେପରି ତାହା ବହୁଦିନ ତଳର ଘଟଣା ! ଯେଉଁ ବିସ୍ମୟ ଉପରେ ସଭିଏଁ ଆଲୋଚନାରତ ତଥା ଆତଙ୍କିତ, ତାହା ହେଲା ରାଜଧାନୀକୁ ଆକ୍ରମଣ କରିଥିବା ଏକ ସଂକ୍ରାମକ ବ୍ୟାଧି – ସ୍ୱାଇନ୍-ଫ୍ଲୁ (Swine flue) । ଚିକିତ୍ସା-ବିଜ୍ଞାନୀମାନେ ଏ ବ୍ୟାଧି ସକାଶେ ଔଷଧ ପ୍ରସ୍ତୁତି ଦିଗରେ ଗବେଷଣା ଚଳାଇଛନ୍ତି; ହୁଏତ ଯଥାଶୀଘ୍ର ସେମାନେ ସେଥିରେ ସଫଳ ହେବେ, କିନ୍ତୁ ତା'ପରେ ? ୨୦୦୯ ମସିହାରେ ଏହି ଫ୍ଲୁ ସରକାରୀ ହିସାବ ଅନୁସାରେ ତିନି ହଜାର ସରିକି ନରନାରୀଙ୍କ ପ୍ରାଣ ନେଇଥିଲା । କେହି କେହି କହୁଛନ୍ତି, ଏଥର ତାହାର ବିଷାକ୍ତ ବଳ ଅଧିକ । ତା'ର ମୁକାବିଲା ପାଇଁ ଔଷଧ ଆବିଷ୍କୃତ ହେବା ବେଳକୁ ବ୍ୟାଧିଟି ଆହୁରି ଅଧିକ ବଳଶାଳୀ ହେବା ଅସମ୍ଭବ ନୁହେଁ ।

ଗତ ଚାଳିଶ ବର୍ଷ ଭିତରେ ମଣିଷକୁ ଆକ୍ରମଣ କରିଥିବା ନାନା କିସମର ଫ୍ଲୁ ମାରାତ୍ମକ ପର୍ଯ୍ୟାୟରେ ଯିବେ । ଫ୍ଲୁ ତାଲିକା ବାହାରେ ପୁଣି ରହିଛନ୍ତି 'ଇବୋଲା' ଭଳି ଆତଙ୍କ । ସତେ ଯେପରି କୌଣସି ଅଦୃଶ୍ୟ ତଥା ଅଜ୍ଞାତ ଲୋକରେ କେତେକ କୁଶକ୍ତି ଚିକିତ୍ସା-ବିଜ୍ଞାନର ପ୍ରଗତି ସହ ପ୍ରତିଯୋଗିତା କରି ମାନବସମାଜ ପାଇଁ ଦୁର୍ଗତିର ନିତ୍ୟ ନୂତନ ମାର୍ଗ ଖୋଲିବାରେ ତତ୍ପର !

### ମୃତ୍ୟୁ ଉପରେ ବିଜୟ

୧୯୮୦ ମସିହାରେ ଆମେରିକାର ଜଣେ ଚିକିତ୍ସା-ବିଜ୍ଞାନୀ ଆଲ୍‌ଭିନ୍ ସିଲ୍‌ଭରଷ୍ଟିନ୍ 'Conquest of Death' ନାମକ ବହି ପ୍ରକାଶ କଲେ । ବ୍ୟାପକ ଗବେଷଣା ଉପରେ ନିର୍ଭର କରି ଲେଖକ ଦେଖାଇଲେ ଯେ ମୃତ୍ୟୁର ବିବିଧ କାରଣ ଭିତରେ ଚାରିଗୋଟି ମୁଖ୍ୟ କାରଣ ହେଲେ ଡାଏବେଟିସ୍, ହୃଦ୍‌ରୋଗ, କ୍ୟାନ୍‌ସର ଏବଂ ଦୁର୍ଘଟଣା । ପ୍ରଥମ ତିନିଗୋଟି କାରଣକୁ ପ୍ରତିହତ କରିବା ଦିଗରେ ସେତେବେଳେ ଚିକିତ୍ସା-ବିଜ୍ଞାନର ଅଭିଯାନ ଦ୍ରୁତ ଗତିରେ ଚାଲିଥାଏ । ସେସବୁ ଗବେଷଣାର ତଥ୍ୟ ବିଷଦ ଭାବରେ ପରିବେଷଣ କରି ଆଶାବାଦୀ ଲେଖକ ଶେଷକୁ ଦେଲେ ଏହି ମନ୍ତବ୍ୟ : ଆଗାମୀ ଦଶବର୍ଷ, ଅର୍ଥାତ୍ ୧୯୯୦ ସୁଦ୍ଧା ଡାଏବେଟିସ୍, ହୃଦ୍‌ରୋଗ ଏବଂ କ୍ୟାନ୍‌ସର ନିରାମୟ ନିମନ୍ତେ ଅବ୍ୟର୍ଥ ଔଷଧ ଏବଂ ଚିକିତ୍ସା ପଦ୍ଧତି ନିଶ୍ଚିତଭାବରେ ଆବିଷ୍କୃତ ହୋଇଯିବ । ତାଙ୍କ ପାଠକମାନେ ଯଦି ସେପର୍ଯ୍ୟନ୍ତ ତିଷ୍ଠି ରହିବେ, ତେବେ ସେମାନେ ଏସବୁ କାରଣରୁ ମରିବାର ସମ୍ଭାବନା ନାହିଁ । ହୁଏତ ସେମାନେ ଅନିର୍ଦ୍ଦିଷ୍ଟ କାଳଯାଏ ବିଦ୍ୟମାନ ରହିବେ । ଅର୍ଥାତ୍, ଅମରତ୍ୱ ଉପନୀତ ହେବ ସେମାନଙ୍କ ଦ୍ୱାର ଦେଶରେ ।

ମାତ୍ର ବର୍ଷଟିଏ ବିତିଛି । ଦେଖାଦେଲା ଏକ ସମ୍ପୂର୍ଣ୍ଣ ଅପ୍ରତ୍ୟାଶିତ ଭୟାବହ ବ୍ୟାଧି – ଏଡ୍‌ସ୍ (AIDS) !

ଏମନ୍ତ ନୂଆ ନୂଆ ବ୍ୟାଧି ଉତ୍ପାଦନ କରୁଥିବା କାରଖାନାର ଠିକଣା କ'ଣ ?

ଆଧୁନିକ ଚିକିତ୍ସା-ବିଜ୍ଞାନର ବହୁ ପ୍ରଚଳିତ ସିଦ୍ଧାନ୍ତ ହେଲା ରୋଗ ସ୍ୱତଃସ୍ଫୂର୍ତ୍ତଭାବେ ଉତ୍ପନ୍ନ ହୁଏ (Current notions on the origin of disease support the theory that disease arises "Spontaneously and is fixed." – Mark A. Hyman, editor-in-chief of *Alternative Therapies in Health and Medicine*.) କିନ୍ତୁ ଯେଉଁମାନେ ଏ ସିଦ୍ଧାନ୍ତକୁ ସମ୍ପ୍ରତି ବିରୋଧ କରୁଛନ୍ତି, ସେମାନେ ମଧ୍ୟ ବ୍ୟାଧିର ପଟଭୂମିରେ ଥିବା କାରଣ ସବୁକୁ କେବଳ ମାତ୍ର ଓଲଟପାଲଟ କରି ଦେଖାଉଛନ୍ତି; ବ୍ୟାଧିର ଅସ୍ତିତ୍ୱ ସୃଷ୍ଟ ହେଲା କିପରି, ମଣିଷ ଭିତରେ ପ୍ରବେଶ କରିବା ପୂର୍ବରୁ ତାହା ଥିଲା କେଉଁଠାରେ, ତାହା ଦର୍ଶାଇପାରୁ ନାହାନ୍ତି ।

ଅନ୍ତତଃ ଆମ ଭଳି ସାଧାରଣ ଜିଜ୍ଞାସୁ, ଯେଉଁମାନେ ଚିକିତ୍ସା-ବିଜ୍ଞାନର ଗହନକୁ ଯିବାକୁ ଅକ୍ଷମ, ସେମାନଙ୍କୁ ବୁଝାଇ ପାରୁନାହାନ୍ତି, ରୋଗୀ ଭିତରେ ବିଭୀଷିକା ସୃଷ୍ଟି କରୁଛି ବ୍ୟାଧିର ଯେଉଁ କ୍ଷୁଦ୍ରାଦପି କ୍ଷୁଦ୍ର ମାରାତ୍ମକ ଜୀବାଣୁ, ତାହା କେଉଁଠାରେ, କିପରି ଉତ୍ପାଦିତ ହେଲା ।

ଆମେ ସାଧାରଣତଃ ଆମ ଶରୀରକୁ ଆମର ଦାସ ଭାବରେ ଗ୍ରହଣ କରିନେଇଥାଉ । ଅବଶ୍ୟ ଶରୀରଚର୍ଚ୍ଚାକୁ ନିଜ ନିଜର ବୃତ୍ତି ଭାବରେ ଗ୍ରହଣ କରିନେଇଥିବା ବ୍ୟକ୍ତିମାନେ ଅଥବା କୌଣସି ଖେଳ ବା ପ୍ରତିଯୋଗିତା ନିମନ୍ତେ ପ୍ରସ୍ତୁତ ହେଉଥିବା ନରନାରୀମାନେ ଶରୀର ପ୍ରତି ବିଶେଷ ଧ୍ୟାନ ଦିଅନ୍ତି । ନହେଲେ ଶରୀରର ସ୍ୱାଧୀନତା ସମ୍ପର୍କରେ ଆମେ ସଚେତନ ହେଉ ଯେତେବେଳେ କୌଣସି କାରଣରୁ ତାହା ଅସୁସ୍ଥ ହୁଏ । କିନ୍ତୁ ଶରୀର ତା'ର ନିଜସ୍ୱ ସ୍ୱାଭାବିକ ଏବଂ ସ୍ୱୟଂସିଦ୍ଧ ପ୍ରତିରୋଧ ଶକ୍ତି ବଳରେ ଅହରହ, ନିରବରେ, କେତେପ୍ରକାର ଅସୁସ୍ଥତାର କାରଣକୁ ଏଡ଼ାଇ ଦେଇ ପାରୁଛି, କେତେ ପ୍ରକାର ଅଦୃଶ୍ୟ ଆକ୍ରମଣକୁ ପ୍ରତିହତ କରୁଛି, ଆମେ ସେ ସମ୍ପର୍କରେ ସଚେତନ ନୋହୁଁ ।

ଥରେ ଥରେ ବୈଦ୍ୟମାନଙ୍କୁ ସ୍ତମ୍ଭୀଭୂତ କରିଦେଇ ସେମାନଙ୍କ ଆୟତ୍ତ ବାହାରକୁ ଚାଲି ଯାଇଥିବା ବ୍ୟାଧିଟିଏ ଆପଣାଛାଏଁ ଦୂରୀଭୂତ ହୋଇଯିବାର ଦୃଷ୍ଟାନ୍ତ ଚିକିତ୍ସା ବିଜ୍ଞାନର ଇତିହାସରେ ବିରଳ ନୁହେଁ । ୧୯୮୫ ମସିହାରେ ବିଶ୍ୱ-ସ୍ୱାସ୍ଥ୍ୟ ସଙ୍ଗଠନ (WHO) ଭାରତର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ତତ୍କାଳୀନ ନିର୍ଦ୍ଦେଶକ ଡକ୍ଟର ଦେଶବନ୍ଧୁ ବିଷ୍ଟଙ୍କ ପାଖକୁ ପଠାଇଥିଲେ ଗୋଟାଏ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ । ସେ ପ୍ରଶ୍ନର ପଟଭୂମି ହେଲା ଏହି ତଥ୍ୟ : ଧରନ୍ତୁ 'କ' ଏବଂ 'ଖ' ନାମକ ଦୁଇଜଣ ବ୍ୟକ୍ତି କୌଣସି ଗୋଟାଏ ମାନସିକ ବୈକଲ୍ୟରେ ପୀଡ଼ିତ । ଉଭୟଙ୍କର ବୟସ, ଶିକ୍ଷାଦୀକ୍ଷା ଓ ସଂସ୍କୃତି ମୋଟାମୋଟି ଏକ । ଉଭୟଙ୍କର ଚିକିତ୍ସା ଏକହିଁ ପଦ୍ଧତିରେ ଚାଲିଛି ଏବଂ ଉଭୟେ ଧୀରେ ଧୀରେ ସମାନ ମାତ୍ରାରେ ଆରୋଗ୍ୟ ହେଉଛନ୍ତି ।

ଔଷଧ ତଥା ମାନସିକ ଚିକିତ୍ସାର ପ୍ରଭାବ 'କ' ଏବଂ 'ଖ'ଙ୍କ ଦେହ, ପ୍ରାଣଗତ ଆବେଗ ଓ ମାନସିକ ବିଚାରବୁଦ୍ଧି ଉପରେ କି ପ୍ରକାର ପ୍ରଭାବ ପକାଉଛି, ଆଜିର ସୂକ୍ଷ୍ମ ଅନୁଧ୍ୟାନ ଧାରା ମାଧ୍ୟମରେ ଚିକିତ୍ସକମାନେ ତାହା ଲକ୍ଷ୍ୟ କରୁଛନ୍ତି । ସେମାନେ ଦେଖୁଛନ୍ତି ଯେ ସେମାନେ ଯାହା ଆଶା କରୁଥିଲେ, ତାହାହିଁ ଘଟୁଛି; ହୁଏତ ବର୍ଷେ, ଦେଢ଼ ବର୍ଷରେ ଉଭୟେ ସୁସ୍ଥ ହୋଇଯିବେ ।

## ଆମ ବ୍ୟକ୍ତିତ୍ୱର ଅଜ୍ଞାତ ଚତୁର୍ଥ ଉପାଦାନ

କିନ୍ତୁ ହଠାତ୍ ଯାହା ଘଟିଲା, ତାହା ଅପ୍ରତ୍ୟାଶିତ । କୌଣସି ଅଜ୍ଞାତ କାରଣରୁ 'କ' ପରବର୍ତ୍ତୀ ଗୋଟାଏ ମାତ୍ର ସପ୍ତାହ ଭିତରେ ସମ୍ପୂର୍ଣ୍ଣ ସ୍ୱାଭାବିକ ହୋଇଗଲା; 'ଖ' କିନ୍ତୁ ପ୍ରତ୍ୟାଶିତ ରୀତିରେ – ମନ୍ଥର ଗତିରେ ଆରୋଗ୍ୟ ହେଉଥାଏ ।

ସବିଶେଷ ପରୀକ୍ଷା କରି ଦେଖାଗଲା, ଚିକିତ୍ସାର ପ୍ରଭାବ 'କ'ର ଦେହ, ପ୍ରାଣ ଓ ମନ ଉପରେ ଯେତିକି ଉପଲବ୍ଧ ହୋଇଛି 'ଖ'ର ଦେହ, ପ୍ରାଣ ଓ ମନ ଉପରେ ମଧ୍ୟ ସେତିକି ହୋଇଛି । ତେବେ 'କ'ର ବ୍ୟକ୍ତିତ୍ୱରେ ଏମିତି କ'ଣ ଥିଲା, ଯାହା କୌଣସି କାରଣରୁ ସଜାଗ ହୋଇଉଠି ସମଗ୍ର ବ୍ୟକ୍ତିତ୍ୱକୁ ଆପଣାଛାଏଁ ସଜାଡି ନେଲା ? ଅଦ୍ୟାବଧି ଦେହ, ମନ, ପ୍ରାଣ ଏହି ତିନୋଟି ଉପାଦାନ ଏବଂ ପରିବେଶ ସହ ସେସବୁର ସଂହତି ବା ଅସଂହତିରୁ ଉତ୍ପନ୍ନ ଅବସ୍ଥା ଉପରେ ମଣିଷର ସ୍ୱାସ୍ଥ୍ୟର ଭଲ ମନ୍ଦ ନିର୍ଭର କରେ ବୋଲି ସ୍ୱାସ୍ଥ୍ୟ ବିଜ୍ଞାନ ଧରି ନେଇଛି । କିନ୍ତୁ ଦେହ, ମନ ଓ ପ୍ରାଣ ବ୍ୟତିରେକେ ମଣିଷର ବ୍ୟକ୍ତିତ୍ୱରେ ଚତୁର୍ଥ ଉପାଦାନଟିଏ ରହିଛି କି ଯାହାର ପ୍ରଭାବ ମଧ୍ୟ ମଣିଷର ସ୍ୱାସ୍ଥ୍ୟ ପ୍ରତି ଅନୁକୂଳ ବା ପ୍ରତିକୂଳ ହୋଇପାରେ ?

WHOର ଅନୁଚ୍ଚାରିତ ପ୍ରକୃତ ପ୍ରଶ୍ନ ହେଲା : ଭାରତୀୟମାନେ 'ଆତ୍ମା' ନାମକ ଚେତନାରେ ବିଶ୍ୱାସ କରି ଆସିଛନ୍ତି । ଯୁକ୍ତିସମ୍ମତ ମନୋବିଜ୍ଞାନ ଦୃଷ୍ଟିରୁ ସେ ବିଶ୍ୱାସ ବର୍ତ୍ତମାନ ଗ୍ରହଣୀୟ ହେବକି ?

ଏହି ପ୍ରଶ୍ନ ଉପରେ ବିଷଦ ଆଲୋଚନା ନିମନ୍ତେ ଡ. ବିଷ୍ଟ ବାଙ୍ଗାଲୋରରେ ଅବସ୍ଥିତ ଦେଶର ସର୍ବବୃହତ୍ ମାନସିକ ଚିକିତ୍ସା ସଂସ୍ଥା National Institute of Mental Health and Neuroscience (NIMHANS)ଠାରେ ଭାରତର ପଚିଶ ଜଣ ସରିକି ପ୍ରଖ୍ୟାତ ଚିକିତ୍ସକ, ମନୋବୈଜ୍ଞାନିକମାନଙ୍କ ସମେତ ଅଧ୍ୟାତ୍ମ-ବିଦ୍ୟା ସମ୍ପର୍କରେ ଅବହିତ ତିନି, ଚାରି ଜଣ ବ୍ୟକ୍ତିଙ୍କୁ ଏକତ୍ର କରି ତିନିଦିନ ବ୍ୟାପୀ ମତାମତର ଆଦାନପ୍ରଦାନ ନିମନ୍ତେ ବ୍ୟବସ୍ଥା କରିଥିଲେ । ଶେଷୋକ୍ତ ପର୍ଯ୍ୟାୟର ନିମନ୍ତ୍ରିତ ବ୍ୟକ୍ତି କେତେଜଣଙ୍କ ଭିତରେ ଏ ଲେଖକ ଥିଲା ଅନ୍ୟତମ । ସର୍ବସମ୍ମତିକ୍ରମେ WHOକୁ ଜଣାଇଦିଆଗଲା ଏହି ସିଦ୍ଧାନ୍ତ : ବାସ୍ତବିକ୍, ଦେହ, ପ୍ରାଣ ଏବଂ ମନ ବ୍ୟତୀତ ମଣିଷର ବ୍ୟକ୍ତିତ୍ୱର ରହିଛି ଅନ୍ୟ ଏକ ଐଶ୍ୱର୍ଯ୍ୟ । ସମୟ ଆସିଛି, ଯେତେବେଳେ ମଣିଷର ସ୍ୱାସ୍ଥ୍ୟର ଅବସ୍ଥା ନିରୂପଣ କରିବାବେଳେ ଅଥବା ତା'ର

ବ୍ୟାଧିର ନିରାକରଣ ନିମନ୍ତେ ପ୍ରୟାସ କଲାବେଳେ ସେହି ଚତୁର୍ଥ ଐଶ୍ୱର୍ଯ୍ୟ ବା ଆତ୍ମାକୁ ମଧ୍ୟ ବିଚାରକୁ ନେବାକୁ ହେବ । ଅବଶ୍ୟ ସେ ଐଶ୍ୱର୍ଯ୍ୟକୁ ଆତ୍ମା ନକହି Factor X ବୋଲି କହିଲେ ଆପତ୍ତି ନାହିଁ ! (ଏହି ଆଲୋଚନାର WHO ପ୍ରକାଶିତ ବିବରଣୀ ''The Fourth Dimension of Health'' ନାମରେ ଗ୍ରନ୍ଥାକାରେ ପ୍ରକାଶ ପାଇଥିଲା । ସମ୍ପାଦନା କରିଥିଲେ ଜଣେ ମନସ୍ତତ୍ତ୍ୱବିତ୍ ଡ : ନାଗପାଲ ଏବଂ ଏହି ଲେଖକ ।)

ଦେହ, ପ୍ରାଣ (ଆବେଗ ପ୍ରବେଗ) ଏବଂ ମନରେ ବିକ୍ଷୋଭ ସୃଷ୍ଟି ହେଲେ ଯେପରି ଜଣେ ଅସୁସ୍ଥ ହୋଇପାରେ, ଜଣକର ଆନ୍ତର ସତ୍ତା (ଆତ୍ମା) ବିକ୍ଷୁବ୍ଧ ହେଲେ ମଧ୍ୟ ଜଣେ ଯେ ଅସୁସ୍ଥ ହୋଇପାରେ, ସେ ସମ୍ପର୍କରେ ପ୍ରଥମଥର ପାଇଁ ଚିକିତ୍ସାବିଜ୍ଞାନ ସଚେତନ ହେଲା । କିନ୍ତୁ ସେ ସଚେତନତା ଅଦ୍ୟାବଧି ଏକ ତତ୍ତ୍ୱ ଭାବରେ ଗୃହୀତ ଏବଂ ସୀମିତ । ଆହୁରି କେତେବର୍ଷ ପରେ ଯେ ତାହା ଏକ ସାଧାରଣ ଜ୍ଞାନ ଭାବରେ ସମାଜ ଦ୍ୱାରା ଗୃହୀତ ହେବ, ସେକଥା କହିବା ସମ୍ଭବପର ନୁହେଁ ।

ଉପରୋକ୍ତ 'କ' ଏବଂ 'ଖ' ସମ୍ପର୍କୀୟ ଦୃଷ୍ଟାନ୍ତଟିରେ 'କ'ର ଆନ୍ତରସତ୍ତାହିଁ କୌଣସି କାରଣରୁ ନିରାମୟ ହେବା ଦିଗରେ ଉତ୍ସାହ ଅନୁଭବ କଲା ଏବଂ 'କ' ଅଚିରେ ସୁସ୍ଥ ହେଲା । ଆତ୍ମାହିଁ ଆମ ବ୍ୟକ୍ତିତ୍ୱର ସ୍ୱରୂପ, କିନ୍ତୁ ଆତ୍ମା ସହ ଆମର ସମ୍ପର୍କ କ୍ଷୀଣ; ସେ ସମ୍ପର୍କରେ କ୍ୱଚିତ୍ କୌଣସି ଚିକିତ୍ସକ ଅବହିତ ଥା'ନ୍ତି । ତେଣୁ ଅଧିକାଂଶ ଚିକିତ୍ସା ଦେହ, ପ୍ରାଣ ଏବଂ ମନର ଇଲାକା ଉପରେହିଁ କାର୍ଯ୍ୟ କରୁଥାଏ ।

## ବ୍ୟାଧି-ଉତ୍ପାଦନର ଅଦୃଶ୍ୟ ଶିକ୍ଷାଗାର

ଏହି ସତ୍ୟର ଅନ୍ୟ ଏକ ଦିଗ ହେଲା ବ୍ୟାଧିର ଉତ୍ପତ୍ତିର ଉତ୍ସ । ଜଡ଼ଧର୍ମୀ ଚିକିତ୍ସା-ବିଜ୍ଞାନ ସକାଶେ ଆତ୍ମା ଯେପରି ଏକ ଅପହଞ୍ଚ ତତ୍ତ୍ୱ, ସବୁ ବ୍ୟାଧି ନହେଲେ ମଧ୍ୟ ବହୁ ବ୍ୟାଧିର ଉତ୍ପତ୍ତିର ରହସ୍ୟ ସେହିପରି ଜଡ଼ଧର୍ମୀ ଚିକିତ୍ସା-ବିଜ୍ଞାନର ଧାରଣା ବହିର୍ଭୂତ ବ୍ୟାପାର ।

ଏ ସମ୍ପର୍କରେ ସବିଶେଷ ଆଲୋଚନା ସକାଶେ ବ୍ୟାପକତର ପରିସର ଆବଶ୍ୟକ । ଆପାତତଃ ଗୋଟାଏ ଦୃଷ୍ଟାନ୍ତ ଆମକୁ କିଛି ମାତ୍ରାରେ ଆଲୋକ ପ୍ରଦାନ କରିବ :

୧୯୧୪ ମସିହା ଜୁନ ୨୯ ତାରିଖ ଦିନ ଅଷ୍ଟ୍ରିଆର ଯୁବରାଜ ଫ୍ରାଞ୍ଜ୍ ଫର୍ଡ଼ିନାଣ୍ଡ୍ ଏବଂ ଯୁବରାଣୀ ସୋଫି ସାରାଜେଭୋଠାରେ ଜଣେ ଆତତାୟୀର ଗୁଳିରେ ପ୍ରାଣ ଦେବା କଥା ଏବଂ ପରେ ପରେ ବାରୁଦ-ବିଷାକ୍ତ ବିଶ୍ୱ-ବାତାବରଣରେ ସେହି ଘଟଣା ଅଗ୍ନିସଂଯୋଗ କରି ପ୍ରଥମ ମହାଯୁଦ୍ଧର ବିଭୀଷିକାରେ ପୃଥିବୀକୁ ଆକ୍ରାନ୍ତ କରିବା ଘଟଣା ପାଠକମାନଙ୍କୁ ଅବଶ୍ୟ ଜଣା । ଦ୍ୱିତୀୟ ବିଶ୍ୱଯୁଦ୍ଧ ତୁଳନାରେ ଅନେକ ଗୌଣ ହେଲେ ମଧ୍ୟ ପ୍ରଥମଥର ପାଇଁ ଏ ଯୁଦ୍ଧରେ ପୃଥିବୀର ବହୁ ରାଷ୍ଟ୍ର ସଂଶ୍ଳିଷ୍ଟ ହୋଇ ପଡ଼ିଲେ ଏବଂ ଲକ୍ଷ ଲକ୍ଷ ନରନାରୀ ପ୍ରାଣ ଦେଲେ ।

ଯେଉଁ ଘଟଣାଟି ଏଠାରେ ବିବୃତ ହେବ, ତାହା ମହାଯୁଦ୍ଧର ଶେଷ ପର୍ଯ୍ୟାୟର କଥା । ୧୯୧୯ ମସିହା ଜାନୁଆରୀ ମାସ । ଶ୍ରୀମା ଜାପାନର ଟୋକିଓ ମହାନଗରୀରେ ଅବସ୍ଥାନ କରୁଥାନ୍ତି । ସେ ମୁଲକରେ ଅଚାନକେ ବ୍ୟାପିଗଲା ଫ୍ଲୁ ଜାତୀୟ ଗୋଟାଏ ସଂକ୍ରାମକ ରୋଗ । ଜ୍ୱରଗ୍ରସ୍ତ ହେଲେ ତୃତୀୟ ଦିନହିଁ ରୋଗୀର ଜୀବନାବସାନ ହେଉଥାଏ ।

ଟୋକିଓ ମହାନଗରୀରେହିଁ ଦୈନିକ ହଜାର ହଜାର ଲୋକ ପ୍ରାଣ ହାରୁଥାନ୍ତି । ସାରା ବାତାବରଣରେ ଘୋଟି ରହିଥାଏ ଆତଙ୍କ ଏବଂ ବିଷାଦର ଭାବ । ଦିନେ ଏକ ଜରୁରୀ କାରଣରୁ ଶ୍ରୀମାଙ୍କୁ ଟ୍ରାମ ଯୋଗେ ମହାନଗରୀର ଦୂର ପ୍ରାନ୍ତକୁ ଯିବାକୁ ପଡ଼ିଲା । ଟ୍ରାମ ଭିତରର ସମସ୍ତ ଯାତ୍ରୀ ବାୟୁମଣ୍ଡଳରେ ଥିବା ଜୀବାଣୁ କବଳରୁ ମୁକ୍ତ ରହିବାର ପ୍ରୟାସ ରୂପେ ମୁହଁ ଏବଂ ନାକ ଉପରେ ମୁଖାଜାତୀୟ ଆବରଣ ବ୍ୟବହାର କରୁଥା'ନ୍ତି ।

ଶ୍ରୀମା ହଠାତ୍ କୌତୂହଳ ଅନୁଭବ କଲେ : କ'ଣ ଏ ବିଚିତ୍ର ବ୍ୟାଧିର ରହସ୍ୟ ? ଏ ସ୍ୱତଃ-ପ୍ରସାରିତ ଅଭିଶାପର ଆଦି କ'ଣ ?

କୌତୂହଳହିଁ ତାଙ୍କ କଳେବର ଭିତରକୁ ବ୍ୟାଧିର ଅନୁପ୍ରବେଶ ଘଟାଇଲା । ନିଜ ବସାଘରକୁ ଲେଉଟି ଆସିବା ମାତ୍ରେ ସେ ଶଯ୍ୟାଶାୟୀ ହେଲେ ।

ଶ୍ରୀମା ଥା'ନ୍ତି ଏକାକିନୀ । କୌଣସିମତେ ଜଣେ ଡାକ୍ତର ବନ୍ଧୁ ଖବର ପାଇ ଆସି ପହଞ୍ଚିଲେ । ସେ ବ୍ୟାଧିର ଏକମାତ୍ର ଔଷଧ ଥାଏ ଦୁଷ୍ପ୍ରାପ୍ୟ । ଡାକ୍ତର ମହାଶୟଙ୍କ ପାଖରେ ତାହା କିଞ୍ଚିତ୍ ପରିମାଣରେ ରହିଥାଏ । ଭଦ୍ରଲୋକ ଶ୍ରୀମା'ଙ୍କୁ ତାହା ସେବନ କରିବାକୁ କହନ୍ତେ ଶ୍ରୀମା ତାହା ଗ୍ରହଣ ନକରି ସେତକ ଦ୍ୱାରା ଆଉ କାହାରି ପ୍ରାଣରକ୍ଷା କରିବାକୁ ପରାମର୍ଶ ଦେଇ ବିସ୍ମିତ ଡାକ୍ତରଙ୍କୁ ଫେରାଇଦେଲେ ।

ଶ୍ରୀମା ଭୀଷଣ ଯନ୍ତ୍ରଣାପ୍ରଦ ଜ୍ୱରରେ ଆକ୍ରାନ୍ତ । ତୃତୀୟ

ଦିନ ସନ୍ଧ୍ୟାରେ ସେ ଦେଖିଲେ ଏକ ବିଚିତ୍ର ଦୃଶ୍ୟ : ଗୋଟାଏ ବୀଭତ୍ସ ମୂର୍ତ୍ତି – ଯାହାର ଫାଳେ ମୁଣ୍ଡ ଉଡ଼ିଯାଇଛି – ଦେହରେ ତା'ର ସୈନିକର ଛିନ୍ନ ବିଚ୍ଛିନ୍ନ ପୋଷାକ – ତାଙ୍କ କୋଠରି ଭିତରକୁ ପଶିଆସିଲା ଏବଂ ଅତର୍କିତେ ଶ୍ରୀମାଙ୍କ ଉପରକୁ ଡେଇଁପଡ଼ି ତାଙ୍କ ଛାତିରୁ ରକ୍ତ ଶୋଷିବାକୁ ଆରମ୍ଭ କଲା ।

ଶ୍ରୀମା ଅନୁଭବ କଲେ – ତାଙ୍କ ପ୍ରାଣଶକ୍ତି ନିଃଶେଷ ହେବା ପାଇଁ ବିଳମ୍ବ ନାହିଁ !

କହିବା ବାହୁଲ୍ୟ, ନିଜର ଅତୀନ୍ଦ୍ରିୟ ଦୃଷ୍ଟିଯୋଗେହିଁ ଶ୍ରୀମା ସେ ଦୃଶ୍ୟ ଦେଖୁଥିଲେ । ବର୍ତ୍ତମାନ ସେ ନିଜର ଅତୀନ୍ଦ୍ରିୟ ଶକ୍ତି ପ୍ରୟୋଗ କରି ସେ ଆକ୍ରମଣକାରୀର ପ୍ରତିରୋଧ କଲେ ଏବଂ ତାକୁ ଫୋପାଡ଼ିଦେଲେ ।

ସେ ମୃତ୍ୟୁଦୂତ ଟଳି ଟଳି ଚାଲିଗଲା । ହୁଏତ ସେହି ମୁହୂର୍ତ୍ତରେ ହେଲା ତା'ର ବିଲୟ । ସେହି ସନ୍ଧ୍ୟାପରଠୁଁ ସେ ଦୁରନ୍ତ ଜ୍ୱର ଯୋଗେ ଆଉ କେହି ମରିବାର ସମ୍ବାଦ ମିଳିଲା ନାହିଁ ।

ସେ ସଂକ୍ରାମକ ବିପଦ କାହୁଁ ଆସିଲା, ହଠାତ୍ କୁଆଡ଼େ ଅପସରିଗଲା, ସେ ବିଷୟରେ ସମ୍ବାଦପତ୍ରମାନଙ୍କରେ ଅବଶ୍ୟ ଚର୍ଚ୍ଚା ହେଲା, କିନ୍ତୁ ତା'ର ଆଦି ଏବଂ ଅନ୍ତର ପ୍ରକୃତ ରହସ୍ୟ ସଭିଙ୍କ ପାଇଁ ରହିଲା ଅଜ୍ଞାତ ।

### ସଂକ୍ଷେପରେ ଏହାହିଁ ସେ ରହସ୍ୟ :

ମହାଯୁଦ୍ଧରେ ଅକାଳରେ ମୃତ୍ୟୁବରଣ କରୁଥାନ୍ତି ହଜାର ହଜାର ଯୁବ ସୈନିକ । ଅକାଳରେ ଭୁଶୁଡ଼ି ପଡୁଥାଏ ସେମାନଙ୍କ ସ୍ୱପ୍ନ, ଆଶା ଓ ଆକାଂକ୍ଷାର ଇମାରତ୍ । ସେହିମାନଙ୍କ ବିକ୍ଷୁବ୍ଧ, ବିଦ୍ରୋହୀ ପ୍ରାଣସତ୍ତା ପରିଣତ ହୋଇଥାଏ ସେ ଧ୍ୱଂସାତ୍ମକ ବ୍ୟାଧିର ଜୀବାଣୁରେ ।

ଆମ ସ୍ଥୂଳ ଜଗତକୁ ବେଷ୍ଟନକରି, ତଥା ଏହା ସହିତ ଓତପ୍ରୋତ ଜଡ଼ିତ ରହିଛି ଯେଉଁ ବ୍ୟାପକ ଅଜଣା, ଅତୀନ୍ଦ୍ରିୟ ଜଗତ୍, ତାହା ସମ୍ପର୍କରେ ଆମର ଜ୍ଞାନ ଉପଲବ୍ଧ ନହେଲେ ଆଜି ଦେଖା ଦେଉଥିବା ବହୁ ବିଚିତ୍ର ବ୍ୟାଧିର ରହସ୍ୟ ଆମ ପାଇଁ ରହିଯିବ ଅଜ୍ଞାତ । ଅଧିକାଂଶ ବ୍ୟାଧିର ଉତ୍ପାଦନ ହୋଇଥାଏ ଆଜିର ମଣିଷର ନିର୍ମମତା, ବ୍ୟଭିଚାର ଏବଂ ମିଥ୍ୟାଚାରର ପ୍ରତିକ୍ରିୟା ରୂପେ । ❖

ଯେଉଁମାନେ ଅନ୍ଧକାର ଶକ୍ତି ଉପରେ ଦିବ୍ୟସତ୍ୟର ଆଲୋକର ବିଜୟକୁ ସାହାଯ୍ୟ କରିବାକୁ ଚାହାନ୍ତି, ସେମାନେ ନିଜ ଗତିବୃତ୍ତି ଓ କର୍ମର ଆରମ୍ଭ ହେବାକୁ ଯାଉଥିବା ପ୍ରବୃତ୍ତିଗୁଡ଼ିକୁ ଯତ୍ନର ସହିତ ପର୍ଯ୍ୟବେକ୍ଷଣ କରିବା ଉଚିତ ଏବଂ କେଉଁଗୁଡ଼ିକ ଦିବ୍ୟସତ୍ୟରୁ ଆସୁଛି ଓ କେଉଁଗୁଡ଼ିକ ମିଥ୍ୟାଚାରରୁ ଆସୁଛି ତାହା ଭିତରେ ଥିବା ପ୍ରଭେଦକୁ ଠିକ୍ ଭାବରେ ବୁଝିବା ଉଚିତ, ଯାହାଫଳରେ ସେମାନେ ପ୍ରଥମଟିକୁ ଗ୍ରହଣ କରି ଅନ୍ୟଗୁଡ଼ିକୁ ଯେପରି ଅସ୍ୱୀକାର ଓ ପ୍ରତ୍ୟାଖ୍ୟାନ କରିପାରିବେ ।

ଏହି ପ୍ରଭେଦଟିକୁ ଦେଖିପାରିବା ଓ ବୁଝିପାରିବାର ଶକ୍ତି ହେଉଛି ପାର୍ଥିବ ବାତାବରଣରେ ସତ୍ୟର ଦିବ୍ୟ-ଆଲୋକ ଆଗମନର ପ୍ରଥମ ଫଳାଫଳମାନଙ୍କ ଭିତରୁ ଅନ୍ୟତମ ।

ଅବଶ୍ୟ ମିଥ୍ୟାଚାରର ପ୍ରେରଣା ଓ ପ୍ରବୃତ୍ତିଠାରୁ ଦିବ୍ୟସତ୍ୟର ପ୍ରେରଣା ଓ ପ୍ରବୃତ୍ତିକୁ ଠିକ୍ ଭାବରେ ଅଲଗାକରି ଦେଖିବାର ଏହି ଶକ୍ତି ଖୁବ୍ କଠିନ, ଯଦି ଦିବ୍ୟସତ୍ୟର ଆଲୋକ ଏହି ଯେଉଁ ଅଲଗାକରି ଦେଖିବାର ବିଶେଷ ଶକ୍ତିକୁ ନିଜ ସଙ୍ଗରେ ଆଣିଛି ତାହାକୁ ଜଣେ ଗ୍ରହଣ କରି ନଥାଏ ।

ସେ ଯାହାହେଉ, ଆରମ୍ଭରେ ସାହାଯ୍ୟ କରିବା ପାଇଁ ଜଣେ ଏହି ପଥନିର୍ଦ୍ଦେଶକାରୀ ନିୟମକୁ ଗ୍ରହଣ କରିପାରେ ଯେ ଯାହାକିଛି ଶାନ୍ତି, ବିଶ୍ୱାସ, ଆନନ୍ଦ, ସୁସଂଗତି, ପ୍ରସାର, ଏକତା ଓ ଉତ୍ତରଣକାରୀ ଅଭିବୃଦ୍ଧି ଆଣିଥାଏ ତାହା ଆସିଥାଏ ଦିବ୍ୟସତ୍ୟରୁ ଏବଂ ଯାହାକିଛି ଅସ୍ଥିରତା, ସନ୍ଦେହ, ଅବିଶ୍ୱାସ, ଦୁଃଖ, ବିଭାଜନ, ସ୍ୱାର୍ଥପରତା, ସଂକୀର୍ଣ୍ଣତା, ଜଡ଼ତା, ହତୋତ୍ସାହ ଓ ନୈରାଶ୍ୟ ଆଣିଥାଏ ତାହା ସିଧାସଳଖ ଆସିଥାଏ ମିଥ୍ୟାଚାରର ଶକ୍ତିରୁ ।

*(CWM Vol. 12, p.302)* – ଶ୍ରୀମା

# କର୍ମଫଳ ଓ ମାନବ ନିୟତି

## (୩)

**ମମତା ଦାଶ**

ବୌଦ୍ଧଧର୍ମ ଓ ହିନ୍ଦୁଧର୍ମ ଅନୁସାରେ କର୍ମଫଳ ଓ ନିୟତି ସମ୍ବନ୍ଧରେ ଯେଉଁ ପ୍ରକାର ବିଚାର ଓ ତତ୍ତ୍ୱ ରହିଛି ସେସମ୍ବନ୍ଧରେ ଆମେ ଅନୁଧ୍ୟାନ କଲେ । ହିନ୍ଦୁଧର୍ମରେ ଈଶ୍ୱର ବିଶ୍ୱାସ ରହିଛି, ବୌଦ୍ଧଧର୍ମରେ ''କର୍ମର ନିୟମ''ହିଁ ଏହି ସୃଷ୍ଟିର ନିୟାମକ, ତାହା ଅପରିବର୍ତ୍ତନୀୟ । ଥିଓସଫି (Theosophy)ର ବୌଦ୍ଧଧର୍ମ ସହିତ କିଛିଟା ସମ୍ବନ୍ଧ ରହିଛି । ପାଶ୍ଚାତ୍ୟରେ ଖ୍ରୀଷ୍ଟିଆନ ବା ମୁସଲମାନ ଧର୍ମରେ ନିୟତିବାଦ ବା ପୁନର୍ଜନ୍ମରେ ବିଶ୍ୱାସ କରାଯାଏ ନାହିଁ । ଥିଓସଫିର ବିପ୍ଳବ ଦ୍ୱାରା ପାଶ୍ଚାତ୍ୟରେ କର୍ମ, କର୍ମଫଳ ଓ ନିୟତି ସମ୍ବନ୍ଧରେ ସଚେତନତା ଆସିଥିଲା ।

ଏହି ଥିଓସଫିର ଚିନ୍ତାଧାରା ୧୯ଶହ ଶତାବ୍ଦୀରେ ପ୍ରତିଷ୍ଠିତ ହୋଇଥିଲା । ଏହି ଶବ୍ଦଟି ଗ୍ରୀକ୍ ଭାଷାରୁ ଆନୀତ । ଗ୍ରୀକ୍ ଭାଷାରେ Theoର ଅର୍ଥ ଦିବ୍ୟ ଓ Sophyର ଅର୍ଥ ଜ୍ଞାନ ବା ପ୍ରଜ୍ଞା । ତେଣୁ Theosophyର ଅର୍ଥ ଦିବ୍ୟଜ୍ଞାନ । ଏହି ଚିନ୍ତାଧାରାକୁ ସଙ୍ଗଠିତ କରି ୧୮୭୫ ମସିହାରେ H. P. Blavatsky ନାମକ ଜଣେ ମହିଳା ''ଥିଓସଫିକାଲ୍ ସୋସାଇଟି'' ପ୍ରତିଷ୍ଠା କରିଥିଲେ । ୧୮୯୭ ମସିହାରେ ସେ ଲଣ୍ଡନର ଆନିବେସାନ୍ତଙ୍କୁ ଦେଖିଥିଲେ । ଆନିବେସାନ୍ତ ଭାରତରେ ଚେନ୍ନାଇର ଆଡ଼ୟାର୍‌ଠାରେ ଏହି ସଙ୍ଗଠନଟି କରିଥିଲେ ଓ ଏବେ ମଧ୍ୟ ତାହା କାର୍ଯ୍ୟରତ ରହିଛି ।

ଥିଓସଫି ମୂଳତଃ ମୃତ୍ୟୁ, ମୃତ୍ୟୁ ପରର ମାନବାତ୍ମାର ଅବସ୍ଥା, ମାନବ ସତ୍ତାର ଗଠନ ପ୍ରକ୍ରିୟା, ଜନ୍ମଜନ୍ମାନ୍ତର ସମ୍ବନ୍ଧରେ ଜ୍ଞାନଲାଭ କରିବା, ଧ୍ୟାନ କରିବା ଓ କର୍ମ ତଥା କର୍ମର ପରିଣାମ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିବା ଉପରେ ପ୍ରତିଷ୍ଠିତ । ଏହି ବିପ୍ଳବ ଅନେକ ଦିନ ଧରି ହିନ୍ଦୁ, ଖ୍ରୀଷ୍ଟିଆନ, ମୁସଲମାନ ଓ ବୌଦ୍ଧ ଧର୍ମାବଲମ୍ବୀ ସମସ୍ତଙ୍କୁ ବେଶ୍ ଦୃଢ଼ଭାବରେ ପ୍ରଭାବିତ କରିଥିଲା ।

ବୌଦ୍ଧଧର୍ମ, ହିନ୍ଦୁଧର୍ମ ପରି ଥିଓସଫିରେ ମଧ୍ୟ ପ୍ରତ୍ୟେକ କର୍ମର, ଚିନ୍ତାର ଅବଶ୍ୟମ୍ଭାବୀ ପରିଣାମ ରହିଛି ବୋଲି ବିଶ୍ୱାସ କରାଯାଏ ଯାହାକୁ ବିଜ୍ଞାନ "Cause and Effect" ବୋଲି କହିଥାଏ । ପ୍ରତି ମୁହୂର୍ତ୍ତରେ ଆମେ ଯାହାକିଛି କରୁ, ଯାହାକିଛି ଚିନ୍ତା କରୁ, ତାହାର ପ୍ରତିକ୍ରିୟା ବା ପରିଣାମ ସଙ୍ଗେ ସଙ୍ଗେ ସୃଷ୍ଟି ହୋଇଯାଏ । ଏହି ନିୟମ ହେତୁ ବିଶ୍ୱର ପରିଚାଳନାରେ ସମତୁଳତା ରହେ । ବିଶ୍ୱର ସମସ୍ତ ସଚେତନ ସତ୍ତା ଏହି ''କର୍ମର ନିୟମ'' ଦ୍ୱାରା ବନ୍ଧା । ଏହାଠାରୁ ପଳାୟନ କରିବାକୁ ଚାହିଁବା ମଧ୍ୟ ନୂତନ କର୍ମ ସୃଷ୍ଟି କରେ । ହିନ୍ଦୁଧର୍ମ ପରି ଥିଓସଫିରେ ମଧ୍ୟ ସଞ୍ଚିତ, ପ୍ରାରବ୍ଧ ଓ କ୍ରିୟମାଣ କର୍ମରେ ବିଶ୍ୱାସ କରାଯାଏ । 'ପ୍ରାରବ୍ଧ' କର୍ମ ହେଲା ଯାହା ଆମେ କରିସାରିଛୁ ତାହାହିଁ 'ନିୟତି' – ପ୍ରାୟ ଅଲଂଘ୍ୟ ଓ ଅକାଟ୍ୟ ହୋଇରହେ ଏବଂ ଆମେ ଏହା ଭିତରଦେଇ ଯିବାକୁ ବାଧ୍ୟ । କିନ୍ତୁ କ୍ରିୟମାଣ କର୍ମରେ ଆମର ସ୍ୱାଧୀନତା ରହିଛି, ଯାହା ସଞ୍ଚିତ କର୍ମକୁ ସୃଷ୍ଟି କରେ ।

ଥିଓସଫି ବିଶ୍ୱାସ କରେ ଯେ ଏହି ନିୟତିବାଦ 'ଅନ୍ୟାୟ' ନୁହେଁ କି 'ଶାସ୍ତି' ମଧ୍ୟ ନୁହେଁ । ଏହା ସ୍ୱୟଂକ୍ରିୟ । 'ଈଶ୍ୱର' ଯଦି ସତରେ ଅଛନ୍ତି, ତାଙ୍କୁ କିଏ ସୃଷ୍ଟି କରିଛି ତାହା ଆମେ ଜାଣୁ ନାହିଁ, ସେହିପରି ''କର୍ମର ନିୟମ'' (Law of Karma) କିପରି ସୃଷ୍ଟି ହୋଇଛି ତାହା ମଧ୍ୟ ଜଣା ନାହିଁ ।

ଆମେ ଯେଉଁସବୁ କର୍ମ କରିଥାଉ ତାହାର ପରିଣାମ ନିମିତ୍ତ ଆମର ଗୋଟିଏ ଜନ୍ମ ଯଥେଷ୍ଟ ହୁଏ ନାହିଁ । ତେଣୁ ଥିଓସଫିରେ ପୁନର୍ଜନ୍ମରେ ବିଶ୍ୱାସ କରାଯାଏ । ଜନ୍ମ ଜନ୍ମାନ୍ତର ଧରି ଆମେମାନେ କର୍ମ କରୁ ଏବଂ କର୍ମର ପରିଣାମକୁ ଭୋଗ କରୁ ଯଦିଓ ଏସମ୍ବନ୍ଧରେ ଆମେ ସଚେତନ ନଥାଉ । ଥିଓସଫି କହେ ଯେ ଆମର ଦୁଇ ପ୍ରକାରର ବ୍ୟକ୍ତିତ୍ୱ ରହିଛି । ଗୋଟିଏ କ୍ଷଣସ୍ଥାୟୀ ତତ୍‌କାଳୀନ ବ୍ୟକ୍ତିତ୍ୱ ରହିଛି ଓ ଆଉ ଗୋଟିଏ ଚିରସ୍ଥାୟୀ ବ୍ୟକ୍ତିତ୍ୱ ରହିଛି । ଚିରସ୍ଥାୟୀ ବ୍ୟକ୍ତିତ୍ୱକୁ ସେମାନେ ଆତ୍ମା ବା Ego (ଆମେ ego କହିଲେ ଅହଂକାର ବୁଝୁ, ଏହା ତାହା ନୁହେଁ) ବା 'ମୁଁ' ଭାବ । ବୌଦ୍ଧଧର୍ମ ଏହି ଚିରସ୍ଥାୟୀ ସତ୍ତାରେ ବିଶ୍ୱାସ କରେ ନାହିଁ । ଥିଓସଫି କହେ ଆମର କ୍ଷଣସ୍ଥାୟୀ ସତ୍ତା ଅତୀତ ଜନ୍ମ ସମ୍ବନ୍ଧରେ କିଛି ସ୍ମରଣ ରଖି ନଥାଏ । କିନ୍ତୁ ଆମର Ego ବା ଚିରସ୍ଥାୟୀ ସତ୍ତାର ସବୁ ମନେ ରହିଥାଏ ଏବଂ ସେ କର୍ମର ପରିଣାମକୁ 'ବିଶ୍ୱଜନୀନ ନ୍ୟାୟ'

ଭାବରେ ଗ୍ରହଣ କରିଥାଏ, କେଉଁ ପରିସ୍ଥିତିରେ ଜନ୍ମ ହେଲେ, କେଉଁଠାରେ ଜନ୍ମ ହେଲେ, ସେ ନିଜର କର୍ମର ପରିଣାମ ସହଜରେ ଭୋଗ କରିପାରିବ ତାହା ମଧ୍ୟ ସେ ଜନ୍ମ ହେବା ପୂର୍ବରୁ ସ୍ଥିର କରି ନେଇଥାଏ ।

କର୍ମର ତତ୍ତ୍ୱ ହିନ୍ଦୁଧର୍ମ, ବୌଦ୍ଧଧର୍ମ ଓ ଥିଓସଫିରେ ରହିଥିଲେ ମଧ୍ୟ ଆମେ ନିଶ୍ଚୟ ବୁଝିପାରୁଛେ ଯେ ଏହା ଖୁବ୍ ଜଟିଳ । ପାରିବାରିକ କର୍ମ, ସାମୂହିକ କର୍ମ, ଗୃହ କର୍ମ, ଦେଶର କର୍ମ – ଏ ସମସ୍ତ କର୍ମ ମିଶି କର୍ମର ତତ୍ତ୍ୱକୁ ଖୁବ୍ ରହସ୍ୟମୟ କରିଛି । ଏହି ରହସ୍ୟକୁ ଭେଦ କରିବା ସହଜ ନୁହେଁ ।

ଥିଓସଫିର ଶିକ୍ଷା ହେଉଛି କର୍ମର ପରିଣାମକୁ ସହ୍ୟ କରିବା । ଏଥିରୁ ପଳାୟନ କରିବା ବା ଆତ୍ମହତ୍ୟା କରିବାକୁ ଚେଷ୍ଟା କରିବା ଆହୁରି ଗୁରୁତର ପରିଣାମ ସୃଷ୍ଟି କରେ ଏବଂ ଏହି ପରିଣାମକୁ ଭୋଗ କରିବାକୁ ବ୍ୟକ୍ତିସତ୍ତାକୁ ବହୁ ଜନ୍ମର ଆବଶ୍ୟକତା ପଡ଼େ ।

ଏହି ବିଶ୍ୱାସ ହେତୁ ଥିଓସଫିଷ୍ଟମାନେ ଈଶ୍ୱର ବିଶ୍ୱାସ କରନ୍ତି ନାହିଁ, କୌଣସି ଉଚ୍ଚତର ଶକ୍ତିର ପରିଚାଳନା ବା ତାହାର କରୁଣାରେ ବିଶ୍ୱାସ କରନ୍ତି ନାହିଁ କିଂବା ପ୍ରାର୍ଥନାରେ ବିଶ୍ୱାସ କରନ୍ତି ନାହିଁ । ନିଜର ଦୁଃଖ, ଦୁର୍ଦ୍ଦଶାରେ ଯଦି ନିଜରହିଁ ଦାୟିତ୍ୱ ରହିଛି ତେବେ ତାହାର ଲାଘବ ନିମିତ୍ତ କାହାକୁ ପ୍ରାର୍ଥନା କରିବା ? ଏଥିପାଇଁ ଆମର ସତ୍ତାକୁ ଦାୟିତ୍ୱ ଦେବାକୁ ହେବ । ସେଥିପାଇଁ ଥିଓସଫିରେ କର୍ମକୁ ''ଦାୟିତ୍ୱର ଅବଧାରିତ ତତ୍ତ୍ୱ'' ବୋଲି କୁହାଯାଏ । ପୁନର୍ଜନ୍ମକୁ ''ଆଶାର ସିଦ୍ଧାନ୍ତ ବା ଅବଧାରିତ ତତ୍ତ୍ୱ'' ବୋଲି କୁହାଯାଏ ।

କିନ୍ତୁ ଥିଓସଫିରେ ଏକଥା ନିର୍ଦ୍ଦିଷ୍ଟ ଭାବରେ କୁହାଯାଏ ଯେ କର୍ମର ନିୟମ ଅପରିବର୍ତ୍ତନୀୟ, କିନ୍ତୁ ବ୍ୟକ୍ତି କେଉଁ କର୍ମ କରିବ ନକରିବ, ଏଥିରେ ତା'ର ଚିନ୍ତା ଓ ସଂକଳ୍ପର ସ୍ୱାଧୀନତା ରହିଛି । କର୍ମର ନିୟମ ନୈର୍ବ୍ୟକ୍ତିକ, ଏହା ଭଲ ନୁହେଁ କି ମନ୍ଦ ନୁହେଁ । ଥିଓସଫିରେ ବିବର୍ତ୍ତନବାଦକୁ ବିଶ୍ୱାସ କରାଯାଏ, ଯେଉଁସବୁ କର୍ମ ଆମକୁ ବିବର୍ତ୍ତନରେ ବା ଜୀବନର ବିକାଶରେ ସାହାଯ୍ୟ କରେ ସେସବୁ ଭଲ କର୍ମ ଏବଂ ଯେଉଁସବୁ କର୍ମ ଜୀବନର ଅଗ୍ରଗତିରେ ବାଧା ଦିଏ ତାହା ମନ୍ଦ କର୍ମ । ଆମେ ଯଦି ସଚେତନ ଭାବରେ ''କର୍ମର ନିୟମ''କୁ ଲକ୍ଷ୍ୟ ରଖିଥାଉ, ତେବେ ଆମର ଅନେକ ସମସ୍ୟା ଦୂର ହୋଇଯିବ । ଆମ ଜୀବନରେ ଯାହା କିଛି ଅପରିବର୍ତ୍ତନୀୟ ଭାବରେ ଘଟିଛି ବା ଘଟୁଛି ସେଥିପାଇଁ ଆମେ ଅନ୍ୟ କାହା ପାଖରେ ଅଭିଯୋଗ କରିବା ନାହିଁ । ବରଂ ଆମେ ସେହି ଅବସ୍ଥାକୁ ଗ୍ରହଣ କରି ଅଧିକତର ଭଲ କାମ କରିବା, ଫଳରେ ଆମର ବର୍ତ୍ତମାନ ଉପରେ ପ୍ରଭାବ ପଡ଼ିବ । ଜଣେ ଭଲ ଲୋକ ଦରିଦ୍ର ହୋଇଥାଇପାରେ, ଜଣେ ମନ୍ଦ ବ୍ୟକ୍ତି ଖୁବ୍ ଧନବାନ୍ ହୋଇଥାଇପାରେ । କିନ୍ତୁ ବାହ୍ୟ ସଫଳତା ଶେଷ କଥା ନୁହେଁ । ଅନ୍ତରର ପ୍ରଗତି, ସୁଖ, ଆନନ୍ଦ, ସ୍ଥିରତା, ଅପରର ମଙ୍ଗଳ କାମନା କରିବାର ଶକ୍ତି ଏସବୁ ମଧ୍ୟ ଅନ୍ତଃସ୍ଥ ସଫଳତା । ଜଣେ ଦରିଦ୍ର, ଦୁର୍ଦ୍ଦଶାଗ୍ରସ୍ତ ଉତ୍ତମ ବ୍ୟକ୍ତି ଯଦି ଜଣେ ଅସତ୍ ଅଥଚ ଧନୀ ଓ ସଫଳ ବ୍ୟକ୍ତି ସହିତ ତୁଳନା କରି ସେହିପରି ହେବାକୁ ଚେଷ୍ଟା କରେ, ତା'ର କର୍ମର ପରିଣାମ ଗୁରୁତର ହେବ । ଯଦି ସେ ତା'ର ବାହ୍ୟ ପରିସ୍ଥିତି ସତ୍ତ୍ୱେ ଅନ୍ତଃସ୍ଥ ସଚେତନତା ବଜାୟ ରଖିପାରେ, ସେ ଦିନେ ନା ଦିନେ ବାହ୍ୟ ପରିସ୍ଥିତିକୁ ବଦଳାଇପାରେ ଏବଂ ଆପାତ ଦୃଷ୍ଟିରୁ ସଫଳ ବ୍ୟକ୍ତିର ଦିନେ ଚରମ ପତନ ହୋଇପାରେ ।

ବୌଦ୍ଧଧର୍ମ ଓ ଥିଓସଫି ଅନୁଯାୟୀ କୌଣସି କର୍ମ ପାଇଁ ଆମକୁ ''ଈଶ୍ୱର'' ବୋଲି ଜଣେ କେହି ଊର୍ଦ୍ଧ୍ୱରେ ରହି ଦଣ୍ଡବିଧାନ କରନ୍ତି ନାହିଁ । ଆମର କାର୍ଯ୍ୟକାରଣର ନିୟମ ଦ୍ୱାରା ଆମର ଜୀବନ ପ୍ରଭାବିତ ହୋଇଥାଏ । ବିଶ୍ୱ ଜଗତର ଅନ୍ୟାନ୍ୟ ନିୟମ ଭଳି କର୍ମର ନିୟମ ମଧ୍ୟ ଏକ ପ୍ରାକୃତିକ ନିୟମ ମାତ୍ର । କିନ୍ତୁ ବ୍ୟକ୍ତି ଏହି ଜୀବନରେ ଆସୁଥିବା ଦୁଃଖ, କଷ୍ଟ ପ୍ରତି କିପରି ମନୋବୃତ୍ତି ରଖୁଛି, ବିଶ୍ୱର ବିବର୍ତ୍ତନ, ବିକାଶ, ପୃଥିବୀର ଅନ୍ୟାନ୍ୟ ଜୀବସତ୍ତାମାନଙ୍କ ପ୍ରତି ତଥା ଅନ୍ୟ ମଣିଷମାନଙ୍କ ପ୍ରତି ତା'ର ମନୋବୃତ୍ତି କେତେ ଅନୁକୂଳ, ତାହାହିଁ ତା'ର ଭବିଷ୍ୟତ୍ ଜନ୍ମର ବୀଜକୁ ଧାରଣ କରିଥାଏ – ଏପରିକି ଏହା ଦ୍ୱାରା ତା'ର ବର୍ତ୍ତମାନର ପରିସ୍ଥିତିରେ ମଧ୍ୟ ଅନ୍ୟ ଏକ ବାତାବରଣ, ଅନ୍ୟ ଏକ ସ୍ପନ୍ଦନ ସଞ୍ଚାରିତ ହୋଇପାରେ ।

ଶ୍ରୀମା ଓ ଶ୍ରୀଅରବିନ୍ଦ ମଧ୍ୟ ବିବର୍ତ୍ତନବାଦରେ ମନୁଷ୍ୟର ଚେତନାର ଅଗ୍ରଗତି ଉପରେ ଗୁରୁତ୍ୱ ଦିଅନ୍ତି ଏବଂ କର୍ମଫଳର ଅର୍ଥ ''ଈଶ୍ୱରଙ୍କ ଦ୍ୱାରା ପ୍ରଦତ୍ତ ଦଣ୍ଡ'' ବୋଲି ଆଦୌ ବିଶ୍ୱାସ କରନ୍ତି ନାହିଁ । ଏ ବିଷୟରେ ଶ୍ରୀଅରବିନ୍ଦ ''ଦିବ୍ୟଜୀବନ'' ଗ୍ରନ୍ଥରେ ଓ ମା' ଅନେକ ''ପ୍ରଶ୍ନୋତ୍ତର''ରେ ଓ ''ଏଜେଣ୍ଡା''ରେ ବିଶଦ ଆଲୋଚନା କରିଛନ୍ତି ଯାହା ପୂର୍ଣ୍ଣଯୋଗର ସାଧକମାନଙ୍କ ପାଇଁ ଖୁବ୍ ଉପାଦେୟ ଓ ଆକର୍ଷଣୀୟ ।

(କ୍ରମଶଃ)

# ମାନବସମାଜର ବିଭିନ୍ନ ଧର୍ମ

## ହିନ୍ଦୁ ଧର୍ମ (୨)

## ଶ୍ରୀପତି ଦାସ

[ଶ୍ରୀ ଅମୂଲ୍ୟ ରଞ୍ଜନ ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ''*Philosophy of Religion – An Approach to World Religion*'' ପୁସ୍ତକର ଅବଲମ୍ବନରେ ଲିଖିତ ।]

ହିନ୍ଦୁ-ଦର୍ଶନର ମୁଖ୍ୟ ଶାସ୍ତ୍ର ହେଉଛି – ବେଦ, ଉପନିଷଦ୍, ଭଗବତ୍ ଗୀତା ଓ ଷଡ୍‌ଦର୍ଶନ । ଏଗୁଡ଼ିକ ହେଉଛି ହିନ୍ଦୁଧର୍ମର ଗନ୍ତାଘର ।

**ବେଦର ଦର୍ଶନ :**

ହିନ୍ଦୁ ଚିନ୍ତାଧାରା ଓ ଦର୍ଶନ, ଋଗ୍‌ବେଦ ସମୟରୁ ଏପର୍ଯ୍ୟନ୍ତ ଏହି ଆଦର୍ଶ ପ୍ରତି ବିଶ୍ୱସ୍ତ ରହି ଆସିଛି ଯେ ବେଦ ଅନନ୍ତ ବୈଭବରେ ପରିପୂର୍ଣ୍ଣ । ଏହା ପୁରାତନ କାଳର ବହୁ ମୂଲ୍ୟବାନ୍ ତଥ୍ୟ ଯୋଗାଇଥାଏ ।

ବେଦକୁ ଚାରୋଟି ଭାଗରେ ବିଭକ୍ତ କରାଯାଏ : ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବ ବେଦ । ବେଦ ହେଉଛି ବିଶ୍ୱର ପ୍ରାଚୀନତମ ଗ୍ରନ୍ଥ । ପୁନଶ୍ଚ ପ୍ରତ୍ୟେକ ବେଦର ରହିଛି ତିନୋଟି ବିଭାବ : ମନ୍ତ୍ର, ବ୍ରାହ୍ମଣ ଓ ଉପନିଷଦ୍ । ଚାରୋଟି ବେଦ ମଧ୍ୟରୁ ଋଗ୍‌ବେଦ ହେଉଛି ମୁଖ୍ୟ । ବେଦଗୁଡ଼ିକର ରହିଛି କେତେକ ଦାର୍ଶନିକ ବ୍ୟାଖ୍ୟା । ଯଥା :

**(୧) ପ୍ରାକୃତିକ ବିଭାବ :** ବିଭିନ୍ନ ଦେବାଦେବୀଙ୍କ ସକାଶେ ବୈଦିକ ମନ୍ତ୍ର ଓ ପ୍ରାର୍ଥନା ହେଉଛି ଆଦିବାସୀମାନଙ୍କ ଧର୍ମର ସଂଗ୍ରହାଳୟ । ବେଦର କେତେକ ପୂଜା-ଆରାଧନା ପ୍ରକୃତି-ପୂଜା ସହିତ ସମ୍ପୃକ୍ତ । ଋଗ୍‌ବେଦର କେତେକ ମୁଖ୍ୟ ଦେବାଦେବୀ ଥିଲେ ପ୍ରକୃତିର କେତେକ ବିଶିଷ୍ଟ ଶକ୍ତି ଯାହା ମାନବଜାତିର ମଙ୍ଗଳ-ସାଧନକୁ ପ୍ରଭାବିତ କରୁଥିଲା । ଅଥର୍ବ ବେଦ ହେଉଛି ଆଦିବାସୀମାନଙ୍କର କେତେକ ମନୋମୁଗ୍ଧକର ଯାଦୁମନ୍ତ୍ରର ସମାହାର । ଋଗ୍‌ବେଦୀୟ ଯୁଗରେ ଲୋକମାନେ ଦେବାଦେବୀମାନଙ୍କୁ ପୂର୍ଣ୍ଣତାର ଉଚ୍ଚ ସଫଳତା ସକାଶେ ପୂଜା କରୁଥିଲେ । ଏହି ପୂଜାର ଅନ୍ତର୍ଗତ ଥିଲା ସଙ୍ଗୀତ, ନୃତ୍ୟ, ସୋମରସ-ପାନ ଏବଂ ଦେବାଦେବୀଙ୍କୁ ମାଂସ ଅର୍ପଣ ।

ବୈଦିକ ଯୁଗର ଆର୍ଯ୍ୟମାନେ ନାନା ଦେବାଦେବୀଙ୍କୁ ପୂଜା କରୁଥିଲେ – ଯଥା : ଇନ୍ଦ୍ର, ଅଗ୍ନି, ସୋମ ଇତ୍ୟାଦିଙ୍କୁ । ଏହି ତିନି ଦେବତା ପୁଣି ତେତ୍ରିଶକୋଟି ଦେବତାରେ ପରିଣତ ହୋଇଥିଲେ । ଏହି ଅଗ୍ନି ବା ଆଲୋକ ବ୍ୟତୀତ ସୃଷ୍ଟି ଅସମ୍ଭବ । ଦୁଇ ଶହରୁ ଅଧିକ ମନ୍ତ୍ର ତାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗିତ ହୋଇଛି । ସୂର୍ଯ୍ୟଦେବଙ୍କୁ ମନ୍ତ୍ର ଉତ୍ସର୍ଗ କରିବା ଅର୍ଥ ଅମଙ୍ଗଳର ପ୍ରଭାବକୁ ବିତାଡ଼ିତ କରିବା । ଏହି ଅଗ୍ନି ଆମ ପଥକୁ ଆଲୋକିତ କରନ୍ତି, ଆମ ଶରୀର ଓ ହୃଦୟକୁ ଉଷ୍ଣତା ପ୍ରଦାନ କରନ୍ତି, ଆମ ଖାଦ୍ୟକୁ ରନ୍ଧନ କରନ୍ତି, ଶତ୍ରୁଠାରୁ ଆମକୁ ସୁରକ୍ଷିତ ରଖନ୍ତି ଏବଂ ଆମକୁ ଅନ୍ତର୍ଦୃଷ୍ଟି ପ୍ରଦାନ କରନ୍ତି । ଋଗ୍‌ବେଦର ବିଶେଷ ଗୁରୁତ୍ୱପୂର୍ଣ୍ଣ ଦେବତା ହେଉଛନ୍ତି ଇନ୍ଦ୍ର । ସେ ହେଉଛନ୍ତି ସକଳ ଦେବତାଙ୍କର ରାଜା, ଦେବରାଜ । ପ୍ରଥମତଃ ସେ ବୃଷ୍ଟିର ଦେବତା ରୂପେ ଦୃଶ୍ୟମାନ ହୁଅନ୍ତି । ଋଗ୍‌ବେଦର ଏକ ଚତୁର୍ଥାଂଶ ମନ୍ତ୍ରରେ ଇନ୍ଦ୍ରଦେବଙ୍କୁ ଆବାହନ କରାଯାଇଛି । ଏକଶତ ଚଉଦଟି ମନ୍ତ୍ର ସୋମଦେବଙ୍କୁ ଉତ୍ସର୍ଗିତ, ସୋମଦେବ ହେଉଛନ୍ତି ଶକ୍ତି ଓ ବୀରତ୍ୱର ବ୍ୟକ୍ତିତ୍ୱ । ସକଳ ଆଦିବାସୀ ସୋମରସ ପାନ କରୁଥିଲେ ଏବଂ ସୋମଦେବଙ୍କୁ ପୂଜା କରୁଥିଲେ ।

**(୨) ବିଧି-ବିଧାନ ବିଭାବ :** ବେଦ ଓ ହିନ୍ଦୁଧର୍ମର ଏହା ଏକ ବ୍ୟାବହାରିକ ବିଭାବ । ପୂଜକର ଇଚ୍ଛାର ପରିପୂର୍ଣ୍ଣତା ଲାଗି ଧର୍ମ ଦୃଷ୍ଟିରୁ ପ୍ରାର୍ଥନା ଓ ବଳି ଦ୍ୱାରା ଦିବ୍ୟଶକ୍ତିଙ୍କୁ ପରିପୂର୍ଣ୍ଣ କରିବା ହେଉଛି ଏହାର ଲକ୍ଷ୍ୟ । ଋଗ୍‌ବେଦ ସଂହିତାରେ ଅଗ୍ନିଦେବ ଓ ସୋମଦେବଙ୍କୁ ସନ୍ତୁଷ୍ଟ କରିବା ନିମିତ୍ତ କେତେକ ମନ୍ତ୍ର କୃଷିକାର୍ଯ୍ୟ ଓ ପଶୁବଳି ସକାଶେ ନିର୍ଦ୍ଦିଷ୍ଟଭାବେ ଉଦ୍ଦିଷ୍ଟ । ଅଥର୍ବ ବେଦ ହେଉଛି ଯାଦୁବିଦ୍ୟା ଦ୍ୱାରା ଜୀବନର ସୁରକ୍ଷା ନିମିତ୍ତ ପ୍ରଧାନ ଉତ୍ସ । ଅଥର୍ବ ବେଦର ସଂହିତାରେ କେତେକ ମନ୍ତ୍ର ରହିଛି ଯାହା ବିବାହ, ମୃତ ବ୍ୟକ୍ତିର କ୍ରିୟାସାଧନ ଓ ସୋମରସ ଉତ୍ସର୍ଗ କରିବା ସକାଶେ ଉଦ୍ଦିଷ୍ଟ । ଅଥର୍ବ ବେଦରେ

ଏପରି ଅଳ୍ପ ମନ୍ତ୍ର ରହିଛି ଯାହା ମଧ୍ୟରେ କ୍ରିୟା-କର୍ମର ବ୍ୟାବହାରିକ ଦିଗ ନିମିତ୍ତ ସୃଷ୍ଟିତତ୍ତ୍ୱ ଓ ବ୍ରହ୍ମଜ୍ଞାନ ନିହିତ ରହିଛି । ସାମବେଦ ଓ ଯଜୁର୍ବେଦକୁ କ୍ରିୟା-କର୍ମର ସଂହିତା ବୋଲି କୁହାଯାଇ ପାରେ, କାରଣ ତହିଁରୁ ପ୍ରତ୍ୟେକଟି ମନ୍ତ୍ର ପୁରୋହିତମାନଙ୍କ କ୍ରିୟା-କର୍ମ ନିମିତ୍ତ ଉଦ୍ଦିଷ୍ଟ । ଯଜୁର୍ବେଦର ସଂହିତାଗୁଡ଼ିକ ମଧ୍ୟରେ କେତେକ ଉପାସନା-ସୂତ୍ର ରହିଛି ଯାହା କୃଷ୍ଣ ଯଜୁର୍ବେଦ ଓ ଶୁକ୍ଳ ଯଜୁର୍ବେଦର ଅନ୍ତର୍ଗତ । ପ୍ରତ୍ୟେକ ପ୍ରତ୍ୟେକ ଦେବତାଙ୍କ ପୂଜା ନିମିତ୍ତ କେତେକ ନିର୍ଦ୍ଦିଷ୍ଟ କ୍ରିୟା-କର୍ମ ରହିଛି ।

**(୩) ଅଦ୍ୱୈତବାଦୀ ବିଭାବ :** ବେଦରେ ବର୍ଣ୍ଣିତ ଈଶ୍ୱରଙ୍କ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ସମ୍ବନ୍ଧେ ପଣ୍ଡିତମାନଙ୍କ ଦ୍ୱାରା ଆଧୁନିକ ଯୁଗରେ ଏହା ଉପସ୍ଥାପିତ କରାଯାଇଛି । ବେଦରେ କୁହାଯାଇଛି ଯେ ବିଭିନ୍ନ ଈଶ୍ୱରଙ୍କଠାରୁ ଏକହିଁ ଈଶ୍ୱରଙ୍କର ଜନ୍ମ ହୋଇଛି ଏବଂ ତତ୍ପରେ ବିଭିନ୍ନ ଜଗତର ଜନ୍ମ ହୋଇଛି । ମାକ୍ସ୍‌ମୁଲ୍ଲର ଯେ ବେଦରେ ଈଶ୍ୱରଙ୍କ ପ୍ରକୃତି ସମ୍ବନ୍ଧେ ଅଧ୍ୟୟନ କରିବାକୁ ଚେଷ୍ଟା କରିଥିଲେ, ସେ ଈଶ୍ୱରଙ୍କ ପ୍ରକୃତି ସମ୍ବନ୍ଧେ କୌଣସି ଉପଯୁକ୍ତ ଶବ୍ଦ ପାଇ ନଥିଲେ । ବେଦରେ ବହୁ ବିଭିନ୍ନ ଈଶ୍ୱରଙ୍କ ଉପସ୍ଥିତି ସମ୍ବନ୍ଧେ ବର୍ଣ୍ଣିତ ହୋଇଛି ଏବଂ ବାସ୍ତବତଃ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକେ 'ଏକେଶ୍ୱର' ଏବଂ 'ପରମେଶ୍ୱର' ଭାବରେ ଉପସ୍ଥିତ ଥିବାର ଜଣାଯାଇଛି ଯେତେବେଳେ ସେହି ଈଶ୍ୱରଙ୍କୁ ପୂଜା କରାଯାଇଛି । ଏହି ଏକହି ଈଶ୍ୱରଙ୍କର ମତବାଦକୁ ଚିହ୍ନିତ କରିବା ସକାଶେ ମାକ୍ସ୍‌ମୁଲ୍ଲର୍ ଏକ ଗ୍ରୀକ୍ ଶବ୍ଦ ଉଦ୍ଭାବନ କରିଥିଲେ ଯାହା ବର୍ତ୍ତମାନ 'ବୀରତ୍ୱବାଦ' ନାମରେ ସୁପରିଚିତ ।

ରାଜା ରାମ ମୋହନ ରାୟ ଏହି ମତବାଦ ପୋଷଣ କରିଥିଲେ ଯେ ବୈଦିକ ଈଶ୍ୱରମାନେ ରୂପକ ଭାବରେ ପରମେଶ୍ୱରଙ୍କ ଲକ୍ଷଣର ପ୍ରତିନିଧିତ୍ୱ କରନ୍ତି । ବୈଦିକ ମନ୍ତ୍ରରେ ବର୍ଣ୍ଣିତ ବିଭିନ୍ନ ଦେବା-ଦେବୀ ସମୟ ସମୟରେ ଏକହିଁ ଈଶ୍ୱରଙ୍କର ବିଭିନ୍ନ ଦିଗକୁ ପ୍ରକାଶ କରିଥା'ନ୍ତି ଯାହାକୁ ଏକହିଁ ଈଶ୍ୱରଙ୍କର ପ୍ରକୃତି ବୋଲି କୁହାଯାଏ ।

ବୈଦିକ ଦର୍ଶନ ଏକେଶ୍ୱରବାଦକୁ ପ୍ରକାଶ କରି ଅଟକି ଯାଏ ନାହିଁ । ଏକେଶ୍ୱରବାଦରେ ଏହି ପ୍ରବୃତ୍ତି ଚରମ ସୀମାରେ ପହଞ୍ଚିଛି । ବେଦରେ ଏପରି ସବୁ ମନ୍ତ୍ର ରହିଛି ଯାହା ପରୋକ୍ଷ ଭାବରେ, ''ଏକମ୍ ସତ୍ ବିପ୍ରା ବହୁଧା ବଦନ୍ତି'' ମତକୁ ସ୍ୱୀକାର କରେ ।

**(୪) ଆଧ୍ୟାତ୍ମିକ ବିଭାବ :** ବେଦରେ ବିଶ୍ୱାସ କରିବାକୁ ଏକ ଭ୍ରାନ୍ତ ଧାରଣା ବା ପୁରାତନ ମତବାଦ ବୋଲି ମନେ କରିବା ଉଚିତ ନୁହେଁ । ଧର୍ମଗୁଡ଼ିକ ଉପଯୋଗୀ ହୁଅନ୍ତି ଯେପର୍ଯ୍ୟନ୍ତ ସେଗୁଡ଼ିକ ଆଧ୍ୟାତ୍ମିକ ସତ୍ୟକୁ ପ୍ରକାଶ କରନ୍ତି । ବେଦରେ ଧର୍ମର ଆଲୋକରେ ମହାନ୍ ଦ୍ରଷ୍ଟାମାନଙ୍କର ଅନ୍ତର୍ଜ୍ଞାନର ଅଭିଜ୍ଞତା ରହିଛି । ଭାରତୀୟ ଚିନ୍ତାଧାରାର କୌଣସି ପ୍ରକାର ଯଥେଷ୍ଟ ଜ୍ଞାନ ଆହରଣ ନିମିତ୍ତ ଋଗ୍‌ବେଦର ଅଧ୍ୟୟନ ଏକାନ୍ତ ଆବଶ୍ୟକ । ଶ୍ରୀଅରବିନ୍ଦଙ୍କ ମତରେ ବେଦସକଳ ହେଉଛି ରହସ୍ୟବାଦୀ ଦାର୍ଶନିକମାନଙ୍କ ଗୋପନ ମତବାଦରେ ପରିପୂର୍ଣ୍ଣ । ତାଙ୍କ ସକାଶେ ବୈଦିକ ଦେବାଦେବୀମାନେ ହେଉଛନ୍ତି ମନସ୍ତାତ୍ତ୍ୱିକ ପଦ୍ଧତିର ପ୍ରତୀକ । ଉଦାହରଣସ୍ୱରୂପ ସୂର୍ଯ୍ୟ ବୁଦ୍ଧିମତ୍ତାର ପ୍ରତୀକ ଏବଂ ଅଗ୍ନି ହେଉଛନ୍ତି ସଂକଳ୍ପ ଓ ସୋମ ହେଉଛନ୍ତି ଅନୁଭୂତିର ପ୍ରତୀକ । ଜ୍ଞାନକାଣ୍ଡ ହେଉଛି ବେଦର ଆଧ୍ୟାତ୍ମିକ ବିଭାବ ।

**(୫) ନୈତିକ ବିଭାବ :** ଋଗ୍‌ବେଦରେ 'ଋତ'ର ଧାରଣା ହେଉଛି ଅତି ମହତ୍ତ୍ୱପୂର୍ଣ୍ଣ । ବିଶ୍ୱଗତ ନୈତିକ ପଦ୍ଧତିକୁ ବେଦରେ 'ଋତ', ମୀମାଂସାରେ 'ଅପୂର୍ବ' ଏବଂ ନ୍ୟାୟବୈଶେଷିକରେ 'ଅଦୃଷ୍ଟ' ବୋଲି ବର୍ଣ୍ଣନା କରାଯାଇଛି । ମିତ୍ର ଓ ବରୁଣଙ୍କ ପରି ଦେବତାମାନେ କେବଳ ପ୍ରକୃତିର ଗତିପଥ ସ୍ଥିର କରନ୍ତି ନାହିଁ, କିନ୍ତୁ ବିଶ୍ୱରେ ନୈତିକ ଶୃଙ୍ଖଳାକୁ ବଜାୟ ରଖନ୍ତି । ବେଦର 'ଋତ' ଆତ୍ମମାନଙ୍କୁ ନୈତିକତାର ଆଦର୍ଶ ଯୋଗାଇଥାଏ । ଏହାହିଁ ବସ୍ତୁ ସକଳର ସତ୍ୟ ।

ସଦ୍‌ଗୁଣ ହେଉଛି ଭଗବତ୍ ବିଧାନର ଗତାନୁଗତିକ ଧାରା ଯାହାର ଅନ୍ତର୍ଗତ ହେଉଛି ମାନବ-ପ୍ରେମ । ଦେବତା ଓ ମନୁଷ୍ୟ ମଧ୍ୟରେ ବେଦସକଳ ଅତି ଘନିଷ୍ଠ ସମ୍ପର୍କ ରକ୍ଷା କରନ୍ତି । ମନୁଷ୍ୟ-ଜୀବନ ଦେବତାମାନଙ୍କ ପର୍ଯ୍ୟବେକ୍ଷଣ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ । ଦୃଢ଼ତା ହେଉଛି ଉତ୍ତମ ଜୀବନଯାପନର ବିଶିଷ୍ଟ କେନ୍ଦ୍ରୀୟ ଗୁଣ । ବେଦ-ସ୍ୱୀକୃତ ଉତ୍ତମ ମନୁଷ୍ୟ ସ୍ୱପଥରୁ ବିଚ୍ୟୁତ ହୁଅନ୍ତି ନାହିଁ । ଦୟା ଓ ସେବା ହେଉଛି ମହାନ୍ ଗୁଣ । ସଂକ୍ଷେପତଃ ବେଦର ଚରମ ଲକ୍ଷ୍ୟ ହେଉଛି ମାନବଜାତିର ମଙ୍ଗଳସାଧନ ।

## ଉପନିଷଦର ଦର୍ଶନ :

ଉପନିଷଦ୍ ସକଳର କେନ୍ଦ୍ରୀୟ ସତ୍ୟ ହେଉଛି ସତ୍ୟର ସନ୍ଧାନ । ଡକ୍ଟର ରାଧାକୃଷ୍ଣନ୍ କହନ୍ତି ଯେ ଉପନିଷଦର ଅର୍ଥ

ହେଉଛି ଜ୍ଞାନ ଯାହା ବିଭ୍ରାନ୍ତିକୁ ନଷ୍ଟକରେ ଏବଂ ମନୁଷ୍ୟକୁ ସତ୍ୟର ସାନ୍ନିଧ ଲାଭ କରିବାକୁ ସମର୍ଥ କରେ । ଶଙ୍କରାଚାର୍ଯ୍ୟ କହନ୍ତି ଯେ ପ୍ରକୃତ ବ୍ରହ୍ମଜ୍ଞାନ ହେଉଛି ଉପନିଷଦ୍ ।

ଉପନିଷଦର ଦ୍ରଷ୍ଟାଗଣ ସେମାନଙ୍କ ଧାର୍ମିକ ଅଭିଜ୍ଞତା ଦ୍ୱାରା ଜ୍ଞାନର ଉପଲବ୍ଧି କରିବାକୁ ଚାହୁଁଥିଲେ । ଆମର ଇନ୍ଦ୍ରିୟଗଣ ଆମକୁ ଯଥାର୍ଥ ଜ୍ଞାନ ପ୍ରଦାନ କରି ନଥା'ନ୍ତି । ମନ ସର୍ବଦା ନାନା ପ୍ରକାର ଚିନ୍ତାଧାରା ନେଇ ଗତି କରିଥାଏ । ବହୁ ମଧ୍ୟରେ ଏକର ସନ୍ଧାନ ହେଉଛି ମାନୁଷୀ ସତ୍ତାର ଏକ ସ୍ୱାଭାବିକ ଆଗ୍ରହ । ମୁଣ୍ଡକ ଉପନିଷଦ୍ ପ୍ରଶ୍ନ କରେ – ତାହା କ'ଣ ଯାହା ଜାଣିଲେ ସବୁକିଛି ଜାଣି ହୁଏ ?

ଉପନିଷଦୀୟ ଦର୍ଶନର ଦ୍ରଷ୍ଟାଗଣ ସେମାନଙ୍କ ସମଗ୍ର ଜୀବନରେ ତତ୍ତ୍ୱଜ୍ଞାନର ଆଲୋଚନା କରୁଥିଲେ । ପରମସତ୍ୟକୁ ସମ୍ପୂର୍ଣ୍ଣରୂପେ ବିଭିନ୍ନ ଦୃଷ୍ଟିକୋଣରୁ ଜାଣିବା ପର୍ଯ୍ୟନ୍ତ ସେମାନେ ତହିଁରୁ ନିବୃତ୍ତ ହେଉ ନଥିଲେ । ଅଧ୍ୟାପକ ଆର୍. ଡି. ରାଣାଡେଙ୍କ ମତାନୁସାରେ ଉପନିଷଦର ଦାର୍ଶନିକ ସମସ୍ୟା ହେଉଛି ଜାଗତିକ ତଥା ଐଶ୍ୱରିକ ମନସ୍ତାତ୍ତ୍ୱିକ ।

ଉପନିଷଦ୍ ଅନୁସାରେ ଚରମ ସତ୍ୟ ହେଉଛନ୍ତି ବ୍ରହ୍ମନ୍ । ବ୍ରହ୍ମନ୍ ହେଉଛନ୍ତି ଅନନ୍ତ, ଚିରନ୍ତନ, ସର୍ବଶକ୍ତିମାନ୍, ସର୍ବଜ୍ଞ ଓ ଆତ୍ମ-ସଚେତ । ଏହା ସବୁକିଛିର ଉତ୍ସ । ବ୍ରହ୍ମନ୍ ହେଉଛନ୍ତି ଜୀବଜଗତ୍ ତଥା ଜଡ଼ଜଗତରେ ସର୍ବବ୍ୟାପ୍ତ । ମୈତ୍ରୀ ଉପନିଷଦ୍ ଅନୁସାରେ ସେ ହେଉଛନ୍ତି ବ୍ରହ୍ମନ୍ ଯାହାଙ୍କଠାରୁ ସବୁକିଛି ଜାତ, ଯାହାଙ୍କ ମଧ୍ୟରେ ସମସ୍ତେ ବାସ କରନ୍ତି ଏବଂ ପରିଶେଷରେ ଯାହାଙ୍କ ମଧ୍ୟରେ ସବୁକିଛି ଲୀନ ହୋଇଯା'ନ୍ତି । ବୃହଦାରଣ୍ୟକ ଉପନିଷଦରେ କୁହାଯାଇଛି ଯେ ବ୍ରହ୍ମନ୍‌ଙ୍କ ଆଦେଶ ଅନୁସାରେ ସୂର୍ଯ୍ୟ, ଚନ୍ଦ୍ର, ଆକାଶ, ପୃଥିବୀ, ଦିବା, ରାତ୍ରି, ମାସ, ବର୍ଷ, ସମୁଦ୍ର ଓ ନଦୀ ପ୍ରଭୃତି ସେମାନଙ୍କର ନିଜସ୍ୱ ପଥ ଅନୁସରଣ କରନ୍ତି । ପୁନଶ୍ଚ ଯାଜ୍ଞବଲ୍‌କ୍ୟ ଓ ବିଦଗ୍ଧ ଶାକଲ୍ୟଙ୍କ ଆଲୋଚନାରେ ନିର୍ଦ୍ଧାରିତ ହୋଇଥିଲା ଯେ କେବଳ ବ୍ରହ୍ମନ୍‌ହିଁ ସମଗ୍ର ଜଗତର ପରମେଶ୍ୱର ।

ବ୍ରହ୍ମନ୍ ହେଉଛନ୍ତି ଅସୀମ । ଶ୍ୱେତାଶ୍ୱେତର ଉପନିଷଦରେ ଈଶ୍ୱରଙ୍କ ସମ୍ବନ୍ଧେ ବର୍ଣ୍ଣନା କରାଯାଇଛି ଯେ, ସେ ହେଉଛନ୍ତି ସର୍ବବ୍ୟାପୀ ଓ ବିଶ୍ୱାତୀତ । ସେ ସ୍ୱର୍ଗରେ ଏକ ବୃକ୍ଷ ସଦୃଶ ନିରବରେ ଦଣ୍ଡାୟମାନ, ତଥାପି ସମଗ୍ର ଜଗତରେ ପରିବ୍ୟାପ୍ତ । କେନୋପନିଷଦରେ କୁହାଯାଇଛି ଯେ ପରମାତ୍ମା ହେଉଛନ୍ତି କର୍ଣ୍ଣର କର୍ଣ୍ଣ, ମନର ମନ, ବାକ୍ୟର ବାକ୍ୟ ଏବଂ ସକଳ ଜୀବନର ଜୀବନ । ତୈତ୍ତିରୀୟ ଉପନିଷଦ୍ କହନ୍ତି ତାହାହିଁ ହେଉଛି ଚରମ ସତ୍ୟ ଯାହା ମଧ୍ୟରୁ ମନ ବାକ୍ୟ ସହିତ ପ୍ରତ୍ୟାବର୍ତ୍ତନ କରେ ଏବଂ ତହିଁରେ ଉପନୀତ ହୋଇପାରେ ନାହିଁ । ଉଚ୍ଚତମ ବ୍ରହ୍ମନ୍ ଯେ ହେଉଛନ୍ତି ପରମାନନ୍ଦ ସେହିଁ ହେଉଛନ୍ତି ଆତ୍ମନ୍ ଯାହାଙ୍କୁ ମୁକ୍ତି ଲାଭ କଲେହିଁ ଉପଲବ୍ଧି କରାଯାଇପାରେ ।

## ଉପନିଷଦର ବିଭିନ୍ନ ବିଭାବ :

**(୧) ଜ୍ଞାନତତ୍ତ୍ୱ ସମ୍ବନ୍ଧୀୟ ବିଭାବ :** ଏହି ବିଭାବ ଉପନିଷଦସ୍ଥ ଜ୍ଞାନର ଦାର୍ଶନିକ ବିଭାବକୁ ପ୍ରକାଶ କରେ । ଏହା ମୁଖ୍ୟତଃ ଆତ୍ମଜ୍ଞାନ ସହିତ ସମ୍ପୃକ୍ତ । ଏହି ଆତ୍ମଜ୍ଞାନ ଦ୍ୱାରା ବ୍ୟକ୍ତି ବ୍ରହ୍ମୋପଲବ୍ଧି କରିପାରେ । ପରମ ବ୍ରହ୍ମନ୍‌ଙ୍କର କୌଣସି ବ୍ୟାଖ୍ୟା ଦେଇ ହୁଏ ନାହିଁ । ବୃହଦାରଣ୍ୟକ ଉପନିଷଦରେ କୁହାଯାଇଛି ଯେ ବ୍ରହ୍ମନ୍ ହେଉଛନ୍ତି ଅଦୃଷ୍ଟ ହୋଇ ମଧ୍ୟ ଦୃଷ୍ଟ, ଅଶ୍ରୁତ ହୋଇ ମଧ୍ୟ ଶ୍ରୁତ, ଅନୁପଲବ୍ଧ ହୋଇ ମଧ୍ୟ ଉପଲବ୍ଧ, ଅଜ୍ଞାତ ହୋଇ ମଧ୍ୟ ଜ୍ଞାତ । ଆମର ବୁଦ୍ଧିଗତ ସାମର୍ଥ୍ୟ ବ୍ରହ୍ମଙ୍କୁ ଜାଣିବା ନିମିତ୍ତ ଯଥେଷ୍ଟ ନୁହେଁ । କେନ ଉପନିଷଦ୍ କହନ୍ତି, ''ଯେଉଁମାନେ ଜାଣନ୍ତି ବୋଲି ଭାବନ୍ତି ସେମାନଙ୍କ ପାଇଁ ବ୍ରହ୍ମ ଅଜ୍ଞାତ ଏବଂ ଯେଉଁମାନେ ଜାଣନ୍ତି ନାହିଁ ବୋଲି ଭାବନ୍ତି, ସେମାନଙ୍କ ପାଇଁ ସେ ଜ୍ଞାତ । ଯାହାହେଉ, ଦ୍ରଷ୍ଟାମାନେହିଁ ବ୍ରହ୍ମଙ୍କୁ ଉପଲବ୍ଧି କରନ୍ତି ଏବଂ ଆତ୍ମଜ୍ଞାନ ଲାଭ କରନ୍ତି ।

ପରମ ସତ୍ୟ ବ୍ୟକ୍ତିଗତ ବିଭାବରେ ବୁଦ୍ଧିଗତ ଆତ୍ମା (ପ୍ରଜ୍ଞା) ଭାବରେ ଏବଂ ବୋଧିଗତ ଆତ୍ମା ଭାବରେ ଜ୍ଞାତ ହୁଅନ୍ତି । ଯଥାର୍ଥରେ କେବଳ ବୋଧିଗତ ଅବସ୍ଥାରେହିଁ ବ୍ରହ୍ମନ୍ ଉପଲବ୍ଧ ହୁଅନ୍ତି ।

**(୨) ଦାର୍ଶନିକ ବିଭାବ :** ଦାର୍ଶନିକ ବ୍ଲୁମ୍‌ଫିଲ୍ଡ ତାଙ୍କର 'The Religion of the Vedas' ନାମକ ପୁସ୍ତକରେ ଲେଖିଛନ୍ତି ଯେ ରକ୍ଷଣଶୀଳ ହୋଇ ନଥିବା ବୌଦ୍ଧଧର୍ମ ସହିତ ହିନ୍ଦୁ ଚିନ୍ତାଧାରାରେ ଏପରି କିଛି ନାହିଁ ଯାହା ଉପନିଷଦରୁ ଆନୀତ ନୁହେଁ । ସାଂଖ୍ୟ-ଯୋଗ, ନ୍ୟାୟ-ବୈଶେଷିକ, ବେଦାନ୍ତ ପ୍ରଭୃତିରେ ସବୁକିଛି ମୌଳିକ ମତବାଦ ଉପନିଷଦରୁ ଗୃହୀତ ।

ଅଧିକାଂଶ ଯୋଗ-ଦର୍ଶନ ଶ୍ୱେତାଶ୍ୱେତର ଉପନିଷଦରେ ଦେଖାଯାଏ । ଏହି ଉପନିଷଦରେ ଆସନ, ପ୍ରାଣାୟାମ, ଯମ, ନିୟମ, ପ୍ରତ୍ୟାହାର, ଧାରଣା, ଧ୍ୟାନ ଓ ସମାଧି ସମ୍ବନ୍ଧେ ବର୍ଣ୍ଣନା

କରାଯାଇଛି । କଠୋପନିଷଦରେ ଯୋଗେଶ୍ୱରଙ୍କ ସମ୍ବନ୍ଧେ ବର୍ଣ୍ଣନା କରାଯାଇଛି । ଶ୍ୱେତାଶ୍ୱେତର ଉପନିଷଦରେ ପଞ୍ଚ ଉପାଦାନ ଓ କାଳ, ମନ, ଆତ୍ମା ଓ ମୁକ୍ତି ସମ୍ବନ୍ଧେ ବର୍ଣ୍ଣନା କରାଯାଇଛି ।

ଉପନିଷଦ୍ ସବୁକୁ ଭିତ୍ତି କରି ଶଙ୍କରାଚାର୍ଯ୍ୟ ତାଙ୍କର ଅଦ୍ୱୈତବାଦର ବିକାଶ ଘଟାଇଥିଲେ । ଅଦ୍ୱୈତ ବେଦାନ୍ତର ବ୍ରହ୍ମନ୍ ଉପନିଷଦରେ ବର୍ଣ୍ଣିତ ବ୍ରହ୍ମନ୍‌ଙ୍କ ସହ ସମରୂପ । ଶଙ୍କରାଚାର୍ଯ୍ୟଙ୍କ ମାୟାବାଦର ସିଦ୍ଧାନ୍ତ ମଧ୍ୟ ଉପନିଷଦରୁ ଆନୀତ ।

(କ୍ରମଶଃ)

*ପ୍ରଶ୍ନ : ଥରେ ଯଦି ଜଣେ ଶ୍ରୀଅରବିନ୍ଦଙ୍କ ଯୋଗପଥ ଗ୍ରହଣ କରିଛି ତା'ର ଅନ୍ୟ ସମସ୍ତ ଦେବାଦେବୀଙ୍କ ପୂଜା ବନ୍ଦ କରିବା ଉଚିତ ନୁହେଁ କି ?*

ଉତ୍ତର : ଜଣେ ଯିଏ ଯଥାର୍ଥରେ ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରୁଛି, ଏହି ମାର୍ଗର ଅନୁଭୂତି ଲାଭ ହେବା ସଙ୍ଗେ ସଙ୍ଗେ ସେ କୌଣସି ଜଣେ ଦେବତା କିଂବା ଦେବୀ କିଂବା ଏକତ୍ର ସେସମସ୍ତଙ୍କୁ ପୂଜା କରିବାରେ ନିଜ ଚେତନାକୁ ସୀମାବଦ୍ଧ କରି ରଖିବା ଅସମ୍ଭବ ବୋଲି ଅନୁଭବ କରିବ ।

— ଶ୍ରୀମା

His Grace is always with those who want to progress
and realise the Truth of tomorrow.

– The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ORISSA)**

# ମୃତ୍ୟୁର ମୃତ୍ୟୁ ଅବଶ୍ୟମ୍ଭାବୀ

## ଶ୍ରୀ ବିମଳ ପ୍ରସନ୍ନ ଦାସ

ପ୍ରେମ ଓ ମୃତ୍ୟୁର ମହାକାବ୍ୟ 'ସାବିତ୍ରୀ'ରେ ଦିବ୍ୟଦ୍ରଷ୍ଟା, ଋଷି ଶ୍ରୀଅରବିନ୍ଦ ତାଙ୍କ ଅନୁପମ ଭାଷାରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି ଯେ ମୃତ୍ୟୁର ମୃତ୍ୟୁ ନିୟତି ନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ : –

ଏପରିକି ଏକ ବିରୋଧିଶକ୍ତି ଯଦି ତା' ରାଜତ୍ୱରେ ଲାଖି ରହେ ଓ ତା' ଅଧିକାରର ନିତ୍ୟ ସାର୍ବଭୌମତ୍ୱକୁ ଦାବି କରେ ତଥା ମାନବ ତା' ଉନ୍ନତ ଅଧ୍ୟାତ୍ମନିୟତିକୁ ଅସ୍ୱୀକାର କରେ, ତଥାପି ସକଳବସ୍ତୁ ମଧ୍ୟରେ ନିହିତ ଦିବ୍ୟସତ୍ୟ ନିଶ୍ଚୟ ଜୟଲାଭ କରିବ । କାରଣ ସର୍ବ-ସାଫଲ୍ୟକାରୀ ମହାକାଳର ଯାତ୍ରାରେ ବ୍ରହ୍ମାଣ୍ଡାତୀତ ଅଧୀଶ୍ୱରଙ୍କ ସଂକଳ୍ପର ମୁହୂର୍ତ୍ତଟିଏ ଅବଶ୍ୟ ଆସି ପହଞ୍ଚିବ ଯେତେବେଳେ ମହାପ୍ରକୃତିର ସ୍ଥିରୀକୃତ ଅନିବାର୍ଯ୍ୟ ଗତିପଥେ ସବୁକିଛି ମୋଡ଼ନେବ, ଘୂରିଯିବ ତାଙ୍କର ପୂର୍ବ-ନିୟତି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଅଭିମୁଖେ ଯାହା ଜଗତସବୁର ଆଦ୍ୟରୁ ସକଳ ସୃଷ୍ଟ ବସ୍ତୁର ଗଭୀର ସାରଭାଗରେ ଆଜ୍ଞାପ୍ରାପ୍ତ ହୋଇଛି : ଏମିତିକି ସର୍ବୋଚ୍ଚ ସମ୍ମାନଭାବେ ନିଶ୍ଚୟ ଏଠାକୁ ଆସିବ ମୃତ୍ୟୁର ମୃତ୍ୟୁ, ଅଜ୍ଞତାର ମୃତ୍ୟୁ ।

"Even should a hostile force cling to its reign
And claim its right's perpetual sovereignty
And man refuse his high spiritual fate,
Yet shall the secret Truth in things prevail.
For in the march of all-fulfilling Time
The hour must come of the Transcendent's will:
All turns and winds towards his predestined ends
In Nature's fixed inevitable course
Decreed since the beginning of the worlds
In the deep essence of created things:
Even there shall come as a high crown of all
The end of Death, the death of Ignorance."

(Savitri, Page. 708)

ମାତ୍ର ମଣିଷ ଯେପର୍ଯ୍ୟନ୍ତ ଏ ପ୍ରତିଶ୍ରୁତ ପ୍ରଭାତକୁ ବିଶ୍ୱାସ କରି ସେ ଦିଗରେ ପ୍ରସ୍ତୁତ ହୋଇ ନାହିଁ, ସେ ଜୀବନ ଓ ଜଗତର ସଚ୍ଚିଦାନନ୍ଦ ସ୍ୱରୂପକୁ ଜାଣିବା କଦାପି ସମ୍ଭବ ହେବ ନାହିଁ । ସୁତରାଂ ମୃତ୍ୟୁ ଶବ୍ଦଟି ତାକୁ ସର୍ବଦା ଆତଙ୍କିତ କରୁଥିବ । କାରଣ ସେ ସେହି ଅତୀତର ବିଶ୍ୱାସ-ଅବିଶ୍ୱାସ ମଧ୍ୟରେ ବନ୍ଦୀ । ତେଣୁ ମୃତ୍ୟୁ ତା' ପାଇଁ ଯେତେ ଅବାଞ୍ଛିତ ଓ ଅସ୍ୱସ୍ତିକର ଶବ୍ଦଟିଏ ହେଲେ ମଧ୍ୟ ''ମର୍ତ୍ତ୍ୟ ମଣ୍ଡଳେ ଦେହ ବହି – ଦେବତା ହୋଇଲେ ମରଇ'' – ଏହି ଭାଗବତ ବାଣୀକୁ ଅବିଶ୍ୱାସ କରିବା ତା' ପକ୍ଷରେ ଅସମ୍ଭବ ହୋଇଥାଏ । ଏହା ମଧ୍ୟ ମହାଯୋଗୀ ଶ୍ରୀଅରବିନ୍ଦ ''ସାବିତ୍ରୀ'' ମହାକାବ୍ୟରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି :

"A few shall see what none yet understands;
God shall grow up while the wise men talk and sleep;
For man shall not know the coming till its hour
And belief shall be not till the work is done."

(Savitri, Page. 55)

ଅର୍ଥାତ୍

ଦେଖିବେ ତ ଅଳ୍ପ କେତେଜଣ ଏ ଅବଧି ବୁଝୁନି ଯାହା କେହି;
ଉଠିବେ ଭଗବାନ୍ ଧୀରେ ବିକଶିତ ହୋଇ ଜ୍ଞାନିଜନେ ଯେବେ
ଥିବେ କଥାରେ ନିମଗ୍ନ ଅବା ପଡ଼ିଥିବେ ଶୋଇ;
କାରଣ ମଣିଷ ଜାଣିବନି ଦେବ ଆଗମନୀ
ସେ ମୁହୂର୍ତ୍ତଟି ସମାଗତ ନହେବା ପର୍ଯ୍ୟନ୍ତ
ବିଶ୍ୱାସ ବି ହେବନି ଯେ ଯାବତ ନହୋଇଛି କାର୍ଯ୍ୟଟି ସାଧିତ ।

କାରଣ ସଂସ୍କାର-ସର୍ବସ୍ୱ ମଣିଷର ଯୁକ୍ତି ''ଯାହା ନଦେଖିବ ଦୁଇ ନୟନେ – ପରତେ ନଯିବ ଗୁରୁ ବଚନେ'' ଯଦିଓ ଭବିଷ୍ୟତ୍ ଜଗତ୍ ଓ ଜୀବନର ରୂପକାର, ମଣିଷର ନବଜନ୍ମ ଜାତକର ଗଣକ, ଦିବ୍ୟଦ୍ରଷ୍ଟା ଋଷି ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀଙ୍କ ଧରାବତରଣର ଉଦ୍ଦେଶ୍ୟ ଅତ୍ୟନ୍ତ ସ୍ପଷ୍ଟ ଭାବରେ ଉଲ୍ଲେଖ କରି ତାଙ୍କ ପ୍ରତିଶ୍ରୁତିର ଅଭ୍ରାନ୍ତ ଆଲେଖ୍ୟ ଦେଇଛନ୍ତି ନିମ୍ନୋକ୍ତ ପଂକ୍ତିରେ :

"To raise the world to God in deathless Light,
To bring God down to the world on earth we came,
To change the earthly life to life divine."

(Savitri, Page. 692)

ଅର୍ଥାତ୍ : ତୋଳିବାକୁ ଏ ଧରଣୀ ଦିବ୍ୟଭୂମି ଅମର ଆଲୋକେ, ମର୍ତ୍ତ୍ୟଜଗତେ ଆଣିବାକୁ ଉତାରି ଭଗବାନଙ୍କୁ ମର୍ତ୍ତ୍ୟପ୍ରାଣ କରିବାକୁ ରୂପାନ୍ତର ଦିବ୍ୟଜୀବନରେ ଆଗମନ ଆମ ।

ସାବିତ୍ରୀ, ପୃଷ୍ଠା. ୬୯୨

ଅଥଚ ମଣିଷ ତା' ମୂଢ଼ ମନର ମିଞ୍ଜି ମିଞ୍ଜି ଆଲୁଅରେ ଭବିଷ୍ୟତର ଅନ୍ଧାରୀ ଗହ୍ୱର ଭିତରକୁ କେତେଦୂର ବା ଦେଖି ପାରନ୍ତା ?

ମାତ୍ର ଯୁଗେ ଯୁଗେ ମୁନି ଋଷିଙ୍କ ବାଣୀ ଅନ୍ୟଥା ହୋଇ ନାହିଁ । କାରଣ ସେମାନେ ଦିବ୍ୟଦ୍ରଷ୍ଟା । ଦିବ୍ୟଜୀବନ ନିଶ୍ଚିତରୂପେ ଦୀର୍ଘ ସାଧନାସାପେକ୍ଷ । ମନୁଷ୍ୟକୁ ଚେତନାର ବିଭିନ୍ନ ସ୍ତର ଅତିକ୍ରମ କରିବାକୁ ହେବ । ସେଥିପାଇଁ ପୃଥିବୀର ଶ୍ରେଷ୍ଠ ଜୀବ ମଣିଷହିଁ ଯୋଗ୍ୟ ବିବେଚିତ ହୋଇଛି । ବର୍ତ୍ତମାନ ତା'ର ସମସ୍ତ ଅସାମର୍ଥ୍ୟ, ଅବିଶ୍ୱାସ, ଅଜ୍ଞାନତା, ଅହଂକାର- ସର୍ବସ୍ୱତା ସତ୍ତ୍ୱେ କେବଳ ସେହିଁ ନିର୍ବାଚିତ ପ୍ରାଣୀ । ତା'ର ଚୈତ୍ୟଶକ୍ତି ତାକୁ ସେ ଦିଗରେ ପାହାଚ ପରେ ପାହାଚ ଉତ୍ତରଣ ପଥରେ ଘେନିଯିବ । ଯେପର୍ଯ୍ୟନ୍ତ ମଣିଷକୁ ସେ ସଚ୍ଚିଦାନନ୍ଦ ସ୍ୱରୂପରେ ରୂପାନ୍ତରିତ ନକରିଛି ତା'ର ମଧ୍ୟ ବିଶ୍ରାମ ନାହିଁ । କାରଣ ମଣିଷ ତା' ଅଲକ୍ଷ୍ୟରେ ଭଗବାନଙ୍କୁ ଗ୍ରହଣ କରିଛି । ତା' ଶରୀର ରୂପକ ମନ୍ଦିରର ରତ୍ନ ସିଂହାସନରେ ଆତ୍ମା- ପୁରୁଷ ତା' ପାଇଁ ଏକ ଅଦୃଶ୍ୟ ଦୀପଶିଖା ହୋଇ ଅହରହ ଜଳୁଛନ୍ତି । ସେଥିପାଇଁ ଦିବ୍ୟଜନନୀ ଶ୍ରୀମା ଆମକୁ ଆହ୍ୱାନ କରିଛନ୍ତି : "The world is preparing for a big change; will you help ?" – ପୃଥିବୀ ଏକ ମହାନ୍ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି, ତୁମେ ଏଥିରେ ସାହାଯ୍ୟ କରିବ କି ?

ପ୍ରଶ୍ନ ହେଲା, ଆମେ ପ୍ରସ୍ତୁତ କି ? ଏ ଦିଗରେ ବିଜ୍ଞାନର ଅଗ୍ରଗତି ଓ ଉଦ୍ଭାବନକୁ ଶ୍ରୀଅରବିନ୍ଦ ଅସ୍ୱୀକାର କରି ନାହାନ୍ତି । ମାତ୍ର ସ୍ପଷ୍ଟ କରି ଦେଇଛନ୍ତି ବିଜ୍ଞାନ ତା'ର ଆବିଷ୍କାର ବଳରେ ମୃତ୍ୟୁକୁ ଜୟ କରିପାରେ ମାତ୍ର ତାହା କ୍ଷଣସ୍ଥାୟୀ । ଏହାର ଉଦାହରଣ ଆମେ ଦେଖିଲେଣି ''କ୍ଲୋନିଂ ମେଣ୍ଢା'', 'Test tube baby' ଇତ୍ୟାଦିରେ ।

ଏହିପରି ଆଉ ଏକ ନୂତନ ଦିଗ୍‌ବଳୟ ସୃଷ୍ଟି କରିଛନ୍ତି ଆମେରିକାର ଯଶସ୍ୱୀ ବୈଜ୍ଞାନିକ ଡଃ. ରେ. କାର୍ଜୱେଲ । ତାଙ୍କ ଆବିଷ୍କୃତ ''ନେନୋ ଟେକ୍‌ନୋଲୋଜି'' ସହାୟତାରେ ଆଗାମୀ ୨୦ ବର୍ଷ ମଧ୍ୟରେ ମଣିଷ ମୃତ୍ୟୁକୁ ଜୟକରି ଅମରତ୍ୱ ଲାଭ କରିବ ବୋଲି ତାଙ୍କର ଉଦ୍‌ଘୋଷଣା । ଏ ମଧ୍ୟରେ ଏହି ଜ୍ଞାନର ପ୍ରୟୋଗ ଫଳରେ ଅନେକ ବୈଜ୍ଞାନିକ ଅଧିକରୁ ଅଧିକ ତଥ୍ୟ ହାସଲ କରି ଚାଲିଛନ୍ତି । ମଣିଷର ଗୁରୁତ୍ୱପୂର୍ଣ୍ଣ ଅଙ୍ଗପ୍ରତ୍ୟଙ୍ଗ ନିର୍ମାଣ କରିବା ସମ୍ଭବ ହୋଇଛି ବୋଲି ସେମାନେ ଦୃଢ଼ଭାବେ ଆଶାବାଦୀ । ତେଣୁ ନଷ୍ଟ ବା ଅକାମୀ ହୋଇ ଯାଇଥିବା ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ପରିବର୍ତ୍ତନ କରି ତା' ସ୍ଥାନରେ ନୂତନ ଅଙ୍ଗ ଯୋଡ଼ାଯାଇ ମଣିଷକୁ ଦୀର୍ଘଜୀବୀ କରାଯାଇ ପାରିବ । ବୟସର ବୃଦ୍ଧି ସହିତ ଶରୀରର ବିଭିନ୍ନ ଅଂଶର କ୍ଷୟକୁ ପ୍ରତିହତ କରାଯାଇ ପାରିବ । ବୟସକୁ ବଢ଼ିବାକୁ ଦିଆଯିବ ନାହିଁ, ତେଣୁ ମଣିଷ ଚିର ଯୌବନ ପ୍ରାପ୍ତ ହେବ । ବାର୍ଦ୍ଧକ୍ୟ ତା' ପାଇଁ ଅତି ପୁରୁଣା ଓ ଏକ ପାସୋରିବା ଯୋଗ୍ୟ ବିଷୟରେ ପରିଣତ ହେବ । କଟି ଯାଇଥିବା ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗକୁ ବୃକ୍ଷଲତା ପରି କଲମି ପଦ୍ଧତିରେ ପୁନର୍ବାର ପୂର୍ଣ୍ଣାଙ୍ଗ କରାଯାଇ ପାରିବ । ଶରୀରର ଜୀବକୋଷ ଓ ରକ୍ତକୁ ପରିବର୍ତ୍ତନ କରିବା ସହ ଏହାକୁ ହଜାରଗୁଣ ଅଧିକ କ୍ରିୟାଶୀଳ କରିବା ସମ୍ଭବ ବୋଲି ବୈଜ୍ଞାନିକମାନେ ଦୃଢ଼ ଆଶାବାଦୀ । ବିନା ନିଃଶ୍ୱାସ ପ୍ରଶ୍ୱାସରେ ପନ୍ଦର ମିନିଟ୍ ପର୍ଯ୍ୟନ୍ତ ସେ ବଞ୍ଚି ପାରିବ । ବିନା ଅମ୍ଳଜାନରେ ସେ ପାଣି ଭିତରେ ଅନେକ ସମୟ ମଧ୍ୟ ରହିପାରିବ । କୃତ୍ରିମ ହୃତ୍‌ପିଣ୍ଡ ଓ ଅନ୍ୟାନ୍ୟ ଅଙ୍ଗ ଲଗାଯାଇ ହୃଦ୍‌ରୋଗ ସହିତ ଅନ୍ୟ ରୋଗକୁ ଦୂରେଇ ଦେଇ ହେବ । ଅଳ୍ପ ସମୟ ମଧ୍ୟରେ ଅନେକ କିଛି ମନେ ରଖିବାର ଶକ୍ତି ଦିଆଯାଇ ପାରିବ । ଏହା ମଣିଷକୁ ଶୀଘ୍ର ନିଷ୍ପତ୍ତି ନେବା ପରି ଶକ୍ତି ପ୍ରଦାନ କରିବା ସହିତ ବିଭିନ୍ନ ସୃଜନାତ୍ମକ ଲେଖା ଲେଖିବାରେ ସହାୟକ ହେବ ଓ ତା'ର ମାନସିକ ସ୍ଥିତିକୁ ଅଧିକ କ୍ରିୟାଶୀଳ କରିବ । ତା'ର ମସ୍ତିଷ୍କ କମ୍ପ୍ୟୁଟର ପରି ସମୃଦ୍ଧ ହେବ ଓ ନିମିଷକ ମଧ୍ୟରେ ବହୁବିଧ କାର୍ଯ୍ୟ ଓ ସମସ୍ୟାର ସମାଧାନ କରିବ । ଡଃ. ରେ. କର୍ଜୱେଲ ଏହାକୁ The Law of "Accelerating Return" ବା ''ତ୍ୱରାନ୍ୱିତ ପ୍ରତ୍ୟାବର୍ତ୍ତନ ନୀତି'' ଭାବରେ ଅଭିହିତ କରିଛନ୍ତି । ମାତ୍ର ପ୍ରଶ୍ନ ହେଉଛି ମୃତ୍ୟୁ ଯଦି ବୈଜ୍ଞାନିକ ଶକ୍ତି ବଳରେ ଅତୀତର କଥାବସ୍ତୁରେ ପରିଣତ ହୋଇଯାଏ, ତା'ର ପରିଣାମ ସ୍ୱରୂପ ଯେଉଁ ଭୟଙ୍କର ଜନ ବିସ୍ଫୋରଣ

ଜନିତ ସମସ୍ୟା ସୃଷ୍ଟି ହେବ, ତା'ର ସମାଧାନ ଓ ଶେଷ କେଉଁଠି ? ତା'ର ଉତ୍ତର କ'ଣ ? ତାହାହିଁ ଚିନ୍ତାର ବିଷୟ ।

ଏଇ ପରିପ୍ରେକ୍ଷୀରେ ଶ୍ରୀଅରବିନ୍ଦଙ୍କ ଅମରତ୍ୱର ସଂଜ୍ଞା ଓ ସ୍ୱରୂପ ଭିନ୍ନ ଓ ସ୍ୱତନ୍ତ୍ର । ଅର୍ଥାତ୍ ଆଜି ମଣିଷ ଯେପରି ଅପ୍ରତ୍ୟାଶିତ ମୃତ୍ୟୁର ଶିକାର ହେଉଛି, ସେ ଅବସ୍ଥା ରହିବ ନାହିଁ । କବିବର ରାଧାନାଥ ମୃତ୍ୟୁ ଆଗରେ ମଣିଷର ଅଜ୍ଞତା ଓ ଅସହୟତାର ବର୍ଣ୍ଣନା କରିବାକୁ ଯାଇ କହିଛନ୍ତି, ''ବଡ଼ କ୍ରୁର କାଳ ବଡ଼ ଅବିଶ୍ୱାସୀ – ହାବୋଡି ଯିବ ସେ ଅକସ୍ମାତେ ଆସି'' । ପ୍ରକୃତି କବିଙ୍କ ମୃତ୍ୟୁର ଅନିବାର୍ଯ୍ୟତାକୁ ଦର୍ଶାଇ ପଲ୍ଲୀ କବି ନନ୍ଦ କିଶୋର ବଳ କହିଛନ୍ତି ''ଦରିଦ୍ର ସଙ୍ଗତେ ନୃପ ମୁକୁଟ ମଣ୍ଡିତ – କାଳବଳେ ହେବେ ସର୍ବେ ମୃତ୍ୟୁ ଅନ୍ତର୍ଗତ'' । ଶ୍ରୀଅରବିନ୍ଦଙ୍କ ରୂପାନ୍ତର ଯୋଗରେ ମୃତ୍ୟୁ ରୂପାନ୍ତରିତ ହୋଇଯିବ ଦେବଜୀବନରେ । ମୃତ୍ୟୁ ଅପ୍ରତ୍ୟାଶିତ ନହୋଇ ମଣିଷର ଇଚ୍ଛାଧୀନ ହେବ ଏବଂ ଏକ ସଚେତନ ପରିଣତି ହୋଇଯିବ ଠିକ୍ ମଣିଷ ନିଜର ପୋଷାକ ପରିବର୍ତ୍ତନ କଲାପରି । ମୃତ୍ୟୁ ସମ୍ପର୍କରେ ମଣିଷର ଅଜ୍ଞାନତା ଓ ଅଚେତନତା ରହିବ ନାହିଁ । ସେତେବେଳେହିଁ ହେବ "The end of Death, the death of Ignorance." (Savitri, Page. 708) ଅର୍ଥାତ୍ ଅମରତ୍ୱର ପ୍ରତିଶ୍ରୁତି ତଥା ମୃତ୍ୟୁର ମୃତ୍ୟୁ ହେବ ଫଳପ୍ରଦ ।

ତା'ପରେ ଯାଇ ଏକତ୍ର ହେବେ ମାନବ ଓ ଅତିମାନବ ଏବଂ ସାରା ପୃଥିବୀ ହୋଇଯିବ ଏକକ ଜୀବନ ।

"Then man and superman shall be at one
And all the earth become a single life."

(Savitri, Page. 709)

Every day, at each moment, we shall aspire to do the right thing in the right way, always.

– The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

# ଦଶ ମହାବିଦ୍ୟା

ଭାରତର ପ୍ରାଚୀନ ପରମ୍ପରାରେ ତନ୍ତ୍ର-ସାଧନା ଓ ଶକ୍ତି-ଉପାସନାର ଏକ ବିଶେଷ ସ୍ଥାନ ରହିଆସିଛି । ତାହାର ଏକ ବିଶିଷ୍ଟ ଅଙ୍ଗ ହେଉଛି ଦଶ ମହାବିଦ୍ୟା । ସେହି ଏକ ଆଦ୍ୟା ପରାଶକ୍ତି ଦିବ୍ୟଜନନୀଙ୍କର ଯେଉଁ ଅନନ୍ତ ସ୍ୱରୂପ ରହିଛି, ତାହାର ଅସଂଖ୍ୟ ବିଭାବ ଓ ଗୁଣକୁ ରୂପାୟିତ କରୁଥିବା ସ୍ୱତନ୍ତ୍ର ମାତୃମୂର୍ତ୍ତିସବୁକୁ ପୃଥକୀଭୂତ ଭାବେ ପୂଜା ଓ ଆରାଧନା କରାଯାଇଥାଏ । ସେମାନଙ୍କର ପୀଠ, ପୂଜା-ପଦ୍ଧତି ମୁଦ୍ରା, ମନ୍ତ୍ର, ଯନ୍ତ୍ର, ଜପ ଆଦି ସବୁ ମଧ୍ୟ ପୃଥକ୍ ଓ ଭିନ୍ନ ଭିନ୍ନ । ଆରାଧ୍ୟା ଦେବୀ ଓ ସାଧକ ଭିତରେ ଏକ ଅତ୍ୟନ୍ତ ଗୋପନ ଓ ବ୍ୟକ୍ତିଗତ ସଂପର୍କ ଗଢ଼ିଉଠିବା ଉପରେ ଜୋର୍ ଦିଆ ଯାଇଥାଏ । ଯେହେତୁ ମଣିଷର ସ୍ୱଭାବ ଓ ପ୍ରକୃତିରେ ନାନା ଭିନ୍ନତା ଓ ସ୍ୱତନ୍ତ୍ରତା ରହିଥାଏ, ଭିନ୍ନ ଭିନ୍ନ ଆଗ୍ରହ, ରୁଚି ଓ ଆକର୍ଷଣ ଆଦି ରହିଥାଏ, ତେଣୁ ତାହାର ସାଧନାର ଲକ୍ଷ୍ୟ, ଯାତ୍ରାପଥ ଓ ବର-ପ୍ରାର୍ଥନା ତଥା ବର-ପ୍ରାପ୍ତିର ଧାରା ମଧ୍ୟ ଭିନ୍ନ ଭିନ୍ନ ହୋଇଥାଏ । ତେଣୁ ସାଧକର ସ୍ୱଭାବ ଅନୁଯାୟୀହିଁ ସ୍ୱୟଂ ସାଧକ ବା ତା'ର ଗୁରୁ ନିରୂପଣ କରିଦିଅନ୍ତି ତା'ର ଇଷ୍ଟ ଓ ଲକ୍ଷ୍ୟ ସିଦ୍ଧିର ମାର୍ଗ – ସେ ଲକ୍ଷ୍ୟ ଆଧ୍ୟାତ୍ମିକ ମୁକ୍ତି ବା ପାର୍ଥିବ ଅଭିଳାଷର ପୂରଣ ଆଦି ଯାହା ବି ହେଉନା କାହିଁକି ।

ତେବେ ସବୁ ଲକ୍ଷ୍ୟ ସିଦ୍ଧିର ମୂଳରେ ରହିଛି କୃପା । ସେହି କୃପା ଓ ଶକ୍ତିର ମୂଳଉସ ହେଲେ ପରମେଶ୍ୱରଙ୍କର ମହାଶକ୍ତି ସେହି ଏକ ଆଦ୍ୟା ଜନନୀ, ଭଗବତୀ ପରମେଶ୍ୱରୀ । ସେହିଁ ଆଦି ମହାବିଦ୍ୟା – ସମସ୍ତ ସୃଷ୍ଟି, ପାଳନ ଓ ସଂହାରର କର୍ତ୍ତ୍ରୀ; ବିଶ୍ୱପ୍ରକୃତିକୁ ଜନ୍ମଦେଇ ତାହାର ରକ୍ଷଣା-ବେକ୍ଷଣର ଭାର ନେଇଥିବା ଓ ତାହାକୁ ଅତିକ୍ରମ କରିଥିବା ପରା ପ୍ରକୃତି । ସେହିଁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ପ୍ରମୁଖ ଭଗବତ୍ ସ୍ୱରୂପ ଓ ଅନ୍ୟାନ୍ୟ ଦେବଗଣଙ୍କ ଜନ୍ମଦାତ୍ରୀ, ପୁଣି ସେମାନଙ୍କର ଶକ୍ତି ରୂପେ ସୃଷ୍ଟି-ପାଳନ-ସଂହାର କ୍ରିୟାରେ ଆବିର୍ଭୂତା । ସେହିଁ ଅସୁର-ବିନାଶିନୀ ରୂପେ ସୃଷ୍ଟି ଓ ତାହାର କ୍ରମବିକାଶକୁ ସମସ୍ତ ଅପଶକ୍ତିର ପ୍ରାଦୁର୍ଭାବ ଓ ଆକ୍ରମଣରୁ ରକ୍ଷା କରନ୍ତି । ସେହିଁ ଅଭୟ ବରଦାୟିନୀ ରୂପେ ସମସ୍ତ ଜୀବକୁଳକୁ ସେମାନଙ୍କ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ପଥରେ ଆଗେଇ ନିଅନ୍ତି । ତାଙ୍କରି ମହାଶକ୍ତିର ଗୋଟିଏ ଗୋଟିଏ ଦିଗ ବା ଗୁଣ ଓ ବିଭାବର ପ୍ରାଧାନ୍ୟ ନେଇ ଏହି ଦଶ ମହାବିଦ୍ୟାରୂପିଣୀ ଶକ୍ତିମାନେ ଆବିର୍ଭୂତା । ଏହି ଦଶ ମହାବିଦ୍ୟାମାନଙ୍କ ଭିତରେ ତାଙ୍କରି ଶକ୍ତିହିଁ ସଂଚାରିତା ଓ କ୍ରିୟାଶୀଳା । ତାଙ୍କରି ମହାଶକ୍ତି ବ୍ୟକ୍ତିରୂପ ଗ୍ରହଣ କରିଥିବା ଏହି ଦଶ ମହାବିଦ୍ୟାମାନଙ୍କର ପୂଜା, ଆରାଧନା ଓ ସନ୍ତୋଷ ବିଧାନ କରି ସାଧକ ନିଜ ଚେତନାରେ ସେମାନଙ୍କୁ ଆବିର୍ଭୂତା କରାଇଥାଏ, ସେମାନଙ୍କୁ ପ୍ରତ୍ୟକ୍ଷ ଦର୍ଶନ କରିଥାଏ, ଅଭିଳଷିତ ବର ପ୍ରାର୍ଥନା କରିଥାଏ ଓ ସେହି ବରପ୍ରାପ୍ତ ହୋଇଥାଏ । କେତେକ ସାଧନାର କ୍ଷେତ୍ରରେ ଏହି ଦଶ ମହାବିଦ୍ୟାମାନଙ୍କ ଭିତରୁ, ସାଧକ ନିଜର ଆରାଧ୍ୟା ଦେବୀଙ୍କ ସହ ଏକାତ୍ମତା ଲାଭକରି ନିଜର ଚେତନା ଓ କର୍ମରେ ତାଙ୍କରି ବିଶେଷ ଗୁଣଗୁଡ଼ିକୁ ପ୍ରକାଶ ଓ ଅଭିବ୍ୟକ୍ତ କରିଥାଏ ଓ ସେହି ମହାବିଦ୍ୟା ସାଧନାରେ ସେ ସିଦ୍ଧ ବୋଲି ଗଣ୍ୟ ହୁଏ । ଆଉ ମଧ୍ୟ କୌଣସି ସାଧକ ଯଦି ଚାହେଁ ତେବେ ସେ ନିଜକୁ କୌଣସି ଗୋଟିଏ ମହାବିଦ୍ୟାର ସାଧନାରେ ଆବଦ୍ଧ ନ କରି ମହାବିଦ୍ୟାର ଅନ୍ୟ ଦେବୀଙ୍କର ମଧ୍ୟ ଆରାଧନା କରିପାରେ ଓ ସେ ସମସ୍ତଙ୍କୁ ଅତିକ୍ରମ କରି ଭଗବତୀ ଜନନୀଙ୍କୁ ଆଦ୍ୟା, ଏକ ଅଦ୍ୱୈତା ପରମା ମହାବିଦ୍ୟାଙ୍କୁ ଉପାସନା କରିପାରେ ।

ଦଶ ମହାବିଦ୍ୟାର ଦେବୀମାନଙ୍କର ସ୍ୱରୂପ ଓ ଗୁଣାବଳୀର ପରିଚୟ ପାରମ୍ପରିକ କ୍ରମାନୁସାରେ ସଂକ୍ଷେପରେ ପ୍ରଦତ୍ତ ହେଲା : –

### (୧) କାଳୀ :

ଅଙ୍ଗର ବର୍ଣ୍ଣ କଳା । ରୂପ ଭୟଙ୍କର ଓ ଶିବଙ୍କର ପୃଷ୍ଠଶାୟୀ ଶରୀରର ବକ୍ଷ ଉପରେ ଦଣ୍ଡାୟମାନା, ଚତୁର୍ଭୁଜା । ତାଙ୍କର ଊର୍ଦ୍ଧ୍ୱ ବାମ ହସ୍ତରେ ଏକ ରକ୍ତରଞ୍ଜିତ ଖଡ୍‌ଗ ଓ ନିମ୍ନ ବାମହସ୍ତରେ ଏକ ଛିନ୍ନମୁଣ୍ଡ । ଊର୍ଦ୍ଧ୍ୱ ଦକ୍ଷିଣ ହସ୍ତରେ ଅଭୟ ମୁଦ୍ରା ଓ ନିମ୍ନ ଦକ୍ଷିଣ ହସ୍ତରେ ବରଦାନ ମୁଦ୍ରା । ସେ ଉଲଗ୍ନା, ଗଳାରେ ନରମୁଣ୍ଡର ଏକ ମାଳ ଏବଂ ଅଣ୍ଟାରେ ଛିନ୍ନ ନରବାହୁର ଏକ ମାଳ, ତାଙ୍କର କେଶ ମୁକୁଳା ଓ ଅଯତ୍ନ ବିନ୍ୟସ୍ତ; ଅଧିକାଂଶ ବେଳେ ଶ୍ମଶାନ ବା ରଣଭୂମିରେ ଉଭା ହୋଇଥାଆନ୍ତି । ମହାବିଦ୍ୟାମାନଙ୍କ ଭିତରେ ତାଙ୍କର ସ୍ଥାନ ପ୍ରଥମ ଓ କେତେକ

ଗ୍ରନ୍ଥରେ ଅନ୍ୟ ସମସ୍ତ ମହାବିଦ୍ୟା ତାଙ୍କଠାରୁ ଉତ୍ପନ୍ନ ବୋଲି ସୂଚିତ ।

(୨) **ତାରା :**

ଏ ହେଉଛନ୍ତି ଦ୍ୱିତୀୟ ମହାବିଦ୍ୟା । ରୂପ ଓ ଆକୃତିରେ ପ୍ରାୟ କାଳୀଙ୍କ ସଙ୍ଗେ ସମାନ । କୃଷ୍ଣବର୍ଣ୍ଣା, ତାଙ୍କର ବାମପାଦ ଏକ ଶବ ଉପରେ ବା ଶିବଙ୍କ ଉପରେ ସ୍ଥାପିତ, ବ୍ୟାଘ୍ରଚର୍ମ ପରିଧାୟିନୀ; ତାଙ୍କର କେଶ ମୁକୁଳା, ଦୀର୍ଘ ଓ ଅବିନ୍ୟସ୍ତ । ଚତୁର୍ଭୁଜା, ଦୁଇ ବାମହସ୍ତରୁ ଗୋଟିକରେ କୃପାଣ ଓ ତଳଟିରେ ଛିନ୍ନ ମସ୍ତକ, ଦକ୍ଷିଣ ଦୁଇ ହସ୍ତରେ ବର ଓ ଅଭୟ । ଅଧିକାଂଶ ସମୟରେ ଶ୍ମଶାନର ଚିତା ନିକଟରେ ଦଣ୍ଡାୟମାନା ।

(୩) **ଷୋଡ଼ଶୀ :**

କେତେକ ଗ୍ରନ୍ଥରେ ଲଳିତା, ତ୍ରିପୁରା ସୁନ୍ଦରୀ ଓ ରାଜରାଜେଶ୍ୱରୀ ନାମରେ ଏହାଙ୍କୁ ନାମିତ କରାଯାଇଛି । ଏହାଙ୍କର ଅଙ୍ଗକାନ୍ତି ରକ୍ତିମ । ଷୋଡ଼ଶ ବର୍ଷ ବୟସ୍କା ଏହି କିଶୋରୀ ସକଳ ଦେବୀଙ୍କ ମଧ୍ୟରେ ଅତ୍ୟନ୍ତ ସୁନ୍ଦରୀ । କେତେକ ବର୍ଣ୍ଣନାରେ ଏହାଙ୍କର ସିଂହାସନକୁ ବ୍ରହ୍ମା, ବିଷ୍ଣୁ, ରୁଦ୍ର ଓ ଯମ ଧାରଣ କରିଥିବାର କୁହାଯାଇଛି । ଆଉ କେତେକ ସ୍ଥାନରେ ଶିବଙ୍କ ନାଭିକମଳରୁ ଉତ୍ପନ୍ନ ଏକ ପଦ୍ମ ଉପରେ ଏହି ଦେବୀ ଆସୀନା ବୋଲି ବର୍ଣ୍ଣିତ ହୋଇଛି, ଯେଉଁଠି ଶିବ ଏହାଙ୍କ ତଳେ ଶାୟିତ । ଏହି ଦେବୀ ନିଜ ଚତୁର୍ଭୁଜରେ ପାଶ, ଅଙ୍କୁଶ, ଧନୁ ଓ ତୀର ଧାରଣ କରିଥାଆନ୍ତି । ତାଙ୍କର ଅଙ୍ଗକାନ୍ତି ଉଦୀୟମାନ ସୂର୍ଯ୍ୟଙ୍କ ତେଜଃ ପରି ।

(୪) **ଭୁବନେଶ୍ୱରୀ :**

ସୃଷ୍ଟ ବିଶ୍ୱ, ପଞ୍ଚ ମହାଭୂତ ଓ ବିଶ୍ୱପ୍ରକୃତି ସଙ୍ଗରେ ଏହାଙ୍କର ଶକ୍ତି ଓ ଗତିଶୀଳ ସକ୍ରିୟତାର ଏକତ୍ୱ ଉପରେ ବିଭିନ୍ନ ବର୍ଣ୍ଣନାରେ ଜୋର୍ ଦିଆ ଯାଇଛି । ଊର୍ଣ୍ଣନାଭର ଗର୍ଭରୁ ସୂକ୍ଷ୍ମତନ୍ତୁ ବା ଅଗ୍ନିରୁ ସ୍ଫୁଲିଙ୍ଗ ଜାତ ହେଲା ପରି ସମଗ୍ର ବିଶ୍ୱପ୍ରକୃତି ଏହାଙ୍କଠାରୁ ଉଦ୍ଭୂତ । ତ୍ରିଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟର କର୍ତ୍ତ୍ରୀ ରୂପରେ ଚତୁର୍ଭୁଜା ଏହି ଦେବୀ ଗୋଟିଏ ହସ୍ତରେ ଫଳ, ଗୋଟିଏ ହସ୍ତରେ ବରାଭୟର ମୁଦ୍ରା ଓ ଅନ୍ୟ ଦୁଇଟି ହସ୍ତରେ ପାଶ ଓ ଅଙ୍କୁଶ ଧାରଣ କରିଛନ୍ତି ବୋଲି ବର୍ଣ୍ଣିତ । ଏହାଙ୍କର ସ୍ତନଦ୍ୱୟ ସୁବୃହତ୍ ଓ ସର୍ବଦା ଏଥିରୁ ଦୁଗ୍ଧ କ୍ଷରିତ ହେଉଥାଏ । ଏହାଙ୍କର ବର୍ଣ୍ଣ ବିଦ୍ୟୁତ୍‌ପ୍ରଭା ପରି ଉଜ୍ଜ୍ୱଳ ଓ ଏହି ଦେବୀ ନିତ୍ୟ- ପ୍ରସନ୍ନା ଓ ସ୍ମିତହାସ୍ୟଯୁକ୍ତା ।

(୫) **ଛିନ୍ନମସ୍ତା :**

ଖଡ୍‌ଗ ଦ୍ୱାରା ନିଜ ହସ୍ତରେ ନିଜର ମସ୍ତକ ଛେଦନ କରି ତାହାକୁ ବାମ ହସ୍ତରେ ଥିବା ଏକ ଥାଳି ଉପରେ ରଖିଛନ୍ତି । ନିଜ ମସ୍ତକ ଛେଦନ କରିଥିବା ଖଡ୍‌ଗଟିକୁ ଦକ୍ଷିଣ ହସ୍ତରେ ଧାରଣ କରିଛନ୍ତି । ନିଜ ଗ୍ରୀବା ଦେଶରୁ ଉଦ୍‌ଗତ ତିନୋଟି ଊର୍ଦ୍ଧ୍ୱମୁଖୀ ରକ୍ତଧାରାରୁ ଗୋଟିଏ କଟା ହୋଇଥିବା ନିଜ ମସ୍ତକର ମୁଖରେ ପଡୁଛି ଓ ଅନ୍ୟ ଦୁଇଟି ଧାରା ନିଜର ପାର୍ଶ୍ୱସ୍ଥ ସଖୀମାନଙ୍କ ମୁଖରେ ପତିତ ହେଉଛି । ଛିନ୍ନମସ୍ତା ଦଣ୍ଡାୟମାନା ହୋଇଛନ୍ତି ମୈଥୁନଯୁକ୍ତ ରତି ଓ କାମଦେବଙ୍କ ଶଯ୍ୟା ଉପରେ । ଏ ଦୁଇଜଣ କେତେବେଳେ ପଦ୍ମ ଉପରେ ବା କେତେବେଳେ ଶ୍ମଶାନ ଚିତା ଉପରେ ନିଜର ଶୟନ ରଚନା କରିଥାଆନ୍ତି । ଛିନ୍ନମସ୍ତା ଉଲଗ୍ନା ଓ ତାଙ୍କର କେଶ ମୁକୁଳା ।

(୬) **ଭୈରବୀ :**

ରୂପ ଓ ଆକୃତିରେ ଦେବୀ ଭୈରବୀ ଭୀଷଣା ଓ ଭୟଙ୍କରୀ । ଧ୍ୱଂସ ଓ ବିନାଶ ହେଉଛି ବିଶ୍ୱକ୍ରିୟାରେ ତାଙ୍କର ଭୂମିକା । ତାଙ୍କର ଅଙ୍ଗକାନ୍ତି ସହସ୍ର ଉଦୀୟମାନ ସୂର୍ଯ୍ୟଙ୍କ ତେଜଃ ସଙ୍ଗେ ତୁଳନୀୟ । ସେ ଏକ ଖପୁରିର ମାଳ ଓ ନିଜେ ନିହତ କରିଥିବା ଅସୁରମାନଙ୍କ ଚର୍ମକୁ ବସ୍ତ୍ରରୂପେ ପରିଧାନ କରି ଥାଆନ୍ତି । ତାଙ୍କର ପଦଯୁଗଳ ଓ ସ୍ତନଦ୍ୱୟ ରକ୍ତରେ ରଞ୍ଜିତ । ତାଙ୍କର ଚାରିଟି ହାତରୁ ଗୋଟିକରେ ମାଳା, ଗୋଟିକରେ ପୁସ୍ତକ ଓ ଅନ୍ୟ ଦୁଇଟିରେ ବର ଓ ଅଭୟ ମୁଦ୍ରାଧାରଣ କରି ଥାଆନ୍ତି । ସେ ଶିବାରୂଢ଼ା ଓ କୋଟରାକ୍ଷୀ ।

(୭) **ଧୂମାବତୀ :**

ଦୀର୍ଘ ଉଚ୍ଚତା-ବିଶିଷ୍ଟା ଏହି ଦେବୀଙ୍କର ଅଙ୍ଗକାନ୍ତି ମଳିନ ଓ ମୁଖ ଅତ୍ୟନ୍ତ ଗମ୍ଭୀର ଓ ହାସ୍ୟହୀନ । ଅଳଙ୍କାର-ବିହୀନ ହୋଇ ଶୁଭ୍ରବସ୍ତ୍ର ପରିଧାନ କରି ବିଧବାର ବେଶ ଧାରଣ କରିଥାନ୍ତି । ତାଙ୍କର ବସ୍ତ୍ର ମଳିନ ଓ କେଶ ଅଯତ୍ନ ବିନ୍ୟସ୍ତ । ସେ ଦନ୍ତହୀନା, ତାଙ୍କର ଦୀର୍ଘସ୍ତନ ତଳକୁ ଝୁଲି ପଡ଼ିଥାଏ, ତାଙ୍କର ନାସିକା ଦୀର୍ଘ ଓ ବକ୍ର । ସେ ସଦା କ୍ଷୁଧାତୁରା ଓ ତୃଷାତୁରା । ତାଙ୍କର ସ୍ୱଭାବ କଳହପ୍ରିୟ । କାକ ହେଉଛି ତାଙ୍କର

ବାହନ ଓ ସେ ରଥାରୂଢ଼ା ମଧ୍ୟ ହୋଇଥାନ୍ତି । ବର୍ଣ୍ଣ କଳା, ଚାରି ହାତରେ ତ୍ରିଶୂଳ, ଖଡ୍‌ଗ, ଏକ ପାତ୍ର ଓ ପାଛୁଡ଼ା କୁଲା ଧରି ଥାଆନ୍ତି ।

(୮) **ବଗଳାମୁଖୀ :**

ବକପକ୍ଷୀର ମସ୍ତକ ପରି ମସ୍ତକ ଥିବା ଏହି ଦେବୀ ଏକ ମଣିମୁକ୍ତାଖଚିତ ସିଂହାସନରେ ଉପବିଷ୍ଟା । ଅନେକ ସମୟରେ ଏହି ସିଂହାସନ ଜଳ ମଧ୍ୟରେ ରହିଥାଏ । ସେ ହଳଦୀ ରଙ୍ଗର ଶାଢ଼ି ପିନ୍ଧିଥାଆନ୍ତି, ହଳଦୀ ବର୍ଣ୍ଣ ତାଙ୍କର ପ୍ରିୟରଙ୍ଗ, ହଳଦୀରଙ୍ଗର ଫୁଲ ଓ ଉପଚାର ଆଦିରେ ତାଙ୍କୁ ପୂଜା କରାଯାଏ । ଗୋଟିଏ ହାତରେ ଗଦା ଧାରଣ କରି ସେ ଶତ୍ରୁକୁ ସଂହାର କରିବାକୁ ଉଦ୍ୟତ ହୋଇଥିବା ବେଳେ ଅନ୍ୟ ହାତରେ ସେହି ଶତ୍ରୁର ଜିହ୍ୱାକୁ ଟାଣି ଧରିଥାଆନ୍ତି । ତନ୍ତ୍ରବିଦ୍ୟାର ସ୍ତମ୍ଭନ, ଉଚ୍ଚାଟନ, ମାରଣ, ବଶୀକରଣ ଆଦି ଗୁହ୍ୟବିଦ୍ୟାରେ ପାରଙ୍ଗମ ବୋଲି ସେ ଦେବୀଙ୍କୁ ଗଣ୍ୟ କରାଯାଏ । କେତେକ ବର୍ଣ୍ଣନାରେ ତାଙ୍କୁ ଶବାରୂଢ଼ା ବୋଲି କୁହାଯାଉଥିବା ବେଳେ କେତେକ ସ୍ଥାନରେ ତାଙ୍କର ବାହନ ବକପକ୍ଷୀ ବୋଲି କୁହାଯାଏ ।

(୯) **ମାତଙ୍ଗୀ :**

ମାତଙ୍ଗୀଙ୍କର ବହୁବିଭିନ୍ନ ରୂପର ବର୍ଣ୍ଣନା ଅଛି । ସାଧାରଣତଃ ସେ କୃଷ୍ଣବର୍ଣ୍ଣା ଓ ଅତ୍ୟନ୍ତ ସୁନ୍ଦରୀ । ତାଙ୍କର ଦୀର୍ଘକେଶ ଜ୍ୟୋତ୍ସ୍ନାମଣ୍ଡିତ । ସେ ମଣିମୁକ୍ତା ଖଚିତ ସିଂହାସନରେ ଉପବିଷ୍ଟା । ଅତ୍ୟନ୍ତ ସୁନ୍ଦର ବେଶରେ ସୁସଜ୍ଜିତା ଓ ପୁଷ୍ପମାଲ୍ୟ ଧାରଣ କରିଥାଆନ୍ତି । ତାଙ୍କର ଚାରିଟି ହସ୍ତରେ ପାଶ, ଅଙ୍କୁଶ, ଖଡ୍‌ଗ ଓ ଗଦା ଶୋଭା ପାଉଥାଏ । ତାଙ୍କର ଚକ୍ଷୁଯୁଗଳର ଆକର୍ଷଣ ସର୍ବଜନଙ୍କୁ ମୋହିତ କରେ ।

(୧୦) **କମଳା :**

ସ୍ୱର୍ଣ୍ଣାଭ ଅଙ୍ଗକାନ୍ତି ବିଶିଷ୍ଟା ଏହି ଦେବୀ ସୌନ୍ଦର୍ଯ୍ୟ ଓ ତାରୁଣ୍ୟର ମୂର୍ତ୍ତିମନ୍ତ ରୂପ । ଉଭୟ ପାର୍ଶ୍ୱରେ ଦୁଇଟି ହସ୍ତୀ ଛିଡ଼ା ହୋଇ ଏହାଙ୍କ ଉପରେ ଜଳ ବର୍ଷଣ କରୁଥାଆନ୍ତି । ପଦ୍ମ ଉପରେ ଆସୀନା ହୋଇ ହସ୍ତରେ ପଦ୍ମପୁଷ୍ପ ଧାରଣ କରିଥାନ୍ତି । ଅନ୍ୟ ଦୁଇ ହସ୍ତରେ ବର ଓ ଅଭୟ ମୁଦ୍ରା । ଦେବୀ ଲକ୍ଷ୍ମୀଙ୍କ ସହ ତାଙ୍କର ତାଦାତ୍ମ୍ୟ ଅତି ସ୍ପଷ୍ଟ ।

*

ଦଶ ମହାବିଦ୍ୟାମାନଙ୍କର ଏହିସବୁ ନାମ ଓ ବର୍ଣ୍ଣନାରେ ବିଭିନ୍ନ ତନ୍ତ୍ରଶାସ୍ତ୍ରରେ କିଛିଟା ପାର୍ଥକ୍ୟ ରହିଥିଲେ ମଧ୍ୟ ସାଧାରଣତଃ ଉପରୋକ୍ତ ନାମରୂପ ଓ ବର୍ଣ୍ଣନା ବହୁ ଅଧିକ ଭାବରେ ଗୃହୀତ ଓ ପ୍ରଚଳିତ । କେତେକ ଶାସ୍ତ୍ରରେ ଦୁର୍ଗା, ଅନ୍ନପୂର୍ଣ୍ଣା ଓ କାମାକ୍ଷାଙ୍କୁ ଦଶ ମହାବିଦ୍ୟାରେ ଗ୍ରହଣ କରାଯାଇଛି । ନିରୁତ୍ତର ତନ୍ତ୍ରରେ ମହାବିଦ୍ୟାଙ୍କ ସଂଖ୍ୟା ଅଠର ବୋଲି କୁହା ଯାଉଥିବା ବେଳେ ନାରଦ ପଞ୍ଚରାତ୍ରରେ ସାତ ନିୟୁତ ଅର୍ଥାତ୍ ସତୁରି ଲକ୍ଷ ମହାବିଦ୍ୟା ରହିଥିବା କଥା କୁହାଯାଇଛି ।

ଅଧ୍ୟାତ୍ମବାଦୀ ଯେଉଁ ସାଧକମାନେ ଦିବ୍ୟଜନନୀଙ୍କର ନିତ୍ୟ-ପ୍ରସନ୍ନା, କଲ୍ୟାଣମୟୀ ରୂପର ଆରାଧନା କରିଥାଆନ୍ତି, ସେମାନଙ୍କ ମନରେ ଦଶ ମହାବିଦ୍ୟାରେ ବର୍ଣ୍ଣିତ ଦେବୀଙ୍କର ଭୀଷଣା ଓ ଭୟଙ୍କରୀ ରୂପ ବା ଉଗ୍ର କାମଭାବ ଆଦିର ବିସ୍ତାରିତ ଉଲ୍ଲେଖ ନାନା ପ୍ରଶ୍ନ ଓ କୌତୂହଳ ଜାଗ୍ରତ୍ କରିବା ସ୍ୱାଭାବିକ । କିନ୍ତୁ ମନେରଖିବାକୁ ହେବ ଯେ ପୃଥିବୀରେ ତଥା ଆମ ମନ, ପ୍ରାଣ ଓ ଦେହରେ ରହିଥିବା ନାନା ଅଜ୍ଞାନ ଓ ନିଶ୍ଚେତନାକୁ, କ୍ରିୟାଶୀଳ ନାନା ଅପଶକ୍ତିକୁ ଧ୍ୱଂସକରି ତାହାକୁ ଦିବ୍ୟତାରେ ରୂପାନ୍ତରିତ କରିବା ପ୍ରକ୍ରିୟାରେ ଦିବ୍ୟଜନନୀଙ୍କୁ ସେଗୁଡ଼ିକ ଭିତରେ ପ୍ରବେଶ କରି, ନିଜ ଭିତରେ ସେଗୁଡ଼ିକର ଉପଦ୍ରବ ଓ ଆକ୍ରମଣକୁ ଗ୍ରହଣ କରି, ସେଗୁଡ଼ିକ ଭିତରେ ସୁପ୍ତ ଓ ନିହିତ ଥିବା ଦିବ୍ୟତାକୁ ଉଦ୍ରେକ ଓ ଉତ୍ଥିତ କରିବାକୁ ହୋଇଥାଏ । ତେଣୁ ମା'ଙ୍କର ରୂପାନ୍ତରକାରିଣୀ ଶକ୍ତି ଦଶ ମହାବିଦ୍ୟାଙ୍କର ଏହି ସମସ୍ତ ରୂପ ଓ ଗୁଣକୁ ଧାରଣ କରି ସେହି ଏକସଙ୍ଗରେ ଅସୁର-ବିନାଶିନୀ ଓ ବରାଭୟ ପ୍ରଦାୟିନୀ ରୂପ ପ୍ରକଟ କରିବାରେ ଅସ୍ୱାଭାବିକତା କିଛି ନାହିଁ ।

ଉପସ୍ଥାପନା : ଶ୍ରୀ ବିଶ୍ୱମ୍ଭର ସାମନ୍ତ

অন্তরাল জগত্

# ବିରୋଧୀଶକ୍ତିମାନଙ୍କୁ ବଦଳାଇବା ସମ୍ଭବ କି ?

## (ଶ୍ରୀମାଙ୍କ ସହ ପ୍ରଶ୍ନୋତ୍ତର)

*ପ୍ରଶ୍ନ : ବିରୋଧୀଶକ୍ତିମାନଙ୍କୁ ପରିବର୍ତ୍ତିତ କରିଦେବା ଅଧିକ ଉତ୍ତମ ହୁଅନ୍ତା ନାହିଁ କି ?*

ଶ୍ରୀମା : ନିଶ୍ଚୟ, ଏହା ଅଧିକ ଉତ୍ତମ ହୁଅନ୍ତା, ଅନେକ ଅଧିକ ଉତ୍ତମ ହୁଅନ୍ତା । କିନ୍ତୁ ...

ଏହା ଏପରି ଏକ ଜଗତ୍ ଯାହା ସମ୍ପର୍କରେ ମୋର ପୁଙ୍ଖାନୁପୁଙ୍ଖ ଅଭିଜ୍ଞତା ରହିଛି । ଚଉଦ ବର୍ଷର ଧାରାବାହିକ ପ୍ରଚେଷ୍ଟା ପରେ ମୁଁ ଦେଖୁଛି ଯେ କାହାକୁ ବଦଳାଇ ଦେବା ସମ୍ପୂର୍ଣ୍ଣ ଅସମ୍ଭବ ଯଦି ସେ ନିଜେ ଆନ୍ତରିକଭାବେ ପ୍ରକୃତରେ ବଦଳିବାକୁ ନ ଚାହେଁ । ଯଦି ସେ ନିଜେ ଏକ ପୂର୍ଣ୍ଣ ଆନ୍ତରିକତା ନେଇ ଏହି କାମଟିରେ ଲାଗି ନ ପଡ଼େ ତେବେ – ମୁଁ ଚଉଦ ବର୍ଷ ଚେଷ୍ଟା କରିଛି, ଜଣେ ଚଉଦ ଶହ ବର୍ଷ ଧରି ଚେଷ୍ଟା କରିପାରେ, କିନ୍ତୁ ସବୁକିଛି ସେହି ଏକାପରି ରହିବ – ସେ ହଲ୍‌ଚଲ୍ ହେବ ନାହିଁ । ଏହିସବୁ ସତ୍ତାମାନଙ୍କର ଚରିତ୍ରଗତ ସ୍ୱଭାବ ହେଲା ନିଜକୁ ନେଇ ପୂରାପୂରି ସନ୍ତୁଷ୍ଟ ରହିବା; ସେମାନେ ବଦଳିବାକୁ ଚାହାନ୍ତି ନାହିଁ, ବଦଳିବା ପାଇଁ ସେମାନଙ୍କର ଏତେ ଟିକେ ଆଗ୍ରହ ମଧ୍ୟ ନ ଥାଏ ! ଏପରିକି ବର୍ତ୍ତମାନ ମଧ୍ୟ ପୃଥିବୀ ନେଇ ବ୍ୟାପୃତ ଥିବା ସେହି ଅସୁର ସତ୍ତାମାନଙ୍କ ଭିତରୁ ଯେ ହେଉଛି ସବୁଠୁ ବଡ଼ ଓ ପ୍ରଧାନ ଅସୁର, ଯେ ହେଉଛି ମିଥ୍ୟାଚାରର ଅସୁର ଏବଂ ନିଜକୁ ଯେ ଜାତିମାନଙ୍କର ଦେବତା ବୋଲି କହେ – ସେ ଏକ ସୁନ୍ଦର ନାମ ଗ୍ରହଣ କରିଛି, 'ଜାତିମାନଙ୍କ ଦେବତା',– ସେହି ଅସୁରହିଁ ବହୁ ଅନିଷ୍ଟର ମୂଳ । ଯେଉଁଠି କିଛି ଗଣ୍ଡଗୋଳ ଓ ବିପର୍ଯ୍ୟୟ ଦେଖାଦିଏ, ତୁମେ ନିଶ୍ଚିତ ହୋଇପାର ଯେ ସେଠାରେ ସେ ସ୍ୱୟଂ ବା ତା'ର ପ୍ରତିନିଧିମାନେ ରହିଛନ୍ତି । ସେ ନିଜେ ମଧ୍ୟ ନିଶ୍ଚିତରୂପେ ଜାଣେ ଯେ ତା'ର ବିନାଶର କାଳ ପାଖେଇ ଆସୁଛି ଓ ତା'ର ସବୁକିଛି ଶେଷ ହୋଇଯିବ ଏବଂ ସେ ପୂରା ଲୋପପାଇ ନିଶ୍ଚିହ୍ନ ହୋଇଯିବ । ତଥାପି ସେ ବଦଳିବା ପାଇଁ ପୂରା ଅସ୍ୱୀକାର କରିଥାଏ । ପରିବର୍ତ୍ତିତ ହେବା ପାଇଁ ତା'ର ଆଦୌ କୌଣସି ଇଚ୍ଛା ନାହିଁ । କାରଣ ତା'ହେଲେ ସେ ସଙ୍ଗେ ସଙ୍ଗେ ତା'ର ସମସ୍ତ କ୍ଷମତାକୁ ହରାଇ ବସିବ । ତା' ପାଇଁ ଏହା ଅସମ୍ଭବ । ସେ ନିଜେ ଜାଣେ ଯେ ତା'ର ବିଲୋପ ଅବଶ୍ୟମ୍ଭାବୀ କିନ୍ତୁ ସେ ସୁସ୍ପଷ୍ଟ ଓ ସୁନିର୍ଦ୍ଦିଷ୍ଟ ଭାବରେ ଘୋଷଣା କରିଥାଏ ଯେ ନିଜେ ଲୋପ ହେବା ପୂର୍ବରୁ ସେ ଯେତେଟା ପାରେ ସେତେଟା ଧ୍ୱଂସ କରିଦେଇ ଯିବ ... । ସେ କେବେହେଲେ ନିଜର ବିଲୋପ ପାଇଁ ସମ୍ମତି ଦେବ ନାହିଁ, ଯଦି ତା' ସଙ୍ଗରେ ବାକି ଅନ୍ୟ ସବୁକିଛିର ବିଲୋପ ନ ହୁଏ । ତା' ପାଇଁ ଏହା ଏକ ଦୁର୍ଭାଗ୍ୟ ଯେ ତାହା ସମ୍ଭବ ନୁହେଁ । କିନ୍ତୁ ତା'ର କ୍ଷମତା ଭିତରେ ଥିବା ସମସ୍ତ ଶକ୍ତିକୁ ସେ ପ୍ରୟୋଗ କରିବ ସବୁକିଛିକୁ ଧ୍ୱଂସ କରିଦେବା ପାଇଁ, ଛିନ୍ନଛତ୍ର ଓ ଧୂଳିସାତ୍ କରିଦେବା ପାଇଁ, ଯେତେ ଅଧିକ ସମ୍ଭବ ଦୂଷିତ ଓ କଳୁଷିତ କରିଦେବା ପାଇଁ । ଏହା ନିଶ୍ଚିତ । ଏହାପରେହିଁ ତା'ର ପତନ । ଏହି ସର୍ତ୍ତରେହିଁ ସେ ତା'ର ପତନକୁ ଗ୍ରହଣ କରେ । ତା' ମନରେ କେବେହେଲେ ଏହି ବିଚାର ଆସେ ନାହିଁ ଯେ ତା'ର ନିଜର କିଛି ପରିବର୍ତ୍ତନ ହୋଇପାରେ । ସେପରି ହେଲେ ସେ ତ ଆଉ ସେହି ପୂର୍ବର ସେ ହୋଇ ରହିବ ନାହିଁ, ସେ ଆଉ ନିଜର ସ୍ୱରୂପ ନେଇ ତ ରହିବ ନାହିଁ ।

ଏକ ମାନବ ସତ୍ତା ଏବଂ ପ୍ରାଣଜଗତର ଏହିସବୁ ସତ୍ତାମାନଙ୍କ ଭିତରେ ବିରାଟ ପାର୍ଥକ୍ୟ ରହିଛି । ମୁଁ ତୁମକୁ ଆଗରୁ ଅନେକ ଥର ଏହା କହିଛି ଏବଂ ବର୍ତ୍ତମାନ ପୁନରାବୃତ୍ତି କରୁଛି ।

ମାନବସତ୍ତା ଭିତରେ ଏକ ଭଗବତ୍ ଦିବ୍ୟ-ଉପସ୍ଥିତି ରହିଛି, ଏକ ଚୈତ୍ୟସତ୍ତା ରହିଛି,– ପ୍ରଥମ ଅବସ୍ଥାରେ ଏହା ଏକ ଭ୍ରୂଣ ଆକାରରେ ରହିଥାଏ, କିନ୍ତୁ ଶେଷରେ ଏହା ଏପରି ଏକ ସତ୍ତାରେ ପରିଣତ ହୁଏ, ଯାହାକି ପୂର୍ଣ୍ଣ ଗଠିତ, ସଚେତ, ସ୍ୱାଧୀନ ଓ ବ୍ୟକ୍ତିରୂପ ପ୍ରାପ୍ତ । ପ୍ରାଣଜଗତରେ ଏ ଧରଣ କିଛିର ଅସ୍ତିତ୍ୱ ନାହିଁ । ଏକ ଜଡ଼ ଶରୀର ନେଇ ପୃଥିବୀ ଉପରେ ବାସ କରୁଥିବା ମନୁଷ୍ୟ ସତ୍ତା ପାଇଁ ଏହା ଏକ ବିଶେଷ କୃପା । ଏବଂ ଏହି କାରଣରୁ ଏପରି କୌଣସି ମାନବ ସତ୍ତା ନାହିଁ ଯାହାକୁ ବଦଳାଇ ଦିଆଯାଇ ପାରିବ ନାହିଁ, ଯଦି ସେ ନିଜେ ଏହା ଚାହେଁ । ଅର୍ଥାତ୍ ସେ ନିଜେ ଏହା ଚାହିଁବାର ଏକ

ସମ୍ଭାବନା ରହିଛି ଏବଂ ଯେଉଁ ମୁହୂର୍ତ୍ତରେ ସେ ଏହା ଚାହିଁବ ସେ ନିଜେ ଏହା ସମ୍ପନ୍ନ କରିପାରେ । ଯେଉଁ ମୁହୂର୍ତ୍ତରେ ସେ ଏହା ଚାହିଁବ, ସେ ଏ ଦିଗରେ ସଫଳ ହୋଇପାରିବ, କିନ୍ତୁ ପ୍ରାଣିକ ଜଗତର ଏହି ସତ୍ତାମାନଙ୍କ ଭିତରେ ଚୈତ୍ୟସତ୍ତା ନାହିଁ, ସେମାନଙ୍କ ଭିତରେ ପ୍ରତ୍ୟକ୍ଷ କୌଣସି ଭଗବତ୍ ଉପସ୍ଥିତି ନାହିଁ (ଅବଶ୍ୟ ଏହା ସ୍ୱାଭାବିକ ଯେ ମୂଳ ଉତ୍ସରେ ସେମାନେ ସିଧାସଳଖ ଭଗବାନଙ୍କଠାରୁହିଁ ଅବତରଣ କରିଥିଲେ, କିନ୍ତୁ ତାହା କେବଳ ମୂଳ ପ୍ରଥମ ଅବସ୍ଥାରେ, ତାହା ବହୁତ ଦୂରର ବିଷୟ, ସେମାନେ ସେଠାରୁ ବହୁତ ଦୂରକୁ ଚାଲି ଆସିଛନ୍ତି ।) ସେମାନଙ୍କ ନିଜ ଭିତରେ ଭଗବାନଙ୍କ ସହ କୌଣସି ସିଧାସଳଖ ବା ପ୍ରତ୍ୟକ୍ଷ ସମ୍ପର୍କ ନାହିଁ, ସେମାନଙ୍କ ଭିତରେ କୌଣସି ଚୈତ୍ୟସତ୍ତା ନାହିଁ । ଏବଂ ସେମାନଙ୍କୁ ଯଦି ବଦଳାଇ ଦିଆଯିବ ତେବେ ସେମାନଙ୍କର ଆଉ ନିଜର ସ୍ୱରୂପ ବୋଲି କିଛି ରହିବ ନାହିଁ ! କାରଣ ସେମାନେ ପୂରାପୂରି ଏକ ବିପରୀତ ଗତିବୃତ୍ତି ଦ୍ୱାରା ଗଠିତ : ସେମାନେ ପୂରାପୂରି ଏକ ଅହଂପୂର୍ଣ୍ଣ ଆତ୍ମ-ଆସ୍ଫାଳନ, ସ୍ୱେଚ୍ଛାଚାରୀ ମଦମତ୍ତ କ୍ଷମତା, କର୍ତ୍ତୃତ୍ୱାଭିଳାଷ ଓ ମୂଳ ଦିବ୍ୟ-ଉତ୍ସରୁ ବିଚ୍ଛିନ୍ନତା ଦ୍ୱାରାହିଁ ଗଠିତ; ଏବଂ ଯାହାକିଛି ଶୁଦ୍ଧ, ସୁନ୍ଦର ଓ ମହତ୍, ସେସବୁ ପ୍ରତି ସେମାନଙ୍କର ଏକ ବିରାଟ ବିଦ୍ୱେଷ ଓ ତାଚ୍ଛଲ୍ୟ ରହିଛି । ସେମାନଙ୍କ ଭିତରେ ସେହି ଚୈତ୍ୟ ଉପାଦାନଟି ନାହିଁ, ଯାହାକି ମନୁଷ୍ୟ ଭିତରେ, ଏପରିକି ସବୁଠାରୁ ଅଧଃପତିତ ମନୁଷ୍ୟ ଭିତରେ ମଧ୍ୟ ରହିଛି, ଯେଉଁଥିଯୋଗୁଁ ଯାହା କିଛି ସୁନ୍ଦର ଓ ମହତ୍ ସେଥିପ୍ରତି ତାହା ମନୁଷ୍ୟ ଭିତରେ ସମ୍ମାନ ଉଦ୍ରେକ କରାଏ, ଓ ସବୁଠୁ ସ୍ଥୂଳ ପ୍ରକୃତିର ମଣିଷ ମଧ୍ୟ ନିଜେ ନ ଚାହୁଁ ଥିଲେ ବି, ନିଜ ଇଚ୍ଛାର ବିରୁଦ୍ଧାଚରଣ କରୁଥିଲେ ମଧ୍ୟ, ଯାହାକିଛି ଶୁଦ୍ଧ, ମହତ୍ ଓ ସୁନ୍ଦର ସେସବୁକୁ ସମ୍ମାନ କରେ । କିନ୍ତୁ ସେହି ପ୍ରାଣିକ ସତ୍ତାଗୁଡ଼ିକଙ୍କ ଭିତରେ ଏ ଜିନିଷଟି ନାହିଁ । ସେମାନେ ପୂରାପୂରି ଓଲଟା ଦିଗରେ, ଓଲଟା ପାର୍ଶ୍ୱରେ ରହିଛନ୍ତି । ଏହି ସୁନ୍ଦର ଓ ମହତ୍, ଶୁଦ୍ଧ ଜିନିଷଗୁଡ଼ିକ ସେମାନଙ୍କ ଭିତରେ ସବୁଠୁ ବେଶୀ ବିରକ୍ତି ଓ ଘୃଣା ଉତ୍ପନ୍ନ କରେ, ସେମାନଙ୍କ ପାଇଁ ଏଗୁଡ଼ିକ ଏପରି ଜିନିଷ ଯାହାକୁ ସ୍ପର୍ଶ କରିବା ମଧ୍ୟ ଉଚିତ ନୁହେଁ, କାରଣ ଏଗୁଡ଼ିକ ସେମାନଙ୍କୁ ଧ୍ୱଂସ କରିଦେବ, ଏହିଗୁଡ଼ିକହିଁ ସେହି ସତ୍ୟ ଯାହା ସେମାନଙ୍କୁ ବିଲୋପ କରିଦେବ । ସଦିଚ୍ଛା, ଆନ୍ତରିକତା, ଶୁଦ୍ଧତା ଓ ସୌନ୍ଦର୍ଯ୍ୟ ହେଉଛି ସେହିସବୁ ଜିନିଷ ଯାହାକି ସେମାନଙ୍କୁ ବିଲୋପ ଓ ନିଶ୍ଚିହ୍ନ କରିଦେବ । ତେଣୁ ସେମାନେ ଏଗୁଡ଼ିକୁ ଘୃଣା କରନ୍ତି ।

ବର୍ତ୍ତମାନ, ମୁଁ ଜାଣେ ନାହିଁ କେଉଁ ଭିତ୍ତି ଉପରେ ଏମାନଙ୍କୁ ବଦଳାଇ ଦେଇ ହେବ ? ସେଥିପାଇଁ ଅବଲମ୍ବନର ବିନ୍ଦୁଟି କ'ଣ ? ମୁଁ ତାହା ଦେଖୁ ନାହିଁ, ଏପରିକି ସେମାନଙ୍କ ଭିତରେ ସର୍ବଶ୍ରେଷ୍ଠମାନଙ୍କ ଭିତରେ ମଧ୍ୟ ନୁହେଁ । ଅର୍ଥାତ୍ ପୃଥିବୀ ଉପରୁ ଘୃଣା ଓ ବିଦ୍ୱେଷ ସମ୍ପୂର୍ଣ୍ଣ ଲୋପ ନ ହେବା ପର୍ଯ୍ୟନ୍ତ ଏହି ସତ୍ତାମାନଙ୍କ ଭିତରୁ କେତେକଙ୍କର ଆଦୌ ବିଲୋପ ହେବ ନାହିଁ । ... ଏକଥାଟିକୁ ଓଲଟା ଭାବରେ ମଧ୍ୟ ରଖାଯାଇପାରେ ଯେ ଯେତେବେଳେ ଏହି ସତ୍ତାଗୁଡ଼ିକ ବିଲୁପ୍ତ ହେବେ, ସେତେବେଳେ ଯାଇ ପୃଥିବୀ ଉପରୁ ଘୃଣା ଓ ବିଦ୍ୱେଷ ଲୋପ ପାଇବ । କିନ୍ତୁ ମୁଁ ବର୍ତ୍ତମାନ ଯେଉଁସବୁ କାରଣ କଥା କହିଲି, ସେହିସବୁ କାରଣରୁହିଁ ଅନ୍ଧକାର ସ୍ଥାନରେ ଆଲୋକର, କୁତ୍ସିତତା ସ୍ଥାନରେ ସୌନ୍ଦର୍ଯ୍ୟର ଏବଂ ଅଶୁଭ ସ୍ଥାନରେ ଶୁଭ ଓ ମଙ୍ଗଳର ଉଦ୍‌ଗମ ଓ ଉତ୍ସରଣ କରାଇବାର କ୍ଷମତା କେବଳ ମଣିଷ ଭିତରେହିଁ ରହିଛି । ଅସୁରର ସେ କ୍ଷମତା ନାହିଁ । ତେଣୁ ସେହି କାର୍ଯ୍ୟଟି କେବଳ ମଣିଷହିଁ ସମ୍ପନ୍ନ କରିବ, ମଣିଷହିଁ ନିଜର ପରିବର୍ତ୍ତନ ଆଣିପାରେ, ମଣିଷହିଁ ପୃଥିବୀକୁ ରୂପାନ୍ତରିତ କରିପାରେ, ମଣିଷହିଁ ଅସୁରକୁ ବାଧ୍ୟ କରିପାରେ ପୃଥିବୀ ଛାଡ଼ି ଅନ୍ୟ କେଉଁ ଜଗତକୁ ପଳାଇ ଯିବା ପାଇଁ, ନ ହେଲେ ଏକ ବିଲୁପ୍ତି ଓ ଧ୍ୱଂସ ଭିତରେ ସମ୍ପୂର୍ଣ୍ଣ ମିଳାଇ ଯିବା ପାଇଁ । ତାହା ପରେ ସବୁକିଛି ଶାନ୍ତ ଓ ନୀରବ ହୋଇଯିବ । ବାସ୍ । ✤

(M.C.W. Vol. 5, pp. 98 -100)

ଉଦ୍ୟମକୁ ରୂପାନ୍ତରିତ କର ଆତ୍ମଶକ୍ତିର ଏକ ସୁଷମ ଓ ସାର୍ବଭୌମ ମହାପ୍ଲାବନରେ; ସମଗ୍ରଭାବରେ ତୁମେ ହୋଇଉଠ ଏକ ସଚେତ ଶକ୍ତି । ଏହାହିଁ ତୁମର ଲକ୍ଷ୍ୟ ।

— ଶ୍ରୀଅରବିନ୍ଦ

# ସଂପାଦକୀୟ ....

ନିକଟ ଭବିଷ୍ୟତରେ ବା ସୁଦୂର ଭବିଷ୍ୟତରେ କ'ଣ ଘଟିବାକୁ ଯାଉଛି ସେ ସମ୍ପର୍କରେ ନାନା କଳ୍ପନା ଜଳ୍ପନା କରିବା ମଣିଷ ମନର ଏକ ଅଭ୍ୟାସ, ବେଶୀ ଭାଗ କ୍ଷେତ୍ରରେ ଏହାକୁ ଏକ ବଦଭ୍ୟାସ ବୋଲି କୁହାଯାଇପାରେ । ଲୋକମାନେ ଖାଲି ନିଜର ଭବିଷ୍ୟତ୍ ବିଷୟରେ ଭାବନ୍ତି ନାହିଁ, ନିଜ ପରିବାର, ପ୍ରିୟଜନ ଓ ବନ୍ଧୁବାନ୍ଧବମାନଙ୍କ ଭବିଷ୍ୟତ୍, ନିଜ ଅନୁଷ୍ଠାନ, ଗ୍ରାମ, ଅଞ୍ଚଳ, ଦେଶ ଓ ଜାତିର ଭବିଷ୍ୟତ୍ ବିଷୟରେ ଏପରିକି ପୃଥିବୀ ଓ ମାନବ-ସମାଜର ଭବିଷ୍ୟତ୍ ସମ୍ପର୍କରେ ମଧ୍ୟ ନାନା ଚିନ୍ତା ଭାବନା କରୁଥାଆନ୍ତି । ମାନସିକ ଗଠନର ତାରତମ୍ୟ ଅନୁସାରେ ଏହି ଭାବନାଗୁଡ଼ିକ ମଧ୍ୟ ଭିନ୍ନ ଭିନ୍ନ ହୁଏ । ଯେଉଁ ଲୋକ ଅଧିକ ଆତ୍ମକୈନ୍ଦ୍ରିକ ସେ ସବୁଭିତରେ ପ୍ରଥମେ ନିଜର ସ୍ୱାର୍ଥଟିକୁହିଁ ଦେଖେ, ତା' ନିଜର କ'ଣ ହେବ ବା ନ ହେବ ତାହାକୁହିଁ କେନ୍ଦ୍ର କରି ସେ ଅନ୍ୟାନ୍ୟ ଭବିଷ୍ୟତ୍ କଥାଗୁଡ଼ିକ ଭାବୁଥାଏ । ବିପରୀତ କ୍ଷେତ୍ରରେ, ଅନେକ ଲୋକ ନିଜର ଲାଭ-କ୍ଷତି ବିଷୟ ବିଚାରକୁ ନ ନେଇ ସାଧାରଣଭାବରେ ଭବିଷ୍ୟତ୍ ଓ ତା'ର ଭଲ ମନ୍ଦ ବିଷୟରେ ଭାବନ୍ତି । ସେହିପରି ଯେଉଁମାନେ ଆଶାବାଦୀ ସେମାନେ ଭବିଷ୍ୟତ୍ ସମ୍ପର୍କରେ ନାନା ଆଶା ଓ ଉଜ୍ଜ୍ୱଳ ସମ୍ଭାବନା ବିଷୟରେ ଭାବିଲାବେଳେ ଯେଉଁମାନେ ନୈରାଶ୍ୟବାଦୀ, ସେମାନେ କେବଳ ଅନ୍ଧକାର ଦିଗଟିକୁ ଦେଖି ନାନା ବିପଦ-ବିପର୍ଯ୍ୟୟର ଆଶଙ୍କାରେ ଉଦ୍‌ବିଗ୍ନ ଓ ଶଙ୍କିତ ହୋଇପଡ଼ନ୍ତି ।

ସେ ଯା'ହେଉ ମଣିଷ ମନରେ ଭବିଷ୍ୟତ୍ ସମ୍ପର୍କରେ ଏକ ସାଧାରଣ କୌତୂହଳ ରହିବା ସ୍ୱାଭାବିକ; କିନ୍ତୁ ଯେତେବେଳେ ଆମେ ସେ ସମ୍ପର୍କରେ ଅହରହ ନାନା ଚିନ୍ତା ଭାବନା କରି ନିଜର ଚେତନାକୁ ତହିଁରେ ମାତ୍ରାତିରିକ୍ତ ଭାବରେ ଆସକ୍ତ ଓ ଜଡ଼ିତ କରିଦେଉ ତାହା ଆମ ଚେତନା ପାଇଁ ହାନିକର ହୋଇଥାଏ । ଆଉ କିଛି ନ ହେଲେ ବି, ତାହା ଆଶା ହେଉ ବା ଆଶଙ୍କା ହେଉ ଭବିଷ୍ୟତର ଚିନ୍ତାଭାବନାରେ ଆମ ଶକ୍ତିର କେତେ କ୍ଷୟ ହୁଏ, ଆମ ସମୟର କେତେ ଅପଚୟ ହୁଏ, କେତେ ପ୍ରକାର ଭ୍ରମ ଓ ମୋହରେ ଆମେ ଲିପ୍ତ ଓ ଜଡ଼ିତ ହୋଇପଡୁ, ଟିକିଏ ଚିନ୍ତାକଲେ ଆମ ସାଧାରଣ ବୁଦ୍ଧି ପାଖରେହିଁ ତାହା ଧରା ପଡ଼ିବ । ବେଳେ ବେଳେ ଏହା କିପରି ବିକାରର ରୂପ ନିଏ ଓ ପ୍ରାୟ ନିଶାଗ୍ରସ୍ତ ଭାବରେ ଆମେ ଏହି ବିକାରଗୁଡ଼ିକର ଶିକାର ହେଉ ଓ କ୍ରମଶଃ ଏହା ଆମ ଜୀବନର ସାଧାରଣ ଘଟଣା ହୋଇଯାଏ । ତାହାର ନିକୃଷ୍ଟ ଉଦାହରଣ ହେଲା ନାନା ଧରଣର ଜୁଆ ଓ ବାଜି ଖେଳିବା, ଘୋଡ଼ାଦୌଡ଼ ଓ ଲଟେରି ଆଦିରେ ଟଙ୍କା ଲଗାଇ ରାତାରାତି ଧନୀ ହୋଇ ଯିବାର ସ୍ୱପ୍ନ ଦେଖିବା ଇତ୍ୟାଦି । ଭବିଷ୍ୟତରେ ଭାଗ୍ୟ ପରିବର୍ତ୍ତନର ଏହିପରି ଅଳୀକ ସ୍ୱପ୍ନ ଦେଖି କେତେଲୋକ ଯେ କିପରି ସର୍ବସ୍ୱାନ୍ତ ହୁଅନ୍ତି ତାହା ସମସ୍ତେ ଜାଣନ୍ତି । ଆମର ବିଶେଷ କିଛି ଭୂମିକା ନ ଥିବା ଏପରି ଅନେକ ଘଟଣା ଘଟୁଥାଏ ଯାହାର ଭବିଷ୍ୟତ୍ ରୂପରେଖ କଥା ଭାବି ଆମେ ଅସ୍ଥିର ଓ ଉତ୍ତେଜିତ ହୋଇପଡୁ, ସେ ସଂକ୍ରାନ୍ତୀୟ ନାନା ଉଦ୍‌ବେଗ ଆମକୁ ଗ୍ରାସ କରେ । ଉଦାହରଣତଃ, ଧରାଯାଉ ଦେଶରେ ସାଧାରଣ ନିର୍ବାଚନ ହୋଇଗଲା, ନୂଆ ସରକାର ଗଠିତ ହେବ । ଆଗରୁ ମଧ୍ୟ ଏହିପରି ଅନେକ ନିର୍ବାଚନ ହୋଇ ଯାଇଛି ଓ ନିର୍ବାଚନ ପରେ କେତେ ଦଳର ସରକାରମାନ ଗଠିତ ହୋଇଛି ଓ ଭାଙ୍ଗି ଯାଇଛି । ଅଥଚ ଯେଉଁମାନଙ୍କର ଏଥିରେ କୌଣସି ସକ୍ରିୟ ଭୂମିକା ନାହିଁ ଏବଂ ନିର୍ବାଚନ ବା ସରକାର ଗଠନ ପରେ ସେମାନେ ଏବିଷୟରେ ଥରୁଟିଏ ବି ଭାବନ୍ତି ନାହିଁ, ଦେଖାଯାଏ ଲୋକମାନେ ମଧ୍ୟ ଏ ବିଷୟରେ କେତେ ଆଗ୍ରହ ଓ ଉତ୍ତେଜନା ନେଇ ଯୁକ୍ତିତର୍କ ଓ ବାଦବିବାଦ କରୁଛନ୍ତି । ମନେହୁଏ ଯେପରି କି ସେହିମାନେହିଁ ଦଳଗୁଡ଼ିକର ନିର୍ବାଚନ କୌଶଳ ଓ ସରକାର ଗଠନର ରୂପରେଖ ସ୍ଥିର କରୁଛନ୍ତି । ନୂଆ ସରକାର ଗଠିତ ହେବ, ତାହା କେତେଦିନ ସ୍ଥାୟୀ ହେବ ଓ ତା'ପରେ ପୁଣି କିଏ ସରକାର ଗଠନ କରିବ ଏହିସବୁ ବିଷୟ ଭାବି ସେମାନଙ୍କୁ ନିଦ ହୁଏ ନାହିଁ । ସେହିପରି ଫୁଟବଲ୍, କ୍ରିକେଟ ଆଦି ଖେଳରେ ବିଭିନ୍ନ ଦଳ ଓ ଖେଳାଳିମାନଙ୍କର ହାରଜିତ ସମ୍ପର୍କରେ, କ୍ରୀଡ଼ାନୈପୁଣ୍ୟ ପ୍ରଦର୍ଶନ ସମ୍ପର୍କରେ ନାନା ଭବିଷ୍ୟତ୍ ବାଣୀ କରିବା ଓ କାକତାଳିକ ଭାବରେ ସେଗୁଡ଼ିକ ଠିକ୍ ହୋଇଗଲେ ତହିଁରେ ଉଲ୍ଲସିତ ହୋଇଉଠିବା ଓ ଭୁଲ୍ ହୋଇଗଲେ ବିମର୍ଷ ହୋଇ ପଡ଼ିବାର ସଚରାଚର ଦୃଶ୍ୟ ସମସ୍ତେ ଦେଖୁଥିବେ ।

କିନ୍ତୁ ଆମେ ଯଦି ଟିକିଏ ଗଭୀର ଭାବରେ ଚିନ୍ତା କରନ୍ତୁ ତେବେ ଆମ ସାଧାରଣ ବୁଦ୍ଧି ଆଗରେ ମଧ୍ୟ ସ୍ପଷ୍ଟ ହୋଇଯିବ ଯେ ଏଗୁଡ଼ିକ କେତେ ହାସ୍ୟାସ୍ପଦ ଓ ପିଲାଳିଆମି । କେବଳ ଶକ୍ତି, ସମୟ ଓ ଭାବାବେଗ ଆଦିର ଅପଚୟ ମାତ୍ର । ତଥାପି ଆଜି ଟି.ଭି., ରେଡ଼ିଓ, ସମ୍ବାଦପତ୍ର ଆଦି ବିଭିନ୍ନ ପ୍ରଚାର ମାଧ୍ୟମରେ ଭବିଷ୍ୟତ୍ ସମ୍ପର୍କରେ ଏହି ଧରଣର ନାନା ଅନୁମାନ

ଓ କଳ୍ପନାଜଳ୍ପନାର କାର୍ଯ୍ୟକ୍ରମକୁ ବେଶ୍ ପ୍ରାଧାନ୍ୟ ଦିଆଯାଉଛି । ଏଥିରେ ତଥାକଥିତ କେତେ ନେତାମାନେ ଦେଶର ଭବିଷ୍ୟତ୍ ସମ୍ପର୍କରେ ତହିଁରେ ନିଜର ବା ନିଜ ଦଳର ଭୂମିକା ସମ୍ପର୍କରେ କେତେ ଯେ ମନଗଢ଼ା ରଙ୍ଗିନ ଚିତ୍ର ଓ କାହାଣୀ ଶୁଣାନ୍ତି ତାହାର ସୀମା ନାହିଁ, ସେଗୁଡ଼ିକର ଆଦୌ କିଛି ବାସ୍ତବ ଭିତ୍ତି ଥାଉ ବା ନ ଥାଉ । ଶ୍ରୋତା ଓ ଦର୍ଶକମାନଙ୍କ ପାଇଁ ମଧ୍ୟ ଏହା ଏକ ଆକର୍ଷଣ ହୋଇଥାଏ । ତେବେ ସେ ଯାହାହେଉ ଏସବୁ ବିଷୟରେ କହିଲାବେଳେ ମୁଖ୍ୟତଃ ସେହିସବୁ ଲୋକମାନଙ୍କ ବିଷୟରେ କୁହାଯାଉଛି ଯେଉଁମାନେ ନାନା ପାର୍ଥିବ ଲକ୍ଷ୍ୟ ନେଇ, କାମନାବାସନାର ଏକ ସାଧାରଣ ଜୀବନ ବିତାଉଛନ୍ତି ।

କିନ୍ତୁ ଯେଉଁମାନେ ଜୀବନର ପ୍ରକୃତ ଲକ୍ଷ୍ୟ କ'ଣ, ପ୍ରକୃତ ସତ୍ୟ କ'ଣ ତାହାର ଜିଜ୍ଞାସା ଓ ଅନ୍ୱେଷଣରେ ବାହାରି ସାଧନା-ଜୀବନ ଗ୍ରହଣ କରିଛନ୍ତି, ଭବିଷ୍ୟତ୍ ସମ୍ପର୍କରେ ସେମାନଙ୍କର ମନୋଭାବ ଓ ଦୃଷ୍ଟିକୋଣ କ'ଣ ହେବା ଉଚିତ ? ତା'ର ବିଚାର ଓ ମନୋଭାବ ଏହାହିଁ ହେବା ବାଞ୍ଛନୀୟ ଯେ ଯେପର୍ଯ୍ୟନ୍ତ ସେ ନିଜ ଭିତରେ ସତ୍ୟ ଚେତନା ଲାଭ ନ କରିଛି, ସତ୍ୟକୁ ପ୍ରତ୍ୟକ୍ଷ ନ କରିଛି ସେପର୍ଯ୍ୟନ୍ତ ସେ ସମ୍ପୂର୍ଣ୍ଣ ଅନ୍ଧ । ଭବିଷ୍ୟତ୍ କଥା ଦୂରେ ଥାଉ ବର୍ତ୍ତମାନର ପ୍ରକୃତ ସ୍ୱରୂପ ମଧ୍ୟ ସେ ଜାଣେ ନାହିଁ, ଜୀବନ ବା ସଂସାର ସମ୍ପର୍କରେ ସେ ଯାହା ଦେଖୁଛି ବା ଜାଣୁଛି ସେଗୁଡ଼ିକୁ ସେ ଦେଖୁଛି ଅଜ୍ଞାନର ଦୃଷ୍ଟି ନେଇ, ଯୁଗ ଯୁଗ ଧରି ଜମିଥିବା ନିଜ ମୋହ ଓ ସଂସ୍କାରର କୁହୁଡ଼ି ଭିତରେ । ସେଗୁଡ଼ିକ ବିଷୟସବୁର ଆଦୌ ଯଥାର୍ଥ ସ୍ୱରୂପ ନୁହେଁ । କୌଣସି କିଛିର ସତ୍ୟସ୍ୱରୂପ ଦେଖିବାକୁ ହେଲେ ତାକୁ ଧୈର୍ଯ୍ୟର ସହ ଅପେକ୍ଷା କରିବାକୁ ହେବ ତା' ଭିତରେ ଯଥାର୍ଥ ସତ୍ୟଜ୍ଞାନର ଉଦୟ ହେବା ପର୍ଯ୍ୟନ୍ତ । ସେଇଥିପାଇଁ ସେ ଗୁରୁ ଓ ମାର୍ଗପ୍ରଦର୍ଶକଙ୍କ ଶରଣ ନେଇଛି, ଭଗବାନଙ୍କର ଶରଣ ନେଇଛି, ତାଙ୍କ ପାଖରେ ନିଜକୁ ସମର୍ପଣ କରିଛି । ସମସ୍ତ ବର୍ତ୍ତମାନ ଓ ଭବିଷ୍ୟତ୍ ସମ୍ପର୍କରେ ଯଥାର୍ଥ ଜ୍ଞାନର ଚାବିକାଠି ତାଙ୍କରି ହାତରେ । ତେଣୁ ସେ କାହିଁକି ଅଯଥାରେ ଭବିଷ୍ୟତ୍ ବିଷୟରେ ମୁଣ୍ଡ ଖେଳାଇବ, ସେସମ୍ପର୍କରେ ଏଣୁ ତେଣୁ କଳ୍ପନା ଜଳ୍ପନାକୁ ପ୍ରଶ୍ରୟ ଦେବ ? କୌଣସି ଅନୁମାନ ବା କଳ୍ପନା ନୁହେଁ ଗୁରୁ ଯଦି ଆବଶ୍ୟକ ମନେ କରନ୍ତି ବର୍ତ୍ତମାନ ଓ ଭବିଷ୍ୟତର ସମସ୍ତ ସତ୍ୟ ତା' ଚେତନା ଆଗରେ ମୁହୂର୍ତ୍ତକରେ ଉଦ୍‌ଘାଟିତ କରିଦେବେ । ତେଣୁ ସେ ନିରବ, ଶାନ୍ତ ଓ ସ୍ଥିର ରହି ଗୁରୁଙ୍କ ଉପରେ ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସ ରଖି ଦିବ୍ୟକୃପା ଉପରେ ସମ୍ପୂର୍ଣ୍ଣ ଭରସା ରଖି ନିଜର ବର୍ତ୍ତମାନ ଓ ଭବିଷ୍ୟତ୍ ସମ୍ପର୍କରେ ସମ୍ପୂର୍ଣ୍ଣ ନିଶ୍ଚିନ୍ତ ଓ ନିରୁଦ୍‌ବିଗ୍ନ ରହିବାହିଁ କାମ୍ୟ । ବାହ୍ୟ ଭାବରେ ତାହାକୁ ଯେତେ ଯାହା ବାଧାବିଘ୍ନ ଓ ସଂଘର୍ଷ ଆଦିର ସମ୍ମୁଖୀନ ହେବାକୁ ପଡୁନା କାହିଁକି, ସେ ସମସ୍ତହିଁ ତା'ର ଅଜାଣତରେ, ତା'ର ମଙ୍ଗଳ ଦିଗରେହିଁ ନେଇଯାଉଛି ଏହି ଅତୁଟ ବିଶ୍ୱାସ ସର୍ବଦା ରହିବା ଉଚିତ । କାରଣ ସେ ଆଶ୍ରୟ ନେଇଛି ପରମ ମଙ୍ଗଳମୟଙ୍କର, କୃପାମୟୀ, ବରାଭୟଦାତ୍ରୀ ଦିବ୍ୟଜନନୀଙ୍କର; କେବଳ ତା'ର ନୁହେଁ, ସମଗ୍ର ବିଶ୍ୱର ଭାର ସେ ଗ୍ରହଣ କରିଛନ୍ତି । ତେଣୁ ତା' ନିଜ କ୍ଷେତ୍ରରେ ହେଉ ବା ଦେଶ, ଜାତି, ପୃଥିବୀ ଓ ମାନବସମାଜ କ୍ଷେତ୍ରରେ ହେଉ, ସେ ଆଦୌ କୌଣସି ଭୟ ବିପଦର ଆଶଙ୍କା ଓ ଉଦ୍‌ବେଗକୁ ପ୍ରଶ୍ରୟ ଦେବ କାହିଁକି ? ଆମ ଅପେକ୍ଷା ଭଗବାନ୍ ଅଧିକ ଭଲ ଭାବରେ ଜାଣନ୍ତି ଆମର ସର୍ବୋତ୍ତମ ମଙ୍ଗଳ କେଉଁଥିରେ । ପ୍ରତ୍ୟେକ ସାଧକର ଏହି ସାଧାରଣ ଜ୍ଞାନ ରହିବା ଉଚିତ, କିନ୍ତୁ ମୋହ ଓ ଅଜ୍ଞାନତାବଶରେ ଏହି ସାଧାରଣ ଜ୍ଞାନଟିକୁହିଁ ଆମେ ପ୍ରଥମେ ଭୁଲିଯାଉ । ମା' ବରାବର ଜୋର୍ ଦେଇ କହି ଆସିଛନ୍ତି ଯେ ସମଗ୍ର ବିଶ୍ୱର ସମସ୍ତ ଘଟନାବଳୀକୁ ଯଦି ଏକ ସଙ୍ଗରେ, ସେହି ଏକ ସମୟରେ ଏକତ୍ର ନେଇ ବିଚାର କରୁ, ତେବେ ଆମେ ଏହି ଅଭ୍ରାନ୍ତ ସିଦ୍ଧାନ୍ତରେ ପହଞ୍ଚିବା ଯେ ସବୁସମୟରେ ସବୁଠାରୁ ଯାହା ଉତ୍ତମ ଓ ମଙ୍ଗଳପ୍ରଦ, ତାହାହିଁ ଘଟେ । ଆମ ଦୃଷ୍ଟିର ସୀମା ଓ ସଂକୀର୍ଣ୍ଣତା ଯୋଗୁଁହିଁ ଆମେ ସମଗ୍ରଠାରୁ ଅଲଗା କରି କୌଣସି ନିର୍ଦ୍ଦିଷ୍ଟ ଘଟନାକୁ ନେଇ ତା'ର ଶୁଭାଶୁଭ ଓ ଭଲମନ୍ଦ ନିର୍ଣ୍ଣୟ କରିବାକୁ ବସୁ । କିନ୍ତୁ ତାହା ସମ୍ପୂର୍ଣ୍ଣ ଆପେକ୍ଷିକ ଓ ପ୍ରମାଦପୂର୍ଣ୍ଣ ଏକ ବିଚାର । ସମଗ୍ର ବିଶ୍ୱରେ ସେହି ସମୟରେ ଘଟିଥିବା ସମସ୍ତ ଘଟନାବଳୀକୁ ସାମଗ୍ରିକ ଭାବରେ ପରସ୍ପର ସହିତ ସମ୍ବନ୍ଧିତ କରି ବିଚାର କଲେ ଆମେ ଦେଖିପାରନ୍ତୁ ଯେ ସେହି ସମୟରେ ସେହି ଘଟନାଟି ଛଡ଼ା ଅନ୍ୟ କିଛି ଘଟି ପାରି ନ ଥାନ୍ତା ଓ ସେହି ଘଟନାଟି ଶୁଭ ହେଉ ବା ଅଶୁଭ ହେଉ, ତା' ପଛରେ ସମଗ୍ର ବିଶ୍ୱକୁ ଏକ ପରମ ମଙ୍ଗଳ ଦିଗରେ ଆଗେଇ ନେଉଥିବା ବିଶ୍ୱନିୟନ୍ତାଙ୍କ ମଙ୍ଗଳମୟ ବିଧାନହିଁ ରହିଛି । ମା' ଅନେକଥର ଏହା ସ୍ପଷ୍ଟ ବୁଝାଇ କହିଛନ୍ତି ଯେ ଏପରିକି ଯେଉଁ ସବୁ ଘଟନା ଆମ ପାଇଁ ସବୁଠୁ ମର୍ମନ୍ତୁଦ ଓ ହୃଦୟ ବିଦାରକ ହୋଇଥାଏ ଓ ଆମେ ସେଥିପାଇଁ ନିୟତିର ନିଷ୍ଠୁର ବିଧାନକୁ ଦୋଷ ଦେଇଥାଉ, କିଛିଦିନ ବିତିଗଲା ପରେ ଆମେ ଶାନ୍ତ ଭାବରେ ବିଚାର କରି ହୁଏତ ଦେଖି ପାରିବୁ ଯେ ଠିକ୍

ସେହି ଘଟନାଟିହିଁ ଆମକୁ ଆମର ପରମ ମଙ୍ଗଳ ଦିଗରେ ଆଗେଇ ନେବା ପାଇଁ ସବୁଠୁ ସହାୟକ ହୋଇଛି ।

ତେବେ ଏଇଠି ଏକ ପ୍ରଶ୍ନ ଉଠିପାରେ ଯେ ଯଦି ବିଶ୍ୱରେ ଘଟିଥିବା ସବୁକିଛି ପଛରେ ବିଶ୍ୱନିୟନ୍ତାଙ୍କ ହାତ ରହିଛି ଏବଂ ଦିବ୍ୟଚେତନାର ଏକ ସୂକ୍ଷ୍ମସ୍ତରରେ ତାହା ଘଟିବା ପୂର୍ବରୁ ନିର୍ଦ୍ଧାରିତ ହୋଇ ରହିଛି ତା'ହେଲେ ଆମର ଆଉ କରିବାର କ'ଣ ଅଛି ? ସେପରି କ୍ଷେତ୍ରରେ ଆମର ସମସ୍ତ ଅଭୀପ୍ସା, ପ୍ରୟାସ ଓ ସାଧନା ଆଦିର ଆଦୌ କୌଣସି ଅର୍ଥ ଅଛି କି ? ନିମ୍ନରେ ପ୍ରଦତ୍ତ ଶ୍ରୀଅରବିନ୍ଦଙ୍କ ଏହି ଉକ୍ତିଟିର ଯଥାର୍ଥ ମର୍ମ ବୁଝିପାରିଲେ ହୁଏତ ଏ ଦିଗରେ ଆମକୁ କିଛିଟା ଆଲୋକ ମିଳିପାରେ :

"Because God has willed and foreseen everything, thou shouldst not therefore sit inactive and wait upon His providence, for thy action is one of His chief effective forces. Up then and be doing, not with egoism, but as the circumstance-instrument and apparent cause of the event that He has predetermined."

''ଯେହେତୁ ଭଗବାନ୍ ସବୁକିଛିକୁ ନିଜର ସଂକଳ୍ପରେ ରୂପ ଦେଇଛନ୍ତି ଓ ଘଟିବା ପୂର୍ବରୁ ସବୁକିଛିକୁ ଦେଖି ସାରିଛନ୍ତି, ସେହି ହେତୁରୁ ତୁମେ ତାଙ୍କର ସେହି ବିଧିଲିପିକୁ ଆଶ୍ରୟ କରି ଯେ ନିଷ୍କ୍ରିୟ ଭାବରେ ବସି ରହିବ ତାହା ଉଚିତ ନୁହେଁ, କାରଣ ତୁମର କର୍ମହିଁ ହେଉଛି ତାଙ୍କର ଅନ୍ୟତମ ପ୍ରଧାନ ଫଳପ୍ରଦ ଶକ୍ତି । ତେଣୁ ଉଠିପଡ଼ ଓ କର୍ମଲିପ୍ତ ହୁଅ, ଅହଂଭାବ ନେଇ ନୁହେଁ, କର୍ମ କରିଚାଲ ପ୍ରଦତ୍ତ ପରିସ୍ଥିତିର ଯନ୍ତ୍ରରୂପେ ଓ ତାଙ୍କ ଦ୍ୱାରା ପୂର୍ବନିର୍ଦ୍ଧାରିତ ଘଟନାର ଏକ ଆପାତ କରଣ ଓ ନିମିତ୍ତ ରୂପେ ।'' ❖

## ଚୈତ୍ୟ, ଅତିମାନସ

*ଶିଷ୍ୟ : ମା', ଭାଗବତ ଭୂମି କ'ଣ ଚୈତ୍ୟସତ୍ତାର ଭୂମି ?*

**ଶ୍ରୀମା** : ଚୈତ୍ୟସତ୍ତାର ଭୂମିଠାରୁ ଏହା ଉଚ୍ଚତର । କୁହାଯାଇପାରେ ଯେ ଚୈତ୍ୟସତ୍ତା ଭଗବାନଙ୍କର ବାହନ, ଏହା ଭଗବାନଙ୍କୁ ଧାରଣ କରେ, ଏହା ଭଗବାନଙ୍କର ଆବାସ, କିନ୍ତୁ ଭଗବାନ୍ ଏହାଠାରୁ ଅଧିକ ଉଚ୍ଚରେ । କାରଣ ଚୈତ୍ୟସତ୍ତା ହେଉଛି ଭଗବତ୍ ଅଭିବ୍ୟକ୍ତିର ଗୋଟିଏ ବିଭାବ ମାତ୍ର ।

*ଶିଷ୍ୟ : ଅତିମାନସ ମଧ୍ୟ ଚୈତ୍ୟସତ୍ତା ନୁହେଁ କି ?*

**ଶ୍ରୀମା** : ଚୈତ୍ୟସତ୍ତାଠାରୁ ଅତିମାନସ ମଧ୍ୟ ଅନେକ ଅଧିକ ଉଚ୍ଚରେ ।

ଶ୍ରୀଅରବିନ୍ଦ ଯାହାକୁ ଅତିମାନସ କୁହନ୍ତି ତାହା ହେଉଛି ଏକ ଦିବ୍ୟ-ଉପାଦାନ ବା ଭଗବତ୍ ଦିବ୍ୟତତ୍ତ୍ୱ ଯାହା ବର୍ତ୍ତମାନ ବିଶ୍ୱଲୀଳାରେ ଆବିର୍ଭୂତ ହେବାକୁ ଯାଉଛି । ସେ ଏହାକୁ ଅତିମାନସ କହିଛନ୍ତି କାରଣ ଏହା ମନର ପରେ ଆସୁଛି, ଅର୍ଥାତ୍ ପରମ ଭଗବତ୍ ଦିବ୍ୟତତ୍ତ୍ୱର ଏହା ଏକ ନୂତନ ଅଭିବ୍ୟକ୍ତି । ଏବଂ ଏହା ଚୈତ୍ୟ ସହ ସଂବନ୍ଧିତ, ଯେପରି ଭଗବାନ୍ ଚୈତ୍ୟ ସହ ସଂବନ୍ଧିତ, ଅର୍ଥାତ୍ ଚୈତ୍ୟ ହେଉଛି ତାଙ୍କର ନିବାସ, ମନ୍ଦିର, ବାହନ ଯାହାକିଛି ବାହ୍ୟ ଭାବରେ ଭଗବାନଙ୍କୁ ଅଭିବ୍ୟକ୍ତ କରେ । କିନ୍ତୁ ଏହା କେବଳ ନିଜର ସାରସତ୍ୟରେ ଦିବ୍ୟ, ନିଜର ପୂର୍ଣ୍ଣାଙ୍ଗ ରୂପରେ ନୁହେଁ । ଏହା ହେଉଛି ଭଗବାନଙ୍କ ବାହ୍ୟ ପ୍ରକାଶର ଏକ ଧରଣ, ଭଗବାନଙ୍କ ତୁଳନାରେ ଏହା ବାହ୍ୟ ଅର୍ଥାତ୍ ଜାଗତିକ ।